
# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଜାନୁୟାରୀ ୧୩/୨୦୨୧ (୧୬ ପୃଷ୍ଠା) | Berhampur, Wednesday, January 13/2021 | ★★★

୧୬ଶ ଭାଗ ୨୬୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






KP
GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KP
KAMLA PASAND
Anokha Swad
KP GROUP
PAN MASALA
Watch at: f | YouTube
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
କମଲା ପସନ୍ଦ ପାନ ମସଲା ଦ୍ୱାରା ଜନହିତରେ ଜାରି ।
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ବୁଧବାର, ଜାନୁୟାରୀ ୧୩/୨୦୨୧ | Wednesday, January 13/2021 | ପୃଷ୍ଠା-୧



## ଫାଇନାଲ ରାଉଣ୍ଡରେ ଅଙ୍କିତା

ଭାରତର ଅଙ୍କିତା ରାଇନା ଅଷ୍ଟ୍ରେଲିଆନ ଓପନ୍ କ୍ୱାଲିଫାୟର୍ସ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

୧୪

୧୨

## ଜାହ୍ନବୀଙ୍କ ବେଲି ଡ୍ୟାନ୍ସ ଭିଡିଓ ଭାଇରାଲ

ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର 'ଅଶୋକା' ଫିଲ୍ମର ଏକ ଗୀତରେ ବେଲି ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଛି। ଏହା ଏବେ ଭାଇରାଲ ହେବାରେ ଲାଗିଛି।



# ଚତୁର ୪

**ତଥାଗତ ସତପଥୀ**

କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା କୃଷି ସଂକ୍ରାନ୍ତ ୩ଟି ନୂଆ ଆଇନର କାର୍ଯ୍ୟକାରିତା ଉପରେ ୧୨ ଜାନୁୟାରୀରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଦେଇଛନ୍ତି। ଏଥିସହିତ କୃଷକ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଦେଖାଦେଇଥିବା ଅଚଳାବସ୍ଥା ଦୂର କରିବା ଲାଗି ସର୍ବୋଚ୍ଚ ଅଦାଲତ ଏକ ୪ ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ରାୟ ପ୍ରକାଶ ପାଇବାର ତତ୍‌କ୍ଷଣାତ୍ ଏହି କମିଟିରେ କେଉଁ ୪ ଜଣ ସଦସ୍ୟ ରହିବେ ସେମାନଙ୍କ ନାମ ପ୍ରକାଶ କରାଯାଇଛି। ପ୍ରଥମରେ ଅଛନ୍ତି ଅଶୋକ ଗୁଲାଟି। ନିଜକୁ କୃଷି ଅର୍ଥନୀତିଜ୍ଞ ଭାବେ ପରିଚୟ ଦେଉଥିବା ଗୁଲାଟି ନିକଟରେ ଏକ ଲମ୍ବା ଭିଡିଓ ଆଲୋଚନାରେ ଏହି ୩ କୃଷି ଆଇନର ଗୁରୁତ୍ୱ ସମ୍ପର୍କରେ ଅନେକ ସକାରାତ୍ମକ ମତ ରଖିଥିଲେ। ଏଥିସହିତ ସେ ସରକାରଙ୍କ କୃଷି ଆଇନକୁ ୧୯୯୧ର ଅର୍ଥନୈତିକ ସଂସ୍କାର ସହ ତୁଳନା କରିଛନ୍ତି। ଦ୍ୱିତୀୟରେ ଅଛନ୍ତି ଭାରତୀୟ କିଷାନ ସଂଘ ସଭାପତି ତଥା କିଷାନ ସମନ୍ୱୟ କମିଟି ଅଧ୍ୟକ୍ଷ ଭୂପିନ୍ଦର ସିଂ ମାନ୍। ଭୂପିନ୍ଦର କହନ୍ତି, କୃଷିକୁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କରିବାକୁ ହେଲେ ସଂସ୍କାର ନିତାନ୍ତ ଦରକାର। ଅର୍ଥାତ୍ ତାଙ୍କ ମତରେ ଏହିଭଳି ଆଇନର ସ୍ଥାନ ରହିଛି। ତୃତୀୟରେ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନର ଦକ୍ଷିଣ ଏସିଆ ନିର୍ଦ୍ଦେଶକ ପ୍ରମୋଦ କୁମାର ଜୋଷୀ ଅଛନ୍ତି। ପ୍ରମୋଦ ନିକଟରେ ଇଂଲିଶ ଦୈନିକ 'ଫାଇନାନ୍‌ସିଆଲ୍ ଏକ୍ସପ୍ରେସ୍'ରେ ସରକାରଙ୍କ ବିବାଦୀୟ ଆଇନକୁ ପ୍ରଶଂସା କରି ଲେଖା ପ୍ରକାଶ କରିଥିଲେ। ସେହିପରି ଚତୁର୍ଥ ସ୍ଥାନରେ ଅଛନ୍ତି ଶେତ୍‌କାରୀ ସଙ୍ଗଠନ ଅଧ୍ୟକ୍ଷ ଅନିଲ ଘନୱାତ। ଘନୱାତ ପରିସ୍ଥିତିକୁ ସାମ୍ନା କରିବା ପାଇଁ କୃଷକମାନଙ୍କ ଉଦ୍‌ବେଗକୁ ଲକ୍ଷ୍ୟକରି ତିନୋଟି ଆଇନକୁ କେତେକାଂଶରେ ସଂଶୋଧନ କରାଯାଉ ବୋଲି ମତ ଦେଇଥିଲେ। ଉପରଲିଖିତ ୪ଟି ନାମ ଘୋଷଣା ପୂର୍ବରୁ ଆନ୍ଦୋଳନକାରୀ କୃଷକମାନେ ସୁପ୍ରିମ୍‌କୋର୍ଟଙ୍କ କମିଟିରେ କେଉଁମାନେ ସଦସ୍ୟ ହେବେ ତାହାକୁ ସନ୍ଦେହ କରି ଅନୁଧ୍ୟାନ କରାଯିବ ବୋଲି ନାମ ପ୍ରକାଶ ଆଗରୁ କହିସାରିଥିଲେ।

ଦିନବେଳେ ସର୍ବୋଚ୍ଚ ନ୍ୟାୟାଳୟର ସ୍ଥଗିତାଦେଶକୁ ଶୁଣି ଦେଶବ୍ୟାପୀ ଏକ ଆଶାର ଆଲୋକ ଖେଳିଯାଇଥିଲା। ବିଗତ କିଛି ମାସ ଧରି ସୁପ୍ରିମକୋର୍ଟ ଯେତେଗୁଡ଼ିଏ ରାୟ ଦେଇଛନ୍ତି, ସେଥିରେ ସରକାରଙ୍କୁ ସୁହାଇଲା ଭଳି ମତ ପ୍ରକାଶ ପାଇଆସିଛି। ସମ୍ଭବତଃ ସେହି ଧାରଣା ଭାଙ୍ଗିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଥିବା ଅନୁଭବ କରିବା ପରେ ଶୀର୍ଷ ଅଦାଲତ ଏପରି ସ୍ଥଗିତାଦେଶ ଦେଇଥିଲେ। ଏହା କହିଲା ବେଳେ ଆମେ ସଚେତନ ଯେ, ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ବିଶେଷଜ୍ଞ କମିଟି କେଉଁ ପ୍ରକାର ମତ ରଖିବ ସଦସ୍ୟମାନଙ୍କ ନାମ ଘୋଷଣା ପରେ ବୁଝିବା କଷ୍ଟକର ନୁହେଁ। ନିଜର ଭାବମୂର୍ତ୍ତି ରକ୍ଷା କରିବା ପାଇଁ ଅଦାଲତଙ୍କ ଏହି ଅସ୍ଥାୟୀ ସ୍ଥଗିତାଦେଶ ଅଧିକ କ୍ଷତିକାରକ ହୋଇପାରେ। କାରଣ ସୁପ୍ରିମକୋର୍ଟ ଯଦି ଭାବୁଥିବେ ଯେ, ଏଭଳି ସାମୟିକ ସ୍ଥଗିତାଦେଶ ରଖି ସମୟ ଗଡ଼େଇ ନେବେ ଏବଂ ତାହା ପରବର୍ତ୍ତୀ ସମୟରେ ବିଶେଷଜ୍ଞ କମିଟି ଗୋଟେ ରାୟ ଦେବ ଯାହା ସରକାରଙ୍କୁ ସୁହାଇବ, ତେବେ 'ସାପ ଓ ଶିଡ଼ି ଖେଳ' ଭଳି ସମସ୍ୟା ଆହୁରି ବଢ଼ିଯିବ। ବିଶେଷଜ୍ଞ କମିଟିର ମତ କୁଆଡ଼େ ଯିବ ତାହା ରିପୋର୍ଟ ପ୍ରକାଶ ପାଇବା ଆଗରୁ ଯେକୌଣସି ନାଗରିକ ଅନୁମାନ କରିପାରୁଛନ୍ତି। ଏହି କମିଟିରେ ରଖାଯାଇଥିବା ସଦସ୍ୟଙ୍କ ଅତୀତକୁ ଦେଖିଲେ ମନେହେଉଛି ଯେପରି ଇଏ ଏକ ଖେଳ ବା ଚତୁରତା, ଯେଉଁଥିରେ ପ୍ରତିବାଦକାରୀଙ୍କୁ ଚପାଇଦେଇ ବାଉଳା କରିବାର ଉଦ୍ଦେଶ୍ୟ ରହିଛି।

ଆଇନର କାର୍ଯ୍ୟକାରିତା ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଦେବା ପରେ ମଧ୍ୟ କୃଷକମାନେ ବିବାଦୀୟ ୩ଟି ଆଇନ ପ୍ରତ୍ୟାହାର କରିବା ଦାବିରେ ଅଡ଼ି ବସିଛନ୍ତି। କୃଷକ ନେତାମାନଙ୍କ କହିବା ଅନୁଯାୟୀ, ଏହି ୪ ଜଣ ସଦସ୍ୟ ସରକାରଙ୍କ ଇଙ୍ଗିତରେ ପରିଚାଳିତ ହେବା ସୁନିଶ୍ଚିତ। ସେଥିପାଇଁ ଏହି କମିଟିର ରିପୋର୍ଟ ଉପରେ ବିଶ୍ୱାସ ନାହିଁ ବୋଲି ଯାହା କୁହାଯାଉଛି ତାହା ସ୍ୱୀକାରଯୋଗ୍ୟ। ତିନି ବିବାଦୀୟ ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହୃତ ନ ହେବା ଯାଏ ଘରକୁ ଫେରିବେ ନାହିଁ ବୋଲି କୃଷକ ସଙ୍ଗଠନଗୁଡ଼ିକ ଜିଦ୍‌ରେ ଅଟଳ ଅଛନ୍ତି। କୃଷକମାନେ କାହିଁକି ୩ଟି ଆଇନକୁ ବିରୋଧ କରୁଛନ୍ତି ସରକାର ବୁଝିବା ଦରକାର। ଏଗୁଡ଼ିକର ସ୍ୱରୂପକୁ ଦେଖିଲେ ଚାଷୀଙ୍କ ହିତ ପରିବର୍ତ୍ତେ କର୍ପୋରେଟ୍ ବା ବଡ଼ ବ୍ୟବସାୟୀଙ୍କ ସ୍ୱାର୍ଥରକ୍ଷା ଦିଗରେ ସରକାର ଅଧିକ ଇଚ୍ଛୁକ ଥିବା ବୁଝାପଡୁଛି।

ଆନ୍ଦୋଳନକାରୀଙ୍କ ବିରୋଧରେ କେତେକ ମତ ପ୍ରକାଶ ପାଇଛି, ଯାହା ଅତ୍ୟନ୍ତ କୌତୂହଳପୂର୍ଣ୍ଣ। ପ୍ରଥମେ ସେମାନଙ୍କୁ ଭାରତ ବିରୋଧୀ ଓ ଖଲିସ୍ତାନ ସମର୍ଥକ ବୋଲି କୁହାଯାଇଥିଲା। ଦ୍ୱିତୀୟରେ ଯୁକ୍ତି କରାଯାଇଥିଲା ଯଦି କୃଷିକ୍ଷେତ୍ରରେ ପୁରୁଣା ବ୍ୟବସ୍ଥା ଭଲ ଥିଲା, ତେବେ ଦେଶବ୍ୟାପୀ କୃଷକ ଆତ୍ମହତ୍ୟା କାହିଁକି ହେଉଥିଲା। ତୃତୀୟରେ ଏହା ମଧ୍ୟ କୁହାଗଲା ଯେ, କୃଷକ ଖଟିକରି ତା'ର ଜୀବନ ଯେମିତି ଯାପନ କରୁଛି ସେହିଭଳି ଅନ୍ୟ ସମସ୍ତେ ମଧ୍ୟ କାର୍ଯ୍ୟ କରି ରୋଜଗାର କରୁଛନ୍ତି ଓ ଖାଦ୍ୟ କିଣୁଛନ୍ତି। ଅର୍ଥାତ୍ କୃଷକ କାହା ପ୍ରତି ଦୟା କରୁନାହିଁ ବା କାହାରିକୁ ମାଗଣାରେ ଖାଦ୍ୟ ଯୋଗାଉ ନାହିଁ। ଏହି ତିନୋଟି ଅଭିଯୋଗକୁ ଅତି ସହଜରେ କାଟି ହେବ। ଉତ୍ତର ଭାରତର କୃଷକମାନେ ଅନ୍ୟ ଚାଷୀଙ୍କ ଭଳି ସଚେତନ। ତେବେ ଓଡ଼ିଶା କିମ୍ବା କର୍ନାଟକର ଚାଷୀ ପାଇଁ ଭୌଗୋଳିକ ଦୃଷ୍ଟିକୋଣରୁ, ଦିଲ୍ଲୀକୁ ଘେରାଉ କରିବା ଅସମ୍ଭବ। ସେଥିପାଇଁ ପଞ୍ଜାବ ଓ ହରିୟାଣାର ଚାଷୀଙ୍କୁ ଦେଶବିରୋଧୀ ଆଖ୍ୟା ଦେବା ମହାପାପ। ଯେଉଁମାନେ ଅନ୍ୟକୁ ଦେଶବିରୋଧୀ କହୁଛନ୍ତି, ସେମାନେ ମନେରଖିବା ଦରକାର ଯେ ଗଣତନ୍ତ୍ରରେ ରାଜନୈତିକ ଦଳର ପରିବର୍ତ୍ତନ ଘଟିଥାଏ। କିନ୍ତୁ କୌଣସି ବ୍ୟକ୍ତିବିଶେଷ ଏକାକୀ ବିଶ୍ୱର ହର୍ତ୍ତାକର୍ତ୍ତା ଭାବିବା ଅନୁଚିତ। ପ୍ରତ୍ୟେକ ନାଗରିକ ଏହି ଦେଶର ମାଲିକ। ଦ୍ୱିତୀୟ ଯୁକ୍ତି ସ୍ୱୀକାରଯୋଗ୍ୟ ଯେ, ଭାରତରେ ପୁରୁଣା କୃଷି ବ୍ୟବସ୍ଥା ମଧ୍ୟ ଦୁର୍ବଳ ଥିଲା। ସକାରାତ୍ମକ ସରକାରର କର୍ତ୍ତବ୍ୟ ହେଉଛି ଦୁର୍ବଳ ଶ୍ରେଣୀକୁ ସଶକ୍ତ କରିବା। ସେହି ଦୁର୍ବଳତାର ସୁବିଧା ଉଠାଇ ଶୋଷଣ କରିବା ଅନୁଚିତ। ତୃତୀୟ ଯୁକ୍ତି ବିରୋଧରେ କୌଣସି ମତର ପ୍ରୟୋଜନ ନାହିଁ। ଦେଶର ରାଷ୍ଟ୍ରପତିଙ୍କଠାରୁ ଆରମ୍ଭକରି ରେଳଷ୍ଟେଶନର କୁଲି ପର୍ଯ୍ୟନ୍ତ ସମସ୍ତେ ପ୍ରବଳ ମାତ୍ରାରେ ମାନସିକ କିମ୍ବା ଶାରୀରିକ ପରିଶ୍ରମ କରି ରୋଜଗାର କରୁଛନ୍ତି। ସେହି ରୋଜଗାରର କିଛି ଅଂଶ ଖର୍ଚ୍ଚ କରି ଖାଦ୍ୟ କିଣୁଛନ୍ତି। କୃଷକ ଯଦି ବଞ୍ଚିବା ପାଇଁ ନିଜର ଖାଦ୍ୟ ପ୍ରସ୍ତୁତ ନ କରେ, ତେବେ ରାଷ୍ଟ୍ରପତିଙ୍କଠାରୁ କୁଲି ପର୍ଯ୍ୟନ୍ତ ସମସ୍ତେ ନିଜର ଖଟଣି ଅଯଥା ବୋଲି ଭାବିବା ଅପରିହାର୍ଯ୍ୟ।

**କେନ୍ଦ୍ରକୁ ସୁପ୍ରିମକୋର୍ଟ ଝଟକା**

# ଅଟକିଲା କୃଷି ଆଇନ

ପ୍ରାୟ ୫୦ ଦିନର ଚାଷୀ ଆନ୍ଦୋଳନ ପରେ ସର୍ବୋଚ୍ଚ ଅଦାଲତର କାଠଗଡ଼ାରେ ଅଟକିଯାଇଛି କେନ୍ଦ୍ରର ନବପ୍ରଣୀତ ୩ କୃଷି ଆଇନ। ୨୦୨୦ ସେପ୍ଟେମ୍ବରରେ ଅଣାଯାଇଥିବା ଏହି ବିବାଦୀୟ ତଥା ବହୁଚର୍ଚ୍ଚିତ ଆଇନ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଶରଦ ଅରବିନ୍ଦ ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ। ବିବାଦର ସମାଧାନ ଲାଗି ସୁପ୍ରିମକୋର୍ଟ ଗଠନ କରିଛନ୍ତି ୪ ସଦସ୍ୟ ବିଶିଷ୍ଟ ବିଶେଷଜ୍ଞ କମିଟି। ଉକ୍ତ କମିଟି ଦିଲ୍ଲୀ ତଥା ଜାତୀୟ ରାଜଧାନୀ ସୀମାରେ ଆନ୍ଦୋଳନରତ କୃଷକ ସଙ୍ଗଠନ ଓ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ଶୀର୍ଷ ଅଦାଲତଙ୍କୁ ରିପୋର୍ଟ ପ୍ରଦାନ କରିବ। ଏହା ପରେ କୃଷି ଆଇନ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସେତେଦିନ ପର୍ଯ୍ୟନ୍ତ ଏହି ଆଇନ ଅକାମୀ ହୋଇରହିବ ବୋଲି ଖଣ୍ଡପୀଠ ମଙ୍ଗଳବାର ଅନ୍ତରୀଣ ରାୟ ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ରାୟକୁ କୃଷକ ସଙ୍ଗଠନ ଓ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ସ୍ୱାଗତ କରାଯାଇଛି। ତେବେ ସମ୍ପୂର୍ଣ୍ଣ ଆଇନ ପ୍ରତ୍ୟାହାର ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀକୁଳ ଚେତାବନୀ ଦେଇଥିବାରୁ ଅଚଳାବସ୍ଥା ଏତେ ଶୀଘ୍ର ଦୂର ହୋଇଯିବ ଆଶା କରାଯାଇ ନ ପାରେ।

- ୩ କୃଷି ଆଇନ ଉପରେ ସ୍ଥଗିତାଦେଶ ଜାରି
- ୪ ଜଣିଆ କମିଟି ଗଠନ କଲେ ଶୀର୍ଷ ଅଦାଲତ
- ଆଇନ ପ୍ରତ୍ୟାହାର ନ ହେବା ଯାଏ ଘରକୁ ଫେରିବୁ ନାହିଁ: କୃଷକ ସଙ୍ଗଠନ



ନୂଆଦିଲ୍ଲୀ,୧୨।୧(ପି.ଟି./ଆଇଏଏନ୍‌ଏସ୍)

ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମରେ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କ ୩ କୃଷି ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମାସୁବ୍ରମଣ୍ୟମ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ବିବାଦୀୟ ଆଇନ ବିରୋଧରେ ଦାଏର ଏକାଧିକ ପିଟିଶନର ଶୁଣାଣି କରି ଅନ୍ତରୀଣ ରାୟ ପ୍ରକାଶ କରିଛନ୍ତି। କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି, ଦକ୍ଷିଣ ଏସିଆ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ସଂସ୍ଥା ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ କୁମାର ଜୋଷୀ, ମହାରାଷ୍ଟ୍ରର ଶେତ୍‌କାରୀ ☞ପୃଷ୍ଠା-୨

## 'କୃଷକଙ୍କୁ ଭେଟିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ କହିପାରିବୁ ନାହିଁ'

ନୂଆଦିଲ୍ଲୀ,୧୨।୧(ଆଇଏଏନ୍‌ଏସ୍)



ପ୍ରଧାନ ବିଚାରପତି ଏସ୍. ଏ. ବୋବ୍‌ଡେ

କୃଷକମାନଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଜଣେ ଆଇନଜୀବୀଙ୍କ ଯୁକ୍ତିକୁ ମଙ୍ଗଳବାର ସୁପ୍ରିମକୋର୍ଟ ପ୍ରତ୍ୟାଖ୍ୟାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିବାଦୀୟ କୃଷି ଆଇନ ସମ୍ପର୍କରେ ଆଲୋଚନା ପାଇଁ ଆନ୍ଦୋଳନରତ କୃଷକମାନଙ୍କ ପାଖକୁ ଯାଇନାହାନ୍ତି ବୋଲି ଓକିଲ ଏମ୍.ଏଲ୍. ଶର୍ମା ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ସେ କହିଥିଲେ, କୃଷକମାନେ ତାଙ୍କୁ ମଙ୍ଗଳବାର ସକାଳେ ଜଣାଇଛନ୍ତି ଯେ, କୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟି ନିକଟରେ ସେମାନେ ଉକ୍ତ ଆଇନ ବିରୋଧରେ ଅଭିଯୋଗ କରିବା ପାଇଁ ହାଜର ହେବେ ନାହିଁ। ☞ପୃଷ୍ଠା-୨

## ୪ ସଦସ୍ୟ ଆଇନ ସପକ୍ଷବାଦୀ

### ଅଭିଯୋଗ ଆଣିଲେ କଂଗ୍ରେସ, ଚାଷୀ ସଙ୍ଗଠନ



ଅଶୋକ ଗୁଲାଟି | ପ୍ରମୋଦ ଜୋଷୀ | ଅନିଲ ଘନୱାତ | ଭୂପିନ୍ଦର ସିଂ ମାନ୍

ନୂଆଦିଲ୍ଲୀ,୧୨।୧(ପି.ଟି.)

ସୁପ୍ରିମକୋର୍ଟ କେନ୍ଦ୍ରର ୩ କୃଷି ଆଇନ ଉପରେ ସ୍ଥଗିତାଦେଶ ଜାରି କରି ୪ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି, ଦକ୍ଷିଣ ଏସିଆ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ସଂସ୍ଥା ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ କୁମାର ଜୋଷୀ, ମହାରାଷ୍ଟ୍ରର ଶେତ୍‌କାରୀ ସଙ୍ଗଠନ ମୁଖ୍ୟ ଅନିଲ ଘନୱାତ ଏବଂ ଭାରତୀୟ କିଷାନ ୟୁନିୟନ (ବିକେୟୁ) ଅଧ୍ୟକ୍ଷ ଭୂପିନ୍ଦର ସିଂ ମାନ୍‌ଙ୍କୁ ରଖିବା ପାଇଁ ସିଜେଆଇ ଏସ୍.ଏ. ବୋବ୍‌ଡେ ପ୍ରସ୍ତାବ ଦେଇଛନ୍ତି। ତେବେ ଏହି ୪ ଜଣ ଯାକ କୃଷି ସଂସ୍କାରବାଦୀ ଓ କୃଷି ଆଇନ ସପକ୍ଷବାଦୀ ବୋଲି ବିବାଦ ସୃଷ୍ଟି ହେଲାଣି। ଅତୀତରେ ଏହି ୪ ସଦସ୍ୟ ବିବାଦୀୟ କୃଷି ଆଇନକୁ ପ୍ରତ୍ୟକ୍ଷ ଭାବେ ସମର୍ଥନ କରିଥିଲେ ବୋଲି କଂଗ୍ରେସ ଓ ବିକ୍ଷୋଭରତ କୃଷକ ସଙ୍ଗଠନଗୁଡ଼ିକ ଆପତ୍ତି ଉଠାଇଛନ୍ତି।

ଅଲ୍ ଇଣ୍ଡିଆ କିଷାନ ସଂଘର୍ଷ ସମନ୍ୱୟ କମିଟି (ଏଆଇକେଏସ୍‌ସିସି) ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି, ସୁପ୍ରିମକୋର୍ଟ କମିଟି ଗଠନ କ୍ଷେତ୍ରରେ ଅନେକ ତତ୍ତ୍ୱ ଦ୍ୱାରା ଭୁଲ୍ ବାଟରେ ପରିଚାଳିତ ହୋଇଛନ୍ତି। ଏହି ବ୍ୟକ୍ତିମାନେ ୩ କୃଷି ଆଇନକୁ ସମର୍ଥନ କରିବା ନେଇ ଜଣାଶୁଣା। ଏମାନେ ଉକ୍ତ ଆଇନ ☞ପୃଷ୍ଠା-୨

## ୫୦ ଚାଷୀଙ୍କ ଜୀବନ ଗଲାଣି

ନୂଆଦିଲ୍ଲୀ, ୧୨।୧

କୃଷି ଆଇନକୁ ବିରୋଧ କରି ଦିଲ୍ଲୀର ଟିକ୍ରି ସୀମାଠାରେ ଆନ୍ଦୋଳନରତ ଜଣେ ଚାଷୀଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତକ ମୁକ୍ତାସରର ଅବତାର ସିଂ ବୋଲି ଜଣାପଡିଛି। ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ଘଟିଥିବା ସୂଚନା ରହିଛି। ଗତ ରବିବାର ଆଉ ଜଣେ କୃଷକଙ୍କ ଲୁଧିଆନାର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏବେ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ଚାଷୀଙ୍କ ମୃତ୍ୟୁ ଘଟିସାରିଲାଣି।




## ବିବାହ ରୋଶଣିକୁ ଅନୁମତି

ଭୁବନେଶ୍ୱର,୧୨।୧(ବ୍ୟୁରୋ)

ବିବାହ ଉତ୍ସବରେ ବ୍ୟାଣ୍ଡ ବାଜା ବାଜିବ। ରୋଶଣି ହେବ। ଝଲମଲ ଆଲୁଅରେ ବର ବିବାହ କରିବାକୁ ଯିବେ। ରାଜ୍ୟ ସରକାର ବିବାହ ରୋଶଣି ସମୟରେ ବ୍ୟାଣ୍ଡବାଜା, ଲାଇଟ ଓ ସାଉଣ୍ଡ ବ୍ୟବସ୍ଥାକୁ ଅନୁମତି ଦେଇଛନ୍ତି। ୨୦୨୦ ଜୁଲାଇ ୬ ଏବଂ ଡିସେମ୍ବର ୩୦ରେ ଜାରି କରାଯାଇଥିବା କୋଭିଡ୍-୧୯ ଗାଇଡ୍‌ଲାଇନରେ ସଂଶୋଧନ କରାଯାଇଛି। ମଙ୍ଗଳବାର ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲାପାଳ, ଏସ୍‌ପି, ମହାନଗର ନିଗମ କମିଶନର ଏବଂ କଟକ-ଭୁବନେଶ୍ୱର ପୋଲିସ କମିଶନରଙ୍କୁ ସର୍କୁଲାର ଜାରି କରାଯାଇ ନିର୍ଦ୍ଦେଶ ଦିଆଯାଇଛି। ତେବେ ରୋଶଣି ବେଳେ ବରକନ୍ୟା, ☞ପୃଷ୍ଠା-୨

**କୋଭିଡ୍-୧୯ କଟକଣା କୋହଳ**

**୨୦୦ରୁ ଅଧିକ ଲୋକଙ୍କୁ ମନା**



**ଆଜିର ମନ୍ତବ୍ୟ**

"ସମ୍ପ୍ରତି ରାଜନୈତିକ ବଂଶବାଦ ଗଣତନ୍ତ୍ର ପ୍ରତି ସବୁଠୁ ବଡ଼ ବିପଦ ଭାବେ ଉଭା ହେବା ସହ ସମାଜରେ ଭ୍ରଷ୍ଟାଚାର ବୃଦ୍ଧିର କାରଣ ପାଲଟିଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଓଡ଼ିଶାରେ ପହଞ୍ଚିଲା କୋଭିଡ୍ ଟିକା

ଭୁବନେଶ୍ୱର, ୧୨।୧(ବ୍ୟୁରୋ)

ଶେଷରେ ଦୀର୍ଘ ମାସ ପ୍ରତୀକ୍ଷାର ଅନ୍ତ ଘଟିଛି। ରାଜ୍ୟବାସୀଙ୍କ ପାଇଁ ଖୁସି ଖବର। ରାଜ୍ୟରେ କୋଭିଡ୍-୧୯ ଟିକାକରଣ ଲାଗି ଓଡ଼ିଶାରେ 'କୋଭିଶିଲ୍ଡ' ଓ 'କୋଭାକ୍ସିନ' ଟିକା ପହଞ୍ଚିଛି। ସ୍ପାଇସ୍ ଜେଟ୍‌ର ଏକ ସ୍ୱତନ୍ତ୍ର ବିମାନ ଯୋଗେ ପୁଣେର ସିରମ୍ ଇନଷ୍ଟିଚ୍ୟୁଟରୁ 'କୋଭିସିଲ୍ଡ' ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ସେଠାରୁ ଟିକା ବାକ୍ସଗୁଡ଼ିକୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ଭୁବନେଶ୍ୱର ବିମାନବନ୍ଦରରୁ କଡ଼ା ସୁରକ୍ଷା ମଧ୍ୟରେ ୩ଟି ନ୍ୟାଶନାଲ ଭାକ୍ସିନ୍ ଭ୍ୟାନ୍‌ରେ ପ୍ରାୟ ୧୨୦୦ କିଲୋ ଓଜନର ୩୪ଟି ପ୍ୟାକେଟରେ ୟୁନିଟ୍-୩ସ୍ଥିତ ଓଡ଼ିଶା ରାଜ୍ୟ ଔଷଧ ନିଗମ କାର୍ଯ୍ୟାଳୟ ପରିସରକୁ ନିଆଯାଇଛି। ☞ପୃଷ୍ଠା-୨

- ବୟସ୍କ ସ୍ୱାସ୍ଥ୍ୟକର୍ମୀଙ୍କୁ ଅଗ୍ରାଧିକାର ଦିଆଯିବ
- ୧୬ରୁ ଟିକାକରଣ ଅଭିଯାନ



ଭୁବନେଶ୍ୱରରେ ଟିକା ପହଞ୍ଚିବା ପରେ ଓଡ଼ିଶା ରାଜ୍ୟ ଔଷଧ ନିଗମରେ ରଖାଯାଉଛି।

## ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ

ଓଡ଼ିଶାରେ ଟିକା ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ଏହା ଏକ ବଡ଼ ଖୁସିର ମୁହୂର୍ତ୍ତ ଯେ, 'କୋଭିଶିଲ୍ଡ' ଟିକା ଏକ ସ୍ୱତନ୍ତ୍ର ବିମାନ ଦ୍ୱାରା ଓଡ଼ିଶାରେ ପହଞ୍ଚିଛି। ମୂଲ୍ୟବାନ ଜୀବନ ରକ୍ଷା କରିବା ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ଆଗଧାଡ଼ିର ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପରେ ବିଶେଷ ଧ୍ୟାନ ଦେଇ ତ୍ରୁଟିଶୂନ୍ୟ ଟିକାକରଣ କାର୍ଯ୍ୟକ୍ରମ ନିମନ୍ତେ ଓଡ଼ିଶା ବିସ୍ତୃତ ବ୍ୟବସ୍ଥା କରିବା ସହିତ ପ୍ରସ୍ତୁତ ରହିଛି।

# ମାଟ୍ରିକ ପରୀକ୍ଷା ଫି' ଛାଡ଼

ଭୁବନେଶ୍ୱର,୧୨।୧(ବ୍ୟୁରୋ)

କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମାଟ୍ରିକ ପରୀକ୍ଷା ଫି' ଛାଡ଼ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏହି ଘୋଷଣା କରିଛନ୍ତି। ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ହେବାକୁ ଥିବା ମାଟ୍ରିକ ପରୀକ୍ଷା ନିମନ୍ତେ ପିଲାମାନଙ୍କ ପରୀକ୍ଷା ଫି' ଛାଡ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ୬ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହେବେ। ଏ ବାବଦରେ ରାଜ୍ୟ ସରକାର ୨୭ କୋଟି ଟଙ୍କା ବ୍ୟୟଭାର ବହନ କରିବେ। ସୂଚନାଯୋଗ୍ୟ, ପ୍ରତି ପିଲାଙ୍କୁ ମାଟ୍ରିକ ପରୀକ୍ଷା ନିମନ୍ତେ ୪୨୦ ଟଙ୍କା ଲେଖାଏ ଫି' ଦେବାକୁ ପଡିଥାଏ।

କରୋନା ମହାମାରୀ ଯୋଗୁ ୨୦୨୦-୨୧ ଶିକ୍ଷାବର୍ଷ ବିଶେଷ ଭାବେ ପ୍ରଭାବିତ ହୋଇଛି। ଦୀର୍ଘ ୯ ମାସ ସ୍କୁଲ ବନ୍ଦ ରହିବା ପରେ ଜାନୁୟାରୀ ୮ରୁ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀକୁ କୋଭିଡ୍ ନିୟମ ପାଳନ କରି ଖୋଲାଯାଇଛି। ପିଲାମାନଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ତଥା ପାଠ୍ୟକ୍ରମରେ ବିଭିନ୍ନ ବିଷୟରେ ଥିବା ସନ୍ଦେହ ଦୂର କରିବା ପାଇଁ କ୍ଲାସ୍ କରାଯାଇଛି। କରୋନା ଯୋଗୁ ବହୁ ଲୋକଙ୍କ ଜୀବନଜୀବିକା ☞ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ନିଶି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


## ପ୍ରଥମ ପୃଷ୍ଠାରୁ...

### ମାଟ୍ରିକ ପରୀକ୍ଷା...

ମଧ ପ୍ରଭାବିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଫଳରେ ଅର୍ଥାଭାବରୁ କୌଣସି ପିଲା ପରୀକ୍ଷା ଦେବାରୁ ବଞ୍ଚିତ ହେବେ ନାହିଁ। ସୂଚନାଯୋଗ୍ୟ, ଦଶମ ବୋର୍ଡ ପରୀକ୍ଷା ଫି’ ଛାଡ କରିବାକୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। କୋଭିଡ୍ ମହାମାରୀ ଯୋଗୁ ଅଧିକାଂଶ ଛାତ୍ରୀଛାତ୍ରଙ୍କ ଅଭିଭାବକ ଏ ବର୍ଷ ନିଜ ପିଲାଙ୍କ ବୋର୍ଡ ପରୀକ୍ଷା ଫି’ ଦାଖଲ କରିବା ଅବସ୍ଥାରେ ନାହାନ୍ତି। ଏଥିଯୋଗୁ ଅଧିକାଂଶ ଛାତ୍ରୀଛାତ୍ର ଫର୍ମ ପୂରଣ କରିବାରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫି’ ଛାଡ କରିବାକୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ଚିଠି ଲେଖିଥିଲେ। ସେହିପରି ମାଟ୍ରିକ ବୋର୍ଡ ପରୀକ୍ଷା ଫି’ ଛାଡ଼ କରିବାକୁ ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ମଧ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରାଯାଇଥିଲା।

### ଓଡ଼ିଶାରେ ପହଞ୍ଚିଲା...

ଭର୍ତ୍ତି ହୋଇ ଆସିଥିବା ଟିକାକୁ ରାଜ୍ୟ ଟିକାକରଣ କେନ୍ଦ୍ରରେ ଗଚ୍ଛିତ ରଖାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ଯେ, ନିଜ ନିଜ ଜିଲାକୁ ଟିକା ନେଇଯିବା ପାଇଁ ଜିଲାପାଳମାନଙ୍କୁ ଚିଠି କରାଯାଇଛି। ସେମାନେ ଭ୍ୟାକ୍ସିନ ଗାଡ଼ି ପଠାଇ ସେମାନଙ୍କ ଟିକା ନେଇଯିବେ। ତେବେ ପ୍ରଥମେ ବୟସ୍କ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ ବୋଲି ମହାପାତ୍ର ସ୍ପଷ୍ଟ କରିଛନ୍ତି। ସୂଚନା ଅନୁଯାୟୀ, ୩୦ଟି ଜିଲାରୁ ଭୁବନେଶ୍ୱରରୁ ଟିକା ନେବାକୁ ସ୍ୱତନ୍ତ୍ର ଗାଡ଼ି ଆସି ପହଞ୍ଚିବ ଏବଂ ସେଥିରେ ଜିଲା ଟିକାକରଣ କେନ୍ଦ୍ରକୁ ଟିକା ପଠାଯିବ। ପ୍ରଥମ ପର୍ଯ୍ୟାୟରେ ‘କୋଭିଶିଲ୍ଡ’ର ୪୦ ହଜାର ୮ଶହ ଭାଏଲ୍ (ଛୋଟ ବୋତଲ) ଆସିଛି। ସେହି ଅନୁସାରେ, ରାଜ୍ୟରେ ମୋଟ ୪ ଲକ୍ଷ ୮ ହଜାର ଡୋଜ୍ ଟିକା ପହଞ୍ଚିଛି। ଗୋଟିଏ ବୋତଲରେ ଯେଉଁ ପରିମାଣରେ ଔଷଧ ରହିଛି ତାହା ୧୦ ଜଣଙ୍କୁ ଦିଆଯାଇ ପାରିବ। ମଙ୍ଗଳବାର ଯେତିକି ଟିକା ଆସିଛି ତାହା ୧ ଲକ୍ଷ ୯୧ହଜାର ସ୍ୱାସ୍ଥ୍ୟକର୍ମୀଙ୍କୁ ଦିଆଯାଇପାରିବ। ଆସିଥିବା ଟିକା ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ନିମନ୍ତେ ୫୦ ପ୍ରତିଶତ ଲେଖାଏ ଟିକା ବିଭିନ୍ନ ଜିଲାକୁ ପଠାଯିବ। ପ୍ରଥମ ପର୍ଯ୍ୟାୟ ଟିକାକରଣ ଲାଗି ବୟସ୍କ, ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କର୍ମଚାରୀଙ୍କୁ ପ୍ରାଧାନ୍ୟ ଦିଆଯିବ। ଯେଉଁମାନଙ୍କୁ ଟିକା ଦିଆଯିବ, ସେମାନଙ୍କ ପାଖକୁ ମେସେଜ ଯିବ। ଯେଉଁସବୁ ଜିଲାରେ କୋଭିଡ୍ ସ୍ଥିତି ସଙ୍ଗିନ୍ ଥିଲା ସେହିସବୁ ସ୍ଥାନକୁ ଗୁରୁତ୍ୱ ଦିଆଯିବ। ସେହିପରି ୨୦ହଜାର ‘କୋଭାକ୍ସିନ’ ଡୋଜ୍ ଓଡ଼ିଶାକୁ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ପରିବହନ ସମୟରେ ଉଭୟ ଟିକାର ୧୦ ପ୍ରତିଶତ ନଷ୍ଟ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଆସନ୍ତା ୧୬ତାରିଖରୁ ରାଜ୍ୟରେ ଟିକାକରଣ ଅଭିଯାନ ଆରମ୍ଭ ହେବ। ଏଥିପାଇଁ ରାଜ୍ୟରେ ୧୬୦ଟି ଟିକାଦାନ କେନ୍ଦ୍ର ଚିହ୍ନଟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କେବଳ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଟିକା ଦିଆଯିବ। ଟିକାଦାନ ସମୟରେ କ୍ୟାପିଟାଲ ହସ୍ପିଟାଲ ଓ ସୁନ୍ଦରଗଡ଼ ଜିଲା ସଦର ମହକୁମା ହସ୍ପିଟାଲରେ ତଥ୍ୟ ସରବରାହ ପାଇଁ ଭିଡିଓ କନ୍‌ଫରେନ୍ସ ବ୍ୟବସ୍ଥା କରାଯାଇଛି। ଫଳରେ ଟିକା ଓ ଟିକା ନେଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ କେନ୍ଦ୍ର ସରକାର ସୂଚନା ପାଇପାରିବେ। କୋଭିଡ୍ ଟିକାକରଣ ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ଜିଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ୩୦ ଜିଲା ବ୍ୟତୀତ ୫ ମହାନଗର ନିଗମରେ ମଧ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତି ଟିକାଦାନ କେନ୍ଦ୍ରରେ ୧୦୦ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ। ସମସ୍ତ ଟିକାଦାନ କେନ୍ଦ୍ରରେ ଏଇଏଫଆଇ କିଟ୍ ମହଜୁଦ ରହିବ। ଟିକା ନେବା ପରେ କୌଣସି ବ୍ୟକ୍ତିଙ୍କର ଯଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦିଏ ତା’ହେଲେ ଏଇଏଫଆଇ କିଟ୍‌ରେ ଥିବା ଇଞ୍ଜେକଶନ୍ ଦିଆଯିବ। ଟିକାକରଣର ସୁପରିଚାଳନା ପାଇଁ ରାଜ୍ୟସ୍ତରୀୟ କମିଟି ଗଠନ ହୋଇଛି। ଜିଲାରେ ଟିକା ସୁପରିଚାଳନାର ନିରୀକ୍ଷଣ କରିବାକୁ ଜିଲାସ୍ତରୀୟ କମିଟିକୁ କୁହାଯାଇଛି।

### ୪ ସଦସ୍ୟ...

ପାଇଁ ଓକିଲାତି କରିଥିଲେ। କଂଗ୍ରେସ ସୁପ୍ରିମକୋର୍ଟ ରାୟକୁ ସ୍ୱାଗତ କରିଥିଲେ ହେଁ ଦଳର ମୁଖପାତ୍ର ରଣଦୀପ ସୁର୍ଜେୱାଲା ମଧ କମିଟି ସଦସ୍ୟଙ୍କୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏହି ସଦସ୍ୟମାନେ ପୂର୍ବରୁ ନୂଆ କୃଷି ଆଇନ ସପକ୍ଷରେ ନିଜ ମତାମତ ଦେଇଥିଲେ। ତେଣୁ ସେମାନେ କୃଷକମାନଙ୍କୁ ନ୍ୟାୟ ଦେଇପାରିବେ କି ନାହିଁ ସେନେଇ ସନ୍ଦେହ ଉପୁଜିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ କମିଟିର ସଦସ୍ୟମାନେ କୃଷି ବିଧେୟକକୁ ସମର୍ଥନ କରିସାରିଛନ୍ତି ବୋଲି କଂଗ୍ରେସର ମଧ୍ୟପ୍ରଦେଶ ଶାଖା ପକ୍ଷରୁ ଟୁଇଟ୍ କରାଯାଇଛି। ଉକ୍ତ ଟୁଇଟ୍‌ରେ ଗୁଲାଟି ଓ ଜୋଷୀଙ୍କ ନିବନ୍ଧ ପ୍ରକାଶ ପାଇଥିବା ଖବରକାଗଜକୁ ଟ୍ୟାଗ୍ କରାଯାଇଛି। ସେହିପରି ଘନୱାତ ଓ ମାନ୍ କୃଷି ଆଇନ ଉଚ୍ଛେଦ ବିରୋଧରେ ମତବ୍ୟକ୍ତ କରିଥିବା ରିପୋର୍ଟକୁ ମଧ ଏଥିରେ ସଂଲଗ୍ନ କରାଯାଇଛି।

ଘନୱାତ ମଙ୍ଗଳବାର କହିଛନ୍ତି, କୃଷକ ସଙ୍ଗଠନଗୁଡ଼ିକ ଦଶନ୍ଧି ଧରି ଯାହା ଦାବି କରିଆସୁଛନ୍ତି, ନୂଆ କୃଷି ଆଇନ ତାକୁ ଆଂଶିକ ଭାବେ କାର୍ଯ୍ୟକାରୀ କରିବ। ଏଥିରେ ଉନ୍ନତି ଆଣିବାକୁ ସେ ଉଦ୍ୟମ କରିବେ। କୃଷକମାନଙ୍କୁ ସ୍ୱାଧୀନତା ପ୍ରଦାନ କରୁଛି ବୋଲି ବର୍ଣ୍ଣନା କରାଯାଇଥିବା କେନ୍ଦ୍ରର ୩ ଆଇନକୁ ଆମେ ପ୍ରଶଂସା କରୁନାହୁଁ। ସ୍ୱର୍ଗତ ଶରଦ ଜୋଷୀଙ୍କ ଶେତ୍‌କାରୀ ସଙ୍ଗଠନ ପ୍ରଥମେ ଏହି ପରିବର୍ତ୍ତନ ଦାବି କରିଥିଲା। ବର୍ତ୍ତମାନର ସରକାର ସେଥିରୁ କେତେକାଂଶକୁ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରିଛି। ଆଇନରେ ଉନ୍ନତି ଆଣିବା ଓ ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା କମିଟି ସଦସ୍ୟ ଭାବେ ତାଙ୍କ ଭୂମିକା ରହିବ ବୋଲି ଘନୱାତ କହିଛନ୍ତି। ପ୍ରକାଶ ଯେ, ବିଶ୍ୱବ୍ୟାଙ୍କ ସହ କାର୍ଯ୍ୟ କରିଥିବା ଅର୍ଥନୀତିଜ୍ଞ ଶରଦ ଜୋଷୀ ୧୯୭୦ ଦଶକରେ ଶେତ୍‌କାରୀ ସଙ୍ଗଠନ ଗଠନ କରିଥିଲେ।

ଅନ୍ୟ ୩ ସଦସ୍ୟ ଗୁଲାଟି, ମାନ୍ ଓ ଜୋଷୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ। ଫୋନ୍ ସୁଇଚ୍ ଅଫ୍ ଥିବାରୁ ସେମାନଙ୍କ ମତାମତ ମିଳିପାରି ନାହିଁ। ବିଶିଷ୍ଟ କୃଷି ବୈଜ୍ଞାନିକ ଗୁଲାଟି କୃଷି କ୍ଷେତ୍ରରେ ତାଙ୍କ ଅବଦାନକୁ ନେଇ ୨୦୧୫ରେ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ। ବାଜପେୟୀ ସରକାର ଅମଳରେ ଅର୍ଥନୈତିକ ପରାମର୍ଶଦାତା ପରିଷଦରେ ସେ ଥିଲେ କନିଷ୍ଠତମ ସଦସ୍ୟ। ସମ୍ପ୍ରତି ଗୁଲାଟି ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାଶନାଲ ଇକୋନୋମିକ୍ ରିଲେଶନ୍ସ (ଆଇସିଆର୍ଆଇଇଆର୍)ର କୃଷି ବିଷୟରେ ଇନ୍‌ଫୋସିସ୍ ଚେୟାର ପ୍ରଫେସର ଭାବେ କାର୍ଯ୍ୟରତ। ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ ସେ କମିଶନ ଫର୍ ଏଗ୍ରିକଲ୍ଚରାଲ କଷ୍ଟସ ଆଣ୍ଡ ପ୍ରାଇସେସ୍ (ସିଏସିପି) ଅଧକ୍ଷ ଥିଲେ। ସେ ଭାରତୀୟ ଓ ଏସୀୟ କୃଷି ଉପରେ ଅନେକ ଗବେଷଣାମୂଳକ ନିବନ୍ଧ ଓ ୧୫ଟି ପୁସ୍ତକ ରଚନା କରିଛନ୍ତି। ପ୍ରମୋଦ ଜୋଷୀ ନୂଆଦିଲ୍ଲୀସ୍ଥିତ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ସଂସ୍ଥା (ଆଇଏଫ୍‌ପିଆର୍‌ଆଇ) ଦକ୍ଷିଣ ଏସିଆ ନିର୍ଦ୍ଦେଶକ ଅଛନ୍ତି। ଏହା ପୂର୍ବରୁ ସେ ହାଇଦ୍ରାବାଦସ୍ଥିତ ନ୍ୟାଶନାଲ ଏକାଡେମୀ ଫର୍ ଏଗ୍ରିକଲ୍ଚରାଲ ରିସର୍ଚ୍ଚ ମ୍ୟାନେଜମେଣ୍ଟ ନିର୍ଦ୍ଦେଶକ ଓ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ସେଣ୍ଟର ଫର୍ ଏଗ୍ରିକଲ୍ଚରାଲ ଇକୋନୋମିକ୍ସ ଆଣ୍ଡ ପଲିସି ରିସର୍ଚ୍ଚ ମୁଖ୍ୟ ଥିଲେ। ସେହିପରି ବିକେୟୁ ରାଷ୍ଟ୍ରୀୟ ଅଧକ୍ଷ ଭୂପିନ୍ଦର ସିଂ ମାନ୍ ୧୯୯୦ରୁ ୧୯୯୬ ପର୍ଯ୍ୟନ୍ତ ରାଜ୍ୟ ସଭା ସଦସ୍ୟ ଥିଲେ। ଗତ ଡିସେମ୍ବର ୧୪ରେ ମାନ୍‌ଙ୍କ ନେତୃତ୍ୱରେ ଅଲ୍ ଇଣ୍ଡିଆ କିଷାନ କୋଅର୍ଡିନେଶନ କମିଟି ସଦସ୍ୟମାନେ କୃଷି ଆଇନ ସପକ୍ଷରେ ଏକ ସ୍ମାରକପତ୍ର ପ୍ରଦାନ କରିଥିବା କୃଷି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ତେବେ ଅନ୍ୟ କେତେଜଣ ପ୍ରସିଦ୍ଧ କୃଷି ଅର୍ଥନୀତିଜ୍ଞ କୃଷି ଆଇନ ଉପରେ ସ୍ଥଗିତାଦେଶ ଜାରି ସହ କମିଟି ଗଠନ ନେଇ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

### ‘କୃଷକଙ୍କୁ ଭେଟିବା...

ଏହି ଆଇନକୁ ପ୍ରତ୍ୟାହାର କରାଯାଉ ବୋଲି ସେମାନେ ଚାହାନ୍ତି। କାରଣ ଅନେକ ବ୍ୟକ୍ତି ଆଲୋଚନା ପାଇଁ ଆସିଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ଆସିନାହାନ୍ତି। ଏହି ସମୟରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟଙ୍କୁ କହିଥିଲେ, କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କୃଷକମାନଙ୍କୁ ଭେଟିସାରିଛନ୍ତି। ଏହାର ଜବାବରେ ଶର୍ମା କହିଥିଲେ, କୃଷିମନ୍ତ୍ରୀଙ୍କ ନିଷ୍ପତ୍ତି ନେବା କ୍ଷମତା ନାହିଁ। ପ୍ରଧାନମନ୍ତ୍ରୀ ହିଁ ସବୁ ନିଷ୍ପତ୍ତି ନେଇଥାନ୍ତି। ଶର୍ମାଙ୍କ ଏପରି ଯୁକ୍ତିକୁ ନେଇ ପ୍ରଧାନ ବିଚାରପତି ଏସ୍. ଏ. ବୋବ୍‌ଡେ କହିଥିଲେ, କୃଷକମାନେ ଚାହିଁଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିକ୍ଷୋଭ କରିପାରନ୍ତି। ତେବେ କୃଷକମାନଙ୍କୁ ଭେଟିବାକୁ ଯିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଆମେ ନିର୍ଦ୍ଦେଶ ଦେଇପାରିବୁ ନାହିଁ।

### ବିବାହ ରୋଶଣିକୁ...

ପୁରୋହିତ, ସାଙ୍ଗସାଥୀ ଏବଂ ବନ୍ଧୁବାନ୍ଧବଙ୍କୁ ମିଶାଇ ପୂର୍ବରୁ ଧାର୍ଯ୍ୟ କରାଯାଇଥିବା ଲୋକସଂଖ୍ୟା ସହ କୋଭିଡ୍ ସୁରକ୍ଷା ପ୍ରୋଟୋକଲକୁ କଡାକଡି ପାଳନ କରିବାକୁ ହେବ। ବାହାଘର ପାଇଁ ୨୦୦ ଏବଂ ଶେଷକୃତ୍ୟ ସମ୍ପନ୍ନ କାର୍ଯ୍ୟରେ ୧୦୦ ଲୋକଙ୍କୁ ଅନୁମତି ଦିଆଯାଇଛି। ଏହି କଟକଣା ପୂର୍ବଭଳି ବଳବତ୍ତର ରହିବ। ବନ୍ଦ ଘରେ ସମୁଦାୟ ସିଟ୍‌ରୁ ୫୦ ପ୍ରତିଶତ ଏବଂ ଖୋଲାଜାଗାରେ ଧାର୍ଯ୍ୟ ସଂଖ୍ୟାରୁ ଅଧିକ ହେବ ନାହିଁ। ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମୁହଁରେ ମାସ୍କ ପିନ୍ଧିବା, ଥର୍ମାଲ ସ୍କାନିଂ, ହ୍ୟାଣ୍ଡ ୱାଶ କିମ୍ବା ସାନିଟାଇଜକୁ କଡାକଡି କରାଯାଇଛି।

### ଅଟକିଲା କୃଷି......


ସଙ୍ଗଠନ ମୁଖ୍ୟ ଅନିଲ ଘନୱତ ଏବଂ ଭାରତୀୟ କିଷାନ ୟୁନିୟନ (ବିକେୟୁ) ଅଧକ୍ଷ ଭୂପିନ୍ଦର ସିଂ ମାନ୍‌ଙ୍କୁ ନେଇ ଏକ ୪ ଜଣିଆ କମିଟି ଗଠନ କରାଯାଇଛି। ଉକ୍ତ କମିଟି ଆଇନକୁ ନେଇ କୃଷକମାନଙ୍କ ଆପତ୍ତି ଅଭିଯୋଗ ଶୁଣିବା ପରେ ସର୍ବୋଚ୍ଚ ଅଦାଲତଙ୍କୁ ରିପୋର୍ଟ ପ୍ରଦାନ କରିବ। ଅନ୍ୟାଦେଶ ପର୍ଯ୍ୟନ୍ତ ୩ କୃଷି ଆଇନକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

କୃଷି ଆଇନକୁ ବିରୋଧ କରି ଦାଏର ହୋଇଥିବା ଏକାଧିକ ପିଟିଶନର ଶୁଣାଣି ବେଳେ ଖଣ୍ଡପୀଠ ଆନ୍ଦୋଳନରତ ଚାଷୀଙ୍କ ସହଯୋଗ ଲୋଡ଼ିଥିଲେ। ବିବାଦୀୟ ଆଇନକୁ ନେଇ ଲାଗିରହିଥିବା ଅଚଳାବସ୍ଥା ଦୂର ଲାଗି ଏକ କମିଟି ଗଠନ କରିବା ସକାଶେ ଅଦାଲତଙ୍କୁ କୌଣସି ଶକ୍ତି କ୍ଷାନ୍ତ ରଖିପାରିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ରାୟ ପ୍ରକାଶ ପୂର୍ବରୁ ଖଣ୍ଡପୀଠ କୃଷକ ସଙ୍ଗଠନଗୁଡ଼ିକୁ କମିଟି ନିକଟରେ ଆପତ୍ତି ଅଭିଯୋଗ ଜଣାଇବାକୁ ପରାମର୍ଶ ଦେଇଥିଲେ। ଖଣ୍ଡପୀଠ କହିଥିଲେ, ଭାରତର ନାଗରିକମାନଙ୍କ ଧନ ଓ ଜୀବନର ସୁରକ୍ଷା ନେଇ ଆମେ ଚିନ୍ତିତ। ତେଣୁ ଏହି ସମସ୍ୟାର ସମାଧାନ ବାହାର କରିବାକୁ ଚାହୁଁଛୁ। ଭିଡିଓ କନ୍‌ଫରେନ୍ସ ଜରିଆରେ ହୋଇଥିବା ଶୁଣାଣି ବେଳେ ଖଣ୍ଡପୀଠ ଆହୁରି ସ୍ପଷ୍ଟ କରିଥିଲେ ଯେ, ସମସ୍ୟାର ସମାଧାନ ପାଇଁ ଆଇନକୁ ରଦ୍ଦ କରିବା ନେଇ ଶୀର୍ଷ ଅଦାଲତଙ୍କ କ୍ଷମତା ରହିଛି। ଏଥିରେ ରାଜନୀତି ନାହିଁ। ରାଜନୀତି ଓ ନ୍ୟାୟପାଳିକା ମଧ୍ୟରେ ପାର୍ଥକ୍ୟ ରହିଛି। ତେଣୁ କୃଷକ ସଙ୍ଗଠନଗୁଡ଼ିକୁ ସହଯୋଗ କରିବାକୁ ପଡ଼ିବ। ବିକ୍ଷୋଭ କରୁଥିବା କୃଷକମାନଙ୍କୁ ଏକ ନିଷିଦ୍ଧ ଘୋଷିତ ସଙ୍ଗଠନ ସମର୍ଥନ କରୁଥିବା ଅଭିଯୋଗ ଆଣି ଏକ ଆବେଦନ କରାଯାଇଥିବା ନେଇ ଖଣ୍ଡପୀଠଙ୍କୁ ଅବଗତ କରାଯାଇଥିବାବେଳେ ଅଦାଲତ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କୁ ଏନେଇ ପ୍ରଶ୍ନ କରିଥିଲେ।

ବେଣୁଗୋପାଲ କହିଥିଲେ, ଖଲିସ୍ତାନୀମାନେ କୃଷକ ଆନ୍ଦୋଳନ ଭିତରକୁ ଅନୁପ୍ରବେଶ କରିଛନ୍ତି। ଏହା ଶୁଣିବା ପରେ ଖଣ୍ଡପୀଠ ତାଙ୍କୁ ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ କହିଥିଲେ। କେନ୍ଦ୍ର ସରକାରଙ୍କ ସର୍ବୋଚ୍ଚ ଆଇନ ଅଧିକାରୀ ବେଣୁଗୋପାଳ ବୁଧବାର ସୁଦ୍ଧା ସତ୍ୟପାଠ ଦେବେ ବୋଲି ଅଦାଲତଙ୍କୁ ଜଣାଇଥିଲେ। ସେହିପରି ଜାନୁୟାରୀ ୨୬ରେ ସାଧାରଣତନ୍ତ୍ର ଦିବସ ପାଳନ ବେଳେ କୃଷକଙ୍କ ପକ୍ଷରୁ ହେବାକୁ ଥିବା ଟ୍ରାକ୍ଟର ରାଲି ବିରୋଧରେ କେନ୍ଦ୍ର ସରକାର ଦିଲ୍ଲୀ ପୋଲିସ ଜରିଆରେ ଏକ ଆବେଦନ କରିଥିଲେ। ଏହାକୁ ନେଇ ମଧ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି।

ପ୍ରକାଶ ଯେ, ସୋମବାର ଶୁଣାଣି ବେଳେ ଶୀର୍ଷ ଅଦାଲତ କେନ୍ଦ୍ର ସରକାରଙ୍କୁ କଡ଼ା ଭର୍ତ୍ସନା କରିଥିଲେ। କୃଷି ଆଇନକୁ ତୁମେ ସ୍ଥଗିତ ରଖିବ ନା ଆମେ ସ୍ଥଗିତ ରଖିବୁ ବୋଲି ପ୍ରଶ୍ନ କରିଥିଲେ। କେନ୍ଦ୍ର ଓ କୃଷକ ସଙ୍ଗଠନଗୁଡ଼ିକ ମଧ୍ୟରେ ଜାନୁୟାରୀ ୭ରେ ଅଷ୍ଟମ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଏଥିରୁ ମଧ ପୂର୍ବବତ କିଛି ସୁଫଳ ମିଳି ନ ଥିଲା। ଆସନ୍ତା ୧୫ରେ ନବମ ପର୍ଯ୍ୟାୟ ଆଲୋଚନା ହେବାକୁ ଥିବାବେଳେ ସୁପ୍ରିମକୋର୍ଟଙ୍କ ଉପରୋକ୍ତ ଅନ୍ତରୀଣ ରାୟ ଆସିଛି। ଏହାସତ୍ତ୍ୱେ ବିବାଦୀୟ ଆଇନକୁ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। ଆଇନ ହଟିଲେ ଯାଇ ଆମେ ଘରକୁ ଫେରିବୁ ବୋଲି କୃଷକ ସଙ୍ଗଠନଗୁଡ଼ିକ ସ୍ପଷ୍ଟ କରିଛନ୍ତି।


# classifieds Everyday
0674-2580101, 2549302




**BRIDE WANTED**

**Homely girl required for brahmin boy/ 30/5'5"/Rasi 1/1 movies now Channel Mumbai. 7064135979.** D-67582

Khandayat, Karan caste ra kanyapatri abasyaka. Wanter:- Beautiful Khandayat bride required for Khandayat boy,33 years,5.6, Working as Software Engineer in reputed MNC Company Pune. Qualification :-BCA,Annual Package:- 19.25 lac. Contact: 9439836457. D-19567

Gopal Boy 30 B.Tech, Burla, MBA IIM Software Engineer Bangalore. 7377203805. D-19566

**GROOM WANTED**

ଭୁବନେଶ୍ୱର ବ୍ରାହ୍ମଣ ଘରର ଝିଅ BA, 35, ପାଇଁ suitable candidate ଆବଶ୍ୟକ। 9861135199. D-19558




**SALE**

**Immediate registration & possession with demarcated boundary wall 30' wide road plot for sale @ Rs. 650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. Contact: 8917528470, 7008328766.** D-19562

A full furnished 3600sqft. 4BHK Apartment with servant room available for sale, near Sum Hospital. Contact: 9337413323, 9437313522. D-67776

**ଭୁବନେଶ୍ୱର ଖଣ୍ଡଗିରିରୁ 10K.M distance ରେ ପିତାପଲ୍ଲୀ ଛକ NHକୁ ଲାଗି boundary, patta, registry cost ଏବଂ ମୋରମ୍ filling ସହ sqft. 1100/-ରେ ମିଳୁଛି। 9090963952.** D-70153

Book a individual house near ITER College Jagamara, Bhubaneswar, Price- 69lakhs. Only buyer contact: 8260595320. D-70090

**Gharabari Plot sale Kateni, Near Vikas School sqft.550/-. 9337766961, 8260171343.** D-19565

**ଭୁବନେଶ୍ୱର ପାହାଳ NH side ଘରବାରି yellowzone fully developed demarcated ବାସୋପଯୋଗୀ plot road, electricity ଥାଇ ତୁରନ୍ତ ଘର କରନ୍ତୁ। PUJA- 6371970725.** D-70145

**Plot Hanspal sqft.-750/, Rangabazar sqft. 899/-, Madanpur sqft. 760/-, Sundarpada sqft. 199/. 9437522338.** D-19563

2BHK, 1108sqft. with 1Balcony 1nos of car parking at Hemkund Tower, D-403, on 4th floor Balianta 100meter to NH-16. Interested person contact Mobile No.- 6371793686, 7438889717. D-19525

**ଘରବାରି ପାଟେରି Scheduledcaste plot Trinath Bazar ନଖରା ୧୨୦୦ବର୍ଗଫୁଟ ୯,୬୦,୦୦୦/- ଅନୁଗୁଳ station 2000sqft. 4,40,000/-, 9439006524, 9861281504.** D-69361

ପିପିଲି ବଜାରରେ ସଙ୍ଗେସଙ୍ଗେ ଘର କରିବା ପାଇଁ ପ୍ଲଟ୍ କିଣନ୍ତୁ। 8249776268, 8327774136. D-69360

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Damana Shree Vihar ଓ VSS Nagar ହାଟକୁ ଲାଗି sqft. 2400/-ରେ boundary filling ସହିତ immediate ଘର କରିବା ପାଇଁ plot କିଣନ୍ତୁ। 7788888879. D-70155

**ଭୁବନେଶ୍ୱର ସୁନ୍ଦରପଦା Hi-Tech ଛକ ପାଖରେ ଘରବାରି boundary wall plot ମିଳୁଅଛି। 8338932027.** D-70156

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅନୁଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

**ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ, ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। 9437287595, 7978747764.** D-19454

Bhubaneswar ସୁନ୍ଦରପଦା Xavier University ନିକଟରେ 2000sqft. plot 6,50,000/- (32 plot available) LIPSA. 9938016295. D-70151

**Tankapani road Sai ମନ୍ଦିର ନିକଟରେ demarcated, developed gharabari plot କିଣନ୍ତୁ। 7008492511.** D-69359

ଭୁବନେଶ୍ୱର ପଟିଆ Rly.station 1.5k.m. 1200ବର୍ଗଫୁଟକୁ 6,60,000/- ଦେଇ ତୁରନ୍ତ ଘର କରନ୍ତୁ। 8249005131, 9583328312. D-70144

**Bhubaneswar Sum Hospital Gurukul ପାଖରେ yellowzone gharabari plot ବିକ୍ରି କରାଯାଉଅଛି। 9439206202.** D-70150

Contact for House Construction (Simplex/ Duplex/ Apartment) with Interior Design from the experts. MPlanets- 7008550473. D-19527

**ଭୁବନେଶ୍ୱର ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ ତୁରନ୍ତ ଘର କଲାଭଳି ବାସଉପଯୋଗୀ ଜାଗା 30' road, electric ସୁବିଧା ଥାଇ @ 9,00,000 ମିଳୁଛି। 9777566675.** D-70149




3BHK flat at Park Tower, Ganga Nagar, 2BHK flat at Tata Ariana, 3BHK large flat at Surya Nagar, 2 & 3BHK flat at Acropolis, Gothapatna. Please contact: 9437062777. D-19524




Only for 300 body massage ladies and gents therapist. 9583808247. D-19560

Ayurvedic full body massage, trained lady therapist. 9437453813, 7377064624. D-69960

Refreshing your mind & body with best therapy at Lotus SPA. 8018234866. D-70411

Newly open full body massage ladies and gents. 9337349409. D-70406

**Newly open full body massage Saikrupa Panchakarma and Spa. Contact: 8984068077.** D-19492

Revitalize your self with our ayurvedic massage and refreshment, Call: 7381239385. D-70082

Experience full body massage with expert therapists. Call: 7377048581. D-70083

Swarna SPA newly open positively health benefits with expert therapist. 9556978408. D-70088

Rejuvenate and Ayurvedic full body massage by smart therapist. 9348123330. D-70089




ମାସକୁ ୨୫,୦୦୦ରୁ ୪୦,୦୦୦ ରୋଜଗାର ମାତ୍ର ୨ଘଣ୍ଟା ସମୟ ଓ ସ୍ୱଳ୍ପବିନିଯୋଗ କରି। ଯୋଗାଯୋଗ କରନ୍ତୁ। 9937426857, 9438398331. D-69957

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ କାମ ତ୍ୱରାନ୍ୱିତ କରିପାରିବେ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ, ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ପ୍ରଶାସନ, ଆଇନ ଅଦାଲତ, ସଭା ସମିତି ଓ ରପ୍ତାନି ବାଣିଜ୍ୟ କ୍ଷେତ୍ରରେ ଉପକୃତ ହେବେ। ସାମାଜିକ ସ୍ତରରେ ପ୍ରତିଷ୍ଠା ମିଳିବ।

**ବୃଷ** ବନ୍ଧୁଙ୍କ ପ୍ରରୋଚନାରେ ପଡି ଅପରିଚିତାଙ୍କ ସହ ମିତ୍ରତା କରିବାକୁ ଯାଇ ଅସୁବିଧାରେ ପଡିବେ। ଗୃହସୀମା, ଗାଡି ମୋଟର, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ମାନସିକ ଉଦ୍‌ବେଗ ବଢିପାରେ। ଅପରାହ୍ନରେ ବନ୍ଧୁଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହେବ। କଳା, ସାହିତ୍ୟ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ।

**ମିଥୁନ** ସାଧାରଣ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଶିକ୍ଷା, ପରୀକ୍ଷା, ନୂଆ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବେ। ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ ଓ କହିବା ପରେ ମନସ୍ତାପ କରିବେ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ** ଭଲ ଚିନ୍ତା କଲେ ମଧ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝିପାରିବେ ନାହିଁ। ସମ୍ପର୍କୀୟଙ୍କ ସହାୟତାରେ ଅଟକି ରହିଥିବା କାମ ସୁରୁଖୁରୁରେ ସମ୍ପନ୍ନ ହେବ। ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରିବେ। ପର କଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**ସିଂହ** ଆପଣଙ୍କ ଉନ୍ନତିରେ ଈର୍ଷାପରାୟଣ ହୋଇ ସହକର୍ମୀ ସମସ୍ୟା ସୃଷ୍ଟି କରିପାରନ୍ତି। ପଡୋଶୀଙ୍କ ପରୋକ୍ଷ ଶତ୍ରୁତାରୁ କେତେକ ସୁଯୋଗ ହାତଛଡା ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହେବେ। କଳା, କ୍ରୀଡା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ପ୍ରତିଯୋଗିତା ଲାଗି ରହିବ।

**କନ୍ୟା** ଆଜିର କାମ ସାଧନ କରିବାରେ କିଛି ଅସୁବିଧା ହେବ ନାହିଁ। ମିତ୍ରମାନେ ପରାମର୍ଶ ନ ଦେଇ କିଛି ସମସ୍ୟାମୂଳକ କାମ ପ୍ରତି ପ୍ରଲୋଭିତ କରାଇ ପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡିବେ। ସମ୍ପର୍କୀୟ ଭାଇଙ୍କ ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପାଇଁ ଚିନ୍ତା କରିବେ।

**ତୁଳା** ପାରିବାରିକ ଅବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବ। ବ୍ୟବସାୟରେ ବିଭିନ୍ନ ସମସ୍ୟା ଦେଖା ଦେଇପାରେ। ଆଜି ବିଭିନ୍ନ ସ୍ଥାନ ପରିଦର୍ଶନର ମଉକା ଜୁଟିବ। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କୀୟ ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ।

**ବିଛା** ଅଫିସରେ ଦୃଢ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସାହିତ୍ୟ, ସାମ୍ବାଦିକତା, ସଭାସମିତି କ୍ଷେତ୍ରରେ ସଫଳତା ହାସଲ କରିବେ। କୌଣସି ଜଣାଶୁଣା ବ୍ୟକ୍ତିଙ୍କ ପ୍ରତିରୋଧ ଆଶାକୁ ପ୍ରତିହତ କରିପାରେ।

**ଧନୁ** କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇବେ। ପରିବାରରେ ପାରସ୍ପରିକ ଶତ୍ରୁତା ମନୋଭାବରୁ ବିଚଳିତବୋଧ କରିପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ଦେବ ଦର୍ଶନ ସଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** ପୂର୍ବଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ। ପଡୋଶୀଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କର୍ମ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ ଓ ସଫଳତା ମଧ ପାଇବେ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଅର୍ଥ ଆଦାୟ କରିବାରେ କଳହର ଆଶଙ୍କା ରହିଛି।

**କୁମ୍ଭ** ଯାତ୍ରାକାଳରେ କୌଣସି ଅଜଣା ବ୍ୟକ୍ତିଙ୍କ ସମ୍ପର୍କ ସମସ୍ୟାର କାରଣ ହୋଇପାରେ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଉନ୍ନତି ହେବ। ପରିବାର ସକାଶେ ବସନଭୂଷଣ କ୍ରୟରେ ପକ୍ଷପାତିତା ହେତୁ ସମସ୍ୟା ସୃଷ୍ଟିହେବ। ସଭାସମିତି କିମ୍ବା ଆନୁଷ୍ଠାନିକ କାମ ସକାଶେ ଅନ୍ୟର ସାହାଯ୍ୟ ଲୋଡିବେ।

**ମୀନ** କର୍ମକ୍ଷେତ୍ରର କେତେକ ଫାଇଲ୍ କାମ ସକାଶେ ସମସ୍ୟାରେ ପଡ଼ିପାରନ୍ତି। ଆନୁଷ୍ଠାନିକ କାମରେ ଯେତେ ଖଟିଲେ ମଧ ଆଶାନୁରୂପ ସଫଳତା ପାଇବେ ନାହିଁ। ବ୍ୟବସାୟ, ପରିବହନ, ଯାତ୍ରା, ଆଲୋଚନା, ବନ୍ଧୁ ମିଳନରୁ ସୁଫଳ ପାଇବେ। ବନ୍ଧୁଙ୍କୁ ପ୍ରତୀକ୍ଷା କରି ଆଖିରୁ ପାଣି ମରିଯିବ ସିନା, ଦେଖା ପାଇବେ ନାହିଁ।

ଆଜି ପୌଷ ଅମାବାସ୍ୟା ଯୁକ୍ତ ଶୁକ୍ଳ ପ୍ରତିପଦା, ଶ୍ରୀମନ୍ଦିରରେ ବକୁଳ ଅମାବାସ୍ୟା ବୁଧବାର, ଶ୍ରୀଜୀଉଙ୍କର ନବାଙ୍କ ବେଶ ଓ ଫୁଲ ମେଳଣ, ଯଜ୍ଞବରାହ ଜନ୍ମ, ବିରଜାକ୍ଷେତ୍ରରେ ବରାହ ମହାପ୍ରଭୁଙ୍କର ସାତଦିନବ୍ୟାପୀ ଜନ୍ମୋତ୍ସବ ପାଳନ, ମାସାନ୍ତ, ଜାନୁୟାରୀ ୧୩ ତାରିଖ, ରାଶିନକ୍ଷତ୍ର- ଉତ୍ତରାଷାଢା/ଧନୁ, ଦିବାଦ୍ ଘ.୧୨.୦ମି. ଗତେ ମକରଚନ୍ଦ୍ର। କର୍କଟରାଶିର ଘାତବାର। ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୮ମି. ଗତେ ଘ. ୦୭.୧୧ମି. ମଧ୍ୟେ, ଘ.୦୭.୫୫ମି. ଗତେ ଘ.୦୮.୩୮ମି. ମଧ୍ୟେ ଅମୃତବେଳା। ଦିବା ଘ.୦୧.୪୪ମି. ଗତେ ଘ.୦୩.୫୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବାଘ.୧୧.୫୫ମି.ଗତେଘ.୦୧.୧୭ମି.ମଧ୍ୟେରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୧୫,୩୨,୪୪୧ | ୧୯,୫୮,୫୮୮ | ୬,୫୫,୦୪,୯୫୫ |
| ଭାରତ | ୧,୦୪,୯୧,୮୯୦ | ୧,୫୧,୫୧୪ | ୧,୦୧,୨୨,୭୮୧ |
| ଓଡ଼ିଶା | ୩,୩୨,୩୩୧ | ୧୮୯୪(+୫୩) | ୩,୨୮,୪୫୨ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବିଶ୍ୱସ୍ତରୀୟ ହେବ ଚନ୍ଦ୍ରଭାଗା, ତଳସାରୀ ବେଳାଭୂମି

**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରରେ ଥିବା ବିପୁଳ ସମ୍ଭାବନାକୁ ଉପଯୋଗ କରି ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ବେଳାଭୂମି ଯୋଜନା ପ୍ରସ୍ତୁତ କରିଛନ୍ତି। ପୁରୀ କୋଣାର୍କ ମେରାଇନ ଡ୍ରାଇଭ୍ ଚନ୍ଦ୍ରଭାଗା ଓ ବାଲେଶ୍ୱରର ତଳସାରୀ–ଉଦୟପୁର ବେଳାଭୂମିର ଭିତ୍ତିଭୂମି ବିକାଶ କରି ଆନ୍ତର୍ଜାତିକ ପର୍ଯ୍ୟଟନ କେନ୍ଦ୍ର ଭାବରେ ବିକଶିତ କରିବା ଲାଗି ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ବେଳାଭୂମି ପର୍ଯ୍ୟଟନ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ଭାବରେ ବିକଶିତ ହେବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୁଇଟି ମହତ୍ତ୍ୱାକାଂକ୍ଷୀ ଯୋଜନାର ରୂପାୟନ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ବିସ୍ତୃତ ଆଲୋଚନା କରିଛନ୍ତି।

ଏହି ଯୋଜନାରେ ପୁରୀ–କୋଣାର୍କ ବେଳାଭୂମିର ଚନ୍ଦ୍ରଭାଗାଠାରେ ୧ କିଲୋମିଟର ବ୍ୟାପୀ ଅଞ୍ଚଳର ବିକାଶ କରାଯିବ। ଏଥିପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବ। ସେହିସବୁ ସ୍ଥାନରେ ଜଳକ୍ରୀଡ଼ା, ଆମୋଦପ୍ରମୋଦ, ସୁଦୃଶ୍ୟ ଚଲାପଥ, ସାଇକେଲ ଟ୍ରାକ୍, ସମୁଦ୍ର କୂଳେ କୂଳେ କାଠର ଚଲାପଥ, ମୁକ୍ତାକାଶ ରଙ୍ଗମଞ୍ଚ, ଛୋଟପିଲାଙ୍କ ଖେଳ ପାଇଁ ଅଞ୍ଚଳ, ସୂର୍ଯ୍ୟୋଦୟ ଦେଖିବା ଲାଗି ମଞ୍ଚ, ଦୁଃସାହସିକ କ୍ରୀଡ଼ା ଆଦି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ଏହାଛଡା ଆଧୁନିକ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା, ଲ୍ୟାଣ୍ଡ ସ୍କେପିଂ, ବାଲି ସୁରକ୍ଷା, ସୌର ଆଲୋକ ସୁବିଧା ସହିତ ସ୍ଥାନୀୟ ଲୋକଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରାଯିବ। ଏହି କାର୍ଯ୍ୟ ୧ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ପର୍ଯ୍ୟଟକମାନେ କେବଳ ଦିନ ସମୟରେ ଏସବୁକୁ ଉପଭୋଗ କରିପାରିବେ।

ଅନ୍ୟ ପକ୍ଷରେ ବାଲେଶ୍ୱରର ତଳସାରୀରେ ପର୍ଯ୍ୟଟକମାନଙ୍କ ଲାଗି ଏକାଧିକ ଦିନ ରହଣି ବ୍ୟବସ୍ଥା କରାଯିବ। ପର୍ଯ୍ୟଟକମାନେ ଯେପରି ବେଳାଭୂମିର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ ସେଥିପାଇଁ ସେଠାରେ ୨.୪ କିଲୋମିଟର ଅଞ୍ଚଳକୁ ବିକଶିତ କରାଯିବ। ସେଠାରେ ତାରକା ହୋଟେଲ ଏବଂ ବଜେଟ ହୋଟେଲ ନିର୍ମାଣ କରିବା ପାଇଁ ଉତ୍ସାହିତ କରାଯିବ। ଏହି ବେଳାଭୂମିର ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକମାନେ ଯେପରି ମନଭରି ଉପଭୋଗ କରିପାରିବେ ସେଥିପାଇଁ ରୁଚିପୂର୍ଣ୍ଣ ଭାବରେ ପାଭିଲିୟନ ସହିତ ବର୍ଷା ଆଶ୍ରୟସ୍ଥଳ , କିଓସ୍କୋ, ସିଟିଂ ଆଇଲାଣ୍ଡ, ସୋଲାର ଫଟୋଭୋଲ୍ଟାଇକ ପ୍ୟାନେଲ, ଆମ୍ଫି ଥିଏଟର, ରେଷ୍ଟୁରାଣ୍ଟ ଆଦି କରାଯିବ। ଏହାଛଡା ପର୍ଯ୍ୟଟକମାନଙ୍କୁ ଓଡ଼ିଶାର କଳା ସଂସ୍କୃତି ସହ ପରିଚିତ କରିବା ପାଇଁ ଏକ କଳା ଏବଂ କ୍ରାଫ୍ଟ ପ୍ଲାଜା ମଧ୍ୟ ନିର୍ମାଣ କରାଯିବ। ଏସବୁ ଭିତ୍ତିଭୂମି କାର୍ଯ୍ୟ ଅକ୍ଟୋବର ୨୦୨୧ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଉଭୟ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯିବ। ଲାଇଫଗାର୍ଡମାନଙ୍କୁ ମୁତୟନ କରାଯିବ। ଏହି ସବୁ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ଏଥିପାଇଁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ଏଜେନ୍ସି ଓ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ପୁରୀ ବେଳାଭୂମିକୁ ବ୍ଲୁ ଫ୍ଲାଗ ଷ୍ଟାଣ୍ଡାର୍ଡ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିବା ସହିତ ଏଥିପାଇଁ ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗକୁ ଧନ୍ୟବାଦ ଜଣାଇଥିଲେ। ଆଗାମୀ ୨ ବର୍ଷ ମଧ୍ୟରେ ପୀର ଜାହାନିଆ, ନୀଳାଦ୍ରି ମୁହାଣ ଆଦି ପୁରୀ ଜିଲାରେ ଥିବା ବେଳାଭୂମି ଓ ଗଞ୍ଜାମ ଜିଲାର ହରିପୁର ଓ ପତିସୋନପୁର ବେଳାଭୂମିକୁ ବ୍ଲୁ ଫ୍ଲାଗ ବେଳାଭୂମି ଭାବେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହି ବୈଠକରେ ଭୋଗରାଇ ବିଧାୟକ ଅନନ୍ତ ଦାସ, ଓଟିଡିସି ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–ଟି) ଏବଂ ପୁରୀ ଓ ବାଲେଶ୍ୱର ଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।



ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫–ଟି ସଚିବ ଭି.କେ. ପାଣ୍ଡିଆନ୍ ।




# ରିପୋର୍ଟ ମାଗିଲା ଏନ୍‌ଜିଟି

**ରାଉରକେଲା ଅଫିସ, ୧୨।୧**

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି)ରେ ଗତ ୬ତାରିଖରେ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୪ଜଣଙ୍କ ମୃତ୍ୟୁ ଘଟଣାର ରିପୋର୍ଟ ତଲବ କରିଛନ୍ତି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)। ଘଟଣା କିପରି ଏବଂ କାହିଁକି ଘଟିଲା ସେନେଇ ଆସନ୍ତା ଫେବୃୟାରୀ ୧୧ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗତ ୬ତାରିଖ ସକାଳେ ଆର୍‌ଏସ୍‌ପିର କୋଲ୍ କେମିକାଲ ଡିଭିଜନରେ ୧୦ଜଣ ଶ୍ରମିକ କାର୍ଯ୍ୟ କରୁଥିବାବେଳେ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇଥିଲା। ଆହତଙ୍କୁ ତୁରନ୍ତ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୪ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଏବେବି ୬ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଉକ୍ତ ଘଟଣାରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଦାୟିତ୍ୱରେ ଅବହେଳା ଯୋଗୁ ଇଏମ୍‌ଡି ବିଭାଗର ଡେପୁଟି ଜେନେରାଲ ମ୍ୟାନେଜର ଗୋପବନ୍ଧୁ ବାରିକ ଏବଂ ମେକାନିକାଲ ବିଭାଗର ସିସିଡି ନବେନ୍ଦୁ ଦାସ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର(ସୁରକ୍ଷା) ସ୍ମୃତିରଞ୍ଜନ ସାହୁଙ୍କୁ ନିଲମ୍ବନ କରିଛନ୍ତି।

**ଆର୍‌ଏସ୍‌ପିରେ ଗ୍ୟାସ୍ ଲିକ୍ ଘଟଣା**

# ଝାରସୁଗୁଡ଼ାରୁ ମୁମ୍ବାଇ, ବେଙ୍ଗାଲୁରୁକୁ ଉଡ଼ିଲା ବିମାନ



ବେଙ୍ଗାଲୁରୁରୁ ଯାତ୍ରୀମାନଙ୍କୁ ଧରି ବିମାନ ଝାରସୁଗୁଡାରେ ପହଞ୍ଚିଛି।

**ଲଖନପୁର,୧୨।୧(ଡି.ଏନ୍.ଏ.)**

ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନ ବନ୍ଦରରୁ ମଙ୍ଗଳବାର ମୁମ୍ବାଇ ଓ ବେଙ୍ଗାଲୁରୁ ସହରକୁ ସ୍ୱାଇସ୍ ଜେଟ୍ ବିମାନ ଉଡାଣ ଆରମ୍ଭ ହୋଇଛି। ଏହି ସମୟରେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ତଳସରା ବିଧାୟକ ଭବାନୀ ଭୋଇ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ଜିଲାପାଳ ସରୋଜ ସାମଲ, ଏସ୍‌ପି ବିକାଶ ଚନ୍ଦ୍ର ଦାସ ଓ ବିମାନ ବନ୍ଦର ନିର୍ଦ୍ଦେଶକ କିଶୋର କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱାଇସ୍ ଜେଟ୍ ଏୟାରଲାଇନ୍ସ ତରଫରୁ ଏହି ବିମାନସେବା ଆରମ୍ଭ ହୋଇଛି। ଏହା ସପ୍ତାହର ମଙ୍ଗଳବାର, ଗୁରୁବାର, ଶନିବାର ଓ ରବିବାର ଚାଲିବ ବୋଲି ଜଣାପଡିଛି। ପ୍ରଥମ ଦିନରେ ଝାରସୁଗୁଡାରୁ ୧୬୩ ଯାତ୍ରୀଙ୍କୁ ଧରି ବିମାନଟି ବେଙ୍ଗାଲୁରୁ ଅଭିମୁଖେ ଯାଇଥିଲା। ସେହିଭଳି ବେଙ୍ଗାଲୁରୁରୁ ୧୦୭ ଯାତ୍ରୀଙ୍କୁ ଧରି ଝାରସୁଗୁଡାରେ ପହଞ୍ଚିଥିଲା । ଅନୁରୂପ ଭାବେ ଝାରସୁଗୁଡାରୁ ବିମାନଟି ୯୪ ଯାତ୍ରୀଙ୍କୁ ଧରି ମୁମ୍ବାଇ ଅଭିମୁଖେ ବାହାରିଥିଲା। ସେହିଭଳି ମୁମ୍ବାଇରୁ ୭୩ ଯାତ୍ରୀଙ୍କୁ ଧରି ଝାରସୁଗୁଡାରେ ପହଞ୍ଚିଥିଲା। ଏହା ପୂର୍ବରୁ ଝାରସୁଗୁଡା ବିମାନ ବନ୍ଦରରୁ କଲିକତା, ଦିଲ୍ଲୀ, ରାୟପୁର ଓ ଭୁବନେଶ୍ୱର ସହରକୁ ବିମାନସେବା ଆରମ୍ଭ ହୋଇଥିଲା। ଏହା ଦ୍ୱାରା ଦେଶ ଓ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି।

# ଓଡ଼ିଶାକୁ ଦୁଇଟି ଜାତୀୟ ପୁରସ୍କାର

**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

ଜାଗା ମିଶନ ଓ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଓଡ଼ିଶାକୁ ଦୁଇଟି ଜାତୀୟ ପୁରସ୍କାର ମିଳିଛି। ଜନାଗ୍ରହ ସହର ପ୍ରଶାସନର ଦ୍ୱିତୀୟ ସଂସ୍କରଣରେ ଓଡ଼ିଶା ସ୍ଥାନ ପାଇଛି। ଏଥିଲାଗି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କେନ୍ଦ୍ର ଗୃହ ନିର୍ମାଣ ବ୍ୟାପାର ମନ୍ତ୍ରୀ ହରଦୀପ ସିଂହ ପୁରୀ ଓଡ଼ିଶାକୁ ପୁରସ୍କୃତ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ସଚିବ ଜି. ମାଥିଭାଥନନ୍ ଏହି ପୁରସ୍କାର ଗ୍ରହଣ କରିଥିଲେ। ୧୭ଟି ରାଜ୍ୟରୁ ୫୪ଟି ଆବେଦନକୁ ବିଚାରକୁ ନିଆଯାଇଥିବା ବେଳେ ୫ଟି ବର୍ଗ ମଧ୍ୟରୁ ଓଡ଼ିଶା ଦୁଇଟିରେ ପ୍ରଥମ ସ୍ଥାନ ହାସଲ କରିଛି। ଜାଗା ମିଶନ କ୍ଷେତ୍ରରେ ଆଇନର ସଫଳ ରୂପାୟନ, ନୀତି ପ୍ରଣୟନ ଏବଂ କାର୍ଯ୍ୟାନ୍ୱୟନ ପାଇଁ ଗ୍ରହଣ କରିଥିବା ଉଲ୍ଲେଖନୀୟ ପଦକ୍ଷେପ ସକାଶେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ପୁରସ୍କାର ପାଇଛି। ସେହିପରି ବସ୍ତି ବାସିନ୍ଦାଙ୍କୁ ଜମିର ସ୍ୱତ୍ୱାଧିକାର ନିୟମ–୨୦୧୭ କାର୍ଯ୍ୟକାରୀ କରାଇବା ଏବଂ ବସ୍ତି ଉନ୍ନୟନ ସଂଘ ମାଧ୍ୟମରେ ବସ୍ତିଗୁଡିକର ବିକାଶ ପାଇଁ ଏହି ପୁରସ୍କାର ମିଳିଛି। ଗୃହ ନଗର ଉନ୍ନୟନ ବିଭାଗ ଅଧୀନ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଙ୍ଗଠନ ସହରାଞ୍ଚଳରେ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ କ୍ଷେତ୍ରରେ 'ବେଷ୍ଟ ସିଭିକ ଏଜେନ୍ସି' ପୁରସ୍କାର ପାଇଛି। ବିକେନ୍ଦ୍ରୀକରଣର ଭି. ରାମଚନ୍ଦ୍ରନଙ୍କ ସ୍ମୃତିରେ ୫ଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଏ। ଏଥିରେ ଶ୍ରେଷ୍ଠ ରାଜ୍ୟ, ଶ୍ରେଷ୍ଠ ପୌରସଂସ୍ଥା, ଶ୍ରେଷ୍ଠ ସିଭିକ ଏଜେନ୍ସି, ଶ୍ରେଷ୍ଠ ରାଜ୍ୟ ନିର୍ବାଚନ କମିଶନ ଏବଂ ଶ୍ରେଷ୍ଠ ରାଜ୍ୟ ଅର୍ଥ କମିଶନ ପୁରସ୍କାର ରହିଛି। ଓଡ଼ିଶାକୁ ଏହି ସଫଳତା ଲାଗି ଗୃହ ଓ ନଗର ଉନ୍ନୟନ, ଆଇନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ବିଭାଗୀୟ ଅଧିକାରୀମାନଙ୍କୁ ସାଧୁବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ନଗର ଉନ୍ନୟନ ଓ ସ୍ମାର୍ଟ ସିଟି ମିଶନର ସଫଳତାକୁ ସମଗ୍ର ବିଶ୍ୱ ଅନୁସରଣ କରୁଥିବା ସେ କହିଛନ୍ତି। ଏହି ପୁରସ୍କାର ବିତରଣ ଉତ୍ସବରେ ପୌର ପ୍ରଶାସକ ସଂଗ୍ରାମଜିତ ନାଏକ, ଇଆଇସି ପିଏଚ୍ ବସନ୍ତ କୁମାର ସେନାପତି ଓ ଉପଶାସନ ସଚିବ ଶାରଦା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ଜାଗା ମିଶନ, ବସ୍ତି ବିକାଶ ଓ ପାଇପ୍ ପାନୀୟଜଳ ଯୋଗାଣରେ ସଫଳତା**



ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ସଚିବ ଜି. ମାଥିଭାଥନନ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ତୈଳ ବିଶୋଧନାଗାରକୁ ଶକ୍ତି ସଂରକ୍ଷଣ ପୁରସ୍କାର

**ପାରାଦୀପ ୧୨।୧(ସ୍ୱ.ପ୍ର.)**

ପାରାଦୀପ ତୈଳ ବିଶୋଧନାଗାରକୁ କେନ୍ଦ୍ର ସରକାରଙ୍କ ବିଇଇ(ବୁରୋ ଅଫ ଏନର୍ଜି ଏଫିସିଏନ୍‌ସି)ପକ୍ଷରୁ ସୋମବାର ଶକ୍ତି ସଂରକ୍ଷଣ ପୁରସ୍କାର ଦିଆଯାଇଛି। ପେଟ୍ରୋଲିୟମ ଓ ରିଫାଇନାରି କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ ପାଇଁ ଏହି ପୁରସ୍କାର ଦିଆଯାଇଛି। କେନ୍ଦ୍ର ଶକ୍ତି ମନ୍ତ୍ରୀ ଆର କେ ସିଂଙ୍କଠାରୁ ବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକ ଟିଡିଭିଏସ ଗୋପାଳକୃଷ୍ଣ ଏହି ପୁରସ୍କାର ଗ୍ରହଣ କରିଥିଲେ।

# 'ଆବାସ ଦୁର୍ନୀତିର ପର୍ଦ୍ଦାଫାଶ ହିଁ ହତ୍ୟାର କାରଣ'



ସ୍ମୃତିସଭାରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଭାଜପା ନେତୃମଣ୍ଡଳୀ।

**ନିଶ୍ଚିନ୍ତକୋଇଲି,୧୨।୧(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ସାଲେପୁର ଭାଜପା ପ୍ରଭାରୀ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କ ଏକାଦଶାହ ଦିବସରେ ମଙ୍ଗଳବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ମାହାଙ୍ଗା ବ୍ଲକରେ ଆବାସ ଦୁର୍ନୀତିର ପର୍ଦ୍ଦାଫାଶ କରିଥିବାରୁ କୁଳମଣିଙ୍କୁ ହତ୍ୟା କରାଯାଇଛି। ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ତାଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ। ଗଣତନ୍ତ୍ରରେ ଅହଂକାର ଓ ହିଂସାର ସ୍ଥାନ ନାହିଁ। ଏହି ହତ୍ୟା ଘଟଣା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଅବଗତ କରାଯାଇଛି ବୋଲି ପ୍ରଧାନ କହିଛନ୍ତି। ବରାଳଙ୍କ ମୃତ୍ୟୁରେ ଆରମ୍ଭ ହୋଇଥିବା ଜନଆନ୍ଦୋଳନ ଆମକୁ ନୂଆଦିଶା ଦେଖାଇବ ବୋଲି ସେ ମତବ୍ୟକ୍ତ କରିଥିଲେ। ଭାଜପା ନେତା ଦିଲୀପ ମଲିକ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଡିଜିପି ପ୍ରକାଶ ମିଶ୍ର, କଟକ ଭାଜପା ଜିଲା ସଭାପତି ପ୍ରକାଶ ବେହେରା, ପୃଥ୍ୱୀରାଜ ହରିଚନ୍ଦନ, ଲେଖାଶ୍ରୀ ସାମନ୍ତସିଂହାର, ନୟନ କିଶୋର ମହାନ୍ତି, ଅଲେଖ ଜେନା, ସୁଦୀପ୍ତ ରାୟ, ବିଷ୍ଣୁ ଦାସ ଓ ପୀତାମ୍ବର ଆଚାର୍ଯ୍ୟ ପ୍ରମୁଖ ବହୁ ବରିଷ୍ଠ ନେତା ଏହି କାର୍ଯ୍ୟକ୍ରମରେ ଯୋଗଦେଇ କୁଳମଣିଙ୍କ ସ୍ମୃତିଚାରଣ କରିଥିଲେ।

**ମାହାଙ୍ଗା ଡବଲ ମର୍ଡର ଘଟଣା**

## କୁଳମଣିଙ୍କ ପରିବାରକୁ ହତ୍ୟା ଧମକ

**ନିଶ୍ଚିନ୍ତକୋଇଲି/ମାହାଙ୍ଗା/ସାଲେପୁର,୧୨।୧(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ଗ୍ରାମାଞ୍ଚଳ ପୋଲିସ ସୋମବାର ପୂର୍ବତନ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁଙ୍କୁ ରାଉରକେଲାରୁ ଗିରଫ କରିଥିଲା। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟ ହେପାଜତକୁ ଯିବା ପୂର୍ବରୁ ସେ କହିଛନ୍ତି, ରାଜନୈତିକ ଅଭିସନ୍ଧି ରଖି ତାଙ୍କୁ ଫସାଇ ଦିଆଯାଇଛି। କୁଳମଣି ବରାଳଙ୍କ ପରିବାର ସଦସ୍ୟ ରାଜନୈତିକ ଆକ୍ରୋଶ କରିଆସୁଛନ୍ତି ବୋଲି ସ୍ୱାଇଁ କହିଛନ୍ତି। ଅପରପକ୍ଷେ କୁଳମଣିଙ୍କ ପରିବାରକୁ ଏକ ବେନାମୀ ଚିଠି ମାଧ୍ୟମରେ ହତ୍ୟା ଧମକ ଦିଆଯାଇଛି। ଏନେଇ କୁଳମଣିଙ୍କ ପୁଅ ରମାକାନ୍ତ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା (ନଂ.୭/୨୧) ରୁଜୁ ହୋଇଛି। ତାଙ୍କ ଘରକୁ ଆସିଥିବା ଏହି ଚିଠିରେ ଲେଖାଯାଇଛି, 'ତୋ ବାପା ମଲା, ଇନ୍ଦିରାଆବାସ କଣ ତୋ ବାପାର, ଆମ ପଛରେ ମନ୍ତ୍ରୀ ଓ ଭିକାରୀ ଭାଇଙ୍କ ହାତ ଅଛି। ଏବେ ତତେ ମାରିଦେବୁ'। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୧୯୯୭ରୁ କୁଳମଣି ଓ ଭିକାରୀ ପରସ୍ପରର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଉଭୟଙ୍କ ରାଜନୈତିକ ଜୀବନ କଂଗ୍ରେସରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଭିକାରି ବିଜୁ ଜନତା ଦଳରେ ଓ କୁଳମଣି ଭାଜପାରେ ଯୋଗଦେଇ ରାଜନୀତି କରିଆସୁଥିଲେ। ଗତ ଜାନୁୟାରୀ ୨ରେ କୁଳମଣି ଓ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ କୁଳମଣିଙ୍କ ପୁଅ ରମାକାନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୧୩ ଜଣଙ୍କ ନାମରେ ମାମଲା (ନଂ.୫/୨୧)ରୁଜୁ କରିଛି। ଏପର୍ଯ୍ୟନ୍ତ ୮ ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଭାଜପା ଓ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଉଛି।

**ଭିକାରୀ ସ୍ୱାଇଁ କୋର୍ଟ ଚାଲାଣ**

# ଯୁବକଙ୍କୁ ଜିଅନ୍ତା ଜାଳିଦେଲେ ସମ୍ପର୍କୀୟ

ବଇଣ୍ଡା,୧୨।୧(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମଦ୍ୟପାନ କରି ଗଣ୍ଡଗୋଳ ଅସହ୍ୟ ହେବାରୁ ଜଣେ ଯୁବକଙ୍କୁ ତାଙ୍କ ସମ୍ପର୍କୀୟମାନେ ରାସ୍ତା ଉପରେ ପେଟ୍ରୋଲ ଢାଳି ଜିଅନ୍ତା ଜାଳି ଦେଇଥିବା ପୋଲିସ ସୂଚନା ଦେଇଛି। ହଣ୍ଡପା ଆଇଆଇସି ଲବ ବୋଡ଼ା କହିଛନ୍ତି, କେନ୍ଦୁସାହିର ରାଜକିଶୋର ପ୍ରଧାନ (୨୫) ସବୁଦିନେ ମଦ୍ୟପାନ କରି ଘରେ ଗଣ୍ଡଗୋଳ କରୁଥିଲେ। ଅପରାହ୍ନରେ ସେ ମଦ ପିଇ ଘରକୁ ଫେରିବା ସହ ବିନା କାରଣରେ ଅନ୍ୟମାନଙ୍କ ଉପରେ ପାଟିତୁଣ୍ଡ କରିଥିଲେ। ଗଣ୍ଡଗୋଳ ଏତେ ବଢ଼ିଯାଇଥିଲା ଯେ ସମ୍ପର୍କୀୟମାନଙ୍କ ପକ୍ଷେ ତାହା ଅସହ୍ୟ ହୋଇଥିଲା। ସେମାନେ ଉତ୍ତ୍ୟକ୍ତ ହୋଇ ରାଜକିଶୋରଙ୍କୁ ଏକ ଶାବଳରେ ରାସ୍ତା ଉପରେ ବାନ୍ଧି ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଖବରପାଇ ପୋଲିସ ଗୁରୁତର ଯୁବକଙ୍କୁ ଉଦ୍ଧାର କରି ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲା। ତାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁନୀଲ କୁମାର ପଣ୍ଡା ରାଜକିଶୋରଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଆଇଆଇସି ପ୍ରକାଶ କରିଛନ୍ତି। ଖବରଲେଖା ହେବା ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।



ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହିଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ । –ଶ୍ରୀମା



# ମାର୍ଟିନ ଲୁଥର ଓ ଗାନ୍ଧୀ ଦର୍ଶନ



ଡ. ଅଶ୍ୱିନୀ କୁମାର ଶତପଥୀ

ବିଶ୍ୱଇତିହାସରେ 'ଅଶ୍ୱେତମାନଙ୍କରଗାନ୍ଧୀ'ଭାବେବିଖ୍ୟାତ ମାର୍ଟିନ ଲୁଥର କିଙ୍ଗ ଏକ ବିଶିଷ୍ଟ ଗୌରବର ଅଧିକାରୀ । ୨୮ ଅଗଷ୍ଟ ୧୯୬୩ ଦିନ ତାଙ୍କ ଦ୍ୱାରା ଦିଆଯାଇଥିବା ଷୋହଳ ମିନିଟ୍‌ର ଓଜସ୍ୱୀ ଭାଷଣ (ଆଇ ହାଭ ଏ ଡ୍ରିମ) ତାଙ୍କୁ ସମଗ୍ର ବିଶ୍ୱରେ ଅତୁଳନୀୟ ପ୍ରସିଦ୍ଧି ଆଣି ଦେଇଥିଲା। ତାଙ୍କର ଏହି ଭାଷଣକୁ ଆମେରିକା ସହ ସାରା ପୃଥିବୀରେ ଆଜି ସ୍ମରଣ କରାଯାଉଛି। ମାର୍ଟିନ ଲୁଥରଙ୍କ ଜୀବନ ଉପରେ ଗାନ୍ଧୀ ଦର୍ଶନର ଗଭୀର ପ୍ରଭାବ ପଡିଥିଲା ; ଯାହା ତାଙ୍କର ଅହିଂସା ପ୍ରତି ଚରମ ନିଷ୍ଠା, ସାମଗ୍ରିକ ଜୀବନ ଦୃଷ୍ଟି ଏବଂ ଜୀବନବ୍ୟାପୀ ସାଧନାରୁ ପରିସ୍ଫୁଟ ହୋଇଥାଏ । ସେ ଗାନ୍ଧିଜୀଙ୍କର ଅହିଂସାବାଦକୁ ଏକ ସଶକ୍ତ ହତିଆର ଭାବେ ଗ୍ରହଣ କରି ତାହାରି ମାଧ୍ୟମରେ ସମାଜର ଅତ୍ୟାଚାରିତ ବର୍ଗ ଏବଂ ଅଶ୍ୱେତମାନଙ୍କର ଅଧିକାର ନିମନ୍ତେ ଲଢେଇ କରିଥିଲେ । ସେମାନଙ୍କର ସ୍ୱାଧୀନତା ଓ ଅଧିକାର ବାବଦରେ ସେ ତାଙ୍କର ଘୋଷଣାରେ ଉଲ୍ଲେଖ କରି କହିଥିଲେ– ''ସମଗ୍ର ମାନବ ସମାଜ ହେଉଛି ଏକ ଓ ଅଭିନ୍ନ। ସେମାନଙ୍କ ମଧ୍ୟରେ କୌଣସି ବୈଷମ୍ୟ, ଉଚ୍ଚନୀଚ ଆଦି ଭେଦଭାବ ନାହିଁ ।'' ସେ ୟୁନାଇଟେଡ ଷ୍ଟେଟ୍‌ସର ଜର୍ଜିଆସ୍ଥିତ ଆଟଲାଣ୍ଟାଠାରେ ୧୫ ଜାନୁୟାରୀ ୧୯୨୯ ମସିହାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ମୂଳ ନାମ ଥିଲା ମାଇକେଲ ଲୁଥର କିଙ୍ଗ ଜୁନିୟର। ପରବର୍ତ୍ତୀ ସମୟରେ ସେ ଏହାକୁ ପରିବର୍ତ୍ତନ କରି ମାର୍ଟିନ ଲୁଥର କିଙ୍ଗ ନାମ ଧାରଣ କରିଥିଲେ। ସେ ଥିଲେ ଆମେରିକାନ ବାପଟିଷ୍ଟ ଖ୍ରୀଷ୍ଟିୟାନ ମନ୍ତ୍ରୀ ଏବଂ ସିଭିଲ ରାଇଟସ୍ ଓ ଶାନ୍ତି ଆନ୍ଦୋଳନର ମୁଖ୍ୟ ପୁରୋଧା। ମାନବିକ ମୂଲ୍ୟବୋଧ ଓ ଅଧିକାର ପାଇଁ ସେ ଗାନ୍ଧିଜୀଙ୍କ ପ୍ରଦର୍ଶିତ ଅହିଂସାକୁ ଅସ୍ତ୍ର ରୂପେ ଗ୍ରହଣ କରି ତାହାରି ମାଧ୍ୟମରେ ଆନ୍ଦୋଳନାତ୍ମକ ଲଢେଇ ଜାରି ରଖିଥିଲେ । 'ଆଇ ହାଭ ଏ ଡ୍ରିମ' (ମୋର ସ୍ୱପ୍ନ) ଥିଲା ତାଙ୍କର ବିଶ୍ୱ ପ୍ରସିଦ୍ଧ ଭାଷଣ।

ବୋଷ୍ଟନ ୟୁନିଭର୍ସିଟିର 'ମୋର ହାଉସ କଲେଜ'ରେ ସେ ଅଧ୍ୟୟନ କରିଥିଲେ। ତାଙ୍କର ଶିକ୍ଷା ପ୍ରଥମେ 'କ୍ରୋଜର ଥିଓଲଜିକାଲ ସେମିନାରୀ (୧୯୪୮–୫୧) ଏବଂ ପରେ 'ସ୍କୁଲ ଅଫ ଥିଓଲୋଜି (୧୯୫୧–୧୯୫୫)ରେ ହୋଇଥିଲା। ଛାତ୍ରାବସ୍ଥାରେ ସେ ତାଙ୍କର ଅଧ୍ୟାପକ 'ବେଞ୍ଜାମିନ ଏଲାୟାମେଜ'ଙ୍କଠାରୁ ପ୍ରେରଣା ପାଇ ମହାତ୍ମା ଗାନ୍ଧୀଙ୍କ ସାହିତ୍ୟ ଅଧ୍ୟୟନ ସକାଶେ ପ୍ରେରଣା ଲାଭ କରିଥିଲେ। ଅଧ୍ୟାପକ ଏଲାୟାମେଜ ବିଶ୍ୱର ବହୁ ମାନ୍ୟଗଣ୍ୟ ବିଦ୍ୱାନଙ୍କ ସଦୃଶ ତାଙ୍କର ଭାରତ ଯାତ୍ରା କାଳରେ ଗାନ୍ଧୀ ସାହିତ୍ୟର ଗଭୀର ଅଧ୍ୟୟନ ଓ ଗବେଷଣା କରି ଗାନ୍ଧିଜୀଙ୍କର ଶିଷ୍ୟ ପାଲଟି ଯାଇଥିଲେ। ପରବର୍ତ୍ତୀ କାଳରେ ସେ ତାଙ୍କର ବହୁ ଛାତ୍ର ତଥା ବନ୍ଧୁଙ୍କୁ ଗାନ୍ଧୀଦର୍ଶନ ଉପରେ ଗବେଷଣା ତଥା ଅଧ୍ୟୟନ ସକାଶେ ଭାରତ ଭ୍ରମଣ ପାଇଁ ଅନୁପ୍ରେରିତ କରିଥିଲେ।

ମାର୍ଟିନଲୁଥର କିଙ୍ଗ ନିଜ ପତ୍ନୀ କୋରେଟାଙ୍କ ସହ ଭାରତ ଭ୍ରମଣରେ ଆସି ୯ ଫେବୃୟାରୀ ୧୯୫୯ରେ ମୁମ୍ବାଇଠାରେ ପହଞ୍ଚିଥିଲେ। ଏଥିପାଇଁ ଜାନୁୟାରୀ ୧୯୫୯ରେ ୱାଶିଂଟନସ୍ଥିତ ଭାରତୀୟ ଦୂତାବାସରୁ ତାଙ୍କୁ ଭାରତ ଯାତ୍ରା ସକାଶେ ନିମନ୍ତ୍ରଣ ପ୍ରାପ୍ତ ହୋଇଥିଲା। ତାଙ୍କ ସହ ଲରେନ୍ସ ରେଡିକ୍(ମାର୍ଟିନଲୁଥରଙ୍କ ଜୀବନୀ ଲେଖକ) ମଧ୍ୟ ଭାରତ ଗସ୍ତରେ ଆସିଥିଲେ। ନିଜର ଅଭିବ୍ୟକ୍ତିରେ ମାର୍ଟିନଲୁଥର କହିଥିଲେ ଯେ, ଅନ୍ୟ ଦେଶଗୁଡ଼ିକୁ ମୁଁ ପର୍ଯ୍ୟଟନ ସକାଶେ ଯାଇଥାଏ ସତ, ହେଲେ ଭାରତ ମୋ ପାଇଁ ତୀର୍ଥଭୂମି। କାରଣ ଗାନ୍ଧିଜୀଙ୍କର ଜନ୍ମଭୂମି ହିସାବରେ ଏହା ପ୍ରତି ତାଙ୍କ ହୃଦୟରେ ଥିଲା ସ୍ୱତନ୍ତ୍ର ଅନୁରକ୍ତି। ତାଙ୍କର ଭାରତ ଭ୍ରମଣର ବ୍ୟବସ୍ଥା 'ଆମେରିକାନ ଫ୍ରେଣ୍ଡସ ସର୍ଭିସ କମିଟି' ଏବଂ 'ଗାନ୍ଧୀ ନ୍ୟାଶନାଲ ମେମୋରିଆଲ' ନାମକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ହୋଇଥିଲା। ତାଙ୍କର ଯାତ୍ରା କାଳରେ ରାତ୍ରିଭୋଜନ ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହେରୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ତାଙ୍କ ସାନିଧ୍ୟରେ ସେ ପ୍ରାୟ ଚାରି ଘଣ୍ଟା ବିତାଇଥିଲେ। ଏହି ସମୟରେ ଗାନ୍ଧୀଙ୍କର ଦର୍ଶନ ଓ ଅହିଂସା ନୀତି ବାବଦରେ ଅତି ନିକଟରୁ ଅନୁଧ୍ୟାନ କରିବାର ସୁଯୋଗ ସେ ପ୍ରାପ୍ତ କରିଥିଲେ । ଏହି ଗସ୍ତ କାଳରେ ଗାନ୍ଧୀ ସ୍ମୃତି ସ୍ଥଳ ଓ ରାଜଘାଟ ଦର୍ଶନ ଥିଲା ତାଙ୍କ ପାଇଁ ଏକ ଭାବାତ୍ମକ ଓ ପ୍ରେରଣାପ୍ରଦ କ୍ଷଣ।

ଭାରତ ଭ୍ରମଣ ସମୟରେ ସେ ବହୁ ଗ୍ରାମୀଣ କୃଷକ, ବୁଦ୍ଧିଜୀବୀ ତଥା ସବୁ ସ୍ତରର ନାଗରିକମାନଙ୍କ ସହ ମିଳାମିଶା ଓ ଆଲୋଚନା କରିଥିଲେ। ଏଇ ସମୟରେ ତାଙ୍କର ଅଟୋଗ୍ରାଫ ନେବା ସକାଶେ ପ୍ରବଳ ଭିଡ ସୃଷ୍ଟି ହେଉଥିଲା । ମୋଟାମୋଟି ଭାବେ ଏଇ ଭ୍ରମଣ ତାଙ୍କ ଜୀବନର ଲକ୍ଷ୍ୟ ଓ ଗତିପଥକୁ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତିତ କରି ଦେଇଥିଲା। ସେ ହୋଇଯାଇଥିଲେ ଗାନ୍ଧିଜୀଙ୍କର (ଗାନ୍ଧୀ ଦର୍ଶନର) ଜଣେ ଅନୁଯାୟୀ ଓ ପଟଶିଷ୍ୟ। ଏହିପରି ଅଦ୍ୟାବଧି ଗାନ୍ଧୀ ଦର୍ଶନର ବୈଶିଷ୍ଟ୍ୟ ବିଭିନ୍ନ ସମୟରେ ନେଲ୍‌ସନ ମଣ୍ଡେଲା, ଆଲବର୍ଟ ଆଇନଷ୍ଟାଇନ, ଆନି ବେସାନ୍ତ ଓ ବାରାକ ଓବାମା ପ୍ରମୁଖ ବହୁ ବିଶ୍ୱବିଖ୍ୟାତ ପ୍ରତିଭା ତଥା ନେତୃବୃନ୍ଦଙ୍କୁ ଆକୃଷ୍ଟ ଓ ଅନୁପ୍ରାଣିତ କରି ଆସିଛି। ଭାରତରୁ ପ୍ରତ୍ୟାବର୍ତ୍ତନ ପରେ ସେ ଯେଉଁ ବିଶେଷ ଭବିଷ୍ୟବାଣୀ କରିଥିଲେ ତାହା ଏଠାରେ ଉଲ୍ଲେଖଯୋଗ୍ୟ ମନେହୁଏ। ସେ କହିଥିଲେ ଯେ, ଗାନ୍ଧିଜୀଙ୍କ 'ଅହିଂସା ନୀତି' ଏବଂ ଶାନ୍ତିପୂର୍ଣ୍ଣ ସହାବସ୍ଥାନ 'ସିଦ୍ଧାନ୍ତ' ଉପରେ ଯଦି ବିଶ୍ୱର ସମସ୍ତ ଦେଶ ପରିଚାଳିତ ନ ହୁଅନ୍ତି ତେବେ ପୃଥିବୀକୁ ଧ୍ୱଂସ ହେବାରୁ କେହି ରକ୍ଷା କରିପାରିବେ ନାହିଁ। ସମ୍ପ୍ରତି ଆମେରିକାର କ୍ୟାପିଟୋଲ ବିଲ୍ଡିଂ ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସମର୍ଥକମାନେ ଯେଉଁଭଳି ଆକ୍ରମଣ କରି ହିଂସା ଭିଆଇଲେ ତାହା ପୁରାତନ ଗଣତନ୍ତ୍ରର ଛବିକୁ ମଳିନ କରିଦେଇଛି। ଏହି ପରିପ୍ରେକ୍ଷୀରେ ଗାନ୍ଧୀ ଦର୍ଶନକୁ ନେଇ ମାର୍ଟିନଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ। 'ସିଭିଲ ରାଇଟସ୍' ଆନ୍ଦୋଳନ ପ୍ରବକ୍ତା (୧୯୫୫–୧୯୬୮) ଏବଂ ସର୍ବ ସାଧାରଣ ଜନତାର ଅଧିକାର ସୁରକ୍ଷା ପାଇଁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢେଇ କରିଥିବା ଏଇ ମହାନ୍ ନେତା ଜଣକ ୪ ଏପ୍ରିଲ ୧୯୬୮ରେ ଠିକ୍ ଗାନ୍ଧିଜୀଙ୍କ ସଦୃଶ ଏକ ଆତତାୟୀର ଗୁଳି ଚୋଟରେ ନିହତ ହୋଇଥିଲେ। ଆମେରିକାର ମେମ୍ଫିସ (ଟେନିସ) ସ୍ଥିତ 'ଲରେନ ମଟେଲ'ରେ ଗୁଳିବିଦ୍ଧ ହେବା ପରେ ତାଙ୍କୁ ସେଣ୍ଟଜୋସେଫ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଚିକିତ୍ସକମାନଙ୍କ ଅକ୍ଳାନ୍ତ ପ୍ରଚେଷ୍ଟାକୁ ବ୍ୟର୍ଥ କରି ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଏହି ଦୁଃଖଦ ସମାଚାର ସାରା ପୃଥିବୀକୁ ଶୋକାଚ୍ଛାଦିତ କରିଦେଇଥିଲା। 'ଅଶ୍ୱେତମାନଙ୍କର ଗାନ୍ଧୀ' ଭାବେ ସମଗ୍ର ବିଶ୍ୱ ଆଜି ତାଙ୍କୁ ବି ସ୍ମରଣ କରୁଛି । ଅହିଂସାର ପୂଜାରୀ ଏବଂ ଗାନ୍ଧୀ ଦର୍ଶନ ଅନୁଯାୟୀ ତଥା ଦୃଢ ପ୍ରବକ୍ତା ଭାବେ ସେ କାଳକାଳକୁ ବିଶ୍ୱବାସୀଙ୍କ ଦ୍ୱାରା ଯେ ପୂଜିତ ହେଉଥିବେ ଏଥିରେ ସନ୍ଦେହର ଅବକାଶ ନାହିଁ।

ଗାୟତ୍ରୀଭବନ, ନଳମଗଞ୍ଜଛକ, ମୋତିଗଞ୍ଜ, ବାଲେଶ୍ୱର, ମୋ: ୮୩୨୮୪୨୨୦୯

# କରୋନା ଓ ଦିବ୍ୟାଙ୍ଗ ଶିଶୁ



ନାରାୟଣ ଚନ୍ଦ୍ର ବିଶ୍ୱାଳ

କରୋନା ମହାମାରୀ ପିଲାମାନଙ୍କ ପାଇଁ ଅଧିକ ଯନ୍ତ୍ରଣାଦାୟକ ହୋଇଛି । କାରଣ ଶିଶୁମାନଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ଓ ମନସ୍ତାତ୍ତ୍ୱିକ ଦିଗ, ସବୁକିଛିକୁ ଏହା ଦୁଃଖଦ କରିଛି। ଦିବ୍ୟାଙ୍ଗ ଶିଶୁଙ୍କ ସ୍ୱାସ୍ଥ୍ୟ ସତର୍କତା ଆମପରି ବାକ୍‌ଶ୍ରବଣ ବିଶେଷଜ୍ଞଙ୍କ ପାଇଁ ବଡ଼ ଆହ୍ୱାନ ମଧ୍ୟ ସୃଷ୍ଟି କରିଛି। ଦିବ୍ୟାଙ୍ଗ ପିଲାମାନେ ଅନେକ କ୍ଷେତ୍ରରେ ସେମାନଙ୍କ ଦୃଷ୍ଟିଶକ୍ତି ହେଉ ବା ଶ୍ରବଣ ଶକ୍ତି ବା ମାନସିକ ଅନଗ୍ରସରତା ଏ ସବୁ ସେମାନଙ୍କ ପାଇଁ ଅତ୍ୟନ୍ତ ଘାତକ ସାଜୁଛି। ତଥ୍ୟ ଅନୁସାରେ ଭାରତରେ ୭.୮ ମିଲିୟନ ପିଲା (–୧୯ ବର୍ଷ) ଶାରୀରିକ ଅଥବା ମାନସିକସ୍ତରରେ ଦିବ୍ୟାଙ୍ଗ । ଏହି ଦିବ୍ୟାଙ୍ଗ ଏବଂ ବିଳମ୍ବିତ ବିକାଶ ଶିଶୁମାନଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ କ୍ଷେତ୍ରରେ ପରିପୂର୍ଣ୍ଣ ବିକାଶ ପାଇଁ ଏମାନଙ୍କୁ ବିଭିନ୍ନ ପ୍ରକାରର ଥେରାପି ଯଥା ଫିଜିଓଥେରାପି, ଅକୁପେସନାଲ ଥେରାପି, ସ୍ପିଚ ଥେରାପି, ସ୍ପେଶାଲ ଏଜୁକେଶନ ଏବଂ ସର୍ବୋପରି ଶ୍ରବଣଯନ୍ତ୍ରର ଆବଶ୍ୟକତା ପଡ଼ିଥାଏ। ଏହି ପିଲାମାନେ ଅସାମାନ୍ୟ ହୋଇଥିବାରୁ ଏବଂ ଅନେକ କ୍ଷେତ୍ରରେ ଏମାନଙ୍କ ଯତ୍ନ ନେବା ପାଇଁ ଜଣେ ସଦସ୍ୟ ସବୁ ସମୟରେ ଆବଶ୍ୟକ ହୁଏ। କରୋନା ମହାମାରୀ ସମୟରେ ସାମାଜିକ ଦୂରତା ଅବଲମ୍ବନ କାରଣରୁ ବହୁ ଥେରାପି କେନ୍ଦ୍ର, ଡେ କେୟାର ସେଣ୍ଟର ମଧ୍ୟ ବନ୍ଦ ରହୁଛି। ଏବେ ଏହି ଦିବ୍ୟାଙ୍ଗ ପିଲାମାନେ ଘରେ ବନ୍ଦ। ଏମାନଙ୍କର ଏକମାତ୍ର ସହାୟ ହେଉଛନ୍ତି ପରିବାରର ସଦସ୍ୟ। ପରିବାର ସଦସ୍ୟ ଓ ବାପା, ମାଆଙ୍କର ଯେଉଁ ଚିନ୍ତା ବଢ଼ିଯାଏ ତାହା ପିଲାମାନଙ୍କ ମନସ୍ତାତ୍ତ୍ୱିକ ସ୍ଥିତି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। କିଛି କ୍ଷେତ୍ରରେ ଦେଖାଯାଉଛି ଯେ, ଯଦି ଶିଶୁମାନଙ୍କର ପ୍ରାଥମିକ ଯତ୍ନ ପ୍ରଦାନ କରୁଥିବା ବ୍ୟକ୍ତି କରୋନା ଅଥବା ଅନ୍ୟ ରୋଗରେ ପୀଡ଼ିତ ହେଉଛି ତେବେ ଏମାନଙ୍କ କ୍ଷେତ୍ରରେ ଏହା ବଡ଼ ସମସ୍ୟା ସୃଷ୍ଟି କରୁଛି। ଦିବ୍ୟାଙ୍ଗ ଶିଶୁମାନଙ୍କ କ୍ଷେତ୍ରରେ ଖାଇବା, ଶୋଇବା ଓ ସେମାନଙ୍କର ଶାରୀରିକ ବିକାଶ କ୍ଷେତ୍ର ମଧ୍ୟ ବିଳମ୍ବିତ ହେଉଛି। ଅନେକ ମାଆବାପା ସେମାନଙ୍କୁ ଚିକିତ୍ସା କରିବା ପାଇଁ ନା ସେମାନଙ୍କ ପାଖରେ ସମ୍ବଳ ଥାଏ ନା ସଚେତନତା। ଛୋଟପିଲା ଅନେକ ସମୟରେ ପାଟିରେ, କାନରେ ହାତ ପୂରାଇଥାନ୍ତି। ସେମାନେ ଶରୀରର ଅପରିଷ୍କାର ପଦାର୍ଥ ସଂସ୍ପର୍ଶରେ ଆସିବା ପରେ ସେମାନେ ଭଲ ଭାବେ ପରିଷ୍କାର ପରିଚ୍ଛନ୍ନ ହେବାକଥା।

ପରିବାରର ପ୍ରତି ସଦସ୍ୟ ବାହାରୁ ଘରକୁ ଆସିବା ପରେ ଭଲରେ ହାତ ଗୋଡ଼ ଧୋଇ, ସାନିଟାଇଜ କରିବା ପରେ ପିଲାଙ୍କ ପାଖକୁ ଯାଆନ୍ତୁ। ଦିବ୍ୟାଙ୍ଗ ଶିଶୁମାନଙ୍କୁ କିପରି ଘରେ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ପାରିବ ସେଥିପ୍ରତି ଗୁରୁତ୍ୱ ନ ଦେଲେ ସେମାନଙ୍କ ବିକାଶ ପ୍ରଭାବିତ ହେବ। ଶିଶୁର ମାଂସପେଶୀକୁ ସବଳ କରିବା ପାଇଁ ବୟସାନୁସାରେ ବିକାଶ ହେବା ଲାଗି ଘରେ ଥିବା ଭାରି ବସ୍ତୁକୁ ଠେଲିବା ବା ଟାଣିବା, ଗୁରୁଣ୍ଡିବା ବା ଆଣ୍ଠେଇବା, ଖଟ ଉପରେ ଡେଇଁବା, ଦଉଡିର ଦୁଇ ପାର୍ଶ୍ୱକୁ ଟାଣିବା, ଶିଡ଼ିରେ ଉପରତଳ ହେବା ପରି ଖେଳ ଖେଳିବା ଆଦି କାର୍ଯ୍ୟରେ ପିଲାଙ୍କୁ ବ୍ୟସ୍ତ ରଖନ୍ତୁ। ଏହି ସମୟରେ ଧ୍ୟାନ ଦିଅନ୍ତୁ, ଯେପରି ପିଲାଟିକୁ କୌଣସି ଆଘାତ ନ ଲାଗେ। ନିଜ ପିଲାକୁ ବୋତଲର ଠିପି ଖୋଲିବା, ବନ୍ଦ କରିବା, ମାଳି ଗୁନ୍ଥିବା, କାଦୁଅ ବା ଅଟାରେ ବିଭିନ୍ନ ବସ୍ତୁ ତିଆରି କରିବା, ଓଦା ବାଲି ଉପରେ ଅକ୍ଷର ଲେଖିବା, କାଗଜକୁ ବିଭିନ୍ନ ଆକାରରେ ଭାଙ୍ଗିବା, ରଙ୍ଗ କରିବା ପାଇଁ ଉତ୍ସାହିତ କଲେ ଶରୀରର ଛୋଟ ମାଂସପେଶୀ ସବଳ ହେବା ସହ ସୂକ୍ଷ୍ମ କାର୍ଯ୍ୟଶୈଳୀର ବିକାଶ ହୋଇଥାଏ। ଶିଶୁର ମାନସିକ ଓ ସ୍ମୃତି ଶକ୍ତିର ବିକାଶ ପାଇଁ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଚିହ୍ନାଇବା, ଅକ୍ଷର ମ୍ୟାଚ କରିବା, ଘରର ପ୍ରତିଟି ବ୍ୟକ୍ତିଙ୍କ ନାଁ କହିବା, ଘର ଭିତରେ ପିଲାର ବୟସାନୁସାରେ ଖେଳ ଖେଳାଇବା ଇତ୍ୟାଦି କାର୍ଯ୍ୟରେ ପିଲାକୁ ନିୟୋଜିତ କରିବା ଜରୁରୀ। ଘରେ ଥିବା ସମସ୍ତ ସଦସ୍ୟ ଦିବ୍ୟାଙ୍ଗ ପିଲାଙ୍କ ସହିତ ଆଖିରେ ଆଖି ନ ମିଶାଇ କଥା ହେବା ଅଟିଜିମ୍‌ର ଲକ୍ଷଣ। ତେଣୁ ଏ ଶ୍ରେଣୀ ବିଲକ୍ଷଣ ପିଲାଙ୍କ ସହିତ ଆଖିରେ ଆଖି ମିଶାଇ କଥା ହୁଅନ୍ତୁ। ଆମେ ଏପରି କଲେ ଶିଶୁ ଅଧିକ ସମାଜଧର୍ମୀ ହୁଏ। ସେମାନଙ୍କ ସହିତ ଖେଳନ୍ତୁ। ଧ୍ୟାନ ଓ ଏକାଗ୍ରତା ବଢ଼ାଇବା ପାଇଁ ନିଜ ମୁଣ୍ଡରେ ଲାଲ ରଙ୍ଗର ବିନ୍ଦି ଲଗାଇ ପିଲାଙ୍କୁ ଛୁଇଁବା ବା କାଢ଼ିବା ପାଇଁ କୁହନ୍ତୁ। ଆବଶ୍ୟକ ହେଲେ ପିଲାର ପ୍ରିୟ କଣ୍ଢେଇର ବିଭିନ୍ନ ଅଙ୍ଗରେ ଲାଲ ବିନ୍ଦି ମାରିବାକୁ ଏବଂ କାଢ଼ିବାକୁ ଶିଖାଇବା ସଙ୍ଗେ ସଙ୍ଗେ ଏହି ଖେଳଟିକୁ ବୁଲେଇ ବଙ୍କେଇ ଶିଶୁ କୈନ୍ଦ୍ରିକ କରନ୍ତୁ। ସେମାନଙ୍କୁ ବଡ଼ ପାଟିରେ ତାଗିଦ୍ କରନ୍ତୁ ନାହିଁ। ପାଟିରୁ ଲାଳ ଗଡୁଥିବା ବା ଗଡ଼ାଇବା ପରି ସମସ୍ୟା ଲାଗି ରହିଥିବା ଶିଶୁମାନଙ୍କୁ ପାଟିର ବ୍ୟାୟାମ ଯଥା ବେଲୁନ ଫୁଙ୍କିବା, ନଳୀରେ ପାଣି ଶୋଷି ପିଇବା, ହୁଇସିଲ ବଜାଇବା, ମହମବତିକୁ ଫୁଙ୍କି ଲିଭାଇବା, ଜିଭକୁ ପାଟି ଭିତରେ ତଳ ଉପରେ କରିବା, ଓଠରେ ଖଟା ବା ମିଠା ଲଗାଇ ଚଟାଇବା, ଛୋଟ ଜିଭ ବା ଘଣ୍ଟିକାର ମସାଜ କରିବା ଏବଂ ଖାଦ୍ୟକୁ ଚୋବାଇ ଖାଇବା ପାଇଁ ପ୍ରୋତ୍ସାହିତ କରନ୍ତୁ। ଶିଶୁକୁ ବିଭିନ୍ନ ପ୍ରକାରର ଶବ୍ଦ ଯଥା ଘଣ୍ଟି ବଜାଇ ଶୁଣାଇବା, ଘରର ଲୋକମାନଙ୍କର କଣ୍ଠ ସ୍ୱର ଶୁଣାଇବା, ଗୀତ ଶୁଣାଇବା ଓ ତାଙ୍କୁ ଶବ୍ଦ ଶୁଣି ଦିଗ ବାରିବା ଏବଂ କହିବା ପାଇଁ ଉତ୍ସାହିତ କରନ୍ତୁ। ଶ୍ରବଣହୀନ ପିଲାମାନେ ନିୟମିତ ଶ୍ରବଣଯନ୍ତ୍ର ବ୍ୟବହାର କରନ୍ତୁ। ନିୟମିତ ବ୍ୟବଧାନରେ ଶ୍ରବଣଯନ୍ତ୍ର ଠିକ୍ କାମ କରୁଛି ନା ନାହିଁ, ଅଭିଭାବକମାନେ ତାହା ପରୀକ୍ଷା କରାଇନିଅନ୍ତୁ।

ବାକ୍‌ଶ୍ରବଣ ବିଶେଷଜ୍ଞ, ମଙ୍ଗଳାବାଗ, କଟକ
ମୋ: ୯୪୩୮୨୭୬୭୬୦

## ଏଇ ଭାରତରେ

ଅସହାୟ ଓ ବୃଦ୍ଧ ବ୍ୟକ୍ତିମାନଙ୍କ ପାଇଁ ନିଜ ଦରମାର ୨୦ ପ୍ରତିଶତ ଖର୍ଚ୍ଚ କରୁଛନ୍ତି କେ. କ୍ରିଷ୍ଣମୂର୍ତ୍ତି। ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ପୋଲିସ ଷ୍ଟେଶନ୍‌ରେ ମୁଖ୍ୟ କନଷ୍ଟେବଲ ଭାବେ କାର୍ଯ୍ୟରତ କ୍ରିଷ୍ଣମୂର୍ତ୍ତି ତିନି ବର୍ଷ ମଧ୍ୟରେ ମୋଟରେ ୧୦୦୦ ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ, ପୋଷାକ ଓ ଔଷଧ ଯୋଗାଇ ଦେଇଛନ୍ତି। ପୋଲିସ ଷ୍ଟେଶନ୍‌କୁ ଅଭିଯୋଗ କରିବାକୁ ଆସୁଥିବା ଗରିବ ଲୋକମାନଙ୍କ ରହିବା, ଖାଇବା ତଥା ବିଭିନ୍ନ ଅଞ୍ଚଳକୁ ଯିବା ଅବସରରେ ବହୁ ଅସହାୟ ଓ ବୃଦ୍ଧ ବ୍ୟକ୍ତିଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ସେ ସେମାନଙ୍କୁ ସାହାଯ୍ୟ କରିଥାଆନ୍ତି। ଏଥିପାଇଁ କ୍ରିଷ୍ଣମୂର୍ତ୍ତି ମାସକୁ ୧୦,୦୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ଚଳପ୍ରଚଳ ହୋଇପାରୁ ନ ଥିବା ବୃଦ୍ଧ ବ୍ୟକ୍ତିମାନଙ୍କ ଘରେ ଖାଦ୍ୟ, ପୋଷାକ ଓ ଔଷଧ ପହଞ୍ଚାଇ ଦେଉଛନ୍ତି। ଥାନା କାମ ପରେ କ୍ରିଷ୍ଣମୂର୍ତ୍ତି ପ୍ରତିଦିନ ବଜାରରୁ ଆବଶ୍ୟକ ଜିନିଷ କିଣିଥାଆନ୍ତି। ପ୍ରତି ମାସରେ ସେ ଅତିକମ୍‌ରେ ୩୦ ଜଣଙ୍କୁ ସାହାଯ୍ୟ କରିବାର ଲକ୍ଷ୍ୟ ରଖିଥାଆନ୍ତି। ଦେଶର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଜନ୍ମତିଥିରେ ସେ ଗରିବ ପିଲାମାନଙ୍କୁ ବହି ମଧ୍ୟ ବାଣ୍ଟୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଜାନୁୟାରୀ ୧୯୯୬

- ଅନୈତିକ ଉପାୟରେ ୭ ହଜାର ୬୦୦ ଲକ୍ଷ ଡଲାର ସଂଗ୍ରହ କରିଥିବା ଅଭିଯୋଗରେ ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତି ଚୁନ୍ ଦୋ ହ୍ୱା ଦୋଷୀ ସାବ୍ୟସ୍ତ।
- ଘୋଡ଼ାଦୌଡ଼ ଏକ ବ୍ୟବସାୟ ଓ ଏହା ଜୁଆଖେଳ ସଦୃଶ ଏକ କ୍ରୀଡ଼ା ବୋଲି ମାଡ୍ରାସ ହାଇକୋର୍ଟ ଦେଇଥିବା ନିଷ୍ପତ୍ତିକୁ ସୁପ୍ରିମ୍‌କୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି।
- ୭୯୦ କୋଟି ୩୨ ଲକ୍ଷ ଟଙ୍କା ବ୍ୟବୟରେ ନିର୍ମିତ ହେବାକୁ ଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଯୋଜନା କମିଶନଙ୍କ ଅନୁମୋଦନ ଲାଭ କରିଛି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | D | | | | | 2 | | 3 | 1 | | | B |
| | | | | 8 | | | E | | | | | A | 6 | 5 |
| | B | | 0 | 1 | | | 9 | 5 | A | C | | | | |
| 5 | | | | | 4 | C | | | | | | | | 9 |
| 7 | | | A | | | | 8 | 0 | | E | | 4 | | 3 |
| 2 | | | | | 7 | | 6 | | | | | | 9 | |
| | | | B | 5 | | | 7 | | 3 | 0 | | | 4 | 6 |
| 1 | | | | | 9 | B | | | | | | | | |
| 4 | | 3 | 8 | | A | D | | 1 | 9 | | | 0 | | |
| | | 6 | | | 3 | 0 | | | | 1 | A | E | 5 | D |
| 0 | | 2 | C | | | | | A | | | | 8 | B | |
| | 9 | | | | | | | | 8 | B | 4 | 6 | | |
| | | E | | | | | 0 | D | | | | | | |
| | 1 | | | 9 | | | | 8 | 6 | | | | | 2 |
| | | | | | | | 2 | 6 | | A | 5 | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 0 | 7 | 5 | 6 | A | 2 | 1 | 4 | 8 | 9 | C | E | 3 | B |
| 5 | 1 | E | 3 | B | 4 | 9 | 8 | A | 7 | 6 | D | 0 | 2 | C |
| A | B | 2 | 0 | C | 9 | 6 | D | 7 | E | 3 | 1 | 4 | 8 | 5 |
| 4 | 9 | 6 | E | D | 8 | C | B | 3 | 0 | 2 | 5 | 1 | 7 | A |
| 3 | 8 | C | 7 | 2 | 1 | 5 | E | 0 | 4 | B | A | 9 | 6 | D |
| 2 | D | A | 4 | 7 | 6 | B | 5 | E | C | 0 | 8 | 3 | 1 | 9 |
| 1 | 5 | 9 | C | E | B | 0 | 4 | 8 | 3 | A | 6 | 2 | D | 7 |
| C | 3 | B | A | 1 | 0 | 7 | 9 | 2 | D | 5 | 4 | 8 | E | 6 |
| E | 4 | 8 | 9 | 5 | D | A | 3 | 6 | 1 | 7 | 2 | B | C | 0 |
| 6 | 7 | 0 | 8 | 3 | 2 | 1 | C | D | B | E | 9 | A | 5 | 4 |
| 0 | A | 3 | 1 | 9 | C | 8 | 7 | 5 | 6 | 4 | E | D | B | 2 |
| 9 | 6 | 1 | B | 8 | 7 | 4 | A | C | 2 | D | 3 | 5 | 0 | E |
| B | E | 5 | 2 | 4 | 3 | D | 6 | 1 | A | C | 0 | 7 | 9 | 8 |
| 8 | 2 | D | 6 | A | 5 | E | 0 | B | 9 | 1 | 7 | C | 4 | 3 |
| 7 | C | 4 | D | 0 | E | 3 | 2 | 9 | 5 | 8 | B | 6 | A | 1 |

ଗତକାଲିର ଉତ୍ତର

# ଓଡ଼ିଆ ଥାଳିକୁ କ'ଣ ବାହାରକୁ ନେଇପାରିବାନି



ଡ. ପ୍ରମୋଦ କୁମାର ପଣ୍ଡା

ବାସ୍ତବରେ ଓଡ଼ିଆ ଥାଳି ଏ ପର୍ଯ୍ୟନ୍ତ ଓଡ଼ିଶା ବାହାରକୁ ଯାଇପାରି ନାହିଁ, ଯଦିଓ ଓଡ଼ିଆ ଥାଳିରେ ସବୁପ୍ରକାର ଉପାଦାନ ଭରପୂର ଅଛି। ଯଦି ବୈଜ୍ଞାନିକ ଓ ସ୍ୱାସ୍ଥ୍ୟଗତ କାରଣରୁ ବିଚାର କରାଯାଏ, ତା' ହେଲେ ଦେଖାଯିବ ଯେ, ଆମ ଥାଳିର ଓଜନ ପାଖରେ କେହି ପାସଙ୍ଗରେ ଆସିବେ ନାହିଁ। ମାତ୍ର ଦୁଃଖ ଲାଗେ ଓଡ଼ିଆର ଜିନିଷ ବିଶ୍ୱ ଦରବାର କ'ଣ ଭାରତର ବିଭିନ୍ନ ପ୍ରାନ୍ତରେ ମଧ୍ୟ ଏ ପର୍ଯ୍ୟନ୍ତ ପହଞ୍ଚି ପାରିଲା ନାହିଁ। ଏକ ଛୋଟ ପ୍ରଦେଶ ପଞ୍ଜାବ କଥା ଦେଖନ୍ତୁ, ଲୋକ ସଂଖ୍ୟା ମାତ୍ର ୨.୮ କୋଟି। ପଞ୍ଜାବ ତଡକା, ତନ୍ଦୁରି ରୋଟି, ନାନ ଆଦି ଜିନିଷ ସମଗ୍ର ବିଶ୍ୱରେ ବିଖ୍ୟାତ ହେଲା। ଆମ ଦେଶରେ ମଧ୍ୟ ପ୍ରତି ଛୋଟ ବଡ ସହରରେ ସବୁଠାରେ ଉପଲବ୍ଧ। ତାଙ୍କ ତୁଳନାରେ ଓଡ଼ିଶାରେ ୪.୫ କୋଟି ଲୋକ ବାସ କରନ୍ତି କିନ୍ତୁ ଆମ ଖାଦ୍ୟ ପଦାର୍ଥ ବାହାରକୁ ଯାଇପାରିଲା ନାହିଁ। ଆସନ୍ତୁ ଦେଖିବା ଆଉ କାହାର ଖାଦ୍ୟ ଭରତ ଓ ବିଶ୍ୱରେ ବିଖ୍ୟାତ ହୋଇଛି। ଦକ୍ଷିଣ ଭାରତର ଦୋସା, ଦକ୍ଷିଣ ଭାରତୀୟ ଥାଳି, ଇଡିଲ, ବରା ଇତ୍ୟାଦି ଆମ ଦେଶ ଓ ବିଦେଶରେ ଆଦୃତି ଲାଭ କରିଛି। ଉତ୍ତର ଭାରତର ଆଲୁ ପରଟା,କଚୋଡି, ଗୁଜରାଟର ଡୋକଲା ମଧ୍ୟ ବିଭିନ୍ନ ପ୍ରଦେଶରେ ଦେଖିବାକୁ ମିଳେ। ଏପରି କି ସିକିମ୍ ଭଳି ଛୋଟ ରାଜ୍ୟ ତା'ର ଖାଦ୍ୟ ମୋମୋକୁ ମଧ୍ୟ ସମଗ୍ର ଭାରତରେ ପ୍ରସାରିତ କରିପାରିଛି। ଆମ ପଡୋଶୀ ପଶ୍ଚିମ ବଙ୍ଗ ମଧ୍ୟ ସନ୍ଦେଶ, ରସଗୋଲା, ମାଛ ଝୋଳ ପାଇଁ ସମଗ୍ର ଭାରତରେ ଜଣାଶୁଣା। ସବୁଠୁ ଦୁଃଖର କଥା ଏହି ଯେ, ଆମଠୁ ରସଗୋଲାର ଜ୍ଞାନ କୌଶଳ ଶିଖି ସମଗ୍ର ଭାରତ ଓ ବାହାରେ ରସଗୋଲା ପଶ୍ଚିମ ବଙ୍ଗର ମିଠାଇ ବୋଲି ପ୍ରଚାର ପ୍ରସାର କରିଦେଲେ। ଅବଶ୍ୟ ରସଗୋଲାର ଭୌଗୋଳିକ ସୂଚାକାଙ୍କ ଯୁଦ୍ଧ ନ ହୋଇଥିଲେ ସମଗ୍ର ବିଶ୍ୱ ରସଗୋଲାକୁ ଓଡ଼ିଶାର ବୋଲି ଜାଣିପାରି ନ ଥାନ୍ତା। ପ୍ରଶ୍ନ ଉଠେ ସେମାନେ ଆମଠୁ ଶିଖି ସମଗ୍ର ଦେଶ ଓ ବିଦେଶକୁ ରସଗୋଲା ନେଇଗଲେ କିନ୍ତୁ ଆମକୁ କିଏ ମନାକରିଥିଲା ଓଡ଼ିଶା ବାହାରକୁ ରସଗୋଲା ନେବାକୁ ?

ଆମ ପାଖରେ ରସଗୋଲା, ଛେନା ପୋଡ଼, ଛେନା ଝିଲି, ଛେନା ମୁଡୁକି, ରସାବଳି ଓ ପାଲୁଅ ଲଡୁ ଭଳି ସୁସ୍ୱାଦୁ ମିଠା ମହଜୁଦ ଥିବାବେଳେ ଓଡ଼ିଶା ବାହାରେ କୌଣସି ବଡ଼ ବ୍ରାଣ୍ଡର ମିଠା ଦୋକାନରେ ସେସବୁ ମିଠାର ଅନୁପସ୍ଥିତି ସ୍ୱାଭିମାନୀ ଓଡ଼ିଆ ମନରେ ଗଭୀର ଦୁଃଖ ସଞ୍ଚାର କରେ। ଅବଶ୍ୟ ଆଜି କାଲି ଛୋଟ ମୋଟ ଦୋକାନ ହିସାବରେ କାଭାଁ କିଏ କେମିତି କେଉଁଠି ବିକ୍ରିବଟା କରୁଥିବେ, ମାତ୍ର ଅନ୍ୟମାନଙ୍କ ପାଖରେ ତା'ର ପ୍ରଚାର ପ୍ରସାର କରିପାରି ନାହାନ୍ତି।

ସବୁବେଳେ ସରକାରଙ୍କୁ ଦୋଷ ଦେଲେ ହେବ ନାହିଁ। ପଞ୍ଜାବ ସରକାର ହୁଅନ୍ତୁ କିମ୍ବା ଦାକ୍ଷିଣାତ୍ୟ ରାଜ୍ୟର ସରକାର କିମ୍ବା ପଶ୍ଚିମବଙ୍ଗ ସରକାର କେବେ ବି ସେମାନଙ୍କ ଜିନିଷକୁ ନେଇ ବିଭିନ୍ନ ଆଡ଼େ ପ୍ରଚାର ପ୍ରସାର କରିନାହାନ୍ତି। ସେମାନଙ୍କ ନାଗରିକ ଦେଶ ଓ ବିଦେଶକୁ ନିଜେ ନିଜେ ନେଇ ସେସବୁର ଆଦୃତି ବଢାଇଛନ୍ତି ବ୍ୟକ୍ତିଗତ ଉଦ୍ୟମରେ। ମାତ୍ର ଆମେ ଓଡ଼ିଆ ସେ ବିଷୟରେ କେବେ ଚିନ୍ତା କରିନୁ କି ଆମ ଜିନିଷକୁ ବାହାରେ ବିକ୍ରି କରି ଲାଭବାନ ହବାର ସ୍ୱପ୍ନ ବି ଦେଖିନୁ । ଆମ ଓଡିଆ ଥାଳି ଦେଶର ସର୍ବଶ୍ରେଷ୍ଠ ଥାଳି। ଓଡ଼ିଆମାନଙ୍କର ପାରମ୍ପରିକ କାର୍ଯ୍ୟ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ରନ୍ଧନ କରିବା। କାରଣ ହିନ୍ଦୁ ଧର୍ମ ଅନୁସାରେ ଭଗବାନ ବିଷ୍ଣୁ ଶଯ୍ୟା ତ୍ୟାଗ କରନ୍ତି ବଦ୍ରିକା ଧାମରେ, ସ୍ନାନ କରନ୍ତି ଦ୍ୱାରିକା ଧାମରେ, ଭୋଜନ କରନ୍ତି ଜଗନ୍ନାଥ ଧାମ ପୁରୀରେ ଓ ଶୟନ କରନ୍ତି ରାମେଶ୍ୱର ଧାମରେ। ସେଥିପାଇଁ ସମଗ୍ର ଭାରତବର୍ଷରେ ଶ୍ରୀକ୍ଷେତ୍ର ପୁରୀରେ କେବଳ ଭଗବାନଙ୍କୁ ପ୍ରତିଦିନ ଛପନ ଭୋଗ ଅର୍ପଣର ପରମ୍ପରା ରହିଛି। ଓଡ଼ିଆମାନେ ସୁସ୍ୱାଦୁ ଖାଦ୍ୟ ରନ୍ଧନରେ ଧୁରନ୍ଧର ଥିଲେ ବୋଲି ବ୍ରିଟିଶ ସମୟରେ ହିଁ କଲିକତାରେ ସେମାନଙ୍କୁ ବିଭିନ୍ନ ହୋଟେଲ, ଅଫିସ ଓ ବଡବଡିଆଙ୍କ ଘରେ ରୋଷେଇ କାର୍ଯ୍ୟ କରିବା ପାଇଁ ନିୟୋଜିତ କରାଯାଉଥିଲା।

ବର୍ତ୍ତମାନ ଆଲୋଚନା କରିବା ଯେ ଆମ ଥାଳିରେ କ'ଣ ଅଛି, ଯାହା ଅନ୍ୟମାନଙ୍କ ଥାଳିରେ ନାହିଁ। ଦକ୍ଷିଣ ଭାରତୀୟ ଥାଳିରେ ସାଧାରଣତଃ ପରିବା କମ ଥାଏ, ଖଟା ଅଧିକ ଥାଏ ଓ ଖାଦ୍ୟ ନଡିଆ ତେଲରେ ତିଆରି ହୋଇଥାଏ। ତେଣୁ ସମସ୍ତଙ୍କର ରୁଚି ବୋଧକ ହୋଇପାରେ ନାହିଁ। ତଥାପି ଦକ୍ଷିଣ ଭାରତୀୟ ଥାଳିର ଚାହିଦା ବହୁତ ଅଛି। ଉତ୍ତର ଭାରତର ଥାଳି ସିଷ୍ଟମ ନାହିଁ, ମାତ୍ର ପଞ୍ଜାବୀମାନଙ୍କର ତରକାରିରେ ପରିବା କମ ଓ ଅତ୍ୟଧିକ ତେଲ ମସଲା ଯୋଗୁ ପେଟ ଗୋଳମାଳ ଦେଖା ଦେବାର ସମ୍ଭାବନା ଥାଏ। କିନ୍ତୁ ଓଡ଼ିଆ ଥାଳିରେ ସବୁକିଛି ସନ୍ତୁଳିତ ମାତ୍ରାରେ ଥାଏ। ଯଥା ଆମ ସୁଷମ ଖାଦ୍ୟ ପାଇଁ ଶ୍ୱେତସାର, ପୁଷ୍ଟିସାର ଓ ସ୍ନେହସାର ତିନୋଟି ଉପାଦାନ ସହିତ ଖଣିଜ ଲବଣ, ଭିଟାମିନ ଓ ପ୍ରଚୁର ମାତ୍ରାରେ ତନ୍ତୁ (ଫାଇବର) ମହଜୁଦ ଥାଏ। ସୋରିଷ ତେଲରେ ଖାଦ୍ୟ ପ୍ରସ୍ତୁତ ହେଉଥିବାରୁ ସର୍ବ ଗ୍ରହଣୀୟ ହୋଇଥାଏ। ଗୁଣ୍ଡ ମସଲା ବ୍ୟବହାର ନ କରି ଅଦା, ଜିରା, ରସୁଣ, ପିଆଜରେ ବଟା ମସଲା ପ୍ରସ୍ତୁତି ହୁଏ ଓ ଅଳ୍ପ ବ୍ୟବହାର କରାଯାଏ ଏବଂ ମସଲା କଷିବାର ଉପାୟ ଦ୍ୱାରା ତରକାରି ସୁସ୍ୱାଦୁ ହୁଏ। ଭାତ, ଡାଲି, ଭଜା, ଶାଗ, ଝୋଳ ତରକାରି, ଖଟା (ଟମାଟୋ– ଖଜୁରି, ଓଉ–ନଡିଆ, ଆମ୍ବୁଲ– ନଡିଆ), ଦହିମିଶା ସାଲଡ, ପାମ୍ପଡ, ବଡିଚୂରା, ଧଣିଆ ଚଟଣି, ଆଚାର ପ୍ରଭୃତି ଦ୍ୱାରା ଆମର ଥାଳି ପ୍ରସ୍ତୁତ ହୋଇଥାଏ। ସବୁ ପ୍ରକାର ପୋଷାକ ତତ୍ତ୍ୱ ସହିତ ଭିଟାମିନ, ଧାତବ, ତନ୍ତୁ ଇତ୍ୟାଦି ପ୍ରଚୁର ପରିମାଣର ଥାଏ। ଉତ୍ତର ଭାରତୀୟଙ୍କ ପାଇଁ ଆମେ ଭାତ ସହିତ ରୋଟିର ବ୍ୟବସ୍ଥା କରି ତାହାକୁ ଆହୁରି ଆଦୃତମୟ କରିପାରିବା ।

ଆମ ଚାଉଳ ଖିରି ସମଗ୍ର ବିଶ୍ୱରେ ନିଆରା କାରଣ ଏହା ଓଡ଼ିଶାର ଉଦ୍ଭାବନ। ମାତ୍ର ଦୁଃଖର ବିଷୟ ଏ ପର୍ଯ୍ୟନ୍ତ ଆମେ ଓଡ଼ିଆ ଥାଳି ଭାବରେ ବ୍ରାଣ୍ଡିଂ କରି ପାରି ନାହୁଁ କିମ୍ବା ତାକୁ ଓଡ଼ିଶା ବାହାରକୁ ନେବାକୁ ଚେଷ୍ଟା କରିନାହୁଁ। ବ୍ରହ୍ମପୁରରେ ଯେତେ ପ୍ରକାର ଓଡ଼ିଆ ଆଚାର ପ୍ରସ୍ତୁତ ହୁଏ, ସମଗ୍ର ବିଶ୍ୱରେ ହେଉ ନ ଥିବ। ମାତ୍ର ଆମେ ଓଡ଼ିଶାର ଦାୟାଦ ହିସାବରେ ଆମ ପୂର୍ବସୂରୀଙ୍କ ଦାନକୁ ବିଶ୍ୱବାସୀଙ୍କ ପାଖରେ ପହଞ୍ଚାଇ ପାରିନାହୁଁ। ଆସନ୍ତୁ ଖାଦ୍ୟ ଶ୍ରେଣୀରେ ଆମ ପାଖରେ ଉପଲବ୍ଧ ଅମୃତ ତୁଲ୍ୟ ଓଡ଼ିଆ ଥାଳିକୁ ନେଇ ଓଡ଼ିଶା ବାହାରକୁ ଯିବା ଓ ବିଶ୍ୱରେ ପ୍ରଚାର ପ୍ରସାର କରିବା। ଓଡ଼ିଆ ଥାଳି କିପରି ଦେଶର ଅନ୍ୟାନ୍ୟ ଭାଗରେ ଏବଂ ବିଦେଶରେ ପ୍ରସାରିତ ହେବ, ସେଥିପାଇଁ ଚେଷ୍ଟା କରନ୍ତୁ।

ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, (ଭାରତ ସରକାର), ଭୁବନେଶ୍ୱର, ମୋ:୮୯୧୭୪୨୬୪୪୦

## ପାଠକ ଶ୍ରେଷ୍ଠ ବିଚାରକ

### ଆଜିର ପରିବାରରେ କାରୁଣ୍ୟର ଚିତ୍ର

ମହାଶୟ,

ଆଜି ପରିବାରରେ ଭାରତୀୟ ସଂସ୍କୃତିର ମହନୀୟ ପରମ୍ପରାର ଦୃଶ୍ୟପଟ ସମ୍ପୂର୍ଣ୍ଣ ବଦଳିଯାଇଛି । ହଜିଯାଇଛି ସ୍ନେହ ସୌହାର୍ଦ୍ଦ୍ୟଭରା ଯୌଥ ପରିବାର । ଉଚ୍ଚଶିକ୍ଷିତ ପୁତ୍ରଟିଏ ଭୁଲିଯାଉଛି ମାତାପିତାଙ୍କ ପ୍ରତି ତା'ର ନୈତିକ କର୍ତ୍ତବ୍ୟବୋଧ । ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ଚାକଚକ୍ୟପୂର୍ଣ୍ଣ ସହରୀ ଜୀବନଶୈଳୀକୁ ଆପଣେଇ ନେଉଛି ସେ । ଦେଖୁନି ତା'ର ମାତାପିତାଙ୍କର ବାର୍ଦ୍ଧକ୍ୟଜନିତ କାରୁଣ୍ୟର ଚିତ୍ର । କାନରେ ପଡୁନି ସେମାନଙ୍କ ଆର୍ତ୍ତନାଦ । ପାରିବାରିକ ସ୍ନେହର ବନ୍ଧନ ତାକୁ ବାନ୍ଧିପାରୁନି । ଆତ୍ମସୁଖରେ ବିଭୋର ହୋଇ ଜାଣିପାରୁନି ସେ ଦିନେ ଭୋଗିବାକୁ ପଡ଼ିବ ଏଭଳି ଦୁର୍ଦ୍ଦଶା । ଏତଗଲା ମାତାପିତାଙ୍କ ସହ ପୁତ୍ରର ସମ୍ପର୍କ କଥା । ଆଜି ଅଧିକାଂଶ ପରିବାର ସୁଖଶାନ୍ତି ବିବର୍ଜିତ । କେଉଁଠି ସ୍ତ୍ରୀ ବନୁଛି ସ୍ୱାମୀହନ୍ତା। ପିଶାଚୀ ସ୍ତ୍ରୀ ଶିଳପୁଆରେ ପିଟି ସ୍ୱାମୀକୁ ହତ୍ୟା କରୁଛି। କେଉଁଠି ମଦ୍ୟପ ସ୍ୱାମୀର କଟୁରି ଚୋଟରେ ଯାଉଛି ସ୍ତ୍ରୀର ଜୀବନ ତ କେଉଁଠି ବୃଦ୍ଧ ମାତାପିତାଙ୍କ ଜୀବନ ଯାଉଛି । କେଉଁଠି ପ୍ରତିହିଂସାପରାୟଣ ନାରୀଟିଏ ନେଉଛି ଏକ ନିଷ୍ପାପ ଶିଶୁର ଜୀବନ । କୃଷକ ପରିବାରର ଦୁଃଖ ତ କହିଲେ ନ ସରେ । ଅଭାବୀ କୃଷକଟିଏ ଋଣ ଶୁଝି ନ ପାରି ଆତ୍ମହତ୍ୟାର ବାଟକୁ ଆପଣାଇ ନେଉଛି। ମନେହେଉଛି ପୂର୍ବର ସେ ସ୍ୱର୍ଗୀୟ ଶାନ୍ତି ଆଉ ଫେରିବନି ପରିବାରକୁ ।

–ଲକ୍ଷ୍ମୀଧର ଦାସ, ବିଜୟମଣ୍ଡପ ସାହି, ଓଡ଼ଗାଁ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚାଲିଛି ଏକା ବିପଥେ ପଥେ
ନାହିଁରେ ସାହା ସାଥୀ,
ଚାଲିଛି ଏକା ନ ମାନି ଖରା
ବରଷା ଦିନ ରାତି। –(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ତଦନ୍ତ ଅଗ୍ରଗତି ନେଇ ସନ୍ତୋଷ ବ୍ୟକ୍ତ କଲେ କୋର୍ଟ

**ପରୀ ମୃତ୍ୟୁ ମାମଲା**

- ଖୋଲାହେଲା ପୂର୍ବ ଷ୍ଟାଟସ୍ ରିପୋର୍ଟ



**କଟକ/ନୟାଗଡ଼ ଅଫିସ,୧୨।୧**

ନୟାଗଡ଼ ୫ବର୍ଷର ଶିଶୁକନ୍ୟା ପରୀ ହତ୍ୟା ଘଟଣାରେ କ୍ରାଇମ୍‌ବ୍ରାଞ୍ଚର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍ଆଇଟି)ର ତଦନ୍ତରେ ମଙ୍ଗଳବାର ହାଇକୋର୍ଟ ସନ୍ତୋଷ ପ୍ରକାଶ କରିଛନ୍ତି। ପଦ୍ମାଳୟା ମହାପାତ୍ର କରିଥିବା ଆବେଦନର ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଣାଣି କରି ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଏବଂ ବିଚାରପତି ସଞ୍ଜୁ ପଣ୍ଡାଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିକଟରେ ଶୁଣାଣି ହୋଇଥିଲା। ଏଥିରେ ଗତ ୩ଟି ତାରିଖରେ ଦାଖଲ କରାଯାଇଥିବା ଷ୍ଟାଟସ୍ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଏସ୍ଆଇଟି ତଦନ୍ତର ଅଗ୍ରଗତି ଭଲ ରହିଛି ବୋଲି ଖଣ୍ଡପୀଠ ପ୍ରକାଶ କରିବା ସହ ମାର୍ଚ୍ଚ ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି କରିବାକୁ କହିଛନ୍ତି।

ପ୍ରକାଶ ଯେ, ପରୀ ମୃତ୍ୟୁ ମାମଲାରେ ଗତ ଡିସେମ୍ବର ୧୬ରେ ଏସ୍ଆଇଟି ପକ୍ଷରୁ ବନ୍ଦ ଲଫାପାରେ ତଦନ୍ତ ସଂକ୍ରାନ୍ତ ରିପୋର୍ଟ ହାଇକୋର୍ଟରେ ଦାଖଲ ହୋଇଥିଲା। ମଙ୍ଗଳବାର ହାଇକୋର୍ଟ ଉକ୍ତ ରିପୋର୍ଟକୁ ଖୋଲି ଦେଖିଥିଲେ। ପରେ ଉକ୍ତ ରିପୋର୍ଟକୁ ଜଉମୁଦ ଲଫାପାରେ ରଖିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ତେବେ ଡିସେମ୍ବର ୨୪ରେ ହାଇକୋର୍ଟ ତଦନ୍ତର ସ୍ଥିତି ସଂକ୍ରାନ୍ତ ରିପୋର୍ଟ ମଙ୍ଗଳବାର ସୁଦ୍ଧା କୋର୍ଟରେ ଦାଖଲ କରିବାକୁ କହିଥିଲେ। ହେଲେ ଏସ୍ଆଇଟି ମଙ୍ଗଳବାର ହାଇକୋର୍ଟରେ ଏହି ରିପୋର୍ଟ ଦାଖଲ କରି ନ ପାରି ସମୟ ଲୋଡିଥିଲେ। ହାଇକୋର୍ଟ ଏହାକୁ ଗ୍ରହଣ କରି ମାମଲାର ଶୁଣାଣି ମାର୍ଚ୍ଚ ୨୫କୁ ଧାର୍ଯ୍ୟ କରିଛନ୍ତି। ସେହି ସମୟ ସୁଦ୍ଧା ଜବାବ ଦାଖଲ ଲାଗି ହାଇକୋର୍ଟ ଏସ୍ଆଇଟି ନିର୍ଦ୍ଦେଶ ଦେଇଛନ୍ତି। ପରୀ ମୃତ୍ୟୁ ମାମଲାରେ ଏକ ଉଚ୍ଚସ୍ତରୀୟ ତଦନ୍ତ ପ୍ରାର୍ଥନା କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଏସ୍ଆଇଟିକୁ ତଦନ୍ତ ସଂକ୍ରାନ୍ତ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ।




# ୱାର୍ଲ୍ଡ ରେକର୍ଡ କଲେ ବଲାଙ୍ଗୀର ଶିଶୁ



ଧର୍ମପଦ ସାହୁ

ବଲାଙ୍ଗୀର ଅଫିସ,୧୨।୧: ଭାରତର ପ୍ରାଦେଶିକ ରାଜଧାନୀ ନାମ ଆବୃତ୍ତି କରି ବଲାଙ୍ଗୀର ସହରର ଜଣେ ୧ବର୍ଷ ୧୧ ମାସ ୬ ଦିନର ଶିଶୁ ବିଶ୍ୱରେକର୍ଡ କରଛନ୍ତି। ସେ ହେଉଛନ୍ତି ବଲାଙ୍ଗୀର ରାଜୀବନଗରର ଶିକ୍ଷକ ତଥା ବାଲୁକାଶିଳ୍ପୀ ଓମ୍‌ପ୍ରକାଶ ସାହୁଙ୍କ ପୁଅ ଧର୍ମପଦ। ତାଙ୍କୁ ଏକ୍ସକ୍ଲୁସିଭ୍ ୱାର୍ଲ୍ଡ ରେକର୍ଡସ ତରଫରୁ ଏନେଇ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଅନ୍‌ଲାଇନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଧର୍ମପଦ ଏହି ସଫଳତା ପାଇଥିବା ତାଙ୍କ ବାପା କହିଛନ୍ତି। ଗତ ଡିସେମ୍ବର ୨୪ରେ ସେ ଏହି ରେକର୍ଡ ପ୍ରତିଷ୍ଠା କରି ପ୍ରମାଣପତ୍ର ପାଇଛନ୍ତି । ଦେଶର ସର୍ବକନିଷ୍ଠ ଶିଶୁ ଭାବେ ଧର୍ମପଦ ଏହି ରେକର୍ଡ ପ୍ରତିଷ୍ଠା କରିଛନ୍ତି ।

# ନୟାଗଡ଼ରେ ପୁଣି ଶିଶୁ ନିଖୋଜ

**ଖଣ୍ଡପଡ଼ା,୧୨।୧(ସ୍ୱ.ପ୍ର)**

ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକ ଅଧୀନ କିଆଝର ପଞ୍ଚାୟତର କିଆଝରପାଟଣା ଗ୍ରାମର ଜଣେ ୬ ବର୍ଷର ଶିଶୁ ମଙ୍ଗଳବାର ଅପରାହ୍ନରୁ ନିଖୋଜ ହୋଇଯାଇଛନ୍ତି। ଏ ସଂକ୍ରାନ୍ତରେ ଖଣ୍ଡପଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତନାଘନା ଆରମ୍ଭ କରିଛି । ମିଳିଥିବା ସୂଚନା ଅନୁଯାୟୀ, କିଆଝର ପାଟଣା ଗ୍ରାମର ଲକ୍ଷ୍ମଣ ଲେଙ୍କାଙ୍କ ପୁଅ ଲୁଡୁ(୬) ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ଘରୁ ପଦାକୁ ଆସିଥିଲେ । ଗାଁ ଦାଣ୍ଡରେ ସେ ଖେଳୁଥିବା ପରିବାର ଲୋକେ ଭାବିଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକେ ଲୁଡୁଙ୍କୁ ବହୁ ଖୋଜିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା । ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକେ ଜାଣିବା ପରେ ସେମାନେ ମଧ୍ୟ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ଶେଷରେ ରାତି ପ୍ରାୟ ୮ଟାରେ ଏ ନେଇ ଖଣ୍ଡପଡା ଥାନାରେ ଲକ୍ଷ୍ମଣ ଲିଖିତ ଅଭିଯୋଗ କରିଥିଲେ । ଆଇଆଇସି ବିଶ୍ୱଜିତ୍ ରାଉତରାୟ ସଦଳବଳ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଲୁଡୁ ଭଲ ଭାବେ ଶୁଣି ପାରନ୍ତି ନାହିଁ କି ସ୍ପଷ୍ଟ ଭାବେ କଥା କହି ପାରନ୍ତି ନାହିଁ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି।

# ଧର୍ମେନ୍ଦ୍ରଙ୍କୁ କଳାପତାକା ଦେଖାଇଲା କଂଗ୍ରେସ

**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ମଙ୍ଗଳବାର ଯୁବ କଂଗ୍ରେସ କର୍ମୀମାନେ ଚନ୍ଦ୍ରଶେଖରପୁର ସ୍ଥିତ ଏକ ଘରୋଇ ହସ୍ପିଟାଲ ରାସ୍ତାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଳାପତାକା ପ୍ରଦର୍ଶନ କରିଛନ୍ତି। ସମଗ୍ର ଦେଶରେ ପେଟ୍ରୋଲ, ଡିଜେଲ ଦର ଅହେତୁକ ବୃଦ୍ଧି ପାଇବା ସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା କୃଷି ଆଇନ ବିରୋଧରେ ଯୁବ କଂଗ୍ରେସ କର୍ମୀମାନେ ଏଭଳି ବିରୋଧ କରିଛନ୍ତି। ଏହି ସମୟରେ ଯୁବ କଂଗ୍ରେସ ସଭାପତି ଲେଙ୍କା ଉପସ୍ଥିତ ରହି ଏଥିରେ ସାମିଲ ହୋଇଥିଲେ। କଳା ପତାକା ପ୍ରଦର୍ଶନ ବେଳେ ପୋଲିସ ଯୁବ କଂଗ୍ରେସ କର୍ମୀମାନଙ୍କୁ ଅଟକ ରଖି ପରେ ଛାଡି ଦେଇଛି। ଏହି ଅବସରରେ ସ୍ମୃତିରଞ୍ଜନ କହିଛନ୍ତି, ଦେଶର ଅନ୍ନଦାତା ରାଜରାସ୍ତାରେ ବସିଥିବା ବେଳେ କେନ୍ଦ୍ର ସରକାର ନିରବଦ୍ରଷ୍ଟା ସାଜିବା ସହ ଏହାକୁ ଭ୍ରୂକ୍ଷେପ ନ କରି ଭଣ୍ଡୁର କରିବାକୁ ଉଦ୍ୟମ କରୁଛନ୍ତି। ଆନ୍ତର୍ଜାତୀୟ ବଜାରରେ ତୈଳଦର ବ୍ୟାରେଲ ପିଛା ୫୦ ଡଲାରରୁ କମ୍ ଥିବାବେଳେ ସରକାର ପେଟ୍ରୋଲ, ଡିଜେଲ ଦର ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବୋଝ ଉପରେ ଲଳିତା ବିଡ଼ା ସଦୃଶ କ୍ରମାଗତ ଭାବେ ଦରବୃଦ୍ଧି ପାଇ ତେଲ ଦର ଲିଟର ପିଛା ୯୦ ଟଙ୍କା ହୋଇଗଲାଣି। ବର୍ତ୍ତମାନ ସମଗ୍ର ଦେଶ କରୋନା ମହାମାରୀ ସହିତ ଲଢ଼େଇ ଏବଂ ଜୀବନଜୀବିକା ସହ ସଂଘର୍ଷ କରୁଥିବା ବେଳେ କେନ୍ଦ୍ରମନ୍ତ୍ରୀ ଜନସାଧାରଣଙ୍କୁ ଭୁଆଁ ବୁଲାଉଛନ୍ତି। ଯଦି ଆଗାମୀ ଦିନରେ କଳା କୃଷି ଆଇନ ପ୍ରତ୍ୟାହାର ଓ ପେଟ୍ରୋଲ, ଡିଜେଲ ଦର ନିୟନ୍ତ୍ରଣ କରା ନ ଯାଏ ତେବେ ସମଗ୍ର ରାଜ୍ୟରେ କେନ୍ଦ୍ରମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ ସହ ଜୋରଦାର ବିରୋଧ କରାଯିବ ବୋଲି ସ୍ମୃତିରଞ୍ଜନ କଡ଼ା ଚେତାବନୀ ଦେଇଛନ୍ତି।

**ତୈଳ ଦରବୃଦ୍ଧି ପ୍ରତିବାଦ**

# କେନ୍ଦୁପତ୍ର ବୋନସ ଘୋଷଣାକୁ ଲଲିପପ୍ କହିଲା ଭାଜପା

**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

କେନ୍ଦୁପତ୍ର ତୋଳାଳି ଶ୍ରମିକଙ୍କୁ ରାଜ୍ୟ ସରକାର ଏକ 'ଲଲିପପ୍' ଧରାଇ ଦେଇଥିବା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ସରକାରଙ୍କ ବୋନସ ଘୋଷଣାକୁ ନେଇ ପ୍ରଦୀପ କହିଛନ୍ତି, କେନ୍ଦୁପତ୍ର ତୋଳାଳି, ଗଛ କଟାଳି, ବନ୍ଧେଇ ଶ୍ରମିକ, ସିଜିନାଲ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ରାଜ୍ୟ ସରକାର ଚଳିତବର୍ଷ କେନ୍ଦୁପତ୍ର ସଂସ୍ଥାରୁ ୪୦୦ କୋଟି ଲାଭ ପାଇଛନ୍ତି। ବର୍ତ୍ତମାନ ଗଚ୍ଛିତ ଥିବା ପତ୍ର ବିକ୍ରି ହେଲେ ଆଉ ୧୫୦ କୋଟି ଟଙ୍କା ସରକାର ଲାଭ ପାଇବାକୁ ଯାଉଛନ୍ତି। ପେସା ଆଇନ ଲାଗୁ ହେବାପରେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଆଦିବାସୀ ପରିବାରଙ୍କ ସମ୍ପୂର୍ଣ୍ଣ ଅଧିକାର ଥିବା ସତ୍ତ୍ୱେ ସରକାର ଲାଭାଂଶର ଶତପ୍ରତିଶତ ବୋନସ ଦେବା କଥା। ହେଲେ ଏହା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ତୋଳାଳି ଓ ଶ୍ରମିକଙ୍କୁ ମାତ୍ର ୯୨.୩୭ କୋଟି ଟଙ୍କା ବୋନସ ଦେବା ଲାଗି ଘୋଷଣା କରିବା ଅତ୍ୟନ୍ତ ହାସ୍ୟାସ୍ପଦ । ଦେଶର କେନ୍ଦୁପତ୍ର ଉତ୍ପାଦନ ହେଉଥିବା ଅନ୍ୟ ରାଜ୍ୟର ସରକାର ଲାଭାଂଶରୁ ଶତପ୍ରତିଶତ ବୋନସ ଦେଉଛନ୍ତି। ହେଲେ ରାଜ୍ୟ ସରକାର କେନ୍ଦୁପତ୍ର ଲାଭାଂଶର ଅର୍ଥକୁ ନିଜ ରାଜକୋଷରେ ରଖି ଅନ୍ୟ ଦିଗରେ ଖର୍ଚ୍ଚ କରିବା କେତେ ଯୁକ୍ତିଯୁକ୍ତ ବୋଲି ପ୍ରଦୀପ ପ୍ରଶ୍ନ କରିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେ ତୋତେ ମାଇଲା,**
**ତାକୁ ତୁ ନ ମାର,**
**ତାକୁ ମାରୁଥିବ ଆନ;**
**ଦେଖୁଥିବ ତୋର ଦୁଇ ନୟନ,**
**ଶୁଣୁଥିବ ଦୁଇ କାନ।**

ଯିଏ ଅନ୍ୟାୟରେ ଆଘାତ ଦିଏ ତା'ର ପରିଣତି ସେ ଦିନେ ନା ଦିନେ ଭୋଗ କରିଥାଏ। ଭଗବାନ ସବୁ ସହନ୍ତି, କିନ୍ତୁ କାହାର ଅନ୍ୟାୟ ଅନୀତିକୁ ସହିପାରି ନ ଥାନ୍ତି। ଅନ୍ୟାୟ ଅନୀତିର ଫଳ ମଣିଷ ଭୋଗିବାକୁ ବାଧ୍ୟ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଯାହାର ଲୁଣ ଖାଇବ,**
**ତା'ର ଗୁଣ ଗାଇବ।**

ସାଧାରଣତଃ ଅନ୍ୟର ଲୁଣ ଖାଇଥିବା ବ୍ୟକ୍ତି ଋଣୀ ହୋଇଥାନ୍ତି। ଏପରିସ୍ଥଳେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଜ୍ଞ ରହିବା ମାନବିକତାର ପରିଚୟ ହୋଇଥାଏ। କୌଣସି ବ୍ୟକ୍ତିଙ୍କଠାରୁ କିଛି ଉପକାର ବା ସାହାଯ୍ୟ ସମର୍ଥନ ପାଇଲେ ତାଙ୍କର ଗୁଣଗାନ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ

**ଏଏସ୍ଆଇକୁ ପଦୋନ୍ନତି ମାମଲା**

କଟକ ଅଫିସ,୧୨।୧– କନଷ୍ଟେବଲରୁ ଏଏସ୍ଆଇ ପଦବୀକୁ ପଦୋନ୍ନତି ପାଇଁ ରାଜ୍ୟ ସରକାର ଏକ ବିଜ୍ଞପ୍ତି ଜାରି କରିଥିଲେ। ଏହାକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ମଙ୍ଗଳବାର ପ୍ରତିପକ୍ଷଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରାଯାଇଛି। ଏଥିସହ ଏକ ଅନ୍ତରୀଣ ଆଦେଶରେ ଏଏସ୍ଆଇ ପଦବୀ ପୂରଣ ମାମଲାର ଶେଷ ଫଳାଫଳ ନିର୍ଭର କରିବ ବୋଲି ସ୍ପଷ୍ଟ କରାଯାଇଛି। ଦୀପ୍ତିମୟୀ ପ୍ରଧାନ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥ ଏହି ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି।

# ସୁପ୍ରିମକୋର୍ଟଙ୍କ ରାୟ ସତର୍କଘଣ୍ଟି

**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

ସୁପ୍ରିମକୋର୍ଟ ୩ଟି କୃଷି ଆଇନ ବାବଦରେ ଯେଉଁ ରାୟ ଦେଇଛନ୍ତି ତାହା କେନ୍ଦ୍ରରେ ଥିବା ଏକ ଅଗଣତାନ୍ତ୍ରିକ ସରକାର ପାଇଁ ସତର୍କଘଣ୍ଟି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି, ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଯେଉଁଭଳି ସଂଖ୍ୟା ଦୃଷ୍ଟିକୋଣରୁ କେନ୍ଦ୍ରର ସରକାର ଭାରତବର୍ଷର ୧୪ କୋଟି କୃଷକଙ୍କ ଦାବିକୁ ନ ଶୁଣି ଚାଲିଛି, ଏହା ଏକ ଘୋର ବିଡ଼ମ୍ବନା ବୋଲି ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କାହିଁକି ତାରିଖ ପରେ ତାରିଖ ଦିଆଚାଲିଛି ତାହା ଉପରେ ମଧ୍ୟ ପ୍ରଶ୍ନ କରିଛନ୍ତି। ଆନ୍ଦୋଳନରତ କୃଷକ ନେତାଙ୍କ ଏ ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ସୁପ୍ରିମକୋର୍ଟର ରାୟ ପରେ ମିଳିପାରି ନାହିଁ। ତାଙ୍କ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଆଗକୁ ଏହି ଆନ୍ଦୋଳନର କାର୍ଯ୍ୟପନ୍ଥା ସ୍ଥିର ହେବ ଏବଂ ଆନ୍ଦୋଳନ ଏକ ନିର୍ଣ୍ଣାୟକ ମୋଡରେ ପହଞ୍ଚିବ। କିନ୍ତୁ ଉଚ୍ଚତମ ନ୍ୟାୟାଳୟର ସିଧା ନିର୍ଦ୍ଦେଶ ହେଉଛି ଏ କୃଷି ଆଇନକୁ ସ୍ଥଗିତ ରଖାଯାଉ। ତେଣୁ ମୋଦି ସରକାର ଏଥିରୁ ବୁଝିନେବା ଦରକାର ଯେ, ତରବରିଆ ଭାବେ ଏହାର କାର୍ଯ୍ୟକାରିତା ଦରକାର ନାହିଁ ବୋଲି ନିରଞ୍ଜନ କହିଛନ୍ତି।

# ୩୫ ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ ଟ୍ରକ୍ ଜବତ

**ଯୋଡ଼ା/ଝୁମ୍ପୁରା, ୧୨।୧(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳରେ ହେଉଥିବା ଖଣିଜ ଚୋରା କାରବାରକୁ ବନବିଭାଗ ଲଗାତାର ଗୋଡାଇ ଧରୁଛି। ସୋମବାର ବିଳମ୍ବିତ ରାତି ପ୍ରାୟ ୧ଟା ବେଳେ ଯୋଡା ଖଣିମଣ୍ଡଳସ୍ଥିତ ନୟାଗଡ ଜଙ୍ଗଲରୁ ଏକ ୧୨ଚକିଆ ଟ୍ରକ୍(ନଂ-ଓଡି ୧୫ ଏଲ୍ ୦୩୮୬)ରେ ବିପୁଳ ପରିମାଣର ଲୁହପଥର ବୋଝେଇ କରି ଚୋରାଚାଲାଣ ହେଉଥିବାବେଳେ ବନବିଭାଗ ଅତର୍କିତ ଚଢାଉ କରି ଟ୍ରକ୍‌ଟିକୁ ଜବତ କରିଛି। ଚମ୍ପୁଆ ରେଞ୍ଜର ଅଧିକାରୀ ଘାସିନାଥ ପାତ୍ରଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ କେନ୍ଦୁଝର ଡିଏଫ୍ଓଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ବିଳମ୍ବିତ ରାତିରେ ବନବିଭାଗ ପକ୍ଷରୁ ବିଭିନ୍ନ ବନାଞ୍ଚଳରେ ପାଟ୍ରୋଲିଂ କରାଯାଉଥିଲା । ଉକ୍ତ ନୟାଗଡ ଜଙ୍ଗଲରେ ଭାରିଯାନରେ ଚୋରା ଲୁହାପଥର ବୋଝେଇ ହେବା ଖବରପାଇ ଚମ୍ପୁଆ ରେଞ୍ଜର ଅଧିକାରୀ ଘାସିନାଥ ପାତ୍ର, ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡା, ବାମେବାରୀ ଫରେଷ୍ଟର ଯତୀନ୍ଦ୍ର କୁମାର ସାହୁ, ବାଲିବନ୍ଧ ଫରେଷ୍ଟର ଖଗେଶ୍ୱର ବାରିକ ପ୍ରମୁଖ ଏକ ମୋବାଇଲ ସ୍କ୍ୱାଡ ସହ ମିଳିତ ହୋଇ ଚଢାଉ କରିଥିଲେ । ଟ୍ରକ୍ ଡ୍ରାଇଭର ଅନ୍ଧାରର ସୁଯୋଗ ନେଇ ଗାଡି ଛାଡି ଫେରାର୍ ହୋଇଯାଇଥିଲା । ବନବିଭାଗ ଉକ୍ତ ଟ୍ରକ୍‌କୁ ଜବତ କରି ନିଜ ହେପାଜତକୁ ନେଇଥିଲା। ପ୍ରାୟ ୩୫ ମେଟ୍ରିକ୍ ଟନ୍ ଉନ୍ନତମାନର ଲୁହାପଥର ବୋଝେଇ ହୋଇଥିବା ଯାଞ୍ଚରୁ ବନବିଭାଗ ଜାଣିବାକୁ ପାଇଥିଲା। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ୍ୱ ହେବବୋଲି ଜଣାପଡିଛି । ଯୋଡା ଖଣିମଣ୍ଡଳରେ ଦିନକୁଦିନ ଖଣିଜ ଚୋରା କାରବାର ବୃଦ୍ଧି ପାଉଥିଲେ ହେଁ, ଏହାକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ଗତ ଦୁଇ ସପ୍ତାହ ତଳେ ବନବିଭାଗ ଏକ ସଂରକ୍ଷିତ ଜଙ୍ଗଲରୁ ଚୋରାରେ ଗଚ୍ଛିତ ଥିବା ବହୁ ମୂଲ୍ୟବାନ ମାଙ୍ଗାନିଜ ପଥରକୁ ଜବତ କରିଥିଲା।

**NAYAGARH HONDA**
(A unit of Gugnani Honda) ହୋଣ୍ଡା ହିଁ HONDA

**WE ARE HIRING !!**
India's largest automobile company seeks sales and service manpower for its two-wheeler dealership.

**WALK-IN-INTERVIEW FOR FOLLOWING POSITIONS**

**SALES**
- Sales Manager • Sales Executives
- Receptionist / Telecaller • Billing / Insurance
- RTO • Cashier (Tally) • Housekeeping • PDI Supervisor
- PDI Technician • Accounts (Tally, GST)

**SERVICE**
- Service Manager • Advisor • Floor Supervisor
- Cashier (Tally) • Billing • Spare Parts Manager
- Spare Parts Coordinator • CRM • Washing Boy
- House Keeping • Technician • Helper

**EXPERIENCE:** Both Experienced & Freshers can apply.
*All candidates should bring the personal documents like Aadhaar Card, Education Certificate, Experience Certificate (if applicable) and Last Employer Salary Proof to the following address:*
Plot No. 14/7554, Hamid Complex, Ward No-3, Khandapada Road, Nayagarh, Odisha- 752069
DATE: 16th-Jan, 21 (Saturday), 17th-Jan, 21 (Sunday), 18th-Jan, 21 (Monday)
TIME:- 10:30 A.M. onwards - 4:30 P.M.
Candidates may mail their CV on Email: nayagarhhonda@gmail.com,
Contact No. 7437000501, 7437000502

**WALK IN INTERVIEW**
For SALES EXECUTIVE & FIELD COLLECTION EXECUTIVE
Age: Below 35 years. Qual. - Minimum +2 & above. All Odisha for TVS CREDIT SERVICE LTD. Freshers are welcome.
Interview: 15th & 18th Jan. 2021.
At: CREATIVE PLAZA BUILDING, 2nd Floor, Rasulgarh, BBSR
Mob.- 8018193046/8249069490
Email: bikramkumar.gouda@tvscredit.com

**ଆବଶ୍ୟକ**
ଲାଇସେନ୍ସ ଥିବା ଛୋଟ ଡାଲା ଗାଡ଼ି ପାଇଁ ଡ୍ରାଇଭର। ଦରମା: 10,000/- - 11,000/-. ଆକାଉଣ୍ଟାଣ୍ଟ (କମ୍ପ୍ୟୁଟର ଜାଣିଥିବା ବି.କମ୍ ପାସ୍)। ଅଭିଜ୍ଞତା ଦେଖି ଦରମା। ଶ୍ରମିକ ପୁଅ/ଝିଅ ଆବଶ୍ୟକ। ଦରମା: 8,000/- - 10,000/-. ରହିବା ସୁବିଧା ଅଛି।
ଶୀଘ୍ର ଯୋଗାଯୋଗ:
9437048854/ 9040150146

**REQUIRED ACCOUNTANT**
Having good knowledge on Internet, MS-Office and Tally-ERP 9.
Address: 40F, Mancheswar Ind. Estate, Mancheswar, Bhubaneswar-10.
Email:LhcppL_bbsr@rediffmail.com
Only Whatsapp on 9937327922

**WANTED BIKE BULLET MECHANIC FOR VISAKHAPATNAM**
WE PROVIDE GOOD SALARY ACCOMMODATION
9492000234
9491694167
VISAKHAPATNAM

**ନିଯୁକ୍ତି ନିଯୁକ୍ତି ନିଯୁକ୍ତି**
ଆବଶ୍ୟକ ପ୍ରାର୍ଥୀମାନଙ୍କୁ Nursing Assistance ଶିକ୍ଷା ପ୍ରଦାନ ସହ ମାଗଣା ନିଯୁକ୍ତି।
ଯୋଗ୍ୟତା– ୮ମରୁ ଉର୍ଦ୍ଧ୍ୱ
ଫର୍ମଫିଲପ୍-ଜାନୁଆରୀ ୧୧ ଠାରୁ ଫେବୃୟାରୀ ୧୫
ଯୋଗାଯୋଗ– 7751841577, 7894397909, 7978011023

**URGENT REQUIRED**
1. Civil Er.(Dip./B.Tech.)- 5 Nos.
2. Auto Cadd- 02 Nos.
3. Matric to Graduate- 20 Nos.
Contact:
9556880775
7873563668

WANTED IBR CERTIFIED **BOILER OPERATOR** FOR A PLYWOOD FACTORY IN VISAKHAPATNAM.
ATTRACTIVE SALARY + FOOD + ACCOMMODATION WILL BE PROVIDED TO THE DESERVING CANDIDATE
PLEASE CONTACT
9010156222 / 9704558090
OR MAIL YOUR RESUME TO :
msridharrajesh@gmail.com

**TEACHERS REQUIRED**
FOR ALL SUBJECTS (CBSE)
Utkal International School
At-Banipada, Choudwar, Dist.-Cuttack
Contact No.:
8260719546

See Career Appointment on every Wednesday & Saturday

# ପୂର୍ବ ଉପକୂଳରେ ସମରାଭ୍ୟାସ 'ସି ଭିଜିଲ୍'




**ପାରାଦୀପ,୧୨।୧(ସ୍ୱ.ପ୍ର.)**

ପାରାଦୀପ ସମେତ ଓଡ଼ିଶାର ୪୮୦ କିଲୋମିଟର ପୂର୍ବଉପକୂଳ ଓ ଦେଶର ସାମୁଦ୍ରିକ ସୀମାରେ ମଙ୍ଗଳବାର ୨ ଦିନିଆ ମିଳିତ ସମରାଭ୍ୟାସ ଆରମ୍ଭ ହୋଇଛି। ଏହାର ନାମ ' ସି ଭିଜିଲ୍ ୨୦୨୧' ରଖାଯାଇଛି। ଏଥିରେ ନୌସେନା, ତଟରକ୍ଷୀ ବାହିନୀ, ମେରାଇନ ପୋଲିସ, ଓଡ଼ିଶା ପୋଲିସ, ମତ୍ସ୍ୟ ବିଭାଗ, ବନ ବିଭାଗ, କଷ୍ଟମ୍ସ, ସିଆଇଏସ୍ଏଫ୍, ଇମିଗ୍ରେଶନ ଓ ପାରାଦୀପ ପୋର୍ଟ ସମେତ ଅନ୍ୟ ସୁରକ୍ଷା ବିଭାଗ ସାମିଲ ହୋଇଛନ୍ତି। ଆତଙ୍କବାଦୀ ଓ ବାହ୍ୟଶତ୍ରୁ ଆକ୍ରମଣର ମୁକାବିଲା ପାଇଁ ସମସ୍ତ ସୁରକ୍ଷା ବିଭାଗର ମିଳିତ ସମନ୍ୱୟରେ ଏହି ସମରାଭ୍ୟାସର ଆୟୋଜନ କରାଯାଇଛି। ଏହି ଅବସରରେ ସମୁଦ୍ରରେ ପାଟ୍ରୋଲିଂ କରାଯାଇ ବିଭିନ୍ନ ମାଛଧରା ବୋଟ ଓ ମତ୍ସ୍ୟଜୀବୀଙ୍କୁ ଯାଞ୍ଚ କରାଯାଉଛି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୨୬ ନଭେମ୍ବର ୨୦୦୮ରେ ପାକିସ୍ତାନ ଆତଙ୍କବାଦୀମାନେ ସମୁଦ୍ରପଥ ଦେଇ ମୁମ୍ବାଇ ଉପରେ ଆକ୍ରମଣ କରିଥିଲେ। ଏଭଳି ପରିସ୍ଥିତିର ମୁକାବିଲା ପାଇଁ ୨୦୦୯ ରୁ ପ୍ରତିବର୍ଷ ୨ ଥର ମିଳିତ ସମରାଭ୍ୟାସ କରାଯାଉଛି। ଗତ ୬୭ ଦିନ ତଳେ ଏଭଳି ସମରାଭ୍ୟାସ ଆୟୋଜନ କରାଯାଇଥିଲା।

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ୨ୟ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ ନଂ.: ୦୬୭୪-୨୫୪୦୦୩୨, ଇ-ମେଲ୍: 0815samd@iob.in

**ଦଖଲ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ ।)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ରୁଲ୍ସ-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଆମ୍ଭଦ୍ୱାରା ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତି **ଦଖଲ**କୁ ନିଆଯାଇଛି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିଯୁକ୍ତ (-) ଡିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି ନିମନ୍ତେ ଉତ୍ତରଦାୟୀ ରହିବେ।

ଏତଦ୍ୱାରା ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ବ୍ରହ୍ମଗିରି ଶାଖା / ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ଜାମିନ୍‌ଦାର: ମେସର୍ସ ଗୀତାଞ୍ଜଳୀ ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ ରାଜ କିଶୋର ନାୟକ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ଗୀତାଞ୍ଜଳୀ ନାୟକ / ଜାମିନ୍‌ଦାର: ସତ୍ୟଭାମା ନାୟକ, ସମସ୍ତଙ୍କ ଠିକଣା ସା.: ଅଲାରପୁର, ବ୍ରହ୍ମଗିରି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୦୧୧ | ୨୦.୦୫.୨୦୧୯ ସୁଦ୍ଧା ଟ.୧୦,୦୪,୪୫୯/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୨୦.୦୫.୨୦୧୯ / ୦୬.୦୧.୨୦୨୧ | ଶ୍ରୀମତୀ ଗୀତାଞ୍ଜଳୀ ନାୟକଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଲାରପୁର, ଥାନା: ବ୍ରହ୍ମଗିରି, ଜିଲ୍ଲା: ପୁରୀ, ଓଡିଶା, ଖାତା ନଂ.: ୮୯, ପ୍ଲଟ୍ ନଂ.: ୧୦୬୭, କ୍ଷେତ୍ର: ଏକର୦.୦୭ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ନବକିଶୋର ମହାନ୍ତି, ପଶ୍ଚିମ: ପ୍ରଦୀପ୍ତ କୁମାର ନାୟକ, ଉତ୍ତର: ରାସ୍ତା, ଦକ୍ଷିଣ: ଗ୍ରାମ୍ୟ ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୨.୦୧.୨୦୨୧ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ଆଇଓସିଏଲ କର୍ମଚାରୀଙ୍କୁ ମାଡ଼ ମାମଲା,୨ ଗିରଫ

ବୁଗୁଡ଼ା : ଆଇଓସିଏଲ୍ କର୍ମଚାରୀଙ୍କୁ ମାଡ଼ମାରିବା ଅଭିଯୋଗରେ ବୁଗୁଡ଼ା ପୋଲିସ ମଙ୍ଗଳବାର ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବୁଗୁଡ଼ାର ଜିତେନ୍ଦ୍ର ନାହାକ ଓ ରାମଣ୍ଡା ଗାଁର ଜଗନ୍ନାଥ ପାତ୍ର। ଏ ନେଇ ପୋଲିସ ନଂ. ୧୩/୨୧ରେ ମାମଲା ରୁଜୁ କରିଛି। ଗତ ୩୧ ତାରିଖ ରାତିରେ ଆଇଓସିଏଲ କର୍ମଚାରୀ ଗୁଲସନ କୁମାର ସାହୁ ଓ ଗଙ୍ଗାଧର ପରିଡା ବାଇକରେ ମାଣିତରାରୁ ବୁଗୁଡ଼ା ଫେରୁଥିବା ବେଳେ ବ୍ଲକ ଛକ ନିକଟରେ ଜିତୁ ଓ ଜଗା ସମେତ ଅନ୍ୟ କେତେଜଣ ଯୁବକ ସେମାନଙ୍କୁ ଅଟକାଇ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁଲସନ ଗୁରୁତର ହୋଇଥଲେ।

# ବ୍ରହ୍ମପୁର, ଗଞ୍ଜାମ ପୋଲିସକୁ ମିଳିଲା ରେଡ୍ ସ୍କୁଟି

## ମହିଳାଙ୍କ ସୁରକ୍ଷା ପାଇଁ ନୂଆ ପ୍ରୟାସ

ବ୍ରହ୍ମପୁର ଅଫିସ/ଛତ୍ରପୁର (ଡି.ଏନ୍.ଏ.)୧୨।୧

ମହିଳାଙ୍କୁ ସୁରକ୍ଷା ଓ ସହାୟତା ନିମନ୍ତେ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏହିକ୍ରମରେ ନିର୍ଭୟା ଯୋଜନାରେ ରାଜ୍ୟ ପୋଲିସକୁ ୫ ଶହ ସ୍କୁଟି ଯୋଗାଇ ଦିଆଯାଇଛି। ଯଦି କେହି ମହିଳା ରାସ୍ତାରେ ଯିବାବେଳେ ଅସୁରକ୍ଷିତ ମନେକରନ୍ତି, ସେମାନେ ପୋଲିସକୁ ଯୋଗାଯୋଗ କଲେ ମହିଳା ପୋଲିସ କର୍ମଚାରୀ ସଙ୍ଗେ ସଙ୍ଗେ ସ୍କୁଟିରେ ଯାଇ ସେଠାରେ ପହଞ୍ଚିବେ। ଗଞ୍ଜାମ ଜିଲାରେ ପୋଲିସକୁ ୩୨ ସ୍କୁଟି ଦିଆଯାଇଛି। ସେଥିମଧ୍ୟରୁ ବ୍ରହ୍ମପୁର ପୋଲିସ ଜିଲାକୁ ୧୧ ଓ ଗଞ୍ଜାମ ପୋଲିସ ଜିଲାକୁ ୨୧ଟି ସ୍କୁଟି ଆସିଛି। ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହିରୋ ମୋଟର୍ସର ଜଣେ କର୍ମଚାରୀ ୧୧ଟି ସ୍କୁଟି ଏସ୍‌ପି ପିନାକ ମିଶ୍ରଙ୍କୁ ହସ୍ତାନ୍ତର କରିଥିଲେ। ସହର ଓ ଗ୍ରାମାଞ୍ଚଳରେ ଥିବା ପ୍ରତ୍ୟେକ ଥାନାକୁ ଗୋଟିଏ ଗୋଟିଏ ସ୍କୁଟି ଦିଆଯିବ ଏବଂ ଏଥିରେ ଦକ୍ଷ ମହିଳା ପୋଲିସ କର୍ମଚାରୀମାନେ ପାଟ୍ରୋଲିଂ କରିବେ। ସେହିପରି ଛତ୍ରପୁର ପୋଲିସ ପଡ଼ିଆଠାରେ ଗଞ୍ଜାମ ପୋଲିସ ଜିଲାର ୨୧ ଥାନାର ମହିଳା ପୋଲିସଙ୍କୁ ଏହି ସ୍କୁଟି ଦିଆଯାଇଛି। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ବିଜୟ କୁମାର ମଲ୍ଲିକ, ଅଶୋକ କୁମାର ମହାନ୍ତି, ଡିଏସ୍‌ପି ସାମୁଏଲ ପ୍ରଧାନ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ସରଜେଣ୍ଟ ସଞ୍ଜୟ କୁମାର ବାରିକ, ପୋଲିସ କନଷ୍ଟେବଲ ଓ ହାବିଲଦାର ସଂଘର ସଭାପତି ଗୋରାଚାନ୍ଦ ତ୍ରିପାଠୀ, ସମ୍ପାଦକ ବ୍ରଜମୋହନ ଜେନା, ଏ. ରାବଣା ରାଓ ପ୍ରମୁଖ ଉପସ୍ଥିତ ଥିଲେ।


ଛତ୍ରପୁରସ୍ଥିତ ପୋଲିସ ପଡ଼ିଆଠାରେ ଗଞ୍ଜାମ ପୋଲିସ ଜିଲାର ମହିଳା ପୋଲିସଙ୍କୁ ସ୍କୁଟି ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୫ ବଖରା ଭସ୍ମୀଭୂତ

ଗୋପାଳପୁର,୧୨।୧- ରଙ୍ଗେଇଲୁଣ୍ଡା ବ୍ଲକ ଫୁଲଟା ଗ୍ରାମରେ ଅଗ୍ନିକାଣ୍ଡ ଘଟି ମଙ୍ଗଳବାର ୫ ଶ୍ରମିକଙ୍କ ଛପର ଘର ଜଳିଯାଇଛି। ଉକ୍ତ ଗ୍ରାମର ରାଜୁ ପ୍ରଧାନ, କବିତା ସାମଲ, ନରସିଂହ ସାସ୍ମଲ, ଏନାଦ୍ରୀ ସାସ୍ମଲ ଓ ବାସନ୍ତୀ ପ୍ରଧାନ କୌଣସି କାମରେ ବାହାରକୁ ଯାଇଥିବା ବେଳେ ଅପରାହ୍ନ ୨ଟାରେ କୌଣସି କାରଣରୁ ସେମାନଙ୍କ ଘରେ ନିଆଁ ଲାଗିଯାଇଥିଲା। ଏଥିରେ ଧାନ, ଚାଉଳ, ଲୁଗାପଟା ଓ ଅନ୍ୟାନ୍ୟ ସମାଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। କନିଷ୍ଠ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇ କନିଷ୍ଠ ତହସିଲଦାର ତାପସ ରାଉତ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ରାଜସ୍ୱ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ପାଲ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ରଙ୍ଗେଇଲୁଣ୍ଡା ବ୍ଲକ ଉପାଧକ୍ଷ ଅଜିତ କୁମାର ଦାଶ, ୫୪ନଂ. ଜିଲା ପରିଷଦ ସଭ୍ୟ ମଞ୍ଜୁଶ୍ରୀ ଦଳାଇ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ ଗ୍ରାମରେ ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ଆଶ୍ୱାସନା ଦେବା ସହ ଶୀଘ୍ର ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। ଉପାଧକ୍ଷ ଦାଶ ଉକ୍ତ ପରିବାରକୁ ୫ ହଜାର ଟଙ୍କା ପ୍ରଦାନ କରିଥିଲେ।

### ୮ ଫୁଟ୍‌ର ଅହିରାଜ ଉଦ୍ଧାର



ପାତ୍ରପୁର,୧୨।୧(ଡି.ଏନ୍.ଏ.)- ସାମନ୍ତିଆପଲ୍ଲୀ ବନାଞ୍ଚଳ ଅନ୍ତର୍ଗତ ସପଙ୍ଗ ଗ୍ରାମରୁ ମଙ୍ଗଳବାର ଏକ ୮ ଫୁଟିଆ ଅହିରାଜକୁ ଉଦ୍ଧାର କରାଯାଇଛି। ସାପଟିକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇଯାଇ ବନାଞ୍ଚଳ ଅଧିକାରୀ ଓ ସ୍ନେକ୍ ହେଲ୍ପଲାଇନକୁ ଜଣାଇଥିଲେ। ସାମନ୍ତିଆପଲ୍ଲୀ ବନାଞ୍ଚଳ କର୍ମଚାରୀ ଓ ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ ପହଞ୍ଚି ସାପକୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥିବା ସୂଚନା ମିଳିଛି।

### ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ

ଆସିକା,୧୨।୧(ଡି.ଏନ୍.ଏ.)- ଆସିକା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ପ୍ରସନ୍ନ ଟେଟେ ମଙ୍ଗଳବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ପୂର୍ବରୁ ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ କଲେକ୍ଟର ଭାବେ ଥିଲେ। ଗତ ତିନିମାସ ଧରି ଏଠାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ରହିଥିବା ବିଶ୍ୱରଞ୍ଜନ କହଁରଙ୍କ ବଦଳି ପରେ ଟେଟେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଆସିକା ଏନ୍‌ଏସିର ପରିମଳ ବ୍ୟବସ୍ଥା ସାଙ୍ଗକୁ ସାମଗ୍ରିକ ବିକାଶ ଦିଗରେ ଯଥାସାଧ ଧ୍ୟାନ ଦେବେ ବୋଲି ନୂତନ ନିର୍ବାହୀ ଅଧିକାରୀ କହିଛନ୍ତି।



# ପ୍ଲାଷ୍ଟିକ୍‌ମୁକ୍ତ ଛତ୍ରପୁର କାର୍ଯ୍ୟକ୍ରମ ଆରମ୍ଭ

ଛତ୍ରପୁର,୧୨।୧(ଡି.ଏନ୍.ଏ.)

ଛତ୍ରପୁର ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ନେଇ ୟୁଥମାସ ସେବା ସଂଘ ମଙ୍ଗଳବାରଠାରୁ 'ମାନୋ ୟା ନା ମାନୋ' ଅଫର କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ମାର୍ଚ୍ଚ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ଯେଉଁମାନେ ଏମ୍‌ଆରପି ଥିବା ଅଦରକାରୀ ଜରି ନେଇ ସଂଘ କାଉଣ୍ଟରରେ ଦେବେ ସେମାନଙ୍କୁ ଗୋଟିଏ ଲେଖାଏ କୁପନ ଦିଆଯିବ। ଅଧିକ ପଏଣ୍ଟ ଥିବା ଲୋକଙ୍କୁ ଏପ୍ରିଲ ୧ ଓଡିଶା ଦିବସରେ ପୁରସ୍କୃତ କରାଯିବ । ଛତ୍ରପୁର ଶିବ ପଟ୍ଟନାୟକ ରିଡିଂରୁମଠାରେ ସଂଘ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ 'ମାନୋ ୟା ନା ମାନୋ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସେ ଏହି କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚନ କରିଥିଲେ। ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ରହିଛି । ତେଣୁ ସମସ୍ତେ ଏସବୁରୁ ଦୂରେଇ ରହିଲେ ସମାଜ ପାଇଁ ମଙ୍ଗଳ ହେବ ବୋଲି ଜିଲାପାଳ କହିଥିଲେ । ଏହି ଅବସରରେ ୩୦ ଜଣ ଗରିବ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟାଯାଇଥିଲା। କାର୍ଯ୍ୟକ୍ରମରେ ଆଇଆରଇର ଜିଏମ୍ ଜି.କେ.ନାୟକ, ଛତ୍ରପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ୍.ଗଣେଶ ବାବୁ, ୟୁଥ ମାସ ସେବା ସଂଘ ସଭାପତି ବନମାଳୀ ନେପାକ, ସମ୍ପାଦକ ସୟଦ ମୁକ୍ତାର, ଉପସଭାପତି କେ.ରମେଶ, ଉପଦେଷ୍ଟା ବି. ଶ୍ରୀନିବାସ, ତ୍ରିଲୋଚନ ବେହେରା, ଆୟୁବ ଖାନ, ପୂର୍ବତନ ବିଧାୟକ ଏନ୍.ନାରାୟଣ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯୌତୁକ ନିର୍ଯାତନା:ସ୍ୱାମୀ, ଦେଢ଼ଶ୍ୱଶୁର ଗଲେ ଜେଲ

ବ୍ରହ୍ମପୁର ଅଫିସ,୧୨।୧–

ଯୌତୁକ ନିର୍ଯାତନା ଅଭିଯୋଗରେ ମହିଳା ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀ ଓ ତାଙ୍କ ବଡ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ଲାଞ୍ଜିପଲ୍ଲୀ ତୋଟାସାହିର ବିକାଶ ପଣ୍ଡା (୩୯) ଓ ଜ୍ୟୋତିର୍ମୟ ପଣ୍ଡା (୪୧)। ପୋଲିସ ମାମଲା ନମ୍ବର ୨/୨୧ରେ ଉଭୟ ଭାଇଙ୍କୁ କୋର୍ଟ ଚାଲାଣ କରିଛି। ପରେ ଏସ୍‌ଡ଼ିଜେଏମ୍ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛି। ସୋମବାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପ୍ତିରାଣୀଙ୍କ କୋର୍ଟରେ ଧାରା ୧୬୪ ଅନୁସାରେ ସୁନିତା ସାବତଙ୍କ ବୟାନ ରେକର୍ଡ କରାଯାଇଛି। ଘଟଣାରୁ ପ୍ରକାଶ, ବିକାଶ ଗତ ୫ବର୍ଷ ତଳେ ହିଞ୍ଜିଳିକାଟୁ ରାଧାକୃଷ୍ଣ ମାର୍ଗର ସୁଦର୍ଶନ ସାବତଙ୍କ ଝିଅ ସୁନିତାଙ୍କୁ ବିବାହ କରିଥିଲେ। ବର୍ଷକ ପରେ ସୁନିତାଙ୍କ ସ୍ୱାମୀ ସମେତ ତାଙ୍କ ଦେଢ଼ଶ୍ୱଶୁର ଓ ଶାଶୁ ଶ୍ୱଶୁର ଅଧିକ ଯୌତୁକ ଦାବି କରି ଆସୁଥିଲେ। କିଛିଦିନ ତଳେ ଶ୍ୱଶୁର ଘର ଲୋକେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ଘରୁ ଚାଲିଯିବାକୁ ଧମକଚମକ ଦେଇଥିଲେ। ଶେଷରେ ସୁନିତା ମହିଳା ଥାନାରେ ଏନେଇ ଅଭିଯୋଗ କରିଥିଲେ।

# ଅଦରକାରୀ ଲୁହାରେ ମାନଚିତ୍ର


ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଭାରତ ମାନଚିତ୍ର

ବ୍ରହ୍ମପୁର ଅଫିସ,୧୨।୧

ଭାରତ ବର୍ଷରେ ଦକ୍ଷତା ଓ ବିକାଶ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଥିବା ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ସହିତ ଯୋଡ଼ି ହୋଇଛି ପୁଣି ଏକ କୀର୍ତ୍ତି । ଏହାର କ୍ୟାମ୍ପସ ପରିସରରେ ଥିବା ଏସିଆର ସର୍ବବୃହତ୍ ସ୍କ୍ରାପ୍ ପାର୍କରେ ଅଦରକାରୀ ଲୁହାରେ ୩୦ ଫୁଟ ଉଚ୍ଚତାର ଭାରତ ମାନଚିତ୍ର ପ୍ରସ୍ତୁତ କରିଛନ୍ତି ବ୍ରହ୍ମପୁର ଆଇଟିଆଇ ଛାତ୍ରୀଛାତ୍ର। ୨.୫ ଟନ୍ ଲୁହାରେ ନିର୍ମାଣ ହୋଇଥିବା ଏହି ସୁଉଚ୍ଚ ମାନଚିତ୍ର କାର୍ଯ୍ୟଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ କହିଛନ୍ତି । ଏହି ମାନଚିତ୍ର କିପରି ଗିନିଜ୍ ବୁକ୍‌ରେ ସ୍ଥାନ ପାଇବ ସେଥିପାଇଁ କାର୍ଯ୍ୟ ଜାରି ରହିଛି । ସୂଚନାଯୋଗ୍ୟ, ପୂର୍ବରୁ ଏହି ଶିକ୍ଷାନୁଷ୍ଠାନର ସ୍କ୍ରାପ୍ ପାର୍କରେ ଗିଟାର, ଝିଟିପିଟି, ରୋବଟ୍ ଓ ଆଇରନମ୍ୟାନ ପ୍ରଭୃତି କଳାକୃତି ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି ।

# ରେଳ ଘରୋଇକରଣକୁ ବିରୋଧ



ରେଳ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ।

## ଷ୍ଟେଶନ୍ ସମ୍ମୁଖରେ ବିକ୍ଷୋଭ

ବ୍ରହ୍ମପୁର ଅଫିସ୍,୧୨।୧

ରେଳ ସେବାର ଘରୋଇକରଣ, ବ୍ୟବସାୟୀକରଣ ବନ୍ଦ କରିବା ଓ ସମସ୍ତ ଟ୍ରେନ୍ ଚଳାଚଳ ଆରମ୍ଭ କରିବା ଦାବିରେ ମଙ୍ଗଳବାର ରେଳ ଘରୋଇକରଣ ବିରୋଧୀ ଜନ ଅଭିଯାନ ଓଡ଼ିଶା ଗଞ୍ଜାମ ଜିଲା ଶାଖା ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କରୋନା କାରଣରୁ ମାର୍ଚ୍ଚଠାରୁ ସମସ୍ତ ପାସେଞ୍ଜର ଟ୍ରେନ୍ ବନ୍ଦ କରି ଦିଆଯାଇଥିଲା। ୬ ମାସ ପରେ ସ୍ୱଳ୍ପ କିଛି ସ୍ପେଶାଲ ଟ୍ରେନ୍ ଚଳାଚଳ କରାଯାଇଛି। କିନ୍ତୁ ଯାତ୍ରୀ ଭଡ଼ାରେ ଯେଉଁ ଯଥାର୍ଥ ରିହାତି ପ୍ରଦାନ କରାଯାଉଥିଲା ତାହା ଉଠାଇ ଦିଆଯାଇଛି। ଏଥିସହ ବର୍ତ୍ତମାନ ସମସ୍ତ କାର୍ଯ୍ୟାଳୟ ଓ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକ ଖୋଲିବାକୁ ଆରମ୍ଭ କଲେଣି। କିନ୍ତୁ ପାସେଞ୍ଜର ଟ୍ରେନ୍ ଚଳାଚଳ ବନ୍ଦ ଥିବା ହେତୁ ଅଧିକାଂଶ ଲୋକ ନିଜ କାର୍ଯ୍ୟରେ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସଂଘ ଅଭିଯୋଗ କରିଛି। ଏଣୁ ଯେଉଁ ରେଳ ସେବା ଆମ ଦେଶର ଜୀବନ ରେଖା ବୋଲି କହୁ ତାହାକୁ ସରକାର ଘରୋଇକରଣ ଓ ବ୍ୟବସାୟୀକରଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଘରୋଇକରଣକୁ ବନ୍ଦ କରିବା ସହ ଯଥାଶୀଘ୍ର ସମସ୍ତ ପାସେଞ୍ଜର ଓ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ଆରମ୍ଭ କରିବା ସହ ରେଳ ଯାତ୍ରୀଙ୍କୁ ସମସ୍ତ ପ୍ରକାର ରିହାତି ପ୍ରଦାନ କରିବା ପାଇଁ ସଂଘ ଦାବି କରିଛି। ଏଥିରେ ବିଷ୍ଣୁ ଦାଶ, ସୋମନାଥ ବେହେରା, ମଧୁସୂଦନ ଦାଶ, ଶ୍ରୀନିବାସ ରାଓ, ବିଭୂତି ଭୂଷଣ ମିଶ୍ର ଶର୍ମାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଜିଲା କଂଗ୍ରେସ କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା

ଦିଗପହଣ୍ଡି,୧୨।୧(ଡି.ଏନ୍.ଏ.)

ଦିଗପହଣ୍ଡି ବଜାର ଗାନ୍ଧୀ ଛକରେ ସୋମବାର ସନ୍ଧ୍ୟାରେ ସାନଖେମୁଣ୍ଡି ବିଧାୟକ ତଥା ଗଞ୍ଜାମ ଜିଲା କଂଗ୍ରେସ କମିଟି ସଭାପତି ରମେଶ ଚନ୍ଦ୍ର ଜେନାଙ୍କୁ ନଗର କଂଗ୍ରେସ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚିକିଟିରେ ଦଳୀୟ କାର୍ଯ୍ୟକ୍ରମ ସାରି ସେ ସାନଖେମୁଣ୍ଡି ଫେରିବା ବେଳେ ରାସ୍ତାରେ ତାଙ୍କୁ ଦଳୀୟ ନେତୃବୃନ୍ଦ ଅଟକାଇ ସଙ୍ଗଠନ ଅଭିବୃଦ୍ଧି ପାଇଁ ଆଲୋଚନା କରିଥିଲେ। ସ୍ଥାନୀୟ ଖେମୁଣ୍ଡି ଓକିଲ ସଂଘ ସମ୍ପାଦକ ଅଶେଷ ନାଥ ମିଶ୍ର ବିଧାୟକଙ୍କୁ ସାକ୍ଷାତ୍ କରି ସଂଘର ଅସୁବିଧା ସମ୍ପର୍କରେ ଜଣାଇଥିଲେ। ସେହିପରି ପୂର୍ବତନ କାଉନ୍‌ସିଲର ଏମ୍. ତ୍ରିନାଥ ବିଧାୟକଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିଲେ। ଶୀଘ୍ର ଦିଗପହଣ୍ଡିରେ ଦଳୀୟ ସମାବେଶ ଆୟୋଜନ କରିବା ପାଇଁ ସେ ଉପସ୍ଥିତ ନେତୃବୃନ୍ଦଙ୍କୁ ପରାମର୍ଶ ଦେଇ ଫେରିଥିଲେ। ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ପଣ୍ଡା, ଦଳୀୟ କାର୍ଯ୍ୟକର୍ତ୍ତା ବିକାଶ କୁମାର ପଶୁପାଳକ, କେ. କୁନା, ଭଗବାନ ସ୍ୱାଇଁ, ଏମ୍. ବାଇନାଥ, ଡମ୍ବରୁଧର ବେହେରା, କେଶବ ରାଓ, ଦିବାକର ପ୍ରଧାନ, ବାଲ୍ମୀକି ବେହେରା, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନର ସତ୍ୟାଗ୍ରହ

ବ୍ରହ୍ମପୁର ଅଫିସ୍,୧୨।୧

## ଜଳ ଉତ୍ସ ପ୍ରଦୂଷଣ ମୁକ୍ତ ପାଇଁ ଆହ୍ୱାନ

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ୍ ବ୍ରହ୍ମପୁର ପକ୍ଷରୁ ମଙ୍ଗଳବାର ଲାଞ୍ଜିପଲ୍ଲୀ ପାର୍କ ନୂଆବନ୍ଧ ନିକଟରେ ସକାଳ ୭ଟାରୁ ମଧ୍ୟାହ୍ନ ଯାଏ ୫ ଘଣ୍ଟିଆ ସତ୍ୟାଗ୍ରହ କରାଯାଇଥିଲା। ସତ୍ୟାଗ୍ରହୀମାନେ ଜଳ ଉତ୍ସମାନଙ୍କୁ ପ୍ରଦୂଷଣ ମୁକ୍ତ ରଖିବା ସହ ଜଳ ସଂରକ୍ଷଣ ପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ଅନୁରୋଧ କରିଥିଲେ। ବର୍ତ୍ତମାନ ମଣିଷ ସମାଜ ଭୂତଳ ଜଳର ବହୁଳ ବ୍ୟବହାର କରିବା ଫଳରେ ଜଳସ୍ତର ମଧ୍ୟ ତଳକୁ ଖସି ଯାଉଛି। ଯଦ୍ୱାରା ଭୂସ୍ଖଳନ ବୃଦ୍ଧି ସହ ଜମିର ଉର୍ବରତା ମଧ୍ୟ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଏଣୁ ଏବେଠାରୁ ଜନ ସମାଜ ସଚେତନ ନ ରହିଲେ ବ୍ରହ୍ମପୁର ସହର ମଧ୍ୟ ଏହି ସଙ୍କଟ ଆଡ଼କୁ ଗତି କରିବାର ସମ୍ଭାବନା ରହିବ ବୋଲି ସତ୍ୟାଗ୍ରହୀମାନେ କହିଥିଲେ। ପ୍ରକାଶଯେ, ଫାଉଣ୍ଡେଶନ୍ ପକ୍ଷରୁ ଗତ ୨ ତାରିଖଠାରୁ ଜଳ ଓ ଜଳ ଉତ୍ସ ସଂରକ୍ଷଣ ଅଭିଯାନ ଆରମ୍ଭ ହୋଇଛି। ଫାଉଣ୍ଡେଶନ୍‌ର ସ୍ୱେଚ୍ଛାସେବୀମାନେ ବ୍ରହ୍ମପୁରର ପୋଖରୀ ଅଞ୍ଚଳରେ ବୁଲି ଲୋକଙ୍କୁ ଜଳରେ ଆବର୍ଜନା, ପୂଜା ସାମଗ୍ରୀ ନ ପକାଇବା ପାଇଁ ଅନୁରୋଧ କରଥିଲେ। ଏଥିସହ ଦୂଷିତ ଜଳର କୁପ୍ରଭାବ ଓ ପରିଷ୍କାର ଜଳ ଉତ୍ସର ସୁଦୂର ପ୍ରସାରୀ ଉତ୍ତମ ପ୍ରଭାବ ବିଷୟରେ ଲୋକଙ୍କୁ ପରାମର୍ଶ ଦେଉଛନ୍ତି। ଏହି ସତ୍ୟାଗ୍ରହରେ ସ୍ୱେଚ୍ଛାସେବୀ ଶ୍ୟାମ ସୁନ୍ଦର ଖାଡ଼େଙ୍ଗା, ସ୍ୱରାଜ୍ୟ ସୁବୁଦ୍ଧି, ଡ.ଶଙ୍କର ନାରାୟଣ ବେଜ୍, ଆଇନଜୀବୀ ଡ.ସୁବ୍ରତ ସାହୁ, ମନୋଜ ପଣ୍ଡା, ଅବସରପ୍ରାପ୍ତ ଅଧକ୍ଷ ଲୋକନାଥ ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ପରିଡ଼ା, ସୁଶାନ୍ତ ମହାନ୍ତି, ସୁକାନ୍ତ ଗୌଡ଼, ମାଧବ ନାୟକ, ଭୀମରାଜୁ ପାତ୍ର, କେ.ଘନଶ୍ୟାମଙ୍କ ସମେତ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଅଧକ୍ଷ ସୁଧୀର କୁମାର ରାଉତ ଉପସ୍ଥିତ ଥିଲେ।



ଫାଉଣ୍ଡେଶନ୍ କର୍ମକର୍ତ୍ତାଙ୍କ ସତ୍ୟାଗ୍ରହ।

# ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ମହଙ୍ଗା ହେଲା


ନିଶାସକ୍ତ ଚାଳକଙ୍କ ଗାଡ଼ି ଅଟକାଇ ପୋଲିସ ବ୍ରେଥ୍ ଆନାଲାଇଜର ମେଶିନରେ ଯାଞ୍ଚ କରୁଛି ।

ବ୍ରହ୍ମପୁର ଅଫିସ,୧୨।୧

ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ଟ୍ରାଫିକ ନିୟମ ଏବେ କଡାକଡି କରାଯାଇଛି। ଏଣିକି ଜିଲାରେ ନିଶାସକ୍ତଙ୍କ ପାଇଁ ସତର୍କ ଘଣ୍ଟି। ରାସ୍ତାରେ ଯାନବାହନ ଯାଞ୍ଚ କଡାକଡି କରାଯାଇଛି। ଏହିପରି ନୂତନ ନିୟମ ଲାଗୁପରେ ଜିଲାରେ ଜାନୁୟାରୀ ୧ ଠାରୁ ପୋଲିସ ଯାନବାହନ ଯାଞ୍ଚ ସହ ନିଶାସକ୍ତ ଚାଳକଙ୍କୁ ଟ୍ରାକ୍ କରୁଛି। ଏହି ଅଭିଯାନରେ ପୋଲିସ ଏବେ ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ଧରୁଛି। ତେବେ ମଦ୍ୟପାନ କରି ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ବ୍ରେଥ୍ ଆନାଲାଇଜର ନାମକ ଅତ୍ୟାଧୁନିକ ମେଶିନ ଏବେ ପୋଲିସ ବ୍ୟବହାର କରୁଛି। ନିଶାସକ୍ତ ଅବସ୍ଥାରେ ତଥା ସନ୍ଦେହଜନକ ଭାବେ ଗାଡି ଚଳାଉଥିବା ଚାଳକମାନଙ୍କୁ ରାସ୍ତାରେ ପୋଲିସ ଅଟକାଇ ସେମାନଙ୍କୁ ମେଶିନ ମାଧ୍ୟମରେ ଯାଞ୍ଚ କରୁଛି। ବିଶେଷକରି ଏହି ବ୍ରେଥ୍ ଆନାଲାଇଜର ମେଶିନକୁ ସମ୍ପୃକ୍ତ ଚାଳକଙ୍କ ପାଟି ଭିତରେ ପୂରାଇଲେ ସେ କେତେ ପରିମାଣରେ ନିଶା ସେବନ କରିଛନ୍ତି ଓ ତାଙ୍କ ଶରୀରରେ ଆଲକହଲ୍‌ର ପରିମାଣ କେତେ ରହିଛି ତାହା ଜଣାପଡିଯିବ। ଏପରି କି ସମ୍ପୃକ୍ତ ଚାଳକଙ୍କ ନାମ, ଠିକଣା, ଗାଡି ନମ୍ବର ଇତ୍ୟାଦି ପୋଲିସ ଏହି ମେଶିନରେ ଅପ୍‌ଲୋଡ କରିପାରିବ। ଏହାକୁ ଆଧାର କରି ପୋଲିସ ଅଭିଯୁକ୍ତ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ସୂଚନାଯୋଗ୍ୟ, ଅଧିକାଂଶ ସଡ଼କ ଦୁର୍ଘଟଣା ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିବା ଡ୍ରାଇଭରଙ୍କ ଯୋଗୁ ଘଟୁଥିବା ନଜିର ରହିଛି। ସେହିପରି ସଡ଼କ ସୁରକ୍ଷା ଆଇନ ୧୯୮୮, ଧାରା ୧୮୫ ଅନୁଯାୟୀ ନିଶାସକ୍ତ ଚାଳକଙ୍କୁ ପୋଲିସ ଯଦି ଯାଞ୍ଚ ବେଳେ ଧରେ ତେବେ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ୩ ମାସ ପାଇଁ ବାତିଲ କରିବା ପାଇଁ ଆର୍‌ଟିଓଙ୍କୁ ସୁପାରିସ କରିବା ନିୟମ ରହିଛି। ଏହା ସହିତ ସମ୍ପୃକ୍ତ ଚାଳକଙ୍କଠାରୁ ୧ହଜାର ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଉଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ରାଉତରାୟ ସୂଚନା ଦେଇଛନ୍ତି।

## ସେମାନେ ଯାହା କୁହନ୍ତି


"ଏହି ଯାଞ୍ଚ ପ୍ରକ୍ରିୟାରେ ଏବେ ପୋଲିସ ସାମିଲ ହେବା ପରେ ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିବା ଚାଳକମାନେ ନିଶ୍ଚିତ ଭାବେ ଭୟ କରିବେ। ଫଳରେ ସଡକ ଦୁର୍ଘଟଣା କିଛି ମାତ୍ରାରେ କମିବ।
**ପ୍ରଶାନ୍ତ କୁମାର ଭୂପତି, ବଡବଜାର ଥାନାଧିକାରୀ**


"ନିଶାସକ୍ତ ଅବସ୍ଥାରେ ଗାଡି ନ ଚଳାଇବାକୁ ଲୋକଙ୍କୁ ପୋଲିସ ସଚେତନ କରୁଛି। ଦୁର୍ଘଟଣା ରୋକିବା ପାଇଁ ପୋଲିସ ଗାଡି ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରିଛି। ନିଶାସକ୍ତ ଗାଡି ଚାଳକଙ୍କୁ ସାବାଡ଼ କରିବା ପାଇଁ ପୋଲିସ ଏବେ ଯାଞ୍ଚବେଳେ ବ୍ରେଥ୍ ଆନାଲାଇଜର ବ୍ୟବହାର କରୁଛି।
**ସୁନୀଲ ବେହେରା, ଟ୍ରାଫିକ ଥାନାଧିକାରୀ**


"ଏହି ପଦ୍ଧତି ଦ୍ୱାରା ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ଧରାଯାଇ ପାରିବ। ରାସ୍ତାରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯିବା ସହିତ ମଦ୍ୟପାନ କରି ଗାଡି ନ ଚଳାଇବାକୁ ଗାଡି ଚଳକମାନଙ୍କୁ ପୋଲିସ ଲଗାତର ଭାବେ ସଚେତନ କରିଆସୁଛି।
**ସନ୍ତୋଷିନୀ ଓରାମ, ସଦର ଥାନାଧିକାରୀ**

## ଗୋପାଳପୁର ବିଧାୟକଙ୍କ ପାଇଁ ଓକାଲତନାମା ଦାଖଲ

ବ୍ରହ୍ମପୁର ଅଫିସ : ଟାଟା ମୋଟର୍ସରେ ଚାକିରୀ ଦେବା ନାଁରେ ଟଙ୍କା ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ପୂର୍ବରୁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଗିରଫ କରିଥିଲା। ସେ ଏବେ ଝାରପଡା ଜେଲରେ ଅଛନ୍ତି। ତାଙ୍କ ବିରୋଧରେ ବ୍ରହ୍ମପୁର ପୋଲିସ ଜିଲା ଗୋଳନ୍ଥରା ଥାନାରେ ଗତ ମାସରେ ନଂ.୩୭୪/୨୦ ଓ ୩୮୪/୨୦ରେ ୨ ଗୋଟି ଠକେଇ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ପରବର୍ତ୍ତୀ ସମୟରେ ଜାମିନ ପାଇଁ ଆଇନଜୀବୀ କୁମାରକାନ୍ତ ବେହେରା ଓ ଦୀପକ ପଟ୍ଟନାୟକ ଓକାଲତନାମା ଦାଖଲ କରିଛନ୍ତି। ଉଭୟ ଆଇନଜୀବୀ ଝାରପଡା ଜେଲ୍ ଯାଇ ଓକାଲତନାମାରେ ବିଧାୟକ ପାଣିଗ୍ରାହୀଙ୍କ ଦସ୍ତଖତ ଆଣିଥିଲେ। ମଙ୍ଗଳବାର ଏସ୍‌ଡ଼ିଜେଏମ ଜିତେନ୍ଦ୍ରୀୟ ପାଣିଗ୍ରାହୀଙ୍କ କୋର୍ଟରେ ଓକାଲତନାମା ଦାଖଲ କରାଯାଇଥିବା ନେଇ ତାଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି।

# ପୋଲିସ ମାଡ଼ ପ୍ରତିବାଦରେ ରାସ୍ତାରୋକୋ

**ବାଲିଗୁଡା, ୧୨।୧ (ଡି.ଏନ.ଏ.)**

କନ୍ଧମାଳ ଜିଲା ବାଲିଗୁଡା ଥାନା ଅନ୍ତର୍ଗତ ଦଣ୍ଡପଦର ଗାଁରେ ଗୋଟିଏ ପରିବାରକୁ ବାସନ୍ଦ କରାଯାଇଛି। ବାସନ୍ଦ ପରିବାରକୁ ସୋମବାର ରାତିରେ ସଂଘବଦ୍ଧ ଆକ୍ରମଣ ବେଳେ ପୋଲିସ ପହଞ୍ଚି ଉଦ୍ଧାର କରିଛି। ତେବେ ପୋଲିସ ମାଡ଼ ମାରିଥିବା ଅଭିଯୋଗ କରି ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ବୁଝାଶୁଝା ପରେ ରାସ୍ତା ଅବରୋଧ ହଟିଛି।

ଜମିବାଡ଼ିକୁ କେନ୍ଦ୍ର କରି ଦଣ୍ଡପଦର ଗ୍ରାମର ହରିହର ନାୟକଙ୍କ ପରିବାରକୁ ୪ ବର୍ଷ ହେଲା ସାମାଜିକ ବାସନ୍ଦ କରାଯାଇଛି। ଯିଏ ହରିହରଙ୍କ ପରିବାର ସହିତ ଯିଏ ମିଳାମିଶା କରିବ କିମ୍ବା କଥା ହେବ ତାଙ୍କୁ ଜରିମାନା କରାଯିବ ବୋଲି ଗ୍ରାମ୍ୟ କମିଟିରେ ନିଷ୍ପତି ହୋଇଥିଲା। ଏ ନେଇ ହରିହର ବାଲିଗୁଡା ଥାନାର ଦ୍ୱାରସ୍ଥ ହୋଇଥିଲେ। ଉଭୟ ପକ୍ଷ ରାଜିନାମା ହୋଇଥିଲେ ମଧ ପୂର୍ବ ଭଳି ତାଙ୍କ ପରିବାରକୁ ଏକ ଘରିଆ କରାଯାଇଥିବା ଅଭିଯୋଗ କରିଛନ୍ତି ହରିହର। ସୋମବାର କୌଣସି କଥାକୁ କେନ୍ଦ୍ରକରି ବିଳମ୍ବିତ ରାତିରେ ଶହେରୁ ଊର୍ଦ୍ଧ୍ୱ ଗ୍ରାମବାସୀ ମାରଣାସ୍ତ୍ର ଧରି ତାଙ୍କ ପରିବାରକୁ ଆକ୍ରମଣ କରିବାକୁ ଆସିଥିଲେ। ହରିହରଙ୍କ ପୁଅ ଅମର

### ବାସନ୍ଦ ପରିବାରକୁ ସଂଘବଦ୍ଧ ଆକ୍ରମଣ, ଉଦ୍ଧାର କଲା ପୋଲିସ

ଏ ସମ୍ପର୍କରେ ବାଲିଗୁଡା ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଥିବା ବେଳେ ବେଳେ ପୋଲିସକୁ ମଧ ଗ୍ରାମବାସୀ ଆକ୍ରମଣ କରିଥିଲେ। ପରେ ଅଧିକ ସଂଖ୍ୟକ ଫୋର୍ସ ଯାଇ ବାସନ୍ଦ ପରିବାରକୁ ଉଦ୍ଧାର କରିଥିଲା। କେତେଜଣ ଉତ୍ୟକ୍ତ ଲୋକଙ୍କୁ ପୋଲିସ ମାଡ ମାରିଥିଲା। ପୋଲିସ ନିରୀହ ଲୋକଙ୍କୁ ମାଡ଼ ମାରିଥିବା ପ୍ରତିବାଦ ଜଣାଇ ଗ୍ରାମ୍ୟ କମିଟି ସମେତ ଗାଁର ଶତାଧିକ ପୁରୁଷ ମହିଳା ୫୯ନଂ.ଜାତୀୟ ରାଜପଥ ଅବରୋଧ କରିଥିଲେ। ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଥିଲେ। ଖବରପାଇ ବାଲିଗୁଡା ଏସଡିପିଓ ମନୋଜ ପୂଜାରୀ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଅନ୍ୟପଟେ ଭୟ ଓ ଆତଙ୍କରେ ଅଜ୍ଞାତ ସ୍ଥାନରେ ଥିବା ବାସନ୍ଦ ପରିବାର ସୁରକ୍ଷା ପାଇଁ ପୋଲିସ ପ୍ରଶାସନକୁ ନିବେଦନ କରିଛନ୍ତି। ଆକ୍ରମଣକାରୀଙ୍କୁ ଚିହ୍ନଟକରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ହରିହର ଦାବି କରିଛନ୍ତି।

# ଚେସ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**କାଶୀନଗର, ୧୨।୧ (ଡି.ଏନ୍.ଏ.)**

କାଶୀନଗର ଚେସ୍ କ୍ଲବ ତରଫରୁ ପଞ୍ଚାନନ ପାଣିଗ୍ରାହୀଙ୍କ ପରିଚାଳନାରେ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଚେସ୍ ଟୁର୍ନାମେଣ୍ଟ ୧୨ ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ସମାବେଶରେ ପ୍ରଫେସର ମରୁତ ପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଏନ୍ଏସି ନିର୍ବାହୀ ଅଧିକାରୀ ଡ. ସତ୍ୟ ସମ୍ପର୍ଣ୍ଣା ରାଉତ, ରଘୁରାମ ସାହୁ, ହୃଷୀକେଶ ଗୌଡ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ କାଶୀନଗର ନାଗରିକ ମଞ୍ଚ ସଭାପତି ପ୍ରଶାନ୍ତ ମିଶ୍ର ଯୋଗଦେଇ ଚେସ୍ ପିଲାମାନଙ୍କ ମାନସିକ କ୍ରିୟାଶୀଳତା ବଢାଇଥାଏ ବୋଲି କହିଥିଲେ। ବରିଷ୍ଠ ବର୍ଗରେ ଶିବ ପ୍ରସାଦ ପଣ୍ଡା, କନିଷ୍ଠ ବର୍ଗରେ ଏମ୍ ତରୁଣ ୱିନର ଓ ନବକୃଷ୍ଣ ଲେଙ୍କା, ଚାନ୍ଦୁ ନାୟକ ରନର୍ସଅପ୍ ହୋଇଥିଲେ।

## ସଂକ୍ଷେପରେ

### କଂଗ୍ରେସ କର୍ମୀ ସମ୍ମିଳନୀ

**ଭଞ୍ଜନଗର, ୧୨।୧ (ଡି.ଏନ.ଏ.)**

ଭେଜିପୁଟ ଶିବ ମନ୍ଦିର କଲ୍ୟାଣ ମଣ୍ଡପରେ ମଙ୍ଗଳବାର କଂଗ୍ରେସ ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ହୋଇଥିଲା। ଏଥିରେ ଜିଲା କଂଗ୍ରେସ କମିଟି ସଭାପତି ତଥା ବିଧାୟକ ରମେଶ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଭେଦଭାବ ଭୁଲି ଦଳକୁ ଅଧିକ ସୁଦୃଢ଼ କରିବାକୁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲା ପର୍ଯ୍ୟବେକ୍ଷକ ଅକ୍ଷୟ ଆଚାର୍ଯ୍ୟ, ରାଜୀବ ଗାନ୍ଧୀ ଫାଉଣ୍ଡେସନର କର୍ମକର୍ତ୍ତା ବିସ୍ମୟ ମହାପାତ୍ର, ମହିଳା ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ, ପୂର୍ବତନ ଜିଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ ନାୟକ, ପିସିସି ସଭ୍ୟ ଦେବୀ ବିଷୋୟୀ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଅଯୋଧାନାଥ ମହାପାତ୍ର, ଭାସ୍କର ପତି, ବିଦ୍ୟାଧର ପ୍ରଧାନ, ପ୍ରଶାନ୍ତ ବିଷୋୟୀ, ଶମ୍ଭୁ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନ କିଭଳି ବୃଦ୍ଧି ପାଇବ ସେନେଇ କହିଥିଲେ। ଏହାପୂର୍ବରୁ ସହରରେ ଏକ ବାଇକ୍ ରାଲି ହୋଇଥିଲା। ବ୍ଲକ ଓ ନଗର କଂଗ୍ରେସ ସଭାପତି ପାଇଁ ଆଶାୟୀ ଥିବା ନେତାମାନେ ନିଜ ନିଜର ଶକ୍ତି ପ୍ରଦର୍ଶନ ପାଇଁ ରାଲିର ନେତୃତ ନେଇଥିଲେ।

### ହନୁମାନ ମନ୍ଦିର ଜମିରୁ ଜବରଦଖଲ ଉଚ୍ଛେଦ

**ଖଲ୍ଲିକୋଟ, ୧୨।୧ (ଡି.ଏନ.ଏ.)**-ଖଲ୍ଲିକୋଟ ବ୍ଲକ କେଶପୁର ପାଟଣା ଗ୍ରାମରେ ଥିବା ହନୁମାନ ମନ୍ଦିରର ଜମି ଦୀର୍ଘଦିନ ହେଲା ଜବର ଦଖଲରେ ଥିଲା। ମଙ୍ଗଳବାର ସ୍ଥାନୀୟ ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କେଶପୁର ଆର୍‌ଆଇ ମୀନକେତନ ଶବର, ଏଆର୍‌ଆଇ ସୁଦାମ ଶବର, ରାଜସ୍ୱ କର୍ମଚାରୀ ଗୋଦାବରୀ ପ୍ରଧାନ, ଖଲ୍ଲିକୋଟ ପୋଲିସ ଉପସ୍ଥିତିରେ ମନ୍ଦିର ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଥିଲା। ଏହି ସୀମା ନିରୂପଣ ସମୟରେ ଖଲ୍ଲିକୋଟ ବିଧାୟକ ପ୍ରତିନିଧି ଦଇତାରୀ ବେହେରା, ସରପଞ୍ଚ ପ୍ରତିନିଧି ମିଟୁ ସାହୁଙ୍କ ସମେତ ପୂର୍ବତନ ସରପଞ୍ଚ ବାବୁଲା ପରିଡ଼ା, ସୀତାରାମ ବେହେରା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଶହୀଦ ମେମୋରିଆଲ କ୍ରିକେଟ, ଟିକାବାଲି ଚାମ୍ପିୟନ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

**ଫୁଲବାଣୀ ଅଫିସ, ୧୨।୧**

ଫୁଲବାଣୀ ମାଦିକୁନ୍ଦାସ୍ଥିତ ରିଜର୍ଭ ପୋଲିସ ପଡିଆରେ ଚାଲିଥିବା ଶହୀଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶେଷ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ତୃତୀୟ ଥର ପାଇଁ ଟିକାବାଲି ଟିମ୍ ଚାମ୍ପିୟନ ହୋଇଛି। ଟସ୍ ଜିତି ପୋଲିସ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୧୯ ରନ କରିଥିଲା। ଜବାବରେ ଟିକାବାଲି ୧୮ ଓଭରରେ ୮ ଉଇକେଟ ହରାଇ ଆବଶ୍ୟକ ୧୨୧ ରନ କରି ଚାମ୍ପିୟନ ହୋଇଥିଲା। ଟିକାବାଲିର ସମଶେର ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ପୋଲିସ ଟିମ୍‌ର ଅମରେଶ୍ୱର ପାତ୍ର ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସ୍‌ପି ଭିନୀତ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ବିପିନ ବିହାରୀ ବେହେରା, କମାଣ୍ଡାଣ୍ଟ ସନ୍ତୋଷ କୁମାର ଦଣ୍ଡସେନା, ଡିଏସ୍‌ପି କୃଷ୍ଣ ପ୍ରସାଦ ପଟ୍ଟନାୟକ, ଆଲ୍‌ନବିସ କେରକେଟା, ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିବା କନ୍ଧମାଳ ପୋଲିସର ୩ ଜଣ ଯବାନଙ୍କ ସ୍ମୃତିରେ ଏହି ଟୁର୍ନାମେଣ୍ଟ ୫ ବର୍ଷ ହେଲା ଚାଲିଛି।

# ରାଜ୍ୟ କାୟାକଳ୍ପ ଟିମ୍‌ର ଅନୁଧ୍ୟାନ

**ହିଞ୍ଜିଳିକାଟୁ, ୧୨।୧ (ଡି.ଏନ୍.ଏ.)**

୩ଜଣିଆ ରାଜ୍ୟ କାୟାକଳ୍ପ ଟିମ ମଙ୍ଗଳବାର ହିଞ୍ଜିଳିକାଟୁ ଉପଖଣ୍ଡ ଡାକ୍ତରଖାନାକୁ ଆସିଥିଲେ। ଡା. ପୁଷ୍ପାଞ୍ଜଳି ମିଶ୍ରଙ୍କ ନେତୃତ୍ୱରେ ଡା. ବିଜୟ ଚନ୍ଦ୍ର ଷଡ଼ଙ୍ଗୀ, ଡା. କେ. ରଶ୍ମି ଡାକ୍ତରଖାନାର ବିଭିନ୍ନ ବିଭାଗରେ ସ୍ୱଚ୍ଛତା ନିରୀକ୍ଷଣ ସହ ବାହ୍ୟ ମୂଲ୍ୟାଙ୍କନ କରିଥିଲେ । ପରେ ରୋଗୀ ଓ ବିଭିନ୍ନ ବିଭାଗରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସଫେଇ କର୍ମଚାରୀ, ନର୍ସ, ଡାକ୍ତର ଫାର୍ମାସିଷ୍ଟଙ୍କ ସହ ସରକାରଙ୍କ ବିଭିନ୍ନ ଯୋଜନା ଓ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଟିମ ସଦସ୍ୟ ସରକାରଙ୍କ ୫ଟି ଯୋଜନା କାର୍ଯକାରୀ ଉପରେ ଗୁରୁତ୍ୱାରୋପ କରିଥିଲେ। କାୟାକଳ୍ପ ଟିମ ଡାକ୍ତରଖାନାରେ କିଛି କ୍ଷେତ୍ରରେ ସୁଧାର ପାଇଁ ପ୍ରସ୍ତାବ ଦେଇଥିଲେ।

# ଛଟେଇ ପ୍ରତିବାଦରେ ସିସି, ପିଏଜିଙ୍କ ବିକ୍ଷୋଭ

**ପାରଳାଖେମୁଣ୍ଡି, ୧୨।୧ (ଡି.ଏନ୍.ଏ.)**


ଜପତି ଜିଲାର ୧୩୯ ପଞ୍ଚାୟତରେ ଭିନ୍ନକ୍ଷମଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ନିଯୁକ୍ତି ପାଇ କାମ କରୁଥିବା ସିସି (କ୍ଲଷ୍ଟର କୋର୍ଡିନେଟର) ଓ ପିଏଜି (ପବ୍ଲିକ୍ ଆକ୍ସନ୍ ଗ୍ରୁପ୍)ଙ୍କୁ ୧୭ ମାସର ଦରମା ନ ଦେଇ ହଠାତ ବିନା ନୋଟିସରେ ଛଟେଇ ପ୍ରତିବାଦରେ ସୋମବାର ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ଭାସ୍କର ଚନ୍ଦ୍ର ସାହୁଙ୍କୁ ପ୍ରଦାନ କରା ଯାଇଥିଲା। ସ୍ଥାନୀୟ କଲେଜ ଛକରୁ ସଂଘ ସଭାପତି କେ. ଶିବାଜୀ ଓ ସମ୍ପାଦକ ରବିନ କୁମାର ମିଶାଲଙ୍କ ନେତୃତ୍ୱରେ କର୍ମଚାରୀମାନେ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ସଂଘ ସମ୍ପାଦକ ମିଶାଲ କହିଥିଲେ, ୨୦୧୮ ଡିସେମ୍ବରରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବିଭିନ୍ନ ପଞ୍ଚାୟତ ସ୍ତରରେ ଥିବା ଦିବ୍ୟାଙ୍ଗ ଭଉଣୀ ଭାଇମାନଙ୍କ କାମ କରିବାକୁ ନିଯୁକ୍ତି ପାଇଥିଲୁ। ସେମାନଙ୍କ ଆଧାର କାର୍ଡ, ପେନସନ, ପ୍ରମାଣପତ୍ର, ଭୀମଭୋଇ ସାମର୍ଥ୍ୟ ଶିବିରକୁ ନେବା ଆଣିବା, ମୋବାଇଲ ନମ୍ବର, ପାସ୍‌ବୁକ, ଆଇଡି କାର୍ଡ ଏଭଳି ୧୪ ସୂତ୍ରୀ ଉପରେ କାର୍ଯ୍ୟ କରି ଆସୁଥିଲୁ। ଦୀର୍ଘଦିନ ଧରି ଖଟାଇ କାମ ହାସଲ ପରେ ଆମକୁ ପାଉଣା ନଦେଇ ଛଟେଇ କରିଦେଲେ ବୋଲି ସେ ଅଭିଯୋଗ କରିଛନ୍ତି। ପୁନଃ ନିଯୁକ୍ତି ସହ ସରକାରୀ କର୍ମଚାରୀ ମାନ୍ୟତା ଓ ୧୭ ମାସସ ବକେୟା କରି କରିଛନ୍ତି।

# ସରିଲା କୁମ୍ଭୀର ଗଣନା, ଚିହ୍ନଟ ହେଲେ ୭୨

**ଦିଗପହଣ୍ଡି, ୧୨।୧ (ଡି.ଏନ.ଏ.)**

ଘୋଡାହାଡ଼ ଡ୍ୟାମରେ ବ୍ରହ୍ମପୁର ବନଖଣ୍ଡ କାର୍ଯ୍ୟାଳୟ ଅଧୀନ ଦିଗପହଣ୍ଡି ବନବିଭାଗ ପକ୍ଷରୁ ଗତ ଶନିବାରଠାରୁ ୩ ଦିନ ବ୍ୟାପୀ କୁମ୍ଭୀର ଗଣନା ହୋଇଥିଲା। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକଙ୍କ ସୂଚନାନୁସାରେ, ଡ୍ୟାମ୍‌ରେ ଚଳିତବର୍ଷ ୫୩ କୁମ୍ଭୀର ଥିବାବେଳେ ଆଖପାଖ ୧୦ଟି ପୋଖରୀରେ ୧୯ କୁମ୍ଭୀର ଥିବା ଜଣାପଡ଼ିଛି। ଡ୍ୟାମ ଏବଂ ପାର୍ଶ୍ୱବର୍ତ୍ତୀ ପୋଖରୀଗୁଡ଼ିକରେ ଗତବର୍ଷ ୬୫ କୁମ୍ଭୀର ଥିବା ବେଳେ ଚଳିତବର୍ଷ ଅଧିକା ୭ଟି କୁମ୍ଭୀର ଥିବା ଗଣନା ରିପୋର୍ଟରୁ ଜଣାପଡ଼ିଛି ବୋଲି ଦିଗପହଣ୍ଡି ବନାଞ୍ଚଳ ଡେପୁଟି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ କହିଛନ୍ତି। ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା, ବ୍ରହ୍ମପୁର ବନବିଭାଗ କାର୍ଯ୍ୟାଳୟର ଡାଟା ମ୍ୟାନେଜର ସୁବ୍ରତ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣନା କାର୍ଯ୍ୟ କରାଯାଇଥିଲା। ୨୦୧୦ରେ ୪୦ କୁମ୍ଭୀର ଥିବା ବେଳେ ୨୦୧୧ରେ ୪୫, ୨୦୧୨ରେ ୪୮, ୨୦୧୩-୧୪ରେ ୪୨ ରହିଥିଲା। ୨୦୧୫ରେ ୪୯, ୨୦୧୬ରେ ୫୫, ୨୦୧୭ ରେ ୫୬, ୨୦୧୮ରେ କୁମ୍ଭୀର ସଂଖ୍ୟା ୪୫କୁ ଖସିଥିବା ବେଳେ ୨୦୧୯ରେ ୫୮କୁ ବୃଦ୍ଧି ପାଇଥିଲା। ଅନ୍ୟପକ୍ଷରେ ଡ୍ୟାମରେ ୩ ଶହରୁ ଊର୍ଦ୍ଧ୍ୱ ଗୋ-ମୁହାଁ କୁମ୍ଭୀର ରହିଥିବା ସ୍ଥାନୀୟ ଅଧିବାସୀ କହିଛନ୍ତି। କୁମ୍ଭୀର ଗଣନା କାର୍ଯ୍ୟରେ ବନପାଳ କମଳାକାନ୍ତ ପାତ୍ର, ସନ୍ତୋଷ ମଲ୍ଲିକ, ସନ୍ଧ୍ୟାରାଣୀ ଦଳବେହେରା, ବନରକ୍ଷୀ ମୂରଲୀଧର ନାୟକ, ସୁବାସିନୀ ପ୍ରଧାନ ପ୍ରମୁଖଙ୍କ ସମେତ ପାରା ବନ କର୍ମଚାରୀ ସାମିଲ ଥିଲେ।

# ମୃତ ପଣ୍ଡିତଙ୍କ ପରିବାରକୁ ଭେଟିଲେ ବିଧାୟକ



ପଣ୍ଡିତଙ୍କ ପରିବାରକୁ ଭେଟୁଛନ୍ତି ବିଧାୟକ।

**ପୋଲସରା, ୧୨।୧ (ଡି.ଏନ୍.ଏ.)**

ପୋଲସରା ସହର ଲୁଣିଘାଟିସ୍ଥିତ ବରିଷ୍ଠ କର୍ମକାଣ୍ଡବିତ୍ ପଣ୍ଡିତ ପ୍ରଶାନ୍ତ ରଥଶର୍ମା ଆଚାର୍ଯ୍ୟଙ୍କ ସୋମବାର ମଧ୍ୟରାତ୍ରିରେ ଅକାଳ ବିୟୋଗ ଘଟିଛି। ମଙ୍ଗଳବାର ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଦଳୀୟ କର୍ମୀମାନଙ୍କୁ ନେଇ ମୃତକ ପଣ୍ଡିତଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଦେଇଥିଲେ। ମୃତକ ପୋଲସରା ଅଞ୍ଚଳର ଜଣେ ଜଣାଶୁଣା ବରିଷ୍ଠ କର୍ମକାଣ୍ଡବିତ୍ ଭାବେ ପ୍ରସିଦ୍ଧି ଲାଭ କରିଥିଲେ। ରାତ୍ରିରେ ତାଙ୍କର ଅକାଳ ବିୟୋଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ସୋରଡ଼ା, ୧୨।୧ (ଡି.ଏନ୍.ଏ.)**

ଋଷିକୂଲ୍ୟା ମହାବିଦ୍ୟାଳୟର ୧୯୯୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଖୁଣ୍ଟେଶ୍ୱରୀ ପାହାଡ କଲ୍ୟାଣୀ ମଣ୍ଡପଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୮ ବର୍ଷପରେ ଓଡ଼ିଶାର ବିଭିନ୍ନ ଜିଲାରେ କାର୍ଯ୍ୟରତ ପୁରାତନ ଛାତ୍ରୀଛାତ୍ରମାନେ ନିଜ ପରିବାର ସହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭଗବାନ ସାହୁ, ଅଶୋକ ପ୍ରଧାନ, ନୀଳାଞ୍ଚଳ ମାଲିକ, ବସନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## NOTIFIED AREA COUNCIL, DIGAPAHANDI

NOTICE INVITING BIDS (NIB) THROUGH e-Procurement
BID IDENTIFICATION No. DIGNAC-04/2020-21
NIB No. 35/DIGNAC, Dated: 11.01.2021

| | | |
|---|---|---|
| 1 | Procurement Officer - Publisher/Officer Inviting the Tender/Bids (OIT) | Executive Officer, N.A.C., Digapahandi |
| 2 | Name of the Works/Packages | Civil Works |
| 3 | Nos. of Works | 02 Nos. |
| 4 | Estimated Cost (Approx.) of the Works | Rs.6962985/- to Rs.7882287/- |
| 5 | Period of availability of the Bid documents/tenders for Online bidding | From 11.00 A.M. hrs. of Dtd.12.01.2021 to 17.00 P.M. hrs. of Dtd.27.01.2021 |
| 6 | Last date & time for bidding Online (Submission of Technical Bids & Financial Bids) | 17.00 P.M. hrs. of Dtd.27.01.2021 |
| 7 | Last date & time for submission of the sealed envelopes through Speed Post/Regd. Post with A.D. containing the EMD, cost of the bid documents, ABS (if reqd.) documents as asked for to fullfill the eligibility criteria of the bidders for each work | 17.00 P.M. hrs. of Dtd.30.01.2021 |
| 8 | Date & time of Opening of the Bids | 12.00 P.M. hrs. onwards on Dtd.01.02.2021 |

N.B.: Further more details can be seen in the DTCN available in the e-procurement portal i.e. https://tendersodisha.gov.in.

Sd./- Executive Officer, N.A.C., Digapahandi

## CANCELLATION OF TENDER FOR ORGANIZING TABLEAU IN STATE LEVEL REPUBLIC DAY PARADE - 2021

**(Tender reference No. 5067/SIHFW Dt.28.12.2020)**

No. E-512: The tender for organizing Tableau in State Level Republic Day Parade - 2021 vide Reference No. 5067/SIHFW Dt.28.12.2020 is hereby cancelled due to administrative reason.

Director
State Institute of Health & Family Welfare, Odisha
OIPR-10003/11/0047/2021

## अखिल भारतीय आयुर्विज्ञान संस्थान (एम्स), भुवनेश्वर
## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. :AIIMS/BBSR/Engg./ 575/ NIT-025 / 2020-21 Dated : 12th Jan 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Annual Maintenance of Civil Works of all the buildings of housing complex for the year of 2020-21 at AIIMS, Bhubaneswar** *(NIT No. : AIIMS/BBSR/Engg./ 025 /2020-21).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/ AIIMSBBSR & CPP Portal www.eprocure.gov.in.**

Sd/-
Executive Engineer(Civil) I/C
AIIMS, Bhubaneswar

## सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
## CENTRAL MINE PLANNING & DESIGN INSTITUTE LIMITED

(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM portal **https://gem.gov.in**"

## BHUBANESWAR MUNICIPAL CORPORATION

*Progress through Partnership for better Bhubaneswar*

Notice No. 1786 Date: 11.01.2021

**Notice Inviting "Nomination of Representatives from Animal Welfare Organizations to be a part of Monitoring Committee of Dog Control Program within the Jurisdiction of Bhubaneswar Municipal Corporation"**

No. C-293: Sealed applications are invited for "Nomination of Representatives from Animal Welfare Organizations to be a part of Monitoring Committee of Dog Control Program within the Jurisdiction of Bhubaneswar Municipal Corporation" in confromity with the terms & conditions laid down in the document. The detailed notice can be downloaded from BMC website i.e. **bmc.gov.in**. The last date of submission of applications is 27.01.2020 till 5.00 P.M.

By Order
Sd./- Deputy Commissioner (ABC)
Bhubaneswar Municipal Corporation
OIPR-13002/11/0072/2021

## BERHAMPUR MUNICIPAL CORPORATION BERHAMPUR

No. 284/XXVIII(E.9)6119 Date: 7.1.2021

**QUOTATION CALL NOTICE**

Sealed quotations are invited from the manufacturer/dealers for supply of water tanker on following requirements. The quotation should superscribe on cover that "Quotation for Supply of S.S. Water Tanker". The quotationers should quote their rate including all Taxes & duties. The quotationer should send the quotation through registered post/speed post only. The quotation should reach the undersigned on or before **21.01.2021 upto 5.00 PM** and the same will be opened on dated **22.01.2021, 11.00 AM** in presence of quotationer or their authorized agents, if any.

The authority reserves the right to accept or reject any or quotation with assigning any reason thereof.

| Sl. No. | Description | Quantity | Quoted Rate including Tax & Transportation |
|---|---|---|---|
| 1 | 2000 to 2500 ltr. Capacity water tanker with pump for in loading, out discharge, jet spray and real loader and the facility PTO opened alternative for power supply 7.50 x 16 Tyre, Chassis-125 x 65, 100 x 50 mm. 75 x 40 abused ISI mark. 50 x 50 x 5 & 35 x 35 x 5 angel with single manhole | 1 | |

1. The quotationer should submit the copy of pan card, GST Registration Certificate, Manufacture/Dealer Certificate.
2. 2000/- paper cost.
3. 1% EMD on the Quoted Value in shape of BD/ DD/ PO in favour of Commissioner, Berhampur Municipal Corporation.

Sd./- Commissioner, Berhampur Municipal Corporation

## ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ, କଟକ

**ବିଜ୍ଞାପନ**

ପତ୍ର ସଂ.୫୫ ତା।୧୧।୦୧।୨୦୨୧

ଶ୍ରୀମତୀ କ୍ରିଷ୍ଣା ଦାସ, ପଟ୍ଟାଧାରୀ ନୂଆପଲମ ସରକାରୀ ଦେଶୀ ମଦ ଦୋକାନ ଓ ଶ୍ରୀ ତପନ କୁମାର ଦାସ ପଟ୍ଟାଧାରୀ, ଖଣ୍ଡିଆରିପୁର, ଉଭୟ ସରକାରୀ ଦେଶୀ ମଦ ଦୋକାନର ମାଲିକାନା ସ୍ୱତ୍ୱ ଶ୍ରୀମତୀ ମୋନାଲିସା ରାଉତରାୟ, ସ୍ୱା- ଅଜିତ କୁମାର ରାଉତରାୟ, ସା- ସାଇଲୋ, ଝାରପଡ଼ା, ଥାନା- ଗୋବିନ୍ଦପୁର, ଜିଲ୍ଲା- କଟକଙ୍କ ନାମରେ ହେବାକୁ ଯାଉଅଛି। ଏଣୁ ଏହି ନୋଟିସ ଜରିଆରେ ଜଣାଇଦିଆଯାଉଅଛି କି, ଶ୍ରୀମତୀ କ୍ରିଷ୍ଣା ଦାସ ଓ ଶ୍ରୀ ତପନ କୁମାର ଦାସଙ୍କର କେହି ଦାବିଦାର ଥିଲେ, ଏହି କାର୍ଯ୍ୟାଳୟକୁ ସାତଦିନ ମଧ୍ୟରେ ଜଣାଇବେ। ଉକ୍ତ ତାରିଖ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ।

ସ୍ୱା./- ଅବକାରୀ ଅଧୀକ୍ଷକ, କଟକ

## ODISHA COMPUTER APPLICATION CENTRE
## OCAC REQUEST FOR PROPOSAL

Enq.No.:-OCAC-TE-17-2018(P-I)(Vol-1)-21004

Sealed proposals are invited from reputed System Integrators / OEMs / Authorised Dealers / Distributors / Suppliers for engagement of Agency towards implementation of Odisha Cyber Security Operation Centre (CSOC) at OCAC. For details please visit websites www.ocac.in & www.odisha.gov.in. The last date for submission of proposal is **05.02.2021, 02:00 P.M.**

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

No. U-11 OIPR-16003/11/0002/2021

## ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME

ST & SC DEVELOPMENT DEPARTMENT
PROGRAMME MANAGEMENT UNIT
2ND FLOOR, TDCC BUILDING, RUPALI SQUARE, BHUBANESWAR-751022

**WALK -IN-INTERVIEW**

**EMPANELMENT OF JUNIOR AGRICULTURE OFFICER & SOCIAL MOBILISER UNDER OPELIP**

No. CAD-1065

A walk-in-interview will be conducted for empanelment of **Junior Agriculture Officer & Social Mobiliser** to be positioned at different Micro Project Agencies under OPELIP on purely **contractual basis.** Interested eligible candidates may report at PMU, OPELIP, 2nd Floor, TDCCOL Building, Rupali Square, Bhoinagar, Bhubaneswar -751022 with the prescribed filled-in application along with all original & self-attested photocopy of qualification and experience certificates for the post of Junior Agriculture Officer & Social Mobiliser **respectively on 28th & 29th of January 2021 at 9.30 AM** for registration. The Registration time is 9.30 AM to 11.30 AM. No application shall be entertained after registration time. The prescribed application form and detailed ToR may be downloaded from our official website i.e. **www.opelip.org.** Programme Director, OPELIP reserves the right to accept or reject the applications without assigning any reason thereof.

Place: Bhubaneswar
Date : 11.01.2021

OIPR-26024/11/0003/2021

Sd/-
Programme Director

## GOVERNMENT OF ODISHA
## PANCHAYATIRAJ & DRINKING WATER DEPARTMENT

OFFICE OF THE PANCHAYAT SAMITI, PAPADAHANDI
AT/P.O.- PAPADAHANDI, DIST.- NABARANGAPUR, PIN: 764071
e-mail:ori-papadahandi@nic.in

**QUOTATION CALL NOTICE NO.:01/2020-21**

Letter No.82/21 Date: 08.01.2021

Block Development Officer, Papadahandi invites "Tender for supply of Pictorial Tiles printed with PMAY (G), NSPGY & BPGY Logo" as per specifications from reputed registered firms/agencies for affix at the entrance of houses under Rural Housing Scheme of Papadahandi Block through bid system.

Detailed tender documents comprising Background, Scope of work, Technical evaluation criteria, Financial bid evaluation and annexure for submitting the tender can be downloaded from district website www.nabarangpur.nic.in from 11.01.2021 to 17.01.2021.

| Sl. No. | Name of the work | EMD to be deposited (Rs.) | Cost of tender documents (Non refundable) (Rs.) |
|---|---|---|---|
| 1 | 2 | 3 | 4 |
| 1 | Supply of Pictorial Tiles printed with PMAY (G), NSPGY & BPGY Logo | 10000.00 | 5,000.00 |

Sd./- Block Development Officer
Papadahandi



କେନ୍ଦ୍ର ସରକାରଙ୍କ ଅନୁରୋଧକ୍ରମେ କୋଭିଶିଲ୍ଡର ପ୍ରଥମ ୧୦ କୋଟି ଟିକା ଡୋଜ୍ ପିଛା ୨୦୦ଟଙ୍କାରେ ଦିଆଯାଉଛି। ଏହି ସ୍ୱତନ୍ତ୍ର ମୂଲ୍ୟ କେବଳ ଭାରତ ସରକାରଙ୍କ ପାଇଁ ସ୍ଥିର କରାଯାଇଛି।

-ଅଦାର ପୁନାୱାଲା, ସିଇଓ, ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ୧୩ ସହରକୁ ଗଲା କୋଭିଶିଲ୍ଡ



**ନୂଆଦିଲ୍ଲୀ, ୧୨ା୧:** ଆସନ୍ତା ୧୬ ତାରିଖରେ ଦେଶରେ କରୋନା ଟିକାକରଣ ଆରମ୍ଭ ହେବାକୁ ଯାଉଛି। ଅକ୍ସଫୋର୍ଡ ୟୁନିଭର୍ସିଟି ଓ ଆଷ୍ଟ୍ରାଜେନିକା ଦ୍ୱାରା ବିକଶିତ ଏବଂ ସିରମ୍ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରସ୍ତୁତ କୋଭିଶିଲ୍ଡ ଭାକ୍ସିନ ପାଇଁ ପୁଣେରୁ ବିମାନ ଯୋଗେ ୧୩ଟି ସହରକୁ ପଠାଯାଇଛି। ପ୍ରଥମ ଫ୍ଲାଇଟ୍ ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିଛି। ଶୀତତାପ ନିୟନ୍ତ୍ରିତ ଟ୍ରକ୍ ଯୋଗେ ଏସ୍‌ବି ଲଜିଷ୍ଟିକ୍ କମ୍ପାନୀ ଟିକା ବିତରଣ ଦାୟିତ୍ୱ ନେଇଛି। ସମୁଦାୟ ୮ଟି ବିମାନ- ଦୁଇଟି କାର୍ଗୋ ଏବଂ ଅନ୍ୟାନ୍ୟ ନିୟମିତ ବାଣିଜ୍ୟିକ ବିମାନ ଯୋଗେ ଟିକା ପରିବହନ ହେଉଥିବା ଏସ୍‌ବି ଲଜିଷ୍ଟିକ୍ ଏମ୍‌ଡି ସନ୍ଦୀପ ଭୋସଲେ କହିଛନ୍ତି। ଦିଲ୍ଲୀ ସମେତ ଭୁବନେଶ୍ୱର, ଅହମ୍ମଦାବାଦ, ଚଣ୍ଡିଗଡ଼, ଲକ୍ଷ୍ନୌ, କର୍ନାଲ, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ବିଜୟୱାଡା, ବାହୁବଳୀ, କୋଲକାତା ଓ ଗୌହାଟୀକୁ ଟିକା ପରିବହନ ହୋଇଛି। ସିରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ କୋଭିଶିଲ୍ଡର ୧୧ ମିଲିୟନ୍ ଡୋଜ୍ ପାଇଁ ସରକାରଙ୍କଠାରୁ କ୍ରୟ ଅର୍ଡର ପାଇଛି। ପ୍ରତି ଡୋଜ ପ୍ରାୟ ୨୦୦ ଟଙ୍କାରେ ଉପଲବ୍ଧ ହେବ ବୋଲି ସିରମ୍ ପକ୍ଷରୁ କୁହାଯାଇଛି।

### 'ରାଜନୀତିକୁ ଆସନ୍ତୁ ଯୁବଗୋଷ୍ଠୀ'



**ନୂଆଦିଲ୍ଲୀ, ୧୨ା୧:** ବଂଶବାଦ ରାଜନୀତି ଗଣତନ୍ତ୍ରକୁ ଦୁର୍ବଳ କରିଦେବ। ଏହା ଦେଶ ପାଇଁ ବଡ଼ ବିପଦ। ଏଥିରେ ପରିବର୍ତ୍ତନ ପାଇଁ ଯୁବଗୋଷ୍ଠୀ ରାଜନୀତିରେ ପ୍ରବେଶ କରନ୍ତୁ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦ୍ୱିତୀୟ ଯୁବ ପାର୍ଲାମେଣ୍ଟର ଏକ କାର୍ଯ୍ୟକ୍ରମରେ କାହାର ନାମ ନ ନେଇ ମୋଦି କହିଥିଲେ, ଏବେ ବି ଲୋକେ କେବଳ ପରିବାରର ନାଁ ରଖିବାକୁ ରାଜନୀତି କରୁଛନ୍ତି। ଦେଶର ସ୍ୱାର୍ଥ ଅପେକ୍ଷା ସେମାନଙ୍କ ପାଇଁ ବଂଶବାଦ ବଜାୟ ରଖିବା ପ୍ରାଥମିକତା ପାଲଟିଛି। ଏହି ବିପଦରୁ ଦେଶକୁ ରକ୍ଷା କରିବା ପାଇଁ ବହୁ ସଂଖ୍ୟାରେ ଯୁବଗୋଷ୍ଠୀ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ମାନି ରାଜନୀତିକୁ ଆସନ୍ତୁ ବୋଲି ମୋଦି କହିଥିଲେ।

### ବିବେକ ଓବେରଏଙ୍କ ଭିଣୋଇ ଗିରଫ

**ବେଙ୍ଗାଲୁରୁ, ୧୨ା୧:** କର୍ନାଟକର ପୂର୍ବତନ ମନ୍ତ୍ରୀ ଜିଭାରାଜ ଆଲ୍‌ଭାଙ୍କ ପୁଅ ତଥା ବଲିଉଡ ଅଭିନେତା ବିବେକ ଓବେରୟଙ୍କ ଭିଣୋଇ ଆଦିତ୍ୟ ଆଲ୍‌ଭାଙ୍କୁ ଡ୍ରଗ୍ସ କାରବାର ମାମଲାରେ ବେଙ୍ଗାଲୁରୁ ସେଣ୍ଟ୍ରାଲ କ୍ରାଇମ ବ୍ରାଞ୍ଚ ଗିରଫ କରିଛି । ଗତ ସେପ୍ଟେମ୍ବରରେ ଆଦିତ୍ୟଙ୍କ ନାମରେ କଟନପେଟ୍ ଥାନାରେ ଏତଲା ହେବା ପରେ ସେ ଫେରାର ଥିଲେ। ତାଙ୍କୁ ଧରିବା ପାଇଁ ପୋଲିସ୍ ଏକ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଥିଲା। ଆଦିତ୍ୟ ତାଙ୍କ ଘରେ ପାର୍ଟି ଆୟୋଜନ କରି ସେଠାରେ ଲୋକଙ୍କୁ ଡ୍ରଗ୍ସ ଯୋଗାଉଥିଲେ ବୋଲି ଅଭିଯୋଗ ରହିଥିଲା। ଏଥିସହ ବିବେକଙ୍କ ଘରେ ମଧ ପୋଲିସ ଚଢ଼ାଉ କରିଛି।

### ୭୦ ହଜାର ଟ୍ରମ୍ପ ସମର୍ଥକଙ୍କ ଆକାଉଣ୍ଟ ବ୍ୟାନ


**ସାନ୍‌ଫ୍ରାନ୍ସିସ୍କୋ, ୧୨ା୧:** ଆମେରିକାର କ୍ୟାପିଟୋଲ ବିଲ୍ଡିଂରେ ହିଂସାକାଣ୍ଡ ଘଟଣା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରାୟ ୭୦ ହଜାର ସମର୍ଥକଙ୍କ ଟୁଇଟର ଆକାଉଣ୍ଟକୁ ରଦ୍ଦ କରିଦିଆଯାଇଛି। ଭୁଲ ଖବର ପ୍ରସାରଣକାରୀ ଆକାଉଣ୍ଟକୁ ସ୍ଥାୟୀ ଭାବେ ବନ୍ଦ କରାଯାଇଥିବା ଟୁଇଟର ପକ୍ଷରୁ କୁହାଯାଇଛି। ଜଣେ ବ୍ୟକ୍ତି ଏକାଧିକ ଆକାଉଣ୍ଟ ଖୋଲିଥିବା ଏବଂ ଏହା ମାଧ୍ୟମରେ ଉତ୍ତେଜନା ସୃଷ୍ଟିକାରୀ ମେସେଜ ପୋଷ୍ଟ କରାଯାଉଥିବା ସାମ୍ନାକୁ ଆସିବା ପରେ ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ଟ୍ରମ୍ପଙ୍କ ଆକାଉଣ୍ଟକୁ ବନ୍ଦ କରିଦିଆଯାଇଛି।

## 'ଟିକାକରଣ ପରେ ବି କରୋନାରୁ ମୁକ୍ତି ନାହିଁ'



**ଲଣ୍ଡନ, ୧୨ା୧:** କୋଭିଡ୍-୧୯ ସଂକ୍ରମଣକୁ ରୋକିବା ପାଇଁ ବିଭିନ୍ନ ଦେଶରେ ଜରୁରିକାଳୀନ ସହ ସାମୂହିକ ଟିକାକରଣ ଆରମ୍ଭ ହୋଇଯାଇଛି। କିନ୍ତୁ ଟିକାକରଣ ସତ୍ତ୍ୱେ ୨୦୨୧ରେ କରୋନା ସଂକ୍ରମଣରୁ ମୁକ୍ତ ମିଳିବନି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି। ପରିବର୍ତ୍ତିତ କରୋନା ଷ୍ଟ୍ରେନ ଓ ଅନେକ ଦେଶରେ ସଂକ୍ରମଣ ସ୍ଥିତିକୁ ଦେଖିଲେ କୌଣସି ପରିସ୍ଥିତିରେ ସାମୂହିକ ରୋଗ ପ୍ରତିରୋଧକ ଶକ୍ତି ବା ହର୍ଡ ଇମ୍ୟୁନିଟି ସୃଷ୍ଟି ହେବାର ସମ୍ଭାବନା କ୍ଷୀଣ ବୋଲି ଡବ୍ଲ୍ୟୁଏଚ୍‌ଓର ଚିଫ୍ ସାଇଣ୍ଟିଷ୍ଟ ସୌମ୍ୟା ସ୍ୱାମୀନାଥନ କହିଛନ୍ତି। କିଛି ଦେଶରେ କଡ଼ା କଟକଣା ଯୋଗୁ ଏହା ସମ୍ଭବ ହୋଇପାରେ କିନ୍ତୁ ଅଧିକାଂଶ ଦେଶରେ ସଂକ୍ରମଣ ଧାରା ଜାରି ରହିବ। ୭୦ ପ୍ରତିଶତ ଲୋକଙ୍କୁ ଠିକ୍ ଭାବେ ଭାକ୍ସିନେଶନ କରାଗଲେ ଏହା କିଛି ମାତ୍ରାରେ ହାସଲ କରାଯାଇପାରେ।

## ୨୫୧ ଟଙ୍କିଆ ଫୋନ୍ କମ୍ପାନୀ ମାଲିକ ଗିରଫ



**ନୋଏଡା, ୧୨ା୧:** ମାତ୍ର ୨୫୧ ଟଙ୍କାରେ ସ୍ମାର୍ଟଫୋନ୍ ବିକ୍ରି କରିବାକୁ କହି ଚର୍ଚ୍ଚାକୁ ଆସିଥିବା ମୋହିତ ଗୋଏଲଙ୍କୁ ପୋଲିସ ରବିବାର ଗିରଫ କରିଛି। ତାଙ୍କ ନାମରେ ୨ ଶହ କୋଟି ଟଙ୍କାର ଡ୍ରାଏ ଫ୍ରୁଟ୍ ଜାଲିଆତି ଅଭିଯୋଗ ରହିଛି। ସ୍ତ୍ରୀଙ୍କ ସହ ମିଶି ମୋହିତ ରିଙ୍ଗିଙ୍ଗ୍ ବେଲ୍ ନାମରେ ଏକ କମ୍ପାନୀ ଖୋଲି 'ଫ୍ରିଡମ୍ ୨୫୧' ମୋବାଇଲ ବିକ୍ରି କରିବେ ବୋଲି ଘୋଷଣା କରିଥିଲେ। କମ୍ପାନୀ ପାଇଁ ମୋହିତ ସହଯୋଗୀଙ୍କ ସହ ଏକ ଘର ଭଡ଼ା ନେବା ସହ ଏ ବାବଦରେ ମାସିକ ୩ ଲକ୍ଷ ଟଙ୍କା ଦେଉଥିଲେ। ଏଥିସହ ଅନ୍ୟ ୫ ଜଣଙ୍କ ସହ ଦୁବାଇ ଡ୍ରାଏ ଫ୍ରୁଟ୍ସ ଆଣ୍ଡ ସ୍ପାଇସେସ୍ ହବ୍ ମଧ ଖୋଲିଥିଲେ। ଏହି ହବ୍ ମାଧ୍ୟମରେ ସେ ଡ୍ରାଏ ଫ୍ରୁଟ୍ ବ୍ୟବସାୟୀଙ୍କୁ ଠକେଇ କରିଛନ୍ତି। ସେକ୍ଟର ୫୧ ସ୍ଥିତ ମେଘଦୂତମ୍ ପାର୍କ ନିକଟରୁ ତାଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଏକ ଅଡି କାର୍, ୬୦ କେଜିର ଡ୍ରାଏ ଫ୍ରୁଟ୍ସ ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ମୋହିତଙ୍କ ନାମରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୪୦ ଅଭିଯୋଗ ରହିଥିବା ପୋଲିସ କହିଛି।

# ରାୟକୁ ସ୍ୱାଗତ, ହଟିବୁ ନାହିଁ

**ନୂଆଦିଲ୍ଲୀ,୧୨ା୧**

ସୁପ୍ରିମକୋର୍ଟ କୃଷି ଆଇନ ଉପରେ ମଙ୍ଗଳବାର ସ୍ଥଗିତାଦେଶ ଜାରି କରି ଦେଇଥିବା ରାୟକୁ କୃଷକ ସଙ୍ଗଠନଗୁଡ଼ିକ ସ୍ୱାଗତ କରିଛନ୍ତି। ତେବେ ସମ୍ପୂର୍ଣ୍ଣ ଆଇନକୁ ପ୍ରତ୍ୟାହାର କରା ନ ଯିବା ଯାଏ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପରେ ମଧ ଅଚଳାବସ୍ଥା ଦୂର ହେବା ନେଇ ଆଶା ଦେଖାଯାଉନାହିଁ।

ଦିଲ୍ଲୀ ସମେତ ଜାତୀୟ ରାଜଧାନୀ ସଂଲଗ୍ନ ସୀମାରେ କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ଆନ୍ଦୋଳନ ମଙ୍ଗଳବାର ୪୮ ଦିନରେ ପହଞ୍ଚିଛି। ଆନ୍ଦୋଳନରତ ୪୦ କୃଷକ ସଙ୍ଗଠନକୁ ନେଇ ଗଠିତ ସଂଯୁକ୍ତ କିଷାନ ମୋର୍ଚ୍ଚା ସୁପ୍ରିମକୋର୍ଟ ରାୟ ଆସିବା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ଲାଗି ଏକ ବୈଠକ ଡାକିଛି। ଏଥିରେ କୃଷକ ନେତାମାନେ କହିଛନ୍ତି, ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ କମିଟି ନିକଟରେ ସେମାନେ ହାଜର ହେବେ ନାହିଁ। ଆନୁଷ୍ଠାନିକ ନିଷ୍ପତ୍ତି ମୋର୍ଚ୍ଚା ପକ୍ଷରୁ ନିଆଯିବ। ମୋର୍ଚ୍ଚାର ବରିଷ୍ଠ ନେତା ଅଭିମନ୍ୟୁ କୋହର କହିଛନ୍ତି, କୃଷି ଆଇନର କାର୍ଯ୍ୟକାରିତା ସ୍ଥଗିତ ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ। କିନ୍ତୁ ସମ୍ପୂର୍ଣ୍ଣ ଆଇନକୁ ଉଚ୍ଛେଦ କରିବା ହେଉଛି ଆମର ଦାବି। କୃଷକ ନେତା ହରିନ୍ଦର ଲୋଖୱାଲଙ୍କ ମତରେ ଆଇନ ନ ହଟାଯିବା ପର୍ଯ୍ୟନ୍ତ ବିକ୍ଷୋଭ ଚାଲିବ। କମିଟି ଉପରେ ଆମର ବିଶ୍ୱାସ ନାହିଁ। ଏକଥା ଆମେ ମୂଳରୁ କହିଆସୁଛୁ। ସରକାର କମିଟି ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ। ଏବେ ସୁପ୍ରିମକୋର୍ଟ ସହ ଆମେ ଏହି କମିଟିର କାର୍ଯ୍ୟକାରିତା ଦେଖିବୁ ବୋଲି ଅଲ୍ କିଷାନ ସଭା (ପଞ୍ଜାବ) ଉପାଧକ୍ଷ ଲଖ୍‌ବୀର ସିଂ କହିଛନ୍ତି। କୃଷକ ନେତା ଜଶପ୍ରୀତ ସିଂ ସିଙ୍ଘୁ ସୀମାରେ କହିଛନ୍ତି, ୪ ମାସ ହେଲା ଆନ୍ଦୋଳନ କରୁଛୁ। ୭୦ ଜଣ ପ୍ରାଣ ହରାଇଲେଣି। ପଛଘୁଞ୍ଚା ଦେବୁ ନାହିଁ।

ଅନ୍ୟପକ୍ଷେ ପାଟନାସ୍ଥିତ ରାଜଭବନ ଆଗରେ ଆସନ୍ତା ୧୫ରେ ବିକ୍ଷୋଭ କରାଯିବ ବୋଲି ବିହାର କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବିହାର କଂଗ୍ରେସ ପ୍ରଭାରୀ ଭକ୍ତଚରଣ ଦାସ କହିଛନ୍ତି, କୃଷକମାନଙ୍କୁ ସମର୍ଥନ ଜଣାଇ ବିକ୍ଷୋଭ ଶୋଭାଯାତ୍ରା କରିବା ଲାଗି ଆମେ ସ୍ଥିର କରିଛୁ। ଏହି ପ୍ରସଙ୍ଗକୁ ନେଇ ସେପଟେ ହରିୟାଣାର ମନୋହରଲାଲ ଖଟ୍ଟାର ସରକାର ଉପରେ ବିପଦ ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ଏହି ଆଇନକୁ ପ୍ରତ୍ୟାହାର ନ କଲେ ହରିୟାଣାର ଶାସକ ଭାଜପା-ଜେଜେପି ମେଣ୍ଟକୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଜେଜେପିର ଏକ ବିଧାୟକ ଗୋଷ୍ଠୀ ଚେତାବନୀ ଦେଇଛନ୍ତି।



ସିଙ୍ଘୁ ସୀମାରେ ଚାଷୀ ନେତା ଦର୍ଶନ ପାଲ୍ ସିଂ (ମଝି) କୃଷି ଆଇନ ବିରୋଧରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି।



"୩ କୃଷି ଆଇନକୁ ହଟାଯାଇ ଖାଦ୍ୟଶସ୍ୟ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ ସୁନିଶ୍ଚିତ କରିବା ନେଇ ଆଇନ ପ୍ରଣୟନ ହେଉଛି ଆମର ଦାବି। ତେଣୁ ଆମ ଦାବି ପୂରଣ ନ ହେବା ଯାଏ ଯେତେଦିନ ଲାଗିଲେ ବି ଆମେ ଆନ୍ଦୋଳନ ଜାରି ରଖିବୁ। ସାଧାରଣତନ୍ତ୍ର ଦିବସ ପରେଡ୍ ବେଳେ ଟ୍ରାକ୍ଟର ପରେଡ୍ ପୂର୍ବ ଯୋଜନା ମୁତାବକ ଚାଲିବ।

**-ରାକେଶ ଟିକାଏତ୍, ଭାରତୀୟ କିଷାନ ୟୁନିୟନ୍ ମୁଖପାତ୍ର**



"କୃଷି ଆଇନ ଉପରେ ସ୍ଥଗିତାଦେଶ ରାୟକୁ ସ୍ୱାଗତ କରୁଛି। ଏନେଇ ଡିଏମ୍‌କେ ସମେତ ବିଭିନ୍ନ ଦଳ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଅଦାଲତଙ୍କ ନିଷ୍ପତ୍ତି ସାରା ଦେଶର ଆନ୍ଦୋଳନରତ କୃଷକଙ୍କ ବିଜୟ। କେନ୍ଦ୍ର ସରକାର ୩ କୃଷି ଆଇନକୁ ପାର୍ଲାମେଣ୍ଟର ଆଗାମୀ ଅଧିବେଶନରେ ଉଚ୍ଛେଦ କରନ୍ତୁ।

**-ଏମ୍.କେ. ଷ୍ଟାଲିନ୍, ଡିଏମ୍‌କେ ଅଧ୍ୟକ୍ଷ**

## ବିବାଦ କ'ଣ

ଦେଶର ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରିବାକୁ ପ୍ରତିଶ୍ରୁତି ଦେଇଥିବା କେନ୍ଦ୍ର ସରକାର ୨୦୨୦ ସେପ୍ଟେମ୍ବରରେ ୩ଟି ନୂଆ କୃଷି ଆଇନ ଆଣିଥିଲେ। ସେଗୁଡ଼ିକ ହେଲା କୃଷକ (ସଶକ୍ତୀକରଣ ଓ ସଂରକ୍ଷଣ) ମୂଲ୍ୟ ଆଶ୍ୱାସନା ଏବଂ କୃଷି ସେବା ଉପରେ ଚୁକ୍ତି ଆଇନ, କୃଷକ ଉତ୍ପାଦ ବେପାର ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସରଳୀକରଣ) ଆଇନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ। ଏହି ୩ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ସେପ୍ଟେମ୍ବର ୨୭ରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ଆଇନରେ ପରିଣତ ହୋଇଥିଲା। ନୂଆ ଆଇନରେ ଉତ୍ପାଦିତ ଖାଦ୍ୟଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ମିଳିବ ନାହିଁ ଏବଂ ଚାଷଜମି ବଡ଼ବଡ଼ ଶିଳ୍ପପତିଙ୍କ ହାତକୁ ଚାଲିଯିବ ବୋଲି ଆଶଙ୍କା କରି ଏହାକୁ ପ୍ରତ୍ୟାହାର କରିବା ପାଇଁ ସେବେଠାରୁ କୃଷକମାନେ ଦାବି କରିଆସୁଥିବାବେଳେ ନଭେମ୍ବର ୨୬ରେ 'ଦିଲ୍ଲୀ ଚଲୋ' ଡାକରା ଦେଇଥିଲେ। ଏହି କ୍ରମରେ ପ୍ରାୟ ୪୦ କୃଷକ ସଙ୍ଗଠନ ୪୮ ଦିନ ଧରି ଦିଲ୍ଲୀ ସମେତ ସିଙ୍ଘୁ, ଗାଜିପୁର ଓ ଟିକ୍ରି ସୀମାରେ ଆନ୍ଦୋଳନ ଚଳାଇଛନ୍ତି। ଆଇନରେ ସଂଶୋଧନ ଆଣିବାକୁ ସରକାର ରାଜି ହୋଇଥିବାବେଳେ ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରାଯାଉ ବୋଲି କୃଷକମାନେ ଅଡ଼ିବସିଛନ୍ତି। ଅଚଳାବସ୍ଥା ଦୂର ପାଇଁ କେନ୍ଦ୍ର ସରକାର ଓ କୃଷକ ସଙ୍ଗଠନର ପ୍ରତିନିଧିମାନଙ୍କ ସହ ଅଷ୍ଟମ ପର୍ଯ୍ୟାୟ ଆଲୋଚନା ବିନା ନିଷ୍କର୍ଷରେ ଶେଷ ହୋଇଥିବାବେଳେ ଆସନ୍ତା ୧୫ ତାରିଖରେ ନବମ ପର୍ଯ୍ୟାୟ ବୈଠକ ବସିବାକୁ ସ୍ଥିର ହୋଇଛି। ଏଭଳି ସମୟରେ ସୁପ୍ରିମକୋର୍ଟଙ୍କ ଏହି ରାୟ ଆସିଛି।



ଜମ୍ମୁସ୍ଥିତ ଭାଜପା କାର୍ଯ୍ୟାଳୟ ବାହାରେ କୃଷି ଆଇନ ବିରୋଧରେ ବିକ୍ଷୋଭ ବେଳେ ଯୁବ କଂଗ୍ରେସ କର୍ମୀଙ୍କୁ ଅଟକାଉଛି ପୋଲିସ।

## 'ବିପଦ ବଢ଼ାଉଛନ୍ତି ଚାଇନା, ପାକିସ୍ତାନ'



**ନୂଆଦିଲ୍ଲୀ, ୧୨ା୧**

ଭାରତର ଜାତୀୟ ନିରାପତ୍ତା ପ୍ରତି ଚାଇନା ଓ ପାକିସ୍ତାନ ମିଳିତ ଭାବେ ବିପଦ ସୃଷ୍ଟି କରୁଛନ୍ତି। ଭାରତ ବିରୋଧୀ ଆଭିମୁଖ୍ୟ ରଖି ଏହି ଦୁଇ ଦେଶ ବିଭିନ୍ନ କାର୍ଯ୍ୟକଳାପ ଜାରି ରଖିଛନ୍ତି। ସାମରିକ ଏବଂ ଅଣ ସାମରିକ କ୍ଷେତ୍ରରେ ଚାଇନା ଏବଂ ପାକିସ୍ତାନ ମଧ୍ୟରେ ସହଯୋଗ ବୃଦ୍ଧି ପାଉଛି। ଲଦାଖ ସୀମାରେ ମଧ ଚାଇନା ଏହାର ସେନା ମୁତୟନ ବଢ଼ାଇବାରେ ଲାଗିଛି। ତେବେ ଯେ କୌଣସି ପରିସ୍ଥିତିର ସାମ୍ନା କରିବାକୁ ଭାରତୀୟ ଯବାନ ସବୁବେଳେ ପ୍ରସ୍ତୁତ ବୋଲି କହିଛନ୍ତି ସେନା ମୁଖ୍ୟ ଜେନେରାଲ ଏମ୍‌ଏମ୍ ନରୱଣେ। ହେଲେ ବୁଝାମଣା ଆଧାରରେ ତିକ୍ତତା ହ୍ରାସ ପାଇଁ ଉଦ୍ୟମ କରାଯିବା ଉଚିତ୍ ବୋଲି ଏକ ଖବରଦାତା ସମ୍ମିଳନୀରେ ସେ ପ୍ରକାଶ କରିଛନ୍ତି। ଭାରତ ଏବଂ ଚାଇନା ପରସ୍ପର ମଧ୍ୟରେ ଆଲୋଚନା ଓ ଚୁକ୍ତି ମାଧ୍ୟମରେ ସୀମାରୁ ସେନା ପ୍ରତ୍ୟାହାର ସମ୍ଭବ ବୋଲି ଆଶା ରହିଛି। ତେବେ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପାଙ୍ଗୋଙ୍ଗ ହ୍ରଦର ଦକ୍ଷିଣ କୂଳରେ ଭାରତୀୟ ଯବାନ ମୁତୟନ ରହିବେ ବୋଲି ସେନା ମୁଖ୍ୟ କହିଛନ୍ତି।



ସାଧାରଣତନ୍ତ୍ର ଦିବସ ପାଇଁ ଭାରତୀୟ ନୌସେନା ପକ୍ଷରୁ ମଙ୍ଗଳବାର ନୂଆଦିଲ୍ଲୀରେ ପରେଡ ଅଭ୍ୟାସ କରାଯାଉଛି।

## ପାଖଣ୍ଡିଙ୍କୁ ହଜାରେ ବର୍ଷ ଜେଲ

**ଅଙ୍କାରା, ୧୨ା୧**



ଯୌନ ଅପରାଧ ପାଇଁ ଆତ୍ମଘୋଷିତ ମୁସଲମାନ ଧର୍ମ ପ୍ରଚାରକ ଅଦନାନ୍ ଅକ୍ତାରଙ୍କୁ ୧,୦୭୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି ତୁର୍କୀର ଏକ କୋର୍ଟ। ଆପରାଧିକ ଗ୍ୟାଙ୍ଗର ନେତୃତ୍ୱ ନେବା, ଠକେଇ, ପ୍ରତାରଣା, ଯୌନ ଶୋଷଣ ଆଦି ମାମଲାରେ ୬୪ ବର୍ଷୀୟ ଅଦନାନ୍‌ଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦନନ୍ ଏ୯ ନାମରେ ଟିଭି ଚ୍ୟାନେଲ ଚଲାଇ ଇସ୍‌ଲାମିକ ବିଷୟ ସହ ଜଡିତ ଟକ୍ ଶୋ ଆୟୋଜନ କରୁଥିଲେ। ସେ ଏହି ଶୋ'ରେ ଅର୍ଦ୍ଧନଗ୍ନ ଅବସ୍ଥାରେ ଝିଅମାନଙ୍କ ନୃତ୍ୟ ପରିବେଷଣ କରାଇ ଟେଲିକାଷ୍ଟ କରିଥିଲେ। ସେମାନଙ୍କୁ ମଧ୍ୟରୁ ଅନେକ ନିଜ ପରିଚୟ ଲୁଚାଇବାକୁ ପ୍ଲାଷ୍ଟିକ ସର୍ଜରି କରିଥିଲେ। ତାଙ୍କର ହଜାରେରୁ ଅଧିକ ପ୍ରେମିକା ରହିଛନ୍ତି। ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ସହଯୋଗୀଙ୍କ ସହ ତାଙ୍କୁ ୨୦୧୮ରେ ଗିରଫ କରାଯାଇଥିଲା। ଅଦ୍‌ନାନ୍‌ଙ୍କ ସହ ତାଙ୍କ ଅନ୍ୟ ୨ ସହଯୋଗୀଙ୍କୁ ତର୍କାନ ୟାଭାସ୍ ଓ ଅକ୍ତାର ବାବୁନାଙ୍କୁ ଯଥାକ୍ରମେ ୨୧୧ ଏବଂ ୧୮୬ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି।

# ମହାଭିଯୋଗ ଭୋଟିଂ ଆଜି

**ଆମେରିକାର କ୍ୟାପିଟୋଲ ବିଲ୍ଡିଂରେ ହିଂସାକାଣ୍ଡକୁ ଉସୁକାଇଥିବା ଅଭିଯୋଗରେ ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବହିଷ୍କାର ପାଇଁ ନିମ୍ନ ସଦନରେ ମହାଭିଯୋଗ ଆଗତ ହୋଇସାରିଛି। ବୁଧବାର ଏହା ଉପରେ ଭୋଟିଂ କରାଯିବ। ତେବେ ସଂଶୋଧନ ୨୫କୁ ଅସ୍ତ୍ର କରି ଟ୍ରମ୍ପଙ୍କୁ ପଦରୁ ହଟାଯିବାକୁ ସିନେଟ୍ ବାଚସ୍ପତି ଜୋର୍ ଦେଇଛନ୍ତି।**

**ୱାଶିଂଟନ, ୧୨ା୧**



**ନିମ୍ନ ସଦନରେ ସହଜରେ ପାରିତ ହୋଇପାରେ**

**ସଂଶୋଧନ ୨୫ ସପକ୍ଷରେ ନାନ୍ସି**

ଗତ ୬ ତାରିଖରେ ଆମେରିକାର କ୍ୟାପିଟୋଲ ବିଲ୍ଡିଂରେ ଅଧିବେଶନ ଚାଲିଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ ଧସେଇ ପଶିବା ଓ ହିଂସାକାଣ୍ଡ ଘଟଣାରେ ଟ୍ରମ୍ପଙ୍କୁ ଦାୟୀ କରାଯାଇଛି। ଏସବୁ ପାଇଁ ଟ୍ରମ୍ପ ଲୋକଙ୍କୁ ଉସୁକାଇବା ଅଭିଯୋଗରେ ତାଙ୍କ ବିରୋଧରେ ସିନେଟର ନିମ୍ନ ସଦନରେ ମହାଭିଯୋଗ ପ୍ରସ୍ତାବ ଆଗତ ହୋଇଛି। ଡେମୋକ୍ରାଟିକ୍ ପାର୍ଟି ସଦସ୍ୟ ଇଲହାନ ଓମାର ଏବଂ ଡେମୋକ୍ରାଟ ଜେମି ରସ୍କିନ ୨ଟି ମହାଭିଯୋଗ ପ୍ରସ୍ତାବ ଆଣିଛନ୍ତି। ବୁଧବାର ଏହା ଉପରେ ଭୋଟିଂ କରାଯିବ। ନିମ୍ନ ସଦନରେ ଡେମୋକ୍ରାଟିକ୍ ସଦସ୍ୟଙ୍କ ସଂଖ୍ୟା ଗରିଷ୍ଠତା ରହିଥିବାରୁ ମହାଭିଯୋଗ ପ୍ରସ୍ତାବ ସହଜରେ ପାସ୍ ହେବାରେ ଅସୁବିଧା ଉପୁଜି ନ ପାରେ। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ରିପବ୍ଲିକ ପାର୍ଟିର କେତେଜଣ ସଦସ୍ୟ ମଧ ତାଙ୍କ ବିରୋଧରେ ଭୋଟିଂ କରିପାରନ୍ତି। ରାଷ୍ଟ୍ରପତିଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ତାଙ୍କୁ ପଦରୁ ବିଦା କରିବାକୁ ସଂସଦର ଦୁଇ ତୃତୀୟାଂଶ ସଦସ୍ୟଙ୍କ ବହୁମତ ଆବଶ୍ୟକ। ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ ଜାନୁୟାରୀ ୨୦ରେ ଶପଥ ନେବାକୁ ଥିବାବେଳେ ଏହା ପୂର୍ବରୁ ଟ୍ରମ୍ପଙ୍କୁ ହଟାଇବା ପାଇଁ ବାଚସ୍ପତି ନାନ୍ସି ପେଲୋସି ଏବଂ ଉପରାଷ୍ଟ୍ରପତି ମାଇକ ପେନ୍ସ ୨୫ ତମ ସଂଶୋଧନ ବ୍ୟବହାର କରିପାରିବେ। ପେଲୋସି ଓ ଡେମୋକ୍ରାଟିକ୍ ପାର୍ଟି ନେତା ଚକ୍ ଶୁମର ଏଥିପାଇଁ ଉପରାଷ୍ଟ୍ରପତି ମାଇକ୍ ପେନ୍ସ ଏବଂ କ୍ୟାବିନେଟକୁ ଅନୁରୋଧ କରିଛନ୍ତି। ସଂଶୋଧନ ୨୫ ପାଇଁ ଉପରାଷ୍ଟ୍ରପତି ଏବଂ ଅତି କମ୍‌ରେ ୮ ଜଣ କ୍ୟାବିନେଟ୍ ସଦସ୍ୟଙ୍କ ଅନୁମୋଦନ ଆବଶ୍ୟକ। ଅନ୍ୟପକ୍ଷରେ ରିପବ୍ଲିକାନ ସିନେଟର ଷ୍ଟିଭ ଡାଇନ୍‌ସ ପ୍ରସ୍ତାବ ଉପରେ ଭୋଟିଂ କରିବାକୁ ମନା କରିଛନ୍ତି। ସମସ୍ତେ ଏକଜୁଟ ହୋଇ ଶାନ୍ତିପୂର୍ଣ୍ଣ ଉପାୟରେ କ୍ଷମତା ହସ୍ତାନ୍ତର ହେବାରେ ସହଯୋଗ କରନ୍ତୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅଡୁଆରେ ଫସିଥିବା ଟ୍ରମ୍ପ ବୁଧବାର ହେବାକୁ ଥିବା ମହାଭିଯୋଗ ଭୋଟିଂକୁ ଅତ୍ୟନ୍ତ ହାସ୍ୟାସ୍ପଦ ଭାବେ ଅଭିହିତ କରି ଏଭଳି ପଦକ୍ଷେପ ଆମେରିକୀୟଙ୍କୁ କ୍ରୋଧିତ କରିବ ବୋଲି କହିଛନ୍ତି।

## ବାଇଡେନ୍‌ଙ୍କ ଶପଥ ଗ୍ରହଣ ଦିନ ହୋଇପାରେ ଆକ୍ରମଣ

**ୱାଶିଂଟନ୍, ୧୨ା୧**

ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଶପଥ ଗ୍ରହଣ ଉତ୍ସବରେ ଦେଶର ସମସ୍ତ ୫୦ ରାଜ୍ୟ ସମେତ କ୍ୟାପିଟୋଲ ବିଲ୍ଡିଂରେ ସଶସ୍ତ୍ର ଆକ୍ରମଣ ହୋଇପାରେ ବୋଲି ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେଶନ (ଏଫବିଆଇ) ଆଶଙ୍କା ବ୍ୟକ୍ତ କରିଛି। ଗୁଇନ୍ଦା ବିଭାଗରୁ ଏହି ସୂଚନା ମିଳିଥିବା ଏଫବିଆଇ ପ୍ରକାଶ କରିଛି। ୱାଶିଂଟନ୍ ସମେତ ସବୁ ରାଜ୍ୟର ରାଜଧାନୀରେ ଜାନୁୟାରୀ୧୬ରୁ ୨୦ ତାରିଖ ମଧ୍ୟରେ ବିଦାୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଦକ୍ଷିଣପନ୍ଥୀମାନେ ଏହି ଆକ୍ରମଣ ଯୋଜନା କରିଥିବା ସୂଚନା ରହିଛି। ଅନ୍ୟପକ୍ଷରେ ଟ୍ରମ୍ପ ନିଜେ ୨୪ ଜାନୁୟାରୀ ପର୍ଯ୍ୟନ୍ତ ଜାତୀୟ ରାଜଧାନୀରେ ଜରୁରିକାଳୀନ ସ୍ଥିତି ଘୋଷଣା କରିଛନ୍ତି।

**ସଂକ୍ଷେପରେ**

## ଫ୍ୟାକ୍ଟ୍ରି ଉତ୍ପାଦନ ୧.୯% କମିଲା

**ନୂଆଦିଲ୍ଲୀ,୧୨।୧:** କରୋନାର ପ୍ରଭାବ ବଜାରରୁ ବର୍ତ୍ତମାନ ଯାଏ ଯାଇନାହିଁ। ଫଳରେ ଦେଶର ଫ୍ୟାକ୍ଟ୍ରିଗୁଡିକର ଉତ୍ପାଦନ ନଭେମ୍ବରରେ ୧.୯% ହ୍ରାସ ପାଇଛି। ସେହିଭଳି ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୪.୫୯% ସ୍ତରକୁ ବଢିଛି। ପନିପରିବା ଦର ହ୍ରାସ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ମୁଦ୍ରାସ୍ଫୀତିକୁ ୨ରୁ ୬% ମଧ୍ୟରେ ରଖିବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ବର୍ତ୍ତମାନ ଏହା ଆର୍‌ବିଆଇର ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟକୁ ଫେରିଛି। ନଭେମ୍ବରରେ ଖାଉଟି ମୂଲ୍ୟସୂଚୀ(ସିପିଆଇ) ୬.୯୩% ସ୍ତରରେ ରହିଥିଲା। ମୁଦ୍ରାସ୍ଫୀତି ୫.୨୮% ସ୍ତରରେ ରହିବା ନେଇ ପୂର୍ବରୁ ରଏଟର୍ସ ଅର୍ଥନୀତିଜ୍ଞ କହିଥିଲେ। ରେପୋ ରେଟ୍ ନିର୍ଦ୍ଧାରଣ ବେଳେ ଆର୍‌ବିଆଇ ଖାଉଟି ମୂଲ୍ୟସୂଚୀ ଡାଟାକୁ ଗୁରୁତ୍ୱ ଦେଇଥାଏ। ସରକାରଙ୍କ ଡାଟା ମୁତାବକ, ନଭେମ୍ବରରେ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ୧.୭% ନିମ୍ନରେ ରହିଥିଲା। ଚଳିତ ବର୍ଷ ନଭେମ୍ବରରେ ଖଣି ଉତ୍ପାଦନ ୭.୩% ଖସିଛି। ଏହାବାଦ ଶକ୍ତି ଉତ୍ପାଦନ ୩.୫% ବଢିଛି। ୨୦୧୯ ନଭେମ୍ବରରେ ଆଇଆଇପି ୨.୧% ସ୍ତରରେ ରହିଥିଲା। କୋଭିଡ୍ ଯୋଗୁ ଗତ ମାର୍ଚ୍ଚରୁ ଶିଳ୍ପ ଉତ୍ପାଦନ କ୍ଷତିଗ୍ରସ୍ତ ହୋଇ ରହିଛି। ମାର୍ଚ୍ଚରେ ଆଇଆଇପି ୧୮.୭% ନିମ୍ନରେ ରହିଥିଲା।

## ଟପ୍-୫୦୦ ଗ୍ଲୋବାଲ କମ୍ପାନୀ ମଧ୍ୟରେ ଭାରତର ୧୧

**ମୁମ୍ବାଇ,୧୨।୧:** ବିଶ୍ୱର ୫୦୦ ମୂଲ୍ୟବାନ୍ କମ୍ପାନୀ ମଧ୍ୟରେ ଭାରତର ୧୧ ଘରୋଇ କମ୍ପାନୀ ସ୍ଥାନିତ ହୋଇଛନ୍ତି। ତାଲିକାରେ ଭାରତ ୧୦ମ ସ୍ଥାନରେ ରହିଛି। ତାଲିକାରେ ରହିଥିବା ଏହି ୧୧ କମ୍ପାନୀ ୧୪% ଅଭିବୃଦ୍ଧି ହାସଲ କରିଛନ୍ତି,ଯାହା ଭାରତର ମୋଟ ଜିଡିପିର ପ୍ରାୟ ଏକତୃତୀୟାଂଶ ହେବ। କରୋନା ପ୍ରଭାବ ଯୋଗୁ କୌଣସି ରାଷ୍ଟ୍ରାୟତ୍ତ କମ୍ପାନୀ ଏହି ତାଲିକାରେ ସ୍ଥାନିତ ହୋଇପାରିନାହାନ୍ତି। ହୁରୁନ ପକ୍ଷରୁ ପ୍ରକାଶିତ ଗ୍ଲୋବାଲ ୫୦୦ କମ୍ପାନୀ ମଧ୍ୟରେ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ୫୪ତମ ସ୍ଥାନରେ ରହିଛି। ସେହିଭଳି ୭୩ତମ ସ୍ଥାନରେ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ ରହିଛି। ସେହିଭଳି ଅନ୍ୟ ଭାରତୀୟ କମ୍ପାନୀ ମଧ୍ୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ହିନ୍ଦୁସ୍ଥାନ ୟୁନିଲିଭର, ଇନ୍‌ଫୋସିସ, ଏଚ୍‌ଡିଏଫ୍‌ସି, କୋଟାକ ମହିନ୍ଦ୍ରା ବ୍ୟାଙ୍କ ରହିଛନ୍ତି। ଏହାର ପ୍ରଥମ ସ୍ଥାନରେ ଟେକ୍ନୋଲୋଜି କମ୍ପାନୀ ଆପଲ ଏବଂ ପରେ ପରେ ମାଇକ୍ରୋସଫ୍ଟ ଏବଂ ଆମାଜନ ରହିଛନ୍ତି। ତାଲିକାରେ ଆମେରିକାର ୨୪୨ କମ୍ପାନୀ ସ୍ଥାନିତ ହୋଇଥିବା ବେଳେ ଚାଇନାର ୫୧ ଏବଂ ଜାପାନର ୩୦ ରହିଛନ୍ତି।

## ଇଣ୍ଡିଆନ ଅଏଲ ଆଣିବ ତତ୍କାଳ ଏଲ୍‌ପିଜି ସେବା

**ନୂଆଦିଲ୍ଲୀ,୧୨।୧:** ଏଲ୍‌ପିଜି ସିଲିଣ୍ଡର ଡେଲିଭରି ପାଇବା ଲାଗି ଆଉ ଅଧିକ ଦିନ ଅପେକ୍ଷା କରିବାକୁ ପଡିବନି। ଶୀଘ୍ର ଏହି ସମସ୍ୟା ସମାଧାନ ହେବାକୁ ଯାଉଛି। ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ କର୍ପୋରେଶନ ତତ୍କାଳ ଏଲ୍‌ପିଜି ସେବା ଆରମ୍ଭ କରିବାକୁ ଯୋଜନା ରଖିଛି। ଏହା ଆରମ୍ଭ ହେଲେ ଗ୍ରାହକଙ୍କୁ ବୁକିଂ କରିବା ଦିନ ହିଁ ଏଲ୍‌ପିଜି ସିଲିଣ୍ଡର ଡେଲିଭରି ମିଳିଯିବ।

# ବଜେଟରେ ଆସିପାରେ ଭାକ୍ସିନ ସେସ୍

ନୂଆଦିଲ୍ଲୀ,୧୨।୧




କରୋନା ଭାକ୍ସିନ କାର୍ଯ୍ୟକାରୀ କରାଇବା ଲାଗି ବଜେଟରେ ନୂଆ ସେସ୍ ଲାଗୁ ହୋଇପାରେ। ଏ ନେଇ ବର୍ତ୍ତମାନ ଜୋର୍‌ଦାର ଚର୍ଚ୍ଚା ଆରମ୍ଭ ହୋଇଛି। ବର୍ତ୍ତମାନ ସରକାରଙ୍କ ରାଜସ୍ୱ କ୍ଷତିଗ୍ରସ୍ତ ହୋଇ ରହିଛି। ରାଜକୋଷକୁ ଅଧିକ ପାଣ୍ଠି ଆବଶ୍ୟକ ପଡୁଛି। ସେହିଭଳି ପ୍ରତିରକ୍ଷା ଲାଗି ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଏଭଳି ସ୍ଥିତିରେ ଫେବୃୟାରୀ ପହିଲାରେ ଆସିବାକୁ ଥିବା ବଜେଟରେ ସରକାର 'ଭାକ୍ସିନ ସେସ୍' ଲାଗୁ କରାଇବା ନେଇ ଘୋଷଣା କରିପାରନ୍ତି।

ବର୍ତ୍ତମାନ ଅର୍ଥ ବ୍ୟବସ୍ଥା ଧୀରେ ଧୀରେ ସ୍ୱାଭାବିକ ସ୍ଥିତିକୁ ଫେରୁଛି। ରାଜସ୍ୱ ସଂଗ୍ରହରେ ମଧ୍ୟ ପରିବର୍ତ୍ତନ ଦେଖାଯାଇଛି। ପ୍ରଥମ ତ୍ରୈମାସରେ ଟିକସ ସଂଗ୍ରହ ଖସି ଯାଇଥିଲା। ବିଭିନ୍ନ ଚ୍ୟାଲେଞ୍ଜ ସତ୍ତ୍ୱେ ବଜାର ଟ୍ରାକ୍‌କୁ ଫେରୁଛି। ହେଲେ ବଜେଟରେ ଯେଉଁ ଟିକସ ଧାର୍ଯ୍ୟ ଲକ୍ଷ୍ୟ ରହିଥିଲା ତାହା ହାସଲ କରିବାକୁ ସରକାର ସକ୍ଷମ ହେବେ ନାହିଁ। କରୋନା ବଜାରକୁ କ୍ଷତିଗ୍ରସ୍ତ କରିଥିବା ବେଳେ ଆର୍ଥିକ କାର୍ଯ୍ୟକଳାପ ବିଶେଷ କରି ଭିତ୍ତିଭୂମି ଏବଂ ନିଯୁକ୍ତି ସୃଷ୍ଟି କରୁଥିବା କ୍ଷେତ୍ରଗୁଡିକୁ ସରକାର ଗୁରୁତ୍ୱ ଦେଇପାରନ୍ତି। ଏହା କରିବାକୁ ହେଲେ ସରକାରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭାକ୍ସିନ ଲାଗୁ କରାଇବା ଲାଗି ଯେଉଁ ଖର୍ଚ୍ଚ ଆସିବ ତା'ର ଭାର ଉଠାଇବା ଲାଗି କେନ୍ଦ୍ର ରାଜି ଅଛି। ଫଳରେ ସରକାରଙ୍କ ଲାଗି ଏହା ଆଉ ଏକ ବୋଝ ହେବ। ଭାକ୍ସିନ କାର୍ଯ୍ୟକାରୀ କରାଗଲେ ସରକାରଙ୍କୁ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ ବୋଲି ଆକଳନ କରାଯାଇଛି।

ପ୍ରାଥମିକ ଅର୍ଡର ଭାବେ ସରକାର ୧୧ ନିୟୁତ ସଟ୍ସ ବ୍ୟବସ୍ଥା କରିବେ। ଏଥିଲାଗି ପ୍ରାୟ ୨୨୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଅର୍ଥ ପିଏମ୍ କେୟାର ପାଣ୍ଠିରୁ ପ୍ରଦାନ କରାଯିବ। ରାଜସ୍ୱ ହ୍ରାସକୁ ଭରଣାକରିବା ଲାଗି ଟିକସ କିମ୍ବା ସେସ୍ ଲାଗୁ କରାଇବାକୁ ଲକ୍‌ଡାଉନ ବେଳେ ଟିକସ ଅଧିକାରୀମାନେ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହା ଟିକସ ଲାଗୁ କରାଇବା ଲାଗି ଠିକ୍ ସମୟ ନୁହେଁ ବୋଲି କହି ଅର୍ଥ ମନ୍ତ୍ରଣାଳୟ ଏହି ପ୍ରସ୍ତାବକୁ ଟାଳିଦେଇଥିଲା। ଏହା ପରେ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଟିକସ ବଢ଼ାଇ ଦେଇଥିଲେ। ରାଜ୍ୟ ସରକାରଗୁଡିକ ମଧ୍ୟ ମଦ ଉପରେ ମଧ୍ୟ ଟିକସ ବଢାଇଥିଲେ। ବର୍ତ୍ତମାନ ମଦ ଉପରେ ଟିକସ କମିଥିଲେ ମଧ୍ୟ କେନ୍ଦ୍ର ସରକାର ଇନ୍ଧନ ଉପରୁ ଉତ୍ପାଦ ଟିକସ କମାଇବା ଦେଖାଯାଉନାହିଁ। ବର୍ତ୍ତମାନ ଅର୍ଥ ବ୍ୟବସ୍ଥାରେ ପୁଣି ଥରେ ଆଶା ଦେଖାଯାଉଛି। ଏଭଳି ସ୍ଥିତିରେ କେତେଜଣ ସରକାରୀ ଅଧିକାରୀ ଏବଂ ଟିକସ କନ୍‌ସଲଟାଣ୍ଟ ଭାକ୍ସିନ ନାମରେ ସ୍ୱଳ୍ପ ପରିମାଣର ଟିକସ ଲାଗୁ କରାଇବା ସପକ୍ଷରେ ରହିଛନ୍ତି। ଆୟ ଉପରେ ଯଦି ୧ରୁ ୨% ସେସ୍ ଲାଗେ ତେବେ ଏହା ବେଶି ପ୍ରଭାବ ପକାଇ ନ ପାରେ ବୋଲି ଏକ ପ୍ରମୁଖ ଫାର୍ମର ଜଣେ କନ୍‌ସଲଟାଣ୍ଟ କହିଛନ୍ତି। ପୂର୍ବରୁ ମଧ୍ୟ ସରକାର ହେଲ୍‌ଥ ସେସ୍ ଲାଗୁ କରାଇଛନ୍ତି। ପରୋକ୍ଷ ଟିକସ ଉପରେ ଏବେ ସେସ୍ ଏବଂ ସରଚାର୍ଜ ଲାଗୁ ହେଉନାହିଁ। ଜିଏସ୍‌ଟି ଲାଗୁହେବା ପରେ ବିଳାସପୂର୍ଣ୍ଣ ସାମଗ୍ରୀ, ମଦ, ପାନମସଲା, ଗୁଟ୍‌ଖା ଏବଂ ଅନ୍ୟ ତମାଖୁ ସାମଗ୍ରୀ ଉପରେ କ୍ଷତିପୂରଣ ସେସ୍ ଲାଗୁ କରାଯାଉଛି।

## ନୂଆ ହୋଣ୍ଡା ଆଫ୍ରିକା ଟୁଇନ ଆଡଭେଞ୍ଚର ସ୍ପୋର୍ଟସ



**ଭୁବନେଶ୍ୱର,୧୨।୧:** ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ୨୦୨୧ ଆଫ୍ରିକା ଟୁଇନ ଆଡଭେଞ୍ଚର ସ୍ପୋର୍ଟସ ମଡେଲର ଭାରତରେ ବଜାର ପ୍ରବେଶ ହୋଇଛି। ଏହି ଯାନଟିର ବୁକିଂ ମଧ୍ୟ ଆରମ୍ଭ ହୋଇଥିବା କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଚଳିତ ବର୍ଷର ମଡେଲ ଉଭୟ ଡିସିଟି ଓ ମାନୁଆଲ ଟ୍ରାନ୍ସମିଶନ ଏବଂ ନୂତନ ରଙ୍ଗ ବିକଳ୍ପ ସହ ଆସିଛି। ଏ ସମ୍ପର୍କରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସୀ ଓଗାତା କହିଛନ୍ତି, ଆଫ୍ରିକା ଟୁଇନରେ ରହିଛି ପ୍ରକୃତ ରୋମାଞ୍ଚ ଯାହା ସାରା ବିଶ୍ୱର ଭଲ ପାଇବାକୁ ଏକାଠି କରିବାରେ ସହାୟକ ହୋଇଛି। ନୂଆ ମେଡଲକୁ ଉପସ୍ଥାପନକରି ନୂତନ ବର୍ଷ ଆରମ୍ଭ କରିଥିବାରୁ ହୋଣ୍ଡା ୨ହୁଇଲର୍ସ ଇଣ୍ଡିଆ ଗର୍ବ ଅନୁଭବ କରୁଛି ବୋଲି ସେ ମତ ଦେଇଛନ୍ତି। ସେହିଭଳି ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ବିକ୍ରି ଓ ମାର୍କେଟିଂ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, କୌଣସି ସ୍ଥାନକୁ ଗମନାଗମନ କରିବାର ଭାବକୁ ନେଇ ଆଫ୍ରିକା ଟୁଇନ ହେଉଛି ଲମ୍ବା ଦୂରତାର ସବୁ ପ୍ରକାର ରାସ୍ତା ଓ ସପ୍ତାହ ଶେଷରେ ଭ୍ରମଣ କରିବାକୁ ପସନ୍ଦ କରୁଥିବା ଲୋକମାନଙ୍କ ଅନ୍ୟତମ ସବୁଠୁ ପସନ୍ଦର ବାଇକ। ଏହି ନୂଆ ୨୦୨୧ ଆଫ୍ରିକା ଟୁଇନ ଆଡଭେଞ୍ଚର ସ୍ପୋର୍ଟସରେ ରହିଛି ଶକ୍ତିଶାଳୀ ୧୦୮୪ ସିସି ଇଞ୍ଜିନ ଯାହା ୭୩ କେଡବ୍ଲ୍ୟୁ ଶକ୍ତି ଓ ୧୦୩ ଏନ୍‌ଏମ୍ ଟର୍କ ପ୍ରଦାନ କରୁଛି। ଏଥିରେ ଲିଥିୟମ ଆୟନ ବ୍ୟାଟେରି ହ୍ୱିଲ କଣ୍ଟ୍ରୋଲ ରିଅଲ ଲିଫଟ କଣ୍ଟ୍ରୋଲ, ଏବିଏସ୍ ଆଡଜଷ୍ଟେବଲ ଉଇଣ୍ଡ ସ୍କ୍ରିନ ଓ ସିଟ୍, ହିଟେଡ ଗ୍ରିପ୍,ଡୁଆଲ ଏଲ୍‌ଇଡି ହେଡ୍ ଲ୍ୟାମ୍ପ କର୍ନର ଲାଇଟ କ୍ରୁଜ କଣ୍ଟ୍ରୋଲ,୨୪.୫ ଲିଟର ଇନ୍ଧନ ଟାଙ୍କି ରହିଛି। ସେହିଭଳି ୬.୫ ଇଞ୍ଚ ଟିଏଫ୍‌ଟି ଟଚ୍‌ସ୍କ୍ରିନ ସୁବିଧା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ବଢ଼ିବନି ଆଇଟି ରିଟର୍ନ ଅବଧି

**ନୂଆଦିଲ୍ଲୀ,୧୨।୧:** ଫେବୃୟାରୀ ୧୫ର ଆୟକର ରଟର୍ନ ଅବଧିକୁ ସରକାର ଆଉ ବଢ଼ାଇବେ ନାହିଁ। ଏହି ରିଟର୍ନ ଫାଇଲିଂ ତାରିଖକୁ ବଢାଇବା ଲାଗି କେତେକ ମହଲରୁ ଦାବି ହୋଇ ଆସୁଥିଲା। ମାତ୍ର ଏହି ଦାବିକୁ ଅର୍ଥ ମନ୍ତ୍ରଣାଳୟ ମଙ୍ଗଳବାର ଅଗ୍ରାହ୍ୟ କରି ଦେଇଥିବା ଜଣାପଡିଛି। ଗତ ମାସରେ ସରକାର ବ୍ୟକ୍ତିବିଶେଷଙ୍କ ଲାଗି ଆଇଟି ରିଟର୍ନ କରିବା ଅବଧିକୁ ଜାନୁୟାରୀ ୧୦ ଯାଏ ବଢାଇଥିଲେ। ଏହା କମ୍ପାନୀଗୁଡିକ ଲାଗି ଫେବୃୟାରୀ ୧୫ ରହିଥିଲା। ପୂର୍ବରୁ ବ୍ୟକ୍ତିବିଶେଷଙ୍କ ଲାଗି ରିଟର୍ନ ଫାଇଲ କରିବା ସୀମା ୨୦୨୦ ଡିସେମ୍ବର ରହିଥିଲା। ଏହାକୁ

**ଦାବିକୁ ସରକାରଙ୍କ ଅଗ୍ରାହ୍ୟ**

ଆୟକର ବିଭାଗ ୨୦୨୧ ଜାନୁୟାରୀ ୧୦ ଯାଏ ବଢାଇଛନ୍ତି। ସେହିଭଳି ଟାକ୍ସ ଅଡିଟ ମାମଲାଗୁଡିକର ରିଟର୍ନ ଦାଖଲ କରିବାର ସୀମା ଫେବୃୟାରୀ ୧୫ ଯାଏ ବଢାଯାଇଛି। ଏହା ପୂର୍ବରୁ ଜାନୁୟାରୀ ୩୧ ରହିଥିଲା। ତୃତୀୟ ଥର ଲାଗି ଆୟକର ବିଭାଗ ରିଟର୍ନ ଦାଖଲ କରିବା ସମୟକୁ ବଢାଇଛି। ସୂଚନାଯୋଗ୍ୟ, ୨୦୧୯-୨୦ରେ ଆଇଟି ରିଟର୍ନ ୬% ବୃଦ୍ଧି ହୋଇ ୫.୯ କୋଟି ରହିଥିବା ବିଭାଗ ପକ୍ଷରୁ ସୂଚନା ରହିଛି।

## ରିୟଲ ଜିଡିପି ୧୧% ବଢ଼ିବ

**ମୁମ୍ବାଇ,୧୨।୧:** ଆର୍ଥିକ ବର୍ଷ ୨୦୨୧-୨୨ରେ ଭାରତର ରିୟଲ ଜିଡିପି ପ୍ରାୟ ୧୧% ବଢ଼ିପାରେ। ଆର୍ଥିକ ସୁଧାର ତ୍ୱରାନ୍ୱିତ ହେଉଥିବାରୁ ଅଭିବୃଦ୍ଧି ମଧ୍ୟ ଫେରିବ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ବ୍ରିକ୍‌ୱାର୍କ ରେଟିଂ ପକ୍ଷରୁ କୁହାଯାଇଛି ଯେ, ଲକ୍‌ଡାଉନ କଟକଣା କୋହଳ ହେବା ପରେ ଆର୍ଥିକ କାର୍ଯ୍ୟକଳାପ ଧୀରେ ଧୀରେ ସୁଧାର ହେଉଛି। ଚଳିତ ଆର୍ଥିକ ବର୍ଷରେ ଜିଡିପି ୭.୭% ଖସିବ ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସ୍‌ଓ) ପକ୍ଷରୁ ଅନୁମାନ କରାଯାଇଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ଭାଗରେ ଜିଡିପି ଅଭିବୃଦ୍ଧି ଉନ୍ନତ ହେବା ନେଇ ଆକଳନ କରାଯାଇଛି। ଯେଉଁ ପ୍ରଭାବିତ କ୍ଷେତ୍ରଗୁଡିକରେ ଖର୍ଚ୍ଚକୁ ସରକାର ବେଶି ଗୁରୁତ୍ୱ ଦେଉନାହାନ୍ତି ଉକ୍ତ କ୍ଷେତ୍ରଗୁଡିକରେ ଅଭିବୃଦ୍ଧି ଫେରିବା ବିଳମ୍ବ ହେବା ନେଇ ଅନୁମାନ କରାଯାଇଛି। ସାରା ଦେଶରେ ଭାକ୍ସିନ ଦେବା ପ୍ରକ୍ରିୟା ହାତକୁ ନେବାକୁ ସରକାର ଘୋଷଣା କରିଛନ୍ତି।

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ନୂଆ ଏଟିଏମ୍



**ଭୁବନେଶ୍ୱର,୧୨।୧:** ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି)ର ନୂଆ ଏଟିଏମ୍ ନୟାଗଡ଼ର ବାହାଡ଼ାଖୋଲାଠାରେ ଉଦ୍‌ଘାଟିତ ହୋଇଛି। ବ୍ଲକ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ଦଳବେହେରାଙ୍କ ଉପସ୍ଥିତିରେ ଖୋର୍ଦ୍ଧା ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ନିରଞ୍ଜନ ରାଉତଙ୍କ ଉପସ୍ଥିତିରେ ନୂଆ ଏଟିଏମ୍ ଶୁଭାରମ୍ଭ ହୋଇଯାଇଛି। ନୂଆ ଏଟିଏମ୍ ଦ୍ୱାରା ସ୍ଥାନୀୟ ଲୋକମାନେ ଉପକୃତ ହେବେ ବୋଲି ରାଉତ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ଶାଖାର ପ୍ରବନ୍ଧକ, ବୁଦ୍ଧିଜୀବୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ବିଓବି ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ

**ଭୁବନେଶ୍ୱର,୧୨।୧:** ବ୍ୟାଙ୍କ ଅଫ୍ ବରୋଦର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଓ ଭୁବନେଶ୍ୱର-୨ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନଗର ସରକାରୀ ଭାଷା କାର୍ଯ୍ୟକାରୀ କମିଟି ବ୍ୟାଙ୍କ, ଭୁବନେଶ୍ୱରର ସଦସ୍ୟ ସଚିବ ଆଲୋକ କୁମାର ଯୋଗଦେଇଥିବା ବେଳେ ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ଭାରତ ଭୂଷଣ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟ-୨ର ମୁଖ୍ୟ ଅନ୍ନୟ କୁମାର ମିଶ୍ର ଏବଂ ଉଭୟ କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱରେ ହିନ୍ଦୀ ଭାଷାର ପ୍ରସାର ଏବଂ ମହତ୍ତ୍ୱ ଉପରେ ଚର୍ଚ୍ଚା କରାଯାଇଥିଲା। ମାଇକ୍ରୋସଫ୍ଟ ଟିମ୍ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ କର୍ମଚାରୀମାନଙ୍କ ପାଇଁ ଏକ ଚିତ୍ର ଆଧାରିତ କାହାଣୀ ଲେଖା ପ୍ରତିଯୋଗିତାର ଆୟୋଜିତ ହୋଇଥିଲା।

## ବ୍ୟାଙ୍କ ଅଫ୍ ଇଣ୍ଡିଆର ବିଶ୍ୱ ହିନ୍ଦୀ ଦିବସ

**ଭୁବନେଶ୍ୱର,୧୨।୧:** ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ପ୍ରିୟବ୍ରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏବଂ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆଞ୍ଚଳିକ ପ୍ରବନ୍ଧକ ପଟ୍ଟନାୟକ ସମସ୍ତ କର୍ମଚାରୀଙ୍କୁ ରାଜଭାଷାର ମହତ୍ତ୍ୱ ବିଷୟରେ କହିବା ସହ ଅନୁପ୍ରେରିତ ଓ ପ୍ରୋତ୍ସାହିତ ମଧ୍ୟ କରିଥିଲେ। ସେ କହିଥିଲେ, ହିନ୍ଦୀ ହେଉଛି ଆମର ରାଜଭାଷା ଏବଂ ଅଧିକରୁ ଅଧିକ ଆଭ୍ୟନ୍ତରୀଣ କାର୍ଯ୍ୟ ହିନ୍ଦୀରେ କରାଯିବା ଉଚିତ। ଅନ୍ୟମାନଙ୍କ ମଧ୍ୟରେ ଉପ ଆଞ୍ଚଳିକ ପ୍ରବନ୍ଧକ ଭରତ ବରାଡ, ଆର୍.ସି. ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବେନାମୀ ସମ୍ପତ୍ତି ସୂଚନା ଦେବାକୁ ଇ-ପୋର୍ଟାଲ

ନୂଆଦିଲ୍ଲୀ,୧୨।୧

ଟିକସ ଠକେଇ ଏବଂ ଅଘୋଷିତ ବେନାମୀ ସମ୍ପତ୍ତି ସମ୍ପର୍କରେ ଅଭିଯୋଗ ଗ୍ରହଣ ଏବଂ ପ୍ରୋସେସ ଲାଗି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ଏକ ସ୍ୱତନ୍ତ୍ର ପୋର୍ଟାଲ ଶୁଭାରମ୍ଭ କରାଯାଇଛି। ଟିକସ ଠକେଇ ରୋକିବାକୁ କେନ୍ଦ୍ର ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଲୋକମାନଙ୍କୁ ଏଥିରେ ସାମିଲ କରିବା ଲାଗି ଯୋଜନା ହାତକୁ ନିଆଯାଇଛି। ଇ-ଗଭର୍ନାନ୍ସ ଅନ୍ତର୍ଗତ ଏଭଳି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ଲୋକମାନେ ଗୋଟିଏ କ୍ଲିକ୍‌ରେ ଟିକସ ଠକେଇ ସମ୍ପର୍କିତ ଅଭିଯୋଗ ଦାଖଲ କରିପାରିବେ। ପାନ୍ ଏବଂ ଆଧାର କାର୍ଡ ନ ଥିଲେ ମଧ୍ୟ ଅଭିଯୋଗ କରିହେବ। ମୋବାଇଲ ଏବଂ ଇ-ମେଲ୍‌ରେ ଓଟିପି ଭିତ୍ତିକ ବୈଧତା ପ୍ରକ୍ରିୟା ସରିବା ପରେ ଅଭିଯୋଗ ଗ୍ରହଣ କରାଯିବ। ଅଭିଯୋଗ ଫାଇଲ ହେବା ପରେ ବିଭାଗ ଏକ ୟୁନିକ ନମ୍ବର ପ୍ରଦାନ କରିବ।

# ନୂଆ ରେକର୍ଡ ସ୍ତରରେ ସେନ୍‌ସେକ୍ସ

ମୁମ୍ବାଇ,୧୨।୧

**୨୪୮ ପଏଣ୍ଟ ବଢ଼ିଲା**



ଭାରତୀୟ ଶେୟାର ବଜାରର ବୃଦ୍ଧି ଧାରା ଜାରି ରହିଛି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ସର୍ବକାଳୀନ ରେକର୍ଡ ସ୍ତରରେ ରହିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଭାରତୀ ଏୟାରଟେଲ ଭଳି କମ୍ପାନୀର ଶେୟାର କାରବାର ଏହି ସମୟରେ ଭଲ ରହିଛି। ବିଶ୍ୱ ଶେୟାର ବଜାରଗୁଡିକରେ ଉନ୍ନତ ପ୍ରଦର୍ଶନ ଏବଂ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ନିବେଶ ବଢ଼ିବାରୁ ଶେୟାର ବଜାରରେ କାରବାର ଊର୍ଦ୍ଧ୍ୱଗାମୀ ରହିଛି। ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ଦିନ ମଧ୍ୟରେ ନୂଆ ରେକର୍ଡ ସ୍ତର ୪୯,୫୬୯.୧୪ ସ୍ତର ଛୁଇଁଥିଲା। କାରବାର ଶେଷ ବେଳକୁ ଏହା ୨୪୭.୭୯ ପଏଣ୍ଟ(୦.୫୦%) ଉଚ୍ଚରେ ରହି ୪୯,୫୧୭.୧୧ ପଏଣ୍ଟରେ ବନ୍ଦ ହୋଇଛି।

ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ନିଫ୍ଟି) କାରବାର ୭୮.୭୦(୦.୫୪%) ୧୪,୫୬୩.୪୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଏହା ଦିନ ମଧ୍ୟରେ ୧୪,୫୯୦.୬୫ ପଏଣ୍ଟ ସ୍ତର ଛୁଇଁଥିଲା। ସେନ୍‌ସେକ୍ସରେ ଏସ୍‌ବିଆଇ ସବୁଠାରୁ ଭଲ କାରବାର ହାସଲ କରିଛି। ଏହାର ଶେୟାର କାରବାର ପ୍ରାୟ ୪% ବଢିଛି। ସେହିଭଳି ଭାରତୀ ଏୟାରଟେଲ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇଟିସି, ଆକ୍ସିସ ବ୍ୟାଙ୍କ ଏବଂ ଏନ୍‌ଟିପିସିର ଶେୟାର ପ୍ରଦର୍ଶନ ବେଶ୍ ଉନ୍ନତ ରହିଥିଲା। ଏସିଆନ ପେଣ୍ଟସ, ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ୍, ନେସ୍‌ଲେ ଇଣ୍ଡିଆ, ଟାଇଟାନ, କୋଟାକ ବ୍ୟାଙ୍କର ଶେୟାର କାରବାର କ୍ଷତିଗ୍ରସ୍ତ ହୋଇଛି। ସୋମବାର ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ୩,୧୩୮ କୋଟି ଟଙ୍କା ନିବେଶ କରିଛନ୍ତି। କେବଳ ସିଓଲକୁ ଛାଡି ଏସିଆର ଅନ୍ୟ ପ୍ରମୁଖ ଶେୟାର ବଜାରଗୁଡିକର କାରବାର ବେଶ୍ ଉନ୍ନତ ରହିଛି। ସେହିଭଳି ୟୁରୋପ ଶେୟାର ବଜାର ମଧ୍ୟ ଉନ୍ନତ ରହିଥିବା ଜଣାପଡ଼ିଛି।

**OFFICE OF THE PROJECT ADMINISTRATOR, ITDA, BARIPADA, MAYURBHANJ**

**Invitation of Tenders for Selection of Outsourcing Agency**

**No.: 87/ITDA/Baripada** **Dated: 11.01.2021**

**No. CAD-1063:-** Sealed tenders are hereby invited from Manpower Service Providing Agencies/HR Service Provider for selection of Outsourcing Agency to provide Technical Expert (MGNREGS) to be posted at all ITDAs/Micro Projects Agencies(MPAs) level under the District Administration, Mayurbhanj. The sealed tenders should be addressed to The Project Administrator, Integrated Tribal Development Agency, At/Po- Baripada, Dist.-Mayurbhanj (Near Murgabadi Golei), Pin-757002 and reach the office of the undersigned by Dt.27.01.2021 at 5.00 P.M. through Courier/Speed post/ Registered post only. The interested agencies should be clearly mentioned on the top of envelope as "**Tender For Selection of Outsourcing agency**". The sealed tender will be opened on dt. 28.01.2021 at 11.30 A.M. in the office chamber of PA, ITDA, Baripada. The agency(ies) who have applied is/are requested to present in the office chamber of the undersigned on the date of opening. The detailed Terms & Conditions and list of documents to be submitted is available in our website **www.mayurbhanj.nic.in**.

**Sd./- Project Administrator (Nodal)**
**Integrated Tribal Development Agency, Baripada**
OIPR-26033/11/0004/2021

**GOVT. OF ODISHA**
**OFFICE OF THE EXECUTIVE ENGINEER, MINOR IRRIGATION DIVISION, GAJAPATI.**
**AT/PO: PARALAKHEMUNDI, DIST.: GAJAPATI.**
PHONE NO: 06815-222365, e-mail- eemi_gajapati@yahoo.co.in

**e-Procurement Notice No. 35 Date. 06//01/2021**
**BID IDENTIFICATION NO. MIDGJP-01/2020-21**

**No. A-463:-** The **Executive Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Single Cover** System in **ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N.)** from the eligible class of contractors.

1. Name of the work: **Improvement to MIPs under Critical Grant**
2. No. of works: **10 ( Ten )Nos.**
3. Estimated cost: Varies approximately from **Rs. 4.45 kakhs to Rs. 13.40 lakhs.**
4. Period of completion: 1.5 (One & half) Calendar months.
5. Date and time of availability of bid documents in the portal: From **10.00 hours of 15.01.2021 to 17.00 hours of 21.01.2021.**
6. Last date/ time for receipt of bids in the portal: **17.00 hours of 21.01.2021.**
7. Original document to be submitted in sealed box ID No.**MIDGJP-01/2020-2021 from 20.01.2021 to 21.01.2021 on** office Hours.
8. Date of opening of Bid: **11.00 hours on 22.01.2021.**
9. Name and address of the Officer inviting Bid: Executive Engineer, Minor Irrigation Division, Gajapati, At/Po- Paralakhemundi, Dist- Gajapati, PIN-761200.

Further details can be seen from the e-procurement portal **https://tendersodisha.gov.in**

**Sd./- Er. P.K.Rout, Executive Engineer**
OIPR-32013/11/0001/2021 **MI Division, Gajapati, Paralakhemundi**

**'e' PROCUREMENT NOTICE No. 08 of 2020-21**

| | | |
|---|---|---|
| 1. | Name of Work | : Periodical Maintenance PMGSY Package No. OR-07-PM-28, OR-07-PM-29 & S/R Road |
| 2. | Total No. of Work | : 3 (Three) Road Works |
| 3. | Estimated Cost | : Rs.12.83 lakhs to 22.60 lakhs |
| 4. | Period of Completion | : 01 (One) Calendar Month |
| 5. | Class of Contractors | : 'D', 'C' & 'B' Class only. |

**Other details as follows:**

| | | |
|---|---|---|
| a) | Procurement Officer | : Executive Engineer, Rural Works Division, Cuttack |
| b) | Availability of tender online: for bidding | From 16.01.2021 to 27.01.2021 upto 17.00 hours |
| c) | Last date & time of seeking of tender clarification | : 25.01.2021 upto 17.00 hours |
| d) | Date & time of Opening of tender | : 29.01.2021 at 11.00 hours |

Further details can be seen from the Govt. website **www.tendersorissa.gov.in**.

**Sd./- Executive Engineer**
**Rural Works Division, Cuttack**
**No. O-880** **OIPR-25053/11/0012/2021**

**GOVERNMENT OF ODISHA**
**FOOD, SUPPLIES & CONSUMER WELFARE DEPARTMENT**
**SEALED TENDER NOTICE**

**No. FSCW-OE-MISC-0038-2020-470/Bhubaneswar, dated, the 07.01.2021**

**No. H-09:-** Tenders on plain paper in sealed covers are invited by the undersigned for disposal of one Ambassador car bearing No. OR-02-L-0752 of FS & CW Department.

The intending tenderers are advised to inspect the vehicle at the Lok Seva Bhawan premises on any working day during office hours between 11:30 A.M. to 03:00 P.M. before submitting tender. Each tender should accompany earnest money deposit of Rs.1,000/- (Rupees One thousand) only in shape of Bank Draft in favour of D.D.O., FS & CW Department payable at UCO Bank, Odisha Lok Seva Bhawan Branch, Bhubaneswar which will be refunded to the tenderer whose tenders are not accepted except in the case of successful bidder.

2. The tender/bid should reach the undersigned by dt.19.01.2021 up to 02.30 P.M. at the latest and tenders received shall be opened by the undersigned in FS & CW Department at 03:30 P.M. on 19.01.2021 in the presence of the tenderers or their authorised agents. If this day is declared latter as a Government holiday then the tenders will be received and opened on the next working day as per the scheduled time.
3. The highest tenderer whose tender is accepted shall deposit immediately 25% of the offered amount as initial deposit. He shall deposit the balance amount within 7 (Seven) days of the deposit of the initial amount. In case he fails to make deposit of the total amount as per the tender within the stipulated time, the deposit including the earnest money shall be forfeited. GST as admissible shall be levied on the bidding cost.
4. The successful bidder shall take permission and remove the vehicle from the Lok Seva Bhawan premises within two days of deposit of the total bid amount. On failure to remove the vehicle withing the aforesaid time, ground rent @ 1% of the tendered amount shall be charged for each day or part of the day till removal of the vehicle from the Lok Seva Bhawan premises. If the ground rend so charged exceeds the sale price deposited, then the tenderer shall cease to have any right on the vehicle and the amount deposited by him shall be adjusted towards ground rent.
5. The authority reserves the right to reject any or all tenders without assigning any reason thereof.

**OIPR-07001/11/0008/2021** **Sd./- Deputy Secretary to Government**

## ଡାଲିଜାତୀୟ ଫସଲରେ ସାର ପ୍ରୟୋଗ



ଏକ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୧.୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। ବିହନକୁ ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨୦ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ।

## ଆଖୁ ଚାଷ ପାଇଁ ଜମି ପ୍ରସ୍ତୁତି

ଛଅରୁ ଆଠ ମାସ ହୋଇଥିବା ଆଖୁକୁ ବିହନ ରୂପେ ବ୍ୟବହାର କରନ୍ତୁ । ଆଖୁଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ହେକ୍ଟର ପିଛା ୭୫ରୁ ୧୦୦ କୁଇଣ୍ଟାଲ ଆଖୁ ବିହନ ଆବଶ୍ୟକ । ମୂଳିଫସଲରୁ ବିହନ ବ୍ୟବହାର କରନ୍ତୁ ନାହିଁ । ଲଗାଇବା ପୂର୍ବରୁ ଆଖୁଗୁଳାକୁ ଶତକଡ଼ା ୦.୧ ଭାଗ କାର୍ବେଣ୍ଡାଜିମ୍ ୧୨ ରୁ ୨୪ ଘଣ୍ଟା ବୁଡ଼ାଇଲେ ଭଲ ଗଜା ବାହାରେ । ଧାଡ଼ିକୁ ଧାଡ଼ି ସଅଳ କିସମ ୬୦ ସେ.ମି., ମଧ୍ୟମ କିସମ ୭୫ ସେ.ମି., ବିଳମ୍ବ କିସମ ୯୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ ।



## ପିଆଜର ଉକୁଣିଆ ପୋକ ଦମନ

ପିଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା



ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।

## ରାଶି ବୁଣିବା ପୂର୍ବରୁ..

ଜାନୁୟାରୀ ଶେଷରୁ ଫେବୃୟାରୀ ୧୫ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ଦୁଇଦିନ ପୂର୍ବରୁ ପ୍ରତି କିଗ୍ରା ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲଫର୍



ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତ ଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।

## ପୋଟଳ ଚାଷ ସମ୍ପର୍କରେ...

ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡ଼ିଥିବା ଲତାର ଫଳକୁ ନିରାପଦରେ ଧରିରଖେ,ଏହାଦ୍ୱାରା ଫଳଗୁଡିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡାଖୁସା କରି ଅନୁମୋଦିତ



ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକ ଜନିତ ଝାଉଁଳା ରୋଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

# ନିମ୍ବ : ନିରାପଦ କୀଟନାଶକ



ଡ. ବିଷ୍ଣୁଚରଣ ଜେନା



ଚାଷୀଭାଇମାନେ ଋତୁଚକ୍ର ଆଧାରିତ ଜଳବାୟୁ ଉପରେ ନିର୍ଭର କରି ବର୍ଷତମାମ ଜମିରେ ଭିନ୍ନ ଭିନ୍ନ ପ୍ରକାରର ଫସଲ କରନ୍ତି । ଫସଲରୁ ଉତ୍ପନ୍ନ ହେଉଥିବା ଉତ୍ପାଦକୁ ଖାଦ୍ୟ ରୂପେ ଉପଯୋଗ କରନ୍ତି । କିନ୍ତୁ ଦୁର୍ଭାଗ୍ୟବଶତଃ ଫସଲକୁ ଏହାର ବିଭିନ୍ନ ଅବସ୍ଥାରେ ରୋଗପୋକ ଆକ୍ରମଣ କରି ଫସଲକୁ ନଷ୍ଟ କରନ୍ତି । ରୋଗପୋକ କବଳରୁ ଫସଲକୁ ରକ୍ଷା କରିବା ପାଇଁ ୧୯୫୦ ମସିହାଠାରୁ ୧୯୭୦ ମସିହା ପର୍ଯ୍ୟନ୍ତ କଟୁ କୀଟନାଶକ ପ୍ରୟୋଗ କରାଗଲା । ଫସଲର ଉତ୍ପାଦ ତ ବୃଦ୍ଧି ପାଇଲା । କିନ୍ତୁ ତତ୍ ସଙ୍ଗେ ସଙ୍ଗେ ଜଳ, ବାୟୁ, ମୃତ୍ତିକା ଓ ଖାଦ୍ୟଶସ୍ୟ, ପନିପରିବା ଓ ଫଳ ମଧ୍ୟ ବିଷାକ୍ତ ହେଲା ; ଯାହା ଫଳରେ ବିଷାକ୍ତ ଖାଦ୍ୟଶସ୍ୟ ଖାଇବା ଫଳରେ ମନୁଷ୍ୟ ରୋଗଗ୍ରସ୍ତ ହେଲା । ବାୟୁମଣ୍ଡଳର ଉପକାରୀ ଜୀବ ଯଥା ପରାଶ୍ରୟୀ, ପରାଙ୍ଗଭୋଜି, ପରାଗ ସଙ୍ଗମକାରୀ ଉପକାରୀ କୀଟମାନେ ମୃତ୍ୟୁବରଣ କଲେ । ଉପକାରୀ ଜିଆ, କାଉ, ବଗ, ବଣି, ବତକ ଓ ବେଙ୍ଗ ଆଦି ଜୀବମାନେ ମଧ୍ୟ ମୃତ୍ୟୁମୁଖରେ ପଡିଲେ । କଟୁ କୀଟନାଶକର ଅପକାରିତାକୁ ବିଚାରକୁ ନେଇ ଜୈବ କୀଟନାଶକର ପ୍ରୟୋଗ ପ୍ରତି ଚାଷୀମାନଙ୍କୁ ଉତ୍ସାହିତ କରାଗଲା । ନିମ୍ବ ତନ୍ମଧ୍ୟରୁ ଏକ ଜୈବ କୀଟନାଶକ ରୂପେ ଚାଷୀମାନଙ୍କ ଦ୍ୱାରା ଆଦୃତ ହେଲା ।



ନିମ୍ବ ବୃକ୍ଷର ବିଭିନ୍ନ ଅଂଶ ଯଥା ପତ୍ର, ଫୁଲ, ଫଳ ଓ ମଞ୍ଜି ଆଦି ଫସଲ ସୁରକ୍ଷା କାର୍ଯ୍ୟରେ ବ୍ୟବହୃତ ହେଉଛି । ନିମ୍ବ କୀଟନାଶକ ଫସଲରେ ପ୍ରୟୋଗ ଯୋଗୁଁ ଫସଲକୁ ଆକ୍ରମଣ କରୁଥିବା ପୋକ ଶରୀର ବିଦ୍ରୂପ ରୂପ ଧାରଣ କରେ । ଖାଦ୍ୟ ଖାଇବାର ଆଗ୍ରହ ସେମାନଙ୍କର ହ୍ରାସ ପାଏ। ବଂଶ ବିସ୍ତାର କରିବାର ଶକ୍ତି ମଧ୍ୟ କମିଯାଏ । ଶରୀରର ବୃଦ୍ଧି କ୍ରମଶଃ ହ୍ରାସ ପାଏ । ଗବେଷଣା ଲବ୍ଧ ତଥ୍ୟାନୁସାରେ ଅନୁମେୟ ହୁଏ ଯେ ନିମ୍ବଜାତ କୀଟନାଶକ ପ୍ରୟୋଗ ଫଳରେ ଫସଲକୁ ଆକ୍ରମଣ କରୁଥିବା ୨୩୧ପ୍ରଜାତିର କୀଟ, ୧୭ପ୍ରଜାତିର ସୂତ୍ରଜୀବ, ୪୩ପ୍ରଜାତିର ଅଷ୍ଟପଦୀ କୀଟ ଏବଂ ୧୫ପ୍ରଜାତିର ଫିମ୍ପିକୁ ନଷ୍ଟ କରିହେଉଛି ।

ନିମ୍ବଜାତ କୀଟନାଶକ ଯଥା ଅଚ୍ୟୁଚ, ନିମନାଥ, ନିମଗାଡ, ମାର୍ଗୋସାଇଡ ଓକେ, ମାର୍ଗୋସାଇଡ ସିକେ, ନିମାଜାଲ, ମଲଟିନିମ୍, ଇକୋନିମ୍ ଓ ନିମ୍ବିସି ଡନି ଆଦି ଫସଲରେ ବ୍ୟବହାର କରି ହାନିକାରକ ପୋକମାନଙ୍କୁ ବିନାଶ କରାଯାଉଛି । ଏହି କୀଟନାଶକ ପ୍ରୟୋଗ ଯୋଗୁଁ କଖାରରୁ ନାଲି ଭୃଙ୍ଗକୀଟ, କନ୍ଦମୂଳ, ଘୁଣି କୀଟ, ଧାନମୂଳ ଘୁଣିକୀଟ, ଆଖୁ ଓ ଚିନାବାଦାମର ଧବଳ ଭୃଙ୍ଗ ଶାବକ, ବନ୍ଧାକୋବି ଜଉପୋକ, ଆମ୍ବ ଚୂର୍ଣ୍ଣପୃଷ୍ଠ କୀଟ, ଜଡାପତ୍ର ଡିଆଁ ପୋକ, ମୁଗ, ବିରି, ଭେଣ୍ଡି, ବାଇଗଣର ଧଳାମାଛି, ସୋରିଷ କରତିଆ ମାଛି, ରାଶିର ବସାବନ୍ଧା କୀଟ, ଚିନାବାଦାମ ସୁଡ଼ଙ୍ଗକାରୀ କୀଟ, ସାଇତା ଶସ୍ୟର ଶଲଭ କୀଟ, ଫଳବିନ୍ଧା ଶଲଭ କୀଟ, ପତ୍ରକଟା କୀଟ, ନଳୀପୋକ, ମଶା, ମାଛି, ଅସରପା,ଧାନଫସଲର ମାଟିଗୁଣ୍ଡି, ଧଳାପିଠିଆ, ପତ୍ରମୋଡା, ପତ୍ର ଓ କେଣ୍ଡାକଟା ପୋକ, ପତ୍ରଡିଆଁ ଏବଂ କପା ଫସଲର ପାଟଳ ବକରା କୀଟ ଓ ବନ୍ଧାମେକାବି ପ୍ରଜାପତି ବିନାଶ ହୁଅନ୍ତି ।

ଭଣ୍ଡାରଘରେ ସାଇତା ଶସ୍ୟକୁ ପୋକ ଆକ୍ରମଣରୁ ରକ୍ଷା କରିବା ପାଇଁ ୧୦୦କିଲୋଗ୍ରାମ ସାଇତା ଶସ୍ୟରେ ୦୨ରୁ ୦୫ କିଲୋଗ୍ରାମ ଛାଇରେ ଶୁଖିଲା ନିମ୍ବପତ୍ର ମିଶାଇ ବାୟୁ ନିରୋଦକ ଅଖା କିମ୍ବା ଅମାର ଘରେ ରଖି ପୋକ ଆକ୍ରମଣରୁ ଶସ୍ୟକୁ ରକ୍ଷା କରିହୁଏ । ଏତଦ୍‌ବ୍ୟତୀତ ୧୦୦ଲିଟର ପାଣିରେ ୦୨ରୁ ୧୦କିଲୋଗ୍ରାମ ନିମ୍ବପତ୍ର ବୁଡାଇ ସେଥିରେ ଶସ୍ୟ ରଖୁଥିବା ବସ୍ତାକୁ ୧୨ଘଣ୍ଟା ରଖି ତା' ପରେ ତାକୁ ଶୁଖାଇ ସେଥିରେ ସାଇତା ଶସ୍ୟ ରଖି ପୋକ ଉତ୍ପାତରୁ ଶସ୍ୟଗୁଡିକୁ ମଧ୍ୟ ରକ୍ଷା କରାଯାଏ ।

*-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର*
*ମୋ ୯୭୭୬୪୦୪୪୦୬*

## ସ୍ୱାବଲମ୍ବୀ କରିଛି ସମନ୍ୱିତ ଉଦ୍ୟାନକୃଷି

ସେ ଜଣେ ଉଚ୍ଚଶିକ୍ଷିତ ଯୁବକ। ଚାକିରି ନ କରି ସ୍ୱାବଲମ୍ବୀ ହେବାକୁ ସେ ମନସ୍ଥ କରିଥିଲେ। ପ୍ରଥମେ ଆରମ୍ଭ କରିଥିଲେ ଏକ ଶିକ୍ଷାନୁଷ୍ଠାନ, ତା'ପରେ ସମନ୍ୱିତ କୃଷିରେ ମନୋନିବେଶ କରିଥିଲେ। ମାତ୍ର ମାସ କେତୋଟି ମଧ୍ୟରେ ଏହି କୃଷିହିଁ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ଦେଇଛି ସ୍ୱତନ୍ତ୍ର ପରିଚୟ। ଏହାରି ମାଧ୍ୟମରେ ସ୍ୱାବଲମ୍ବୀ ହୋଇ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେ ହେଲେ ସୌମ୍ୟରଞ୍ଜନ ସାମଲ(ମୋ:୮୯୧୭୨୦୪୦୭୦)। ଭଦ୍ରକ ଜିଲା ବାସୁଦେବପୁର ଦେଉଳୀ ଗ୍ରାମରେ ତାଙ୍କ ଘର। ପିତା ରମେଶ ଚନ୍ଦ୍ର ସାମଲ ଜଣେ ସରକାରୀ କର୍ମଚାରୀ ଏବଂ ମା' ପାର୍ବତୀ ଜଣେ ଶିକ୍ଷାମନସ୍କ ମହିଳା। ସୌମ୍ୟରଞ୍ଜନ ଜଣେ ମେଧାବୀ ଛାତ୍ର ଭାବେ ମାଟ୍ରିକରେ ୭୫ ପ୍ରତିଶତ ଓ ବିଏସ୍‌ସି, ପଦାର୍ଥ ବିଜ୍ଞାନ(ଅନର୍ସ)ରେ ସୋର ଯୁଏନ୍ କଲେଜରୁ ୮୨ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିଲେ। ସରକାରୀ ଚାକିରି ପ୍ରତି ଅନାଗ୍ରହ ପ୍ରକାଶ କରି ନିଜେ ସ୍ୱାବଲମ୍ବୀ ହେବା ଲକ୍ଷ୍ୟରେ ନିଜସ୍ୱ ଉଦ୍ୟମରେ ୨୦୧୯ରେ ଦେଉଳୀ ଗ୍ରାମ ବ୍ଲକରୋଡ଼ରେ ଛୋଟପିଲାଙ୍କ ପାଠପଢ଼ା ପାଇଁ ପାର୍ବତୀ ପ୍ରି ସ୍କୁଲ ନାମରେ ଶିକ୍ଷାନୁଷ୍ଠାନ ଆରମ୍ଭ କଲେ। ଏହାର ସମ୍ପାଦକ ଭାବେ ନିଜର କ୍ୟାରିଅର ଆରମ୍ଭ କରିଥିଲେ ସେ। କିନ୍ତୁ ମହାମାରୀ କରୋନା ଯୋଗୁଁ ଗତବର୍ଷ ମାର୍ଚ୍ଚ ୨୦ ଠାରୁ ସ୍କୁଲ ବନ୍ଦ ହୋଇଯିବା ପରେ ସୌମ୍ୟରଞ୍ଜନ ଗୁଆଗାଁ ମୌଜାରେ ଥିବା ପୈତୃକ ୧ ମାଣ ଜମିରେ ସମନ୍ୱିତ କୃଷି କରିବାକୁ ମନସ୍ଥ କରିଥିଲେ। ଏହି ଜମିରେ ସେ ୩୦ରୁ ଊର୍ଦ୍ଧ୍ୱ ପ୍ରକାରର ପନିପରିବା ଚାଷ କରିଥିଲେ। ଉନ୍ନତ କିସମର ମଞ୍ଜି ଓ ଚାରା ଭଦ୍ରକ ସମେତ କେତେକ ନର୍ସରୀରୁ କ୍ରୟ କରି ଏହି ଉଦ୍ୟାନ କୃଷି ବିଶେଷ ଭାବରେ ଖତ ଓ ଜୈବିକ ସାର ପ୍ରୟୋଗ କରିଥିଲେ। ନିଜ ବାଡ଼ିରେ ସେ ପ୍ରଥମ ପର୍ଯ୍ୟାୟରେ ୧୫ କୁଇଣ୍ଟାଲ ଓଲ, ୫ ହଜାର ବାଇଗଣ ଚାରାରୋପଣ କରିବା



ନିଜ କ୍ଷେତରେ **ସୌମ୍ୟରଞ୍ଜନ ସାମଲ**

ସହିତ ୨ ଶହ ମନ୍ଦା କଲରା ଚାଷ ସହିତ ବୋଇତାଳୁ, ପୋଇ, ଜହ୍ନି, ଭେଣ୍ଡି, ଅମୃତଭଣ୍ଡା, ଝୁଡ଼ଙ୍ଗ, ମୂଳା, ଲାଉ, ଶିମ୍ବ, କାକୁଡ଼ି, ବିନସ୍, କୁନ୍ଦୁରୀ, କଦଳୀ ଆଦି ଲଗାଇ ନିଜ ବାଡ଼ିରେ ଏକ ହାଟ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛନ୍ତି। ବିଭିନ୍ନ ପନିପରିବାରୁ ବେଶ୍ ଦି ପଇସା ଲାଭ କରିଥିବା ବେଳେ ୩୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଓଲ ଆମଦାନୀ କରିଥିବା ବେଳେ ଅଧିକ ଉତ୍ପାଦନ ପାଇଁ ୨ ଶହରୁ ଊର୍ଦ୍ଧ୍ୱ ବୁଦା ଓଲ ଖୋଳାଯାଇନାହିଁ ବୋଲି ସେ କହିଛନ୍ତି। ସେହିପରି ଗତ ଦୁଇମାସ ଧରି ପ୍ରତ୍ୟହ ୩/୪ କୁଇଣ୍ଟାଲ ବାଇଗଣ ଉତ୍ପାଦନ କରୁଥିବା କହିଛନ୍ତି । ବର୍ତ୍ତମାନ ସୁଦ୍ଧା ସେ ୬୦ କୁଇଣ୍ଟାଲରୁ ଅଧିକ ବାଇଗଣ ବିକ୍ରି କରି ନିଜେ ସ୍ୱାବଲମ୍ବୀ ହେବା ସହିତ ଦୈନିକ ୫/୬ ଜଣ ଶ୍ରମିକଙ୍କୁ ମଧ୍ୟ ରୋଜଗାର ଯୋଗାଇ ଦେଇପାରୁଛନ୍ତି। ଏ ସମ୍ପର୍କରେ ସୌମ୍ୟରଞ୍ଜନ କୁହନ୍ତି' କୃଷି ଓ ଉଦ୍ୟାନ କୃଷି ପ୍ରତି ମୋ ମନରେ ଏକ ଭଲପାଇବା ପୂର୍ବରୁ ଥିଲା। ଲକ୍‌ଡାଉନ ହେବା ପରେ ଭାଙ୍ଗି ନ ପଡ଼ି ନିଜସ୍ୱ ଉଦ୍ୟମ ଓ ଅନୁଭବ ଆଧାରରେ ବାଡ଼ିରେ ହାଟ ବସାଇବାକୁ ନିଷ୍ପତ୍ତି ନେଇ ଏହି ପଦକ୍ଷେପ ନେଇଥିଲି। ତେବେ ଶିକ୍ଷିତ ଯୁବକ ମାନେ ଚାକିରି ପଛରେ ନ ଗୋଡ଼ାଇ କୃଷି ଓ ଉଦ୍ୟାନ କୃଷି ପ୍ରତି ଆଗ୍ରହ ପ୍ରକାଶ କଲେ ନିଶ୍ଚିତ ଆତ୍ମନିର୍ଭରଶୀଳ ହୋଇପାରିବେ।

**- ନାରାୟଣ ପ୍ରସାଦ ବାରିକ**

# ପନିପରିବା ଅଧିକ ଉତ୍ପାଦନର କୌଶଳ

(ଶେଷ ଭାଗ)

- ଅଧିକ ଖାଦ୍ୟସାର ଆବଶ୍ୟକ କରୁଥିବା ଫସଲ ପରେ କମ୍ ଖାଦ୍ୟସାର ନେଉଥିବା ଫସଲ ଚାଷ କରାଯାଏ । ଗଭୀର ଚେର ବିଶିଷ୍ଟ ଫସଲ ପରେ ଅଗଭୀର ଚେର ବିଶିଷ୍ଟ ଫସଲ ଚାଷ କରାଯାଏ ।
- ମଝିରେ ମଝିରେ ଛୁଇଁଜାତୀୟ ପନିପରିବା (ଶିମ୍ବ, ମଟର, ଆଦି) ଚାଷ କରାଗଲେ ମୃତ୍ତିକାର ଉର୍ବରତା ବଢିଥାଏ ।
- ସମୁଦାୟ କୀଟନାଶକର ଏକ ଅଷ୍ଟମାଂଶ କେବଳ ପନିପରିବା ଫସଲରେ ପ୍ରୟୋଗ ହେଉଥିବାରୁ ଉପକାରୀ କୀଟଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ହୋଇ ରୋଗ ପୋକ ସଂକ୍ରମଣ ବଢିଚାଲିଛି । ତେଣୁ ସମନ୍ୱିତ ରୋଗପୋକ ପରିଚାଳନା ମାଧ୍ୟମରେ ଜୈବିକ ଚାଷ ପ୍ରଣାଳୀଗୁଡିକୁ ଅନ୍ତର୍ଭୁକ୍ତ କରିବା ଦରକାର । ଫଳରେ କମ୍ ଖର୍ଚ୍ଚରେ ଫସଲ ଭଲ ବଢିବା ସହ ଅମଳ ଅଧିକ ହୋଇପାରିବ ।
- ରୋଗ ଓ ପୋକ ଆକ୍ରାନ୍ତ ଗଛ ଦେଖିବା ମାତ୍ରେ ତୁରନ୍ତ ଉପାଡି, ପୋଡି ବା ମାଟିରେ ପୋତିଦେବା ଦରକାର ।
- ଅନ୍ତଃ ଫସଲ, ମିଶ୍ରିତ ଫସଲ ଓ ଯନ୍ତା ଫସଲ ମାଧ୍ୟମରେ ମୁଖ୍ୟ ଫସଲକୁ ରୋଗପୋକ ସଂକ୍ରମଣରୁ ସହଜରେ ରକ୍ଷା କରାଯାଇପାରିବ ।
- ମୁଖ୍ୟ ପନିପରିବା ଫସଲ ମଧ୍ୟରେ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଅଳ୍ପ ଅବଧିର ଡାଲିଜାତୀୟ ଫସଲ ଚାଷ କରାଗଲେ ବାୟୁମଣ୍ଡଳରୁ ଯବକ୍ଷାରଜାନ ଉପଲବ୍ଧ ହୋଇ ମୁଖ୍ୟ ଫସଲର ଅମଳ ବଢିବା ସହ ଉପକାରୀ ପୋକ ସଂଖ୍ୟା ବଢିଯାଏ ।
- ପରିବେଶର ସୁରକ୍ଷା ନିମିତ୍ତ ରାସାୟନିକ କୀଟନାଶକ ପରିବର୍ତ୍ତେ ଜୈବ କୀଟନାଶକ ଯଥା- ନିମ୍ବ ଜାତୀୟ, ଅମୃତ ପାଣି, ପଞ୍ଚଗବ୍ୟ, ଜିଆଜଳ, ଗୋମୂତ୍ର ଆଦି ବ୍ୟବହାର କରି ଓ ଅନ୍ୟାନ୍ୟ ଜୈବିକ ପଦ୍ଧତି ପ୍ରଚଳନ କରି ମୃତ୍ତିକାର ସ୍ୱାସ୍ଥ୍ୟ ଭଲ ରଖି ରୋଗପୋକ ସଂକ୍ରମଣରୁ ଫସଲକୁ ରକ୍ଷା କରିବା ସହ ଅଧିକ ଅମଳ ମିଳିପାରିବ ।



- ଯଥା ସମୟରେ ବଜାର ଚାହିଦାନୁଯାୟୀ ସତେଜ ଓ କଞ୍ଚାବସ୍ଥାରେ ପନିପରିବା ଅମଳ କରିବା ଦରକାର ।
- ସଅଳ ଗୁଣାରେ ସାଧାରଣତଃ ରୋଗପୋକ ସଂକ୍ରମଣ କମ୍ ହୋଇଥାଏ ।
- ଦୁଇ ତିନି ବର୍ଷରେ ଥରେ ଗଭୀର ହଳକରି ଚାଷ କରିବା ଦରକାର ।
- ରାଜ୍ୟରେ ବ୍ୟବସାୟିକ ଭିତ୍ତିରେ ଅଦିନିଆ ପନିପରିବା ଯଥା- ବନ୍ଧାକୋବି, ଫୁଲକୋବି, ମଟର, ବିନ୍, ଶିମ୍ବ, ବିଲାତି ବାଇଗଣ, ମୂଳା ଗାଜର, ବିଟ୍, ଧନିଆ ପତ୍ର ଓ ପିଆଜ ଚାଷ ହୋଇଥାଏ। ଉପଯୁକ୍ତ ପ୍ରଣାଳୀରେ ବୈଷୟିକ ପରାମର୍ଶାନୁଯାୟୀ ଏହି ଅଦିନିଆ ଚାଷ କରି ବହୁତ ଲାଭ ମିଳିଥାଏ ।
- ଏପରି କି ରାସାୟନିକ କୀଟନାଶକର ସିଞ୍ଚନ ବେଳେ ପ୍ୟାକେଟ୍ ବା ଡବା ଉପରେ ବିଷ ଲେଖାଥିବା ଠିକିରି ଆକୃତି ଭିତରେ ସବୁଜ ରଙ୍ଗ (ସାମାନ୍ୟ ବିଷାକ୍ତ)/ ନୀଳ ରଙ୍ଗ (ମଧ୍ୟମ ଧରଣ ବିଷାକ୍ତ)/ ହଳଦିଆ ରଙ୍ଗ (ଅଧିକ ବିଷାକ୍ତ)/ଲାଲ ରଙ୍ଗ (ଅତିଶୟ ବିଷାକ୍ତ) ମଧ୍ୟରୁ ପନିପରିବା ଫସଲ ପାଇଁ କେବଳ ସବୁଜ/ନୀଳ ରଙ୍ଗ ଲେବୁଲ ଥିବା କୀଟନାଶକ ପ୍ରୟୋଗ କରାଯାଇ ପାରିବ ।
- ପନିପରିବା ଉତ୍ପାଦନରେ ଅଧିକ ସଙ୍କର ବିହନ ବ୍ୟବହାର ହେଉଛି । ବିଲାତି ବାଇଗଣରେ ସର୍ବାଧିକ ୩୬%, ବନ୍ଧାକୋବିରେ ୩୦% ଓ ବାଇଗଣରେ ୧୮% ସଙ୍କର ମଞ୍ଜି ବ୍ୟବହାର ହୋଇଥାଏ । ଅଧିକରୁ ଅଧିକ ସଙ୍କର ବିହନ ବ୍ୟବହାର କରି ବିଭିନ୍ନ ପନିପରିବାର ଉତ୍ପାଦନ ଯଥେଷ୍ଟ ବୃଦ୍ଧି ଘଟିପାରିବ ।
- ଅଦିନିଆ ପନିପରିବା ଚାଷ କରି ଅଧିକ ଲାଭ ମିଳିପାରିବ ଏବଂ ଖାଉଟିଙ୍କୁ ବର୍ଷସାରା ସତେଜ ପନିପରିବା ଯୋଗାଇ ଦେବ ।
- ଅଧିକରୁ ଅଧିକ କମ୍ପୋଷ୍ଟ ଖତ, ଜିଆଖତ, ଜୀବାଣୁସାର ଆଦି ଜୈବ ଉର୍ବରତା ଉପରେ ଗୁରୁତ୍ୱ ଦେଇ କମ୍/ସ୍ୱଳ୍ପ ଉତ୍ପାଦନ ଖର୍ଚ୍ଚ ସହ ପରିବେଶର ସୁରକ୍ଷା ଓ ଉତ୍ପାଦନକୁ ସମଗତିଶୀଳ କରିପାରିବା ।
- ଶୀତତାପ ନିୟନ୍ତ୍ରଣ କୋଠରି ବ୍ୟବହାର କରି ପନିପରିବାକୁ ସାଇତି ରଖି ପାରିଲେ ଉତ୍ପାଦନର ମୂଲ୍ୟ ବୃଦ୍ଧି ଘଟିପାରିବ । ସୁରକ୍ଷିତ ଚାଷ (ଶେଡ୍ ନେଟ୍, ଛାୟା ଘର) କରି ଅକ୍ଲେଶରେ ତଳିଘରା କରି ବିଭିନ୍ନ ସମୟରେ ସମୟ ବଞ୍ଚାଇବା ସହ ପ୍ରାୟ ଫସଲ ବର୍ଷର ଯେ କୌଣସି ସମୟରେ କରି ଲାଭ ବଢାଇ ପାରିବା ଓ ସେଥିରେ କର୍ମ ନିଯୁକ୍ତି ଆଖିଦୃଶିଆ ବୃଦ୍ଧି ପାଇବ ।

**-ଡ. ପରେଶ କୁମାର ପଣ୍ଡା**
*ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର*
*ମୋ : ୭୨୦୫୦୯୬୦୮୦*

## ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ବହଳଦା ଥାନା ଅଞ୍ଚଳର କାଙ୍କି ଗ୍ରାମରେ ନାବାଳକ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ପୋଲିସ ଜବତ କରିଛି। ମୃତ ନାବାଳକ ସେହି ଗ୍ରାମର ହୋଇଥିବା ବେଳେ ନାବାଳିକା ଜଣକ ବାଗଡେଗା ଅଞ୍ଚଳର ବୋଲି ସୂଚନା ମିଳିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। କାଙ୍କି ଗାଁରେ ଥିବା ଏକଗଛରେ ଗୋଟିଏ ଦଉଡ଼ିରେ ପ୍ରେମୀ ଯୁଗଳ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ଆତ୍ମହତ୍ୟା ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ତଥ୍ୟ ଜଣାପଡ଼ିବ।

# ବିଜୁବାବୁଙ୍କୁ କଟାକ୍ଷ: ବିଜେଡି-ଭାଜପା ମୁହାଁମୁହିଁ



ଜିଲା ପରିଷଦ ଅଧ୍ୟକ୍ଷାଙ୍କ ଗାଡ଼ିକୁ ବିଜେଡି କର୍ମୀ ଅଟକାଇ ରଖିଛନ୍ତି।


ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତଙ୍କ ସମେତ ଧାରଣାରତ ବିଜେଡି କର୍ମକର୍ତ୍ତା।

**ବାରିପଦା ଅଫିସ,୧୨।୧**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ଭାଜପା ନେତ୍ରୀ ତଥା ମୟୂରଭଞ୍ଜ ଜିଲା ପରିଷଦ ଅଧ୍ୟକ୍ଷାଙ୍କ କଟାକ୍ଷ ନେଇ ମଙ୍ଗଳବାର ବିଜେଡି ଓ ଭାଜପା ମୁହାଁମୁହିଁ ହୋଇଥିଲେ। ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦଳର ନେତୃବୃନ୍ଦ ଓ କର୍ମକର୍ତ୍ତା ପହଞ୍ଚି ଜିଲା ପରିଷଦ ଅଧ୍ୟକ୍ଷାଙ୍କ ଗାଡ଼ିକୁ ୩ଘଣ୍ଟା ଅଟକ ରଖି କ୍ଷମାପ୍ରାର୍ଥନା ଦାବି କରିଥିଲେ। ଅନ୍ୟପକ୍ଷରେ ଭାଜପା କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବିକ୍ଷୋଭକାରୀମାନଙ୍କୁ ପୋଲିସ ଗିରଫ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସ୍ଥାନୀୟ ଏସ୍‌ଡିପିଓ ଏବଂ ଥାନା ଅଧିକାରୀଙ୍କ ସହ ପୋଲିସ ଫୋର୍ସ ଘଟଣାସ୍ଥଳରେ ମୁତୟନ ହୋଇଛନ୍ତି।

ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଜିଲା ଉନ୍ନୟନ ସମନ୍ୱୟ କାର୍ଯ୍ୟକାରୀ କମିଟି (ଦିଶା)ର ଏକ ବୈଠକ ମଙ୍ଗଳବାର ବାରିପଦା ମୁର୍ଗାବାଡ଼ିସ୍ଥିତ ପ୍ରୟାସ ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୟୂରଭଞ୍ଜ ଏମ୍‌ପି ଇଂ.ବିଶ୍ୱେଶ୍ୱର ଟୁଡୁ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ଜିଲାପାଳ ବିନୀତ ଭରଦ୍ୱାଜ, ପିଡି ଡିଆର୍‌ଡିଏ, ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଡ଼େଇ, ସାରସକଣା ବିଧାୟକ ଡା. ବୁଢ଼ାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି ଓ ଯଶିପୁର ବିଧାୟକ ଗଣେଶରାମ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା ଚାଲିଥିବା ସମୟରେ ଆବାସ ଗୃହ ଯୋଜନାରେ ବିଜୁବାବୁଙ୍କ ଫଟୋକୁ ନେଇ ଜିଲା ପରିଷଦ ଅଧ୍ୟକ୍ଷା ମୁର୍ମୁ କଟାକ୍ଷ କରିଥିବା ରାଜ୍ୟ ସଭା ସଦସ୍ୟା ମହାନ୍ତ ଅଭିଯୋଗ କରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ବଢ଼ିବା ପରେ ରାଜ୍ୟ ସଭା ସଦସ୍ୟା ମହାନ୍ତ କକ୍ଷ ତ୍ୟାଗ କରି ବାହାରେ ପ୍ରତିବାଦ କରିଥିଲେ। ଘଟଣା ପ୍ରଚାରିତ ହେବା ପରେ ବିଜେଡି ଜିଲା ସଭାପତି ତଥା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ଦେବାଶିଷ ମାରାଣ୍ଡି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଛାତ୍ର ସଭାପତି ସୁନୀଲ ନାୟକ, ଯୁବ ସଭାପତି ଅରୁଣ ବରାଡ, ସୁବ୍ରମଣ୍ୟମ ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ପହଞ୍ଚି ପ୍ରତିବାଦ କରିବା ସହ ବିଜୁ ବାବୁ ଓ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ କ୍ଷମା ପ୍ରାର୍ଥନା କରିବାକୁ ଦାବି କରିଥିଲେ। ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ ହୋଇଥିବା ବେଳେ ସେହି ଆସନରେ ବସିଥିବା ଅଧ୍ୟକ୍ଷାଙ୍କ ଏପରି ମନ୍ତବ୍ୟକୁ ରାଜସ୍ୱମନ୍ତ୍ରୀ ମାରାଣ୍ଡି ନିନ୍ଦା କରିବା ସହ କଟୁ ସମାଲୋଚନା କରିଥିଲେ। ଏ ସଂକ୍ରାନ୍ତରେ ଜିଲା ପରିଷଦ ଅଧ୍ୟକ୍ଷା ମୁର୍ମୁଙ୍କୁ ପଚାରିବାରୁ ସେ ବିଜୁବାବୁଙ୍କୁ ସମ୍ମାନ କରନ୍ତି। ତାଙ୍କ ପ୍ରତି କୌଣସି କଟାକ୍ଷ କରିନାହାନ୍ତି। ଯାହା ସ୍ୱର ଉଠାଇଛନ୍ତି ତାହା କେବଳ ମୟୂରଭଞ୍ଜବାସୀଙ୍କ ପାଇଁ। ସମ୍ମିଳନୀ କକ୍ଷରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉ ବୋଲି ସେ କହିଛନ୍ତି। ଭାଜପା ଜିଲା ସଭାପତି କାନ୍ଦରା ସୋରେନ କୁହନ୍ତି, ଗଣତନ୍ତ୍ରରେ ମତାମତ ଦେବା ସମସ୍ତଙ୍କ ଅଧିକାର ରହିଛି। ମାତ୍ର ବିଜେଡି ପକ୍ଷରୁ ଚକ୍ରାନ୍ତ କରାଯାଇ ଜିଲା ପରିଷଦ ଅଧ୍ୟକ୍ଷାଙ୍କ ପ୍ରତି କରାଯାଇଥିବା ଅସମ୍ମାନ ଦୁର୍ଭାଗ୍ୟ ଜନକ। କୋଭିଡ୍ ନିୟମକୁ ଉଲ୍ଲଂଘନ କରି ଭାଜପା ପକ୍ଷରୁ ରାଲି କରାଯିବା ଏବଂ ପ୍ରୟାସ କାର୍ଯ୍ୟାଳୟ ସମ୍ମୁଖରେ ଫାଟକ ବନ୍ଦ କରି ଧାରଣାରେ ବସିବା ଘଟଣାରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି ବୋଲି ଥାନାଧିକାରୀ ବୀରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି।

# ମହିଳାଙ୍କ ତଣ୍ଟି କାଟି ହତ୍ୟା

### ଶାଶୁ ଅଟକ, ସ୍ୱାମୀ ଫେରାର

**ଭଣ୍ଡାରିପୋଖରୀ,୧୨।୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ଅନ୍ତର୍ଗତ ନୂଆ ପୋଖରୀ ଗ୍ରାମରେ ଜଣେ ମହିଳାଙ୍କ ଗଳା କାଟି ହତ୍ୟା କରାଯାଇଛି। ମୃତ ମହିଳା ହେଲେ ନାରାୟଣ ମହାନ୍ତିଙ୍କ ସ୍ତ୍ରୀ ରାଧାରାଣୀ। ଏନେଇ ପୋଲିସ ମୃତ ରାଧାରାଣୀଙ୍କ ଶାଶୁଙ୍କୁ ଥାନାରେ ଅଟକ ରଖିଥିବା ବେଳେ ସ୍ୱାମୀ ଫେରାର ହୋଇଯାଇଥିବା ସୂଚନା ମିଳିଛି।

ରହଣିଆ ପଞ୍ଚାୟତ ରାଣିଗାଡ଼ିଆ ଗ୍ରାମର ବିରଞ୍ଚି ନାରାୟଣ ସାହୁଙ୍କ ଝିଅ ରାଧାରାଣୀଙ୍କୁ ନାରାୟଣ ୨୦୧୪ରେ ବିବାହ କରିଥିଲେ। ବିବାହ ପରେ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। କୋଲକାତାରେ ରହି କାମ କରୁଥିବା ନାରାୟଣ ଲକ୍‌ଡାଉନଠାରୁ ଘରେ ଆସି ରହୁଥିଲେ। ହେଲେ ସୋମବାର ସନ୍ଧ୍ୟାରେ ସେ ଘର ଛାଡ଼ି କେଉଁଆଡ଼େ ପଳାଇ ଯାଇଥିଲେ। ତେବେ ରାଧାରାଣୀ ମଧ ଘରେ ନ ଥିବା ଦେଖି ତାଙ୍କ ଶାଶୁ ମାତାଜି ମହାନ୍ତି ରାତିରେ ଖୋଜିଥିଲେ। ବୋହୂଙ୍କୁ ନ ପାଇବାରୁ ଶାଶୁ ଗାଁ ଲୋକଙ୍କୁ କହିଥିଲେ। ଗ୍ରାମବାସୀ ଖୋଜା ଖୋଜି କରିଥିଲେ ମଧ ରାଧାରାଣୀଙ୍କର ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳୁ ଗ୍ରାମ ପାଖ ଏକ ରାସ୍ତା କଡ଼ରେ ରାଧାରାଣୀଙ୍କ ମୃତଦେହ ପଡ଼ିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଭଣ୍ଡାରିପୋଖରୀ ଥାନା ପୋଲିସ ଫରେନ୍‌ସିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଭଣ୍ଡାରିପୋଖରୀ ଥାନାରେ ଏକ ହତ୍ୟା ମାମଲା (ନଂ.୨୫/୨୧) ରୁଜୁ ହୋଇଛି।


ଘଟଣାସ୍ଥଳରେ ପୋଲିସ ଓ ଫରେନ୍‌ସିକ ଟିମ ତଦନ୍ତ କରୁଛି।

## ସଂକ୍ଷେପରେ

### ହାଇୱା ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଧର୍ମଶାଳା,୧୨।୧(ଡି.ଏନ୍.ଏ.):** ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ଭାଲୁଖାଇ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ବାଲେଶ୍ୱର ଜିଲା ସୋରୋ ଥାନା ଅଧୀନ ଗୁଡ଼ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କ ସ୍ତ୍ରୀ ଅହଲ୍ୟାଙ୍କ ମୃତ୍ୟୁ ହୋଇଛି। ପ୍ରଫୁଲ୍ଲ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ, ଦମ୍ପତି ଭୁବନେଶ୍ୱରର ଝିଅଘରୁ ବାଇକ୍‌ରେ ଘରକୁ ଫେରୁଥିଲେ। ପୂର୍ବାହ୍ନ ୧୦ଟା ୩୦ରେ ଭାଲୁଖାଇ ନିକଟରେ ଡିବିଏଲ କମ୍ପାନୀର ହାଇୱା ତାଙ୍କ ବାଇକ୍‌କୁ ପଛ ପଟୁ ଧକ୍କା ଦେଇଥିଲା। ବାଇକ୍‌ରେ ବସିଥିବା ଅହଲ୍ୟା ଛିଟିକି ରାସ୍ତା ଉପରେ ପଡ଼ିଯାଇଥିଲେ। ଏହି ସମୟରେ ଉକ୍ତ ହାଇୱାଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜାରକା ବିଟ ହାଉସ ଫାଣ୍ଡି ଅଧିକାରୀ ରାଜକିଶୋର ନାୟକ ପହଞ୍ଚି ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏହାପରେ ଅହଲ୍ୟାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଧର୍ମଶାଳା ଥାନା ପୋଲିସ ଏକ ମାମଲା (ନଂ.୨୫।୨୧) ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରି ତଦନ୍ତ ଚଳାଇଛି।

### ପାରାଦୀପରେ କାଉ ମଡ଼କ

**ପ୍ରାଣୀଧନ ବିଭାଗର ନମୁନା ସଂଗ୍ରହ**

**ପାରାଦୀପ,୧୨।୧(ସ୍ୱ.ପ୍ର.):** ପାରାଦୀପ ବନ୍ଦର ନଗରୀରେ ଗତ ଚାରି ଦିନ ହେଲା ବିଭିନ୍ନ ସ୍ଥାନରେ କାଉ ମରିଯାଉଛନ୍ତି। ଏହି ଅଞ୍ଚଳର ବଡ଼ପଡିଆ, ନୂଆ ବଜାର,ମାଛଧରା ବନ୍ଦର, ଷଣ୍ଢକୁଦ ବସ୍ତି, ମଧୁବନ ଓ ମେଡ଼ିକାଲ ପାଖ ଆଦି ସ୍ଥାନରେ କାଉ ମଡ଼କ ଦେଖିବାକୁ ମିଳୁଛି। ସୂଚନାପାଇ ପ୍ରାଣୀଧନ ବିଭାଗ ପକ୍ଷରୁ ସୋମବାର ମଲା କାଉ ଓ କୁକୁଡାଙ୍କ ରକ୍ତ ଓ ଲାଳ ନମୁନା ପରୀକ୍ଷା ପାଇଁ ପଠାଯାଇଛି ବୋଲି ଡାକ୍ତର ଦେବାଶିଷ ରାଉତ କହିଛନ୍ତି।

### ଭିଜିଲାନ୍ସ ଜାଲରେ ଜିଲା ମତ୍ସ୍ୟ ଅଧିକାରୀ

**ବାରିପଦା ଅଫିସ,୧୨।୧:** ଲାଞ୍ଚ ନେଉଥିବା ବେଳେ ମୟୂରଭଞ୍ଜ ଜିଲା



ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର ଘଡ଼େଇ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ତାଙ୍କଠାରୁ ରଙ୍ଗବୋଳା ୫ଶହ ଟଙ୍କିଆ ନୋଟ ୧ଲକ୍ଷ ୧୦ହଜାର ଟଙ୍କା ଜବତ କରାଯାଇଛି। ପରେ ତାଙ୍କ ନୟାଗଡ ଜିଲାରେ ଥିବା ବାସଭବନ, ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ଯାଇଛି। ସୂଚନା ଅନୁଯାୟୀ, ଡୁକୁରା ଶାଳବଣି ଗ୍ରାମର ଦୁର୍ଯ୍ୟୋଧି ଦାସଙ୍କ ଏକଲକ୍ଷ ଟଙ୍କାର ବାୟୋଫ୍ଲକ ପ୍ଲାଣ୍ଟର ବିଲ୍ କରିବା ପାଇଁ ୧୦ହଜାର ଓ ୨୫ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ହାଚେରୀର ବିଲ୍ କରିବା ପାଇଁ ମତ୍ସ୍ୟ ଅଧିକାରୀ ଏକ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏତେ ଟଙ୍କା ଦେବା ସକ୍ଷମ ନ ହେବାରୁ ହିତାଧିକାରୀ ଜଣକ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଲାଞ୍ଚ ଟଙ୍କା ନେବା ସମୟରେ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଥିଲା। ଚଢ଼ାଉରେ ବାରିପଦା, ବାଲେଶ୍ୱର ଓ ଭଦ୍ରକ ଜିଲା ଭିଜିଲାନ୍ସ ଟିମ୍‌ର ଅଧିକାରୀମାନେ ସାମିଲ ଅଛନ୍ତି।

### ନିଲମ୍ବିତ ହେଲେ ଉପ ନିର୍ବାହୀ ଯନ୍ତ୍ରୀ

**ଗୁଣପୁର,୧୨।୧(ଡି.ଏନ.ଏ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ରାୟଗଡ଼ା ଜିଲା ଗୁଣପୁର ପୂର୍ତ୍ତ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ଉଦ୍ଧବ ପାଢ଼ୀ ଗତ ୨୫ରେ ଗିରଫ ହୋଇଥିଲେ। ମଙ୍ଗଳବାର ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ତାଙ୍କୁ ନିଲମ୍ବିତ କରିଛନ୍ତି। ଅନ୍ୟାଦେଶ ପର୍ଯ୍ୟନ୍ତ ଭୁବନେଶ୍ୱର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରହିବେ ବୋଲି ଜଣାପଡ଼ିଛି। ଅଧିକାରୀଙ୍କ ବିନାନୁମତିରେ ଉକ୍ତ ସ୍ଥାନ ଛାଡିପାରିବେ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଗତ ୨୪ରେ ବ୍ରହ୍ମପୁର ଭିଜିଲାନ୍ସର ଏକ ଟିମ୍ ତାଙ୍କ ବ୍ରହ୍ମପୁରସ୍ଥିତ ବାସଭବନ ସହ ଗୁଣପୁର ସରକାରୀ କାର୍ଯ୍ୟାଳୟ ଏବଂ ବାସଭବନ ଉପରେ ଚଢାଉ କରିଥିଲେ। ତାଙ୍କ ନିକଟରୁ ୧ କୋଟି ୪୭ ଲକ୍ଷ ୬୧ ହଜାର ୫୫୫ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିଲା।


ମକର ସଂକ୍ରାନ୍ତି ନୀତି ପାଇଁ ମହାପ୍ରଭୁଙ୍କ ଲାଗି ମଙ୍ଗଳବାର ଦରଜି ସର୍ଦ୍ଦାର ମକର ଛତି ପ୍ରସ୍ତୁତ କରୁଛନ୍ତି।

# ସୀତା ପାହାଡ଼ରେ କରୋନା କଟକଣା

### ମକର ସଂକ୍ରାନ୍ତିରେ ମେଳା ବନ୍ଦ

**ପାରଳାଖେମୁଣ୍ଡି,୧୨।୧(ଡି.ଏନ୍.ଏ.):** ଗଜପତି ଜିଲା ପ୍ରଶାସନ ପକ୍ଷରୁ ପୌରାଣିକ ସ୍ଥଳ ସ୍ଥାନୀୟ ସୀତା ପାହାଡରେ ମକର ସଂକ୍ରାନ୍ତି ପାଇଁ କଟକଣା ଜାରି ହୋଇଛି। କେବଳ ପୂଜକ ମାନେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରି ପରମ୍ପରା ରକ୍ଷା କରିବାକୁ ସୀତା ପାହାଡକୁ ଯାଇପାରିବେ। ଜନସାଧାରଣ ପ୍ରବେଶ ଉପରେ କଟକଣା ଜାରି ସହ ମେଳାକୁ ବନ୍ଦ କରିଛି ପ୍ରଶାସନ।

ସୂଚନାଯୋଗ୍ୟ, ଗୋଷାଣୀ ବ୍ଲକ ସାରିଆପଲ୍ଲି ନିକଟରେ ରହିଛି ସୀତା ପାହାଡ। କିମ୍ବଦନ୍ତୀ ଅନୁଯାୟୀ, ମା' ସୀତା ବନବାସ ସମୟରେ ମାସିକ ଧର୍ମପାଳନ ପାଇଁ ଏଠାରେ ଅଟକି ରହିଥିଲେ। ଯେଉଁଠାରେ ସୀତାଙ୍କ ପାଦଚିହ୍ନ ମଧ ରହିଛି ଏବଂ ଟାଙ୍ଗରା ପାହାଡରେ ଏକ କୂଅ ରହିଛି ଯେଉଁଠାରେ ବର୍ଷ ତମାମ ପାଣି ରହିଥାଏ। ଶହଶହ ବର୍ଷ ଧରି ଏଠାରେ ମକର ସଂକ୍ରାନ୍ତି ଠାରୁ ୩ଦିନ ଧରି ମେଳା ଲାଗିଥାଏ। ଚଳିତ ବର୍ଷ କରୋନା କଟକଣାକୁ ଦୃଷ୍ଟିରେ ରଖି ୧୪ରୁ୧୬ ତାରିଖ ଯାଏ ସୀତା ପାହାଡରେ କଟକଣା ଜାରି ସହ ଜନସାଧାରଣଙ୍କୁ ଯିବାକୁ ବାରଣ କରାଯାଇଛି।

# ରଥକାଠ ପାଇଁ ପୂଜାର୍ଚ୍ଚନା

**ନୟାଗଡ଼ ଅଫିସ/ ଗଣିଆ(ଡି.ଏନ.ଏ.)୧୨।୧**

ପୁରୀରେ ଶ୍ରୀଜୀଉଙ୍କ ରଥ ନିର୍ମାଣ ଲାଗି ମଙ୍ଗଳବାର ଗଛକଟା ଅନୁକୂଳ ହୋଇଛି। ରଥସଂହିତା ପରମ୍ପରା ଅନୁଯାୟୀ ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବଡ଼ମୂଳ ନିକଟସ୍ଥ ମା'ବଡ଼ରାଉଳ ଦେବୀଙ୍କ ପୀଠରେ ଏଥିଲାଗି ପୂଜାର୍ଚ୍ଚନା କରାଯାଇଛି। ଏହାପରେ ଗଣିଆ ଗାଁର ଭକ୍ତ ମଳୟ ମିଶ୍ରଙ୍କ ବାରିପଟେ ଥିବା ଫାସିଗଛରେ ଆଜ୍ଞାମାଳ ବନ୍ଧାଯାଇ ଛେଦନ ପର୍ବର ଅନୁକୂଳ ହୋଇଛି। ବୁଧବାରଠାରୁ ଗଛ ଛେଦନ ପର୍ବ ଚାଲୁ ରହିବ। ରଥ ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ୧୨୮ ଖଣ୍ଡ ଅସନ, ଧଉରା, ଫାସି ଓ ଶିମିଳି କାଠ କଟାଯିବ।

ରଥକାଠ ବରଣ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଭୋଇ ସର୍ଦ୍ଦାର ରବି ଭୋଇ ଓ ପୁରୀ ଟେମ୍ପଲ ଅଫିସ କ୍ୟାମେରାମ୍ୟାନ୍ ଅଙ୍କିତ କୁମାର ସାହୁ ପ୍ରମୁଖ ମଙ୍ଗଳବାର ସକାଳୁ ବଡ଼ରାଉଳ ପୀଠରେ ପହଞ୍ଚି ଥିଲେ। ଏହି ୫ ଜଣିଆ ଟିମ୍ ମହାପ୍ରଭୁଙ୍କ ମାଳ ମାହାର୍ଦ୍ଦ, ଧଣ୍ଡାମାଳ, ଖଣ୍ଡୁଆ, ମହାପ୍ରସାଦ, ପାଟପଟନି ଧରି ନୟାଗଡ଼ ବନବିଭାଗ ନେତୃତ୍ୱରେ ପହଞ୍ଚିବା ପରେ ବୌଦ୍ଧ ଓ ଦଶପଲ୍ଲା ଅଞ୍ଚଳରୁ ଆସିଥିବା ନାମ ସଂକୀର୍ତ୍ତନ ଦଳ ସେମାନଙ୍କୁ ବଡ଼ରାଉଳ ପୀଠକୁ ପାଛୋଟି ନେଇଥିଲେ। ପରେ ନୟାଗଡ଼ ବନଖଣ୍ଡ ଅଧିକାରୀ ଏଚ୍.ଡି. ଧନରାଜ ଓ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଥିଲା।


ଗଛକଟା ଅନୁକୂଳ ପୂର୍ବରୁ ମା'ବଡ଼ରାଉଳ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା ଚାଲିଛି।

# ୬ ଅଲିଭ୍ ରିଡ୍‌ଲେଙ୍କୁ ଟ୍ୟାଗିଂ

- ୨୫ ବର୍ଷ ପରେ ଟ୍ୟାଗିଂ ଆରମ୍ଭ
- ଏଥର ୩୦ହଜାର ଟ୍ୟାଗିଂ ଲକ୍ଷ୍ୟ

**ବ୍ରହ୍ମପୁର ଅଫିସ/ ଗଞ୍ଜାମ(ଡି.ଏନ୍.ଏ.),୧୨।୧**

ଜୁଲୋଜୀକାଲ ସର୍ଭେ ଅଫ୍ ଇଣ୍ଡିଆ(ଜେଡ୍‌ଏସ୍‌ଆଇ)ଓ ବ୍ରହ୍ମପୁର ବନଖଣ୍ଡ ମିଳିତ ଆନୁକୂଲ୍ୟରେ ଅଲିଭ୍‌ରିଡ୍‌ଲେଙ୍କୁ ମଙ୍ଗଳବାର ଟ୍ୟାଗିଂ କରିଛି। ଟ୍ୟାଗ୍‌ଗୁଡିକ ସ୍ୱତନ୍ତ୍ର ଭାବରେ ସଂଖ୍ୟାଭୁକ୍ତ ହୋଇଛି ଏବଂ ଏଥିରେ ସବିଶେଷ ତଥ୍ୟ ଅଛି। ଯେପରିକି ସଙ୍ଗଠନର ନାମ, ଇମେଲ୍ ଆଇଡି ଇତ୍ୟାଦି। ମଙ୍ଗଳବାର ବନବିଭାଗ ପକ୍ଷରୁ ମୋଟ ୬ଟି (୨ ଅଣ୍ଡିରା ଏବଂ ୪ ମାଈ) କଇଁଛଙ୍କୁ ଟ୍ୟାଗ ଲଗାଯାଇଥିଲା। ଟ୍ୟାଗ ଲଗାଯାଇଥିବା କଇଁଛଙ୍କ ଗତିବିଧି ଉପରେ ଅନୁସନ୍ଧାନ କରାଯିବ। ସେମାନଙ୍କ ମଣ୍ଡଳୀ, ବସା, ଯାତ୍ରାମାର୍ଗ ଏବଂ ସ୍ଥାନ ଖୋଜିବାରେ ସାହାଯ୍ୟ କରିବ। ଏହି ଟ୍ୟାଗ୍ ହୋଇଥିବା କଇଁଛଙ୍କୁ ଅନ୍ୟ ଦେଶର ବନ ବିଭାଗ ଠାବ କଲେ ସେଥିରେ ଥିବା ଇମେଲ୍ ଆଇଡିରେ ସୂଚନା ଦେବେ। ପ୍ରାୟ ୨୫ବର୍ଷ ବ୍ୟବଧାନ ପରେ ଓଡିଶାରେ ଟ୍ୟାଗିଂ ପ୍ରକ୍ରିୟା କରାଯାଇଛି। ପୂର୍ବରୁ ୧୯୯୪-୯୬ରେ ୮ହଜାର କଇଁଛଙ୍କୁ ଟ୍ୟାଗ୍ କରାଯାଇଥିଲା। ଏଥର ୩୦ ହଜାର କଇଁଛ ଟ୍ୟାଗ୍ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି। ଏଥିରେ ଜେଡ୍‌ଏସ୍‌ଆଇର ବୈଜ୍ଞାନିକ ଡକ୍ଟର ବାସୁଦେବ ତ୍ରିପାଠୀ ଏବଂ ଡକ୍ଟର ଅନିଲ ମହାପାତ୍ର ସାମିଲ ଥିଲେ।


ଅଲିଭ ରିଡଲେଙ୍କୁ ଟ୍ୟାଗିଂ କରାଯାଉଛି।

# ପ୍ରଧାନମନ୍ତ୍ରୀଙ୍କୁ ନିରଞ୍ଜନଙ୍କ ଚିଠି

### ନେତାଜୀ ଜନ୍ମବାର୍ଷିକୀ କମିଟିରେ ଓଡ଼ିଶାରୁ ୨୫ ଜଣଙ୍କୁ ରଖ

**ଭୁବନେଶ୍ୱର,୧୨।୧(ବ୍ୟୁରୋ)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମ ବାର୍ଷିକୀ ପାଳନ କରିବା ପାଇଁ କେନ୍ଦ୍ର ସରକାର ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ୮୫ ଜଣିଆ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଓଡିଶାକୁ ଅଣଦେଖା କରାଯାଇଛି ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି କମିଟିରେ ଓଡ଼ିଶାରୁ କେବଳ ୩ ଜଣ ଥିବାବେଳେ ପଶ୍ଚିମବଙ୍ଗରୁ ୨୬ ଜଣ ରହିଛନ୍ତି। ଏହା ଓଡ଼ିଶା ପାଇଁ ଦୁଃଖ ଓ ପରିତାପର ବିଷୟ ବୋଲି ନିରଞ୍ଜନ କହିଛନ୍ତି। ଏହି ପ୍ରସଙ୍ଗରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓଡ଼ିଶାର କଟକ ଜିଲାରେ ଜନ୍ମଗ୍ରହଣ କରି ବାଲ୍ୟଶିକ୍ଷା ସମାପ୍ତ କରିଛନ୍ତି। ତାଙ୍କ ଜନ୍ମସ୍ଥାନ ଜାନକୀନାଥ ଭବନକୁ ରାଜ୍ୟ ସରକାର ନେତାଜୀ ସଂଗ୍ରହାଳୟରେ ପରିଣତ କରିଛନ୍ତି। ଯେଉଁଠାରେ ନେତାଜୀଙ୍କ ସହ ଜଡିତ ସ୍ମାରକପତ୍ର ପ୍ରଦର୍ଶିତ ହେଉଛି। ଏଠାରେ ଉପଲବ୍ଧ ଥିବା ଅବିସ୍ମରଣୀୟ ଫଟୋଚିତ୍ର, କାଗଜପତ୍ର, ସ୍ମୃତିକୁ ଜାତି ଉଦ୍ଦେଶ୍ୟରେ ସୁରକ୍ଷିତ ରଖିବା ପାଇଁ ସୁବାଷ ବୋଷଙ୍କ ଜନ୍ମପୀଠକୁ ଜାତୀୟ ସଂଗ୍ରହାଳୟରେ ପରିବର୍ତ୍ତନ କରିବା ପାଇଁ ନିରଞ୍ଜନ ନିବେଦନ କରିଛନ୍ତି। ନେତାଜୀ ଓଡ଼ିଶା ମାଟିର ଯୋଗ୍ୟତମ ଦାୟାଦ। ସେ ଛାତ୍ର ଆନ୍ଦୋଳନର ପ୍ରବର୍ତ୍ତକ ଅଟନ୍ତି। ଏଣୁ କେନ୍ଦ୍ର ସରକାର ଗଠନ କରିଥିବା କମିଟିରେ ଓଡ଼ିଶାର ରାଜ୍ୟପାଳ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ଆଜାଦ ହିନ୍ଦ ଫୌଜ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ, ରାଜନେତା, ବୁଦ୍ଧିଜୀବୀ, ଖବରଦାତାଙ୍କ ସମେତ ବିଭିନ୍ନ ବର୍ଗରେ ପାରଦର୍ଶିତା ଲାଭ କରିଥିବା ୨୫ଜଣ ବ୍ୟକ୍ତି ବିଶେଷଙ୍କୁ ଏହି କମିଟିରେ ସ୍ଥାନୀତ କରିବାକୁ ସେ କହିଛନ୍ତି।

# ପୋଲିସ-ଗ୍ରାମବାସୀ ଗଣ୍ଡଗୋଳ: ଫାଙ୍କା ଗୁଳିଚାଳନା

### ଜୁଆ ଆଡ୍ଡା, କୁକୁଡ଼ାଗାଲି ଉପରେ ଚଢ଼ାଉ

### ମାଡ଼ରେ ଏସ୍‌ଡିପିଓ ଆହତ

**କାଳିମେଳା,୧୨।୧(ଡି.ଏନ.ଏ.)**

ଜୁଆ ଆଡ୍ଡା ଓ କୁକୁଡ଼ାଗାଲି ଉପରେ ଚଢ଼ାଉ କରିବାରୁ ପୋଲିସକୁ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହେବାକୁ ପଡିଛି। ଦୀର୍ଘ ସମୟ ଧରି ପୋଲିସ- ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଏସ୍‌ଡିପିଓ ଆହତ ହୋଇଛନ୍ତି। ଘଟଣାରେ ସମ୍ପୃକ୍ତ ୧୬ ଜଣଙ୍କୁ ପୋଲିସ ଗିରଫ କରିଛି। ସୋମବାର ରାତିରେ ଏପରି ଏକ ଘଟଣା ମାଲକାନଗିରି ଜିଲା କାଳିମେଳା ବ୍ଲକରେ ଘଟିଛି। ୧୩/୨୧ରେ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି।

ଖବରରୁ ଜଣାପଡିଛି ମକର ସଂକ୍ରାନ୍ତି ଉପଲକ୍ଷେ କାଳିମେଳା ଥାନା ଅନ୍ତର୍ଗତ କୋଇମେଟଲା ପଞ୍ଚାୟତର ମାରନପାଲି ଗ୍ରାମ ନିକଟସ୍ଥ ଏକ ପଡିଆରେ କୁକୁଡାଗାଲି ଏବଂ ଜୁଆଖେଳ ଚାଲିଥିଲା। ଏ ସମ୍ପର୍କରେ ଖବର ପାଇ ମାଲକାନଗିରି ଏସ୍‌ପିଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ଅଭିଲାଷ ଜି.ଙ୍କ ନେତୃତ୍ୱରେ ଏକ ୯ ଜଣିଆ ପୋଲିସ ଟିମ୍ ରାତି ୧୦ଟାରେ ଗ୍ରାମକୁ ଯାଇ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲା। ଏହି ସମୟରେ ପୋଲିସକୁ ଦେଖି କେତେଜଣ ବ୍ୟକ୍ତି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଉପସ୍ଥିତ ଅନ୍ୟମାନଙ୍କୁ ପୋଲିସ ଗିରଫ କରିଥିଲା। ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ପୋଲିସ-ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମବାସୀ ଟେକାପଥର ମାଡ କରି ପୋଲିସ ଉପରେ ଆକ୍ରମଣ କରିଥିଲେ। ଉତ୍ତ୍ୟକ୍ତ ଲୋକେ ଏସ୍‌ଡିପିଓ ଅଭିଳାଷ ଜି.ଙ୍କ ବନ୍ଧୁକ ଛଡାଇନେବା ସହ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ସେ ଆହତ ହୋଇଛନ୍ତି। ଅନ୍ୟ ପୋଲିସ କର୍ମଚାରୀମାନେ ମଧ ସାମାନ୍ୟ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ପୋଲିସ ସେଠାରେ ୩ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିବା ସେଠାରେ ଦୋକାନ ଦେଇଥିବା କେତେଜଣ ବ୍ୟବସାୟୀ କହିଛନ୍ତି। ବର୍ତ୍ତମାନ ପରିସ୍ଥିତି ଶାନ୍ତ ରହିଛି। ତେବେ କିଛି ଅଘଟଣ ଆଶଙ୍କାରେ ଗ୍ରାମରେ ପୋଲିସ ମୁତୟନ ହୋଇଛନ୍ତି। ମଙ୍ଗଳବାର ମାଲକାନଗିରି ଏସ୍‌ପି କାଳିମେଳାରେ ପହଞ୍ଚି ସ୍ଥିତି ଅନୁଧ୍ୟାନକରି ଫେରିଛନ୍ତି। ଆହତ ଏସ୍‌ଡିପିଓଙ୍କୁ ଚିକିତ୍ସା ଲାଗି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଗିରଫ ୧୬ ଜଣଙ୍କ ମଧ୍ୟରେ ମାରନପାଲି ଗ୍ରାମର ୬ ଜଣ, ଏମ୍‌ପିଭି-୩୩ ଗ୍ରାମର ୪, ସେରିଗୁଡା ଗ୍ରାମର ୨ ଓ ନାମକୋଣ୍ଡା ଗ୍ରାମର ୪ଜଣ ରହିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।


ଘଟଣାସ୍ଥଳରୁ ଜବତ କରାଯାଉଛି ଜେନେରେଟର।

## 'ଦ ପାୱାର'ର ଟ୍ରେଲର ରିଲିଜ

ମୁମ୍ବାଇ: ବଲିଉଡ୍ ଅଭିନେତା ବିଦ୍ୟୁତ ଜାମୱାଲା ଓ ଶ୍ରୁତି ହାସନଙ୍କ ଅଭିନୀତ ଫିଲ୍ମ 'ଦ ପାୱାର'ର ଟ୍ରେଲର ରିଲିଜ ହୋଇଛି। ବିଦ୍ୟୁତଙ୍କ ପୂର୍ବ ଫିଲ୍ମ ଭଳି ଏଥିରେ ବି ଜବରଦସ୍ତ ଆକ୍‌ସନ ଦେଖିବାକୁ ମିଳିଛି । ଟ୍ରେଲର ଆରମ୍ଭରେ ବିଦ୍ୟୁତ ଓ ଶ୍ରୁତିଙ୍କର ରୋମାନ୍ସ ଦେଖାଯାଇଛି । ମଙ୍ଗଳବାର ରିଲିଜ ହୋଇଥିବା ଏହି ଟ୍ରେଲରର ଅବଧି ରହିଛି ୨ ମିନିଟ ୩୮ ସେକେଣ୍ଡ । ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ମହେଶ ମାଞ୍ଜରେକର। ଏହାର କାହାଣୀ ୯୦ ଦଶକର ବ୍ୟାକ ଗ୍ରାଉଣ୍ଡରେ ନିର୍ମାଣ କରାଯାଇଛି । ଶ୍ରୁତି ଓ ବିଦ୍ୟୁତଙ୍କ ବ୍ୟତୀତ ଏଥିରେ ପ୍ରତିକ ବାବର ବି ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ । ଏହା ୧୪ ଜାନୁୟାରୀ ଜି୫ରେ ରିଲିଜ ହେବ।

# କାର୍ ଫ୍ରି ସିଟି: ବାସ୍ତବତାଠାରୁ ବହୁଦୂରେ

**ହାତପାହାନ୍ତାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସୁବିଧା ତା' ସାଙ୍ଗକୁ ପରିଷ୍କାର ପରିଚ୍ଛନ୍ନତା ଏବଂ ଭୟ ମୁକ୍ତ ବାତାବରଣ। ଆଧୁନିକ ସମୟରେ ମଣିଷ ଏଭଳି ସ୍ମାର୍ଟସିଟିରେ ରହିବାକୁ ପସନ୍ଦ କରୁଛି । ହେଲେ ଭବିଷ୍ୟତର ସହର ଏହାଠାରୁ ଆହୁରି ଅଧିକ ଉନ୍ନତ ହେବ। ଧୂଳିଧୂଆଁ ବିହୀନ, ଇକୋ ଫ୍ରେଣ୍ଡଲି ପରିବେଶରେ ରହିବେ ସହରବାସୀ। ନିକଟରେ ସାଉଦି ଆରବ ପକ୍ଷରୁ ଏଭଳି ଏକ କାର୍ ଫ୍ରି ସହର ପରିକଳ୍ପନା କରାଯାଇଛି। ହେଲେ ଏହା ପ୍ରଥମ ଘଟଣା ନୁହେଁ, ଜନସଂଖ୍ୟା ଘନତ୍ୱ ବୃଦ୍ଧି କାରଣରୁ ପୂର୍ବରୁ ଏପରି ଅନେକ ଯୋଜନା କରାଯାଇଛି। ହେଲେ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପୂର୍ବରୁ ବିଭିନ୍ନ କାରଣରୁ ଅଧାରେ ଅଟକି ଯାଇଛି ପ୍ରକଳ୍ପ ସ୍ୱପ୍ନ।**




**ରିୟାଦ୍:** ପରିବ୍ୟାପ୍ତ ହେଉଛି ସହର। ବଢୁଛି ଗାଁର ପରିସର। ଏସବୁ ଭିତରେ ଅନେକ ସମସ୍ୟା ସହିତ ଯୁଝି ହେଉଛି ମଣିଷ। ବିଶେଷ କରି ବଡ଼ ବଡ଼ ସହରାଞ୍ଚଳରେ ଯାନବାହନ ପାର୍କିଂ କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥା ପାଲଟିଛି। ବିଗତ ୧୦୦ ବର୍ଷ ଭିତରେ କାର୍ ଭଳି ଛୋଟ ଯାନବାହନ ଚଳାଚଳକୁ ନଜରରେ ରଖି ସହର ନିର୍ମାଣ କରାଯାଉଛି। ହେଲେ କାର ବିହୀନ ସହର ପରିକଳ୍ପନା କରିବା ଯେତିକି ଦୁରୂହ ସେତିକି ଚ୍ୟାଲେଞ୍ଜିଂ ମଧ୍ୟ।

ମଧ୍ୟପ୍ରାଚ୍ୟର ଅନ୍ୟତମ ବୈଭବଶାଳୀ ରାଷ୍ଟ୍ର ସାଉଦି ଆରବ ନିକଟରେ କାର ବିହୀନ ସହର ନିର୍ମାଣ କରିବାକୁ ଘୋଷଣା କରିଛି, ଯାହାର ନାଁ 'ନିୟୋମ'। ଏହି ପରିକଳ୍ପିତ ଟାଉନଶିପ୍ ଅଞ୍ଚଳରେ ୧୦ ଲକ୍ଷ ଲୋକ ବାସ କରିବେ। ଜନସାଧାରଣଙ୍କ ଯାତାୟାତ ଲାଗି ପାଦଚଲା ରାସ୍ତା, ସାଇକେଲ ପଥ ରହିବ। ହେଲେ କାର୍ ଗଡୁଥିବା ଦେଖିବାକୁ ମିଳିବନି। ଯଦି ସାଉଦିର ସ୍ୱପ୍ନ ସାକାର ହୁଏ ତେବେ ଏହି ସହର ପୃଥିବୀର ଅନ୍ୟତମ ଆଶ୍ଚର୍ଯ୍ୟ ଭାବେ ପରିଗଣିତ ହେବ। 'ନିୟୋମ' ୨୬,୫୦୦ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ହେବ। ଏଠାରେ ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର ସାଙ୍ଗକୁ ସବୁଜ ବନାନୀ ବଳୟ ସୃଷ୍ଟି କରାଯିବ। ସାଢ଼େ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ରୋଜଗାର ଯୋଗାଇବ 'ନିୟୋମ'। ୨୦୦ ବିଲିୟନ ଡଲାର ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ସିଟିରେ ସାର୍ବଜନୀନ ଦ୍ରୁତ ପରିବହନ ସୁବିଧା ରହିବ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଅଧିକ ଗୁରୁତ୍ୱ ଦିଆଯିବ। ଅଶୋଧିତ ତୈଳ ଉତ୍ପାଦନ କ୍ଷେତ୍ରରେ ସାଉଦି ଆରବ ଅଗ୍ରଣୀ ଦେଶ। ସମାନ୍ତରାଳ ଭାବେ ପ୍ରଦୂଷଣ ସୃଷ୍ଟିକାରୀ ରାଷ୍ଟ୍ର ଭାବେ ଦୁର୍ନାମ ମଧ୍ୟ ମୁଣ୍ଡାଇଛି। ଏପରି ସ୍ଥିତିରେ 'ନିୟୋମ' ଏହି ମଳିନ ଛବିକୁ ସୁଧାରିବା ଲାଗି ଏକ ପ୍ରୟାସ ବୋଲି କୁହାଯାଉଛି। କିନ୍ତୁ ଚାଇନା, ଆମେରିକା ଭଳି ଅତ୍ୟାଧୁନିକ ଜ୍ଞାନକୌଶଳରେ ସମୃଦ୍ଧ ଦେଶ ଦୀର୍ଘବର୍ଷ ପୂର୍ବରୁ ଏଭଳି ଯୋଜନା କରିଥିଲେ ହେଁ ସେମାନଙ୍କ ସ୍ୱପ୍ନ ଅଧୁରା ରହିଯାଇଛି।

### ଯୋଜନାରେ ସୀମିତ ସ୍ୱପ୍ନର ପ୍ରକଳ୍ପ

ସବୁବେଳେ କିଛି ନୂଆ କରି ପୃଥିବୀବାସୀଙ୍କୁ ଚମକାଉଥିବା ଚାଇନା ୨୦୧୨ରେ ପ୍ରସ୍ତୁତ କରିଥିଲା 'ଚେଙ୍ଗଡୁ ଗ୍ରେଟ୍‌ସିଟି ପ୍ରୋଜେକ୍ଟ'। ସାଇକେଲ ଯାତ୍ରୀଙ୍କୁ ନଜରରେ ରଖି ଏହାର ନକ୍ସା ପ୍ରସ୍ତୁତ କରାଯାଇଥିଲା। ସହରରେ ଅଧିକ ମୋଡ, ସଂକୀର୍ଣ୍ଣ ଗଳି ରହିବ ନାହିଁ। ସହରବାସୀ ପାଦରେ ଚାଲି କିମ୍ବା ସାଇକେଲରେ ଏହାକୁ ଅତି ସହଜରେ ପରିକ୍ରମା କରିପାରିବେ। ଶୂନ୍ୟରେ ସୁଉଚ୍ଚ ଅଟ୍ଟାଳିକାକୁ ପରସ୍ପରକୁ ଯୋଡ଼ିବା ଭଳି ବ୍ୟବସ୍ଥା ମଧ୍ୟ ନକ୍ସାରେ ରହିଥିଲା। ୧.୩ ବର୍ଗ କିମି ଅଞ୍ଚଳରେ ପରିବ୍ୟାପ୍ତ ସହରରେ ୧ ଲକ୍ଷ ଲୋକ ବସବାସ କରିବା ଭଳି ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା। ସହରର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିବା ଆମେରିକୀୟ କମ୍ପାନୀ ସ୍ମିଥ୍‌ଗିଲ ପକ୍ଷରୁ କୁହାଯାଇଥିଲା ଏହା କାର ବିହୀନ ସହର ହେବ। ବସ୍, କାର୍‌କୁ ବାଦ୍ ଦେଲେ ଏଠାରେ ଅନ୍ୟ ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ଏହାର ସଂଯୋଗ ପଥ ଏପରି ନିର୍ମିତ ହେବ ଯେ, ପାଦଚଲା ରାସ୍ତାରେ ଗଲେ ୧୦ ମିନିଟ ମଧ୍ୟରେ ସହରର ଯେ କୌଣସି ସ୍ଥାନରେ ପହଞ୍ଚି ହେବ। ହେଲେ ଚାଇନାର ଏପରି ଅତ୍ୟାଧୁନିକ ସହର ସ୍ୱପ୍ନ କାଗଜ କଲମରେ ସୀମିତ ହୋଇ ରହିଗଲା।

ୟୁଏଇ ସରକାର 'ମସ୍‌ଦାର'କୁ କାର ଫ୍ରି ସହର ଭାବେ ବିକଶିତ କରିବାକୁ ଇଚ୍ଛାବ୍ୟକ୍ତ କରିଥିଲେ। ଏଥିରେ ମଧ୍ୟ ସ୍ମିଥ୍‌ଗିଲ୍ କମ୍ପାନୀର ବିଶେଷଜ୍ଞ ଯୋଡ଼ି ହୋଇଥିଲେ। ଦୈନିକ ୯୦ ହଜାର ଜନସାଧାରଣ ବିନା ଟ୍ରାଫିକ୍ ଜଞ୍ଜାଳରେ ଯାତାୟାତ କରିବା ଭଳି ଯୋଜନା ପ୍ରସ୍ତୁତ କରାଯାଇଥିଲା। ତେବେ ଆବୁଧାବି ଏବଂ ଦୁବାଇର ମଧ୍ୟସ୍ଥଳରେ ଅବସ୍ଥିତ ଏହି ସହରକୁ କାର୍ ଫ୍ରି କରିବା ସ୍ୱପ୍ନରେ ରହିଗଲା। କାର୍ ମୁକ୍ତ ସହର ପ୍ରସଙ୍ଗ କଥା ଉଠିଲେ ଆଖି ଆଗରେ ଦୌଡ଼େ ନରୱେର ରାଜଧାନୀ 'ଓସ୍‌ଲୋ'। ୨୦୧୫ରେ ସହରକୁ ଇକୋ ଫ୍ରେଣ୍ଡଲୀ କରିବା ଲାଗି ଜୀବାଶ୍ମ ଇନ୍ଧନଚାଳିତ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାନ କରିବାକୁ ଯୋଜନା କରାଯାଇଥିଲା। ଏ ସଂକ୍ରାନ୍ତରେ ସେଠାକାର ସରକାର ବିଧିବଦ୍ଧ ଭାବେ ଘୋଷଣା ମଧ୍ୟ କରିଦେଇଥିଲେ। ହେଲେ ଏହି ପରିକଳ୍ପନା ବାସ୍ତବତାଠାରୁ ବହୁଦୂରରେ ରହି ଯାଇଥିଲା। ସହରବାସୀଙ୍କ ମଧ୍ୟରେ ବିରୋଧାଭାସ ଯୋଗୁ ଏହା ସମ୍ଭବପର ହୋଇ ନ ଥିଲା। ତଥାପି ଏଠାକାର କେତେକ ସ୍ଥାନ ସମ୍ପୂର୍ଣ୍ଣ କାର୍ ମୁକ୍ତ ହୋଇପାରିଛି। ୭୦୦ ପାର୍କିଂ ସ୍ପଟ୍ ବନ୍ଦ କରିଦିଆଯାଇଛି। ଏସବୁ ସ୍ଥାନକୁ ପାଦଚଲା ରାସ୍ତା ଏବଂ ସାଇକେଲ ପଥ ଭାବେ ବିକଶିତ କରାଯାଇଛି।

# ଜାହ୍ନବୀଙ୍କ ବେଲି ଡ୍ୟାନ୍ସ ଭିଡିଓ ଭାଇରାଲ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ହିଟ୍ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ। ଦେଖିବାକୁ ଯେମିତି ସୁନ୍ଦରୀ ଅଭିନୟ ମଧ୍ୟ ସେତିକି ଦମ୍‌ଦାର୍। ଏହାଛଡ଼ା ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ୍। ମା' ଶ୍ରୀଦେବୀଙ୍କ ଅଭିନୟ ଓ ଡ୍ୟାନ୍ସକୁ ନିଜ ମାଧ୍ୟମରେ ହୁଏତ ଦର୍ଶକଙ୍କ ପାଖରେ ପହଞ୍ଚାଇବାକୁ ସବୁବେଳେ ଚେଷ୍ଟା କରୁଛନ୍ତି। ନିକଟରେ ଇନଷ୍ଟାରେ ପୋଷ୍ଟ କରିଥିବା ଏକ ଭିଡିଓ ଏବେ ଭାଇରାଲ ହେଉଛି । ଉକ୍ତ ଭିଡିଓରେ ଜାହ୍ନବୀ , କରିନା କପୁର ଓ ଶାହାରୁଖ ଖାଁଙ୍କ ଅଭିନୀତ ଫିଲ୍ମ 'ଅଶୋକା'ର ଗୀତ 'ସନ ସନାନ ସନ'ରେ ବେଲି ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଛି। ଯାହା ସୋସିଆଲ ମିଡିଆ ୟୁଜର୍ସଙ୍କ ମନକୁ ବେଶ ଛୁଇଁଛି। ଫ୍ୟାନ୍‌ମାନେ ଢ଼େର ସାରା ଲାଇକ୍ କରିବାସହ କମେଣ୍ଟ ମଧ୍ୟ କରିଛନ୍ତି। ଆଉ ଏବେ ଏହି ଡ୍ୟାନ୍ସ ଭିଡିଓଟି ଭାଇରାଲ ହେବାରେ ଲାଗିଛି। କିଛିଦିନ ପୂର୍ବରୁ ସେ ଏହା ଡ୍ୟାନ୍ସ କ୍ଲାସରେ ପ୍ରାକ୍ଟିସ କରୁଥିବା ଏକ ଭିଡିଓ ବୋଲି କୁହାଯାଉଛି। ୱାର୍କ ଫ୍ରଣ୍ଟ କଥା କହିଲେ ଏବେ ଜାହ୍ନବୀ ପଞ୍ଜାବରେ ତାଙ୍କ ଅପ୍‌କମିଂ ଫିଲ୍ମ 'ଗୁଡ ଲକ୍ ଜେରି'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। କିଛିଦିନ ହେବ ସେ ତାଙ୍କ ପର୍ସନାଲ ଲାଇଫକୁ ନେଇ ଥିଲେ ଚର୍ଚ୍ଚାରେ । ନିକଟରେ କାର୍ତ୍ତିକ ଆର୍ଯ୍ୟନଙ୍କ ସହ ଗୋଆ ଭ୍ୟାକେଶନରେ ନଜର ଆସିଥିଲେ। ଆଉ ଏମାନଙ୍କ ଯୋଡିକୁ ଦେଖି ବିଟାଉନ୍‌ରେ ଗସିପ୍ ବି ଆରମ୍ଭ ହୋଇଯାଇଛି। ଏମାନେ ଦୁହେଁ ଫିଲ୍ମ 'ଦୋସ୍ତାନା ୨'ରେ ନଜର ଆସିବେ । ଆହୁରି ମଧ୍ୟ ଶୁଣିବାକୁ ମିଳିଥିଲା କି ଜାହ୍ନବି ଜୁହୁରେ ଏକ ୩ ମହଲା ଘର ୩୯ କୋଟି ଟଙ୍କାରେ କ୍ରୟ କରିଛନ୍ତି ।

# ସୁନ୍ଦରୀ ହେବା ପାଇଁ କୁକୁର ପରିସ୍ରା



**ନୂଆଦିଲ୍ଲୀ:** ସୌନ୍ଦର୍ଯ୍ୟ ଅକ୍ଷୁଣ୍ଣ ରଖିବା ପାଇଁ ମହିଳାମାନେ କେତେ କ'ଣ କରନ୍ତି। କିନ୍ତୁ ଏଥିପାଇଁ ଯେ କୁକୁର ପରିସ୍ରା ପିଇପାରନ୍ତି ଏକଥା କେହି ସହଜରେ ବିଶ୍ୱାସ କରି ପାରୁ ନ ଥିବେ। କିନ୍ତୁ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଆମେରିକାରେ। ଏଠାରେ ଜଣେ ସୁନ୍ଦରୀ ମହିଳା ତ୍ୱଚାର ଗ୍ଲୋ ବୃଦ୍ଧି କରିବା ପାଇଁ ପ୍ରତିଦିନ କୁକୁର ପରିସ୍ରା ପିଇଥାନ୍ତି। ଆମେରିକୀୟ ମହିଳା ଲିନା ଅତ୍ୟନ୍ତ ସୁନ୍ଦରୀ ହୋଇଥିବାରୁ ତାଙ୍କୁ ନେଇ ଢେର୍ ଚର୍ଚ୍ଚା ହୋଇଥାଏ। ତେବେ ନିଜ ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ସେ ପ୍ରତିଦିନ କୁକୁର ପରିସ୍ରା ହିଁ ପିଇଥାନ୍ତି ବୋଲି କୁହନ୍ତି। ଏଥିପାଇଁ ତାଙ୍କ ମୁହଁରେ କୌଣସି ପ୍ରକାର ଦାଗ ହୁଏନି ଏବଂ ତ୍ୱଚା ଅଧିକ ଗ୍ଲୋ କରିଥାଏ ବୋଲି ସେ କହିଛନ୍ତି। ତାଙ୍କ କହିବା ଅନୁସାରେ କୁକୁର ପରିସ୍ରାରେ ଭିଟାମିନ୍ - ଏ, ଇ ଏବଂ କ୍ୟାଲସିୟମ୍ ରହିଥିବାରୁ ଏହା ତ୍ୱଚାକୁ ସୁନ୍ଦର ରଖିବା ସହିତ କ୍ୟାନ୍‌ସର ଚିକିତ୍ସାରେ ସାହାଯ୍ୟ କରିଥାଏ। ଏଥିପାଇଁ କୁକୁର ପରିସ୍ରା ପିଇବା ଫଳରେ ତାଙ୍କ ମୁହଁରେ ବ୍ରଣ ଉଠିବା କିମ୍ବା ଅନ୍ୟ କୌଣସି ସମସ୍ୟା ରହି ନ ଥାଏ। ତେବେ ଲିନାଙ୍କ ଏଭଳି ଏକ ସୌନ୍ଦର୍ଯ୍ୟ ଉପଚାର ନିମନ୍ତେ ଏବେ ସାରା ବିଶ୍ୱରେ ତାଙ୍କୁ ନେଇ ଚର୍ଚ୍ଚା ହେଉଛି। ଲିନା ପ୍ରତିଦିନ ତାଙ୍କ କୁକୁରକୁ ନେଇ ପାର୍କ ଯାଇଥାନ୍ତି, ସେଠାରେ ବୁଲିବା ସମୟରେ ସେ କୁକୁର ପରିସ୍ରା ସଂଗ୍ରହ କରି ପିଇ ଦେଇଥାନ୍ତି। ତାଙ୍କ ଭଳି ସୁନ୍ଦରୀ ହେବାକୁ ସମସ୍ତେ ଏପରି କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

# ଗୁଡ଼ିରେ କରୋନା ସଚେତନତା




**ଅହମଦାବାଦ:** କରୋନାକୁ ନେଇ ଏବେ ସବୁଆଡ଼େ ସଚେତନତା ବୃଦ୍ଧି ପାଇଛି। ଲୋକେ ବି ଅନେକାଂଶରେ ସଚେତନ ହେଲେଣି। ହେଲେ କରୋନାକୁ ନେଇ ଏବେ ଏକ ଭିନ୍ନ ଢଙ୍ଗରେ ସଚେତନତା ଦେଖିବାକୁ ମିଳିଛି ଗୁଜରାଟରେ। ମକର ସଂକ୍ରାନ୍ତି ପାଇଁ ବଜାରରେ ମିଳୁଥିବା ଗୁଡ଼ିରେ ଏବେ ରହିଛି କରୋନା ସଚେତନତାର ବିଭିନ୍ନ ଚିତ୍ର। ଏହା ସହିତ ପ୍ରଧାନମନ୍ତ୍ରୀ ମୋଦି ଏବଂ ବିରୁଷ୍କା ତଥା ଅନ୍ୟାନ୍ୟ କାର୍ଟୁନ ପେଣ୍ଟିଂରେ ବି ତିଆରି ହୋଇଛି ବିଭିନ୍ନ ଡିଜାଇନ୍ ଗୁଡ଼ି। ମକର ସଂକ୍ରାନ୍ତି ପାଇଁ ବିଭିନ୍ନ ସ୍ଥାନରେ ଗୁଡି ଉଡାଇବାର ପରମ୍ପରା ରହିଛି। ଏହି ଉତ୍ସବକୁ ବେଶ୍ ଉତ୍ସାହର ସହ ମନାଇବା ପାଇଁ ଏବେ ଗୁଜରାଟରେ ତିଆରି ହୋଇଛି ବିଭିନ୍ନ ପ୍ରକାରର ଗୁଡ଼ି। ତେବେ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବେ ଗୁଡିରେ କରୋନା ସଚେତନତାର ବିଭିନ୍ନ ବାର୍ତ୍ତା ରହିଛି। କେଉଁଥିରେ ମାସ୍କ ପିନ୍ଧିବା ପାଇଁ କୁହାଯାଇଛି ତ କେଉଁଥିରେ ସାନିଟାଇଜ୍ ପାଇଁ ପରାମର୍ଶ ରହିଛି। ଖାଲି ସେତିକି ନୁହେଁ କେତେକ ଗୁଡିରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ବିରାଟ କୋହଲି ଓ ତାଙ୍କ ସ୍ତ୍ରୀ ଅନୁଷ୍କାଙ୍କର ବି ଫଟୋ ରହିଛି। ଏହିସବୁ ଡିଜାଇନ ଗୁଡ଼ିର ଚାହିଦା ବେଶି ରହିଛି। ତେବେ ମକର ସଂକ୍ରାନ୍ତି ନିମନ୍ତେ ଗୁଜରାଟରେ ଉତ୍ତରାୟଣ ପର୍ବ ପାଇଁ ବଜାରରେ ଏବେ ପ୍ରାୟ ୧୫୦୦ ପ୍ରକାର ଗୁଡି ରହିଛି। ପିଲାମାନଙ୍କୁ ଆକୃଷ୍ଟ କରିବା ଲାଗି ଗୁଡ଼ିରେ ବିଭିନ୍ନ ଆନିମେଟେଡ୍ ଚରିତ୍ର ଏବଂ ସୁପର ହିରୋ ଚିତ୍ର ବି ରହିଛି।

# ସନ୍ତୁଳନ ହରାଉଛି ମଙ୍ଗଳ ଗ୍ରହ

**ୱାଶିଂଟନ:** ମଙ୍ଗଳ ଗ୍ରହ ସମ୍ପର୍କରେ ମହାକାଶ ବିଜ୍ଞାନୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ଧୀରେଧୀରେ ମଙ୍ଗଳ ଗ୍ରହ ନିଜର ସନ୍ତୁଳନ ହରାଇ ବସୁଛି। ନିଜ ଅକ୍ଷ ଚାରିପଟେ ଘୂରିବା ସମୟରେ ଏଭଳି ଅନିୟମିତତା ସୃଷ୍ଟି ହେଉଛି। ତେବେ ଏଭଳି କେଉଁ କାରଣରୁ ହେଉଛି ସେ ନେଇ ମହାକାଶ ବିଜ୍ଞାନୀ ଚିନ୍ତାରେ ପଡ଼ିଛନ୍ତି। ଆମେରିକାନ ଜିଓଫିଜିକାଲ ୟୁନଅନ ପକ୍ଷରୁ ଏସମ୍ପର୍କିତ ଏକ ରିପୋର୍ଟ ପ୍ରକାଶ ପାଇଛି। ନିଜ ଅକ୍ଷ ପଥରେ ମଙ୍ଗଳ ଗ୍ରହ ସିଧା ନ ଘୂରି ରହି ରହି ଟଳମଳ ଅବସ୍ଥାରେ ଘୂରୁଛି। ପ୍ରତି ୨୦୦ ଦିନରେ ଗ୍ରହ ନିଜର ମୂଳ ଘୂରିବା ପ୍ରକ୍ରିୟାଠାରୁ ୪ ଇଞ୍ଚ ଦୂରେଇବାରେ ଲାଗିଛି। ଏଭଳି ଅବସ୍ଥାକୁ ମହାକାଶ ବିଜ୍ଞାନୀମାନେ ଚାଣ୍ଡଲେର୍ ୱେବଲ କୁହାଯାଇଥାଏ। ପ୍ରଥମେ ମହାକାଶ ବିଜ୍ଞାନୀ ସେଥ କାର୍ଲୋ ଚାଣ୍ଡଲେର୍ ଏହି ମହାଜାଗତିକ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ତେଣୁ ତାଙ୍କର ନାମ ଅନୁସାରେ ଗ୍ରହର ଏଭଳି ସ୍ଥିତିକୁ ନାମିତ କରାଯାଇଛି।

# ଘର ବିକି ବସ୍‌କୁ ଶିଫ୍ଟ

**ୱାଶିଂଟନ୍:** ଆମେରିକାରେ ରହୁଥିବା ଏକ ଦମ୍ପତି ସେମାନଙ୍କର ୪ ବଖରା ଘର, ସମ୍ପତ୍ତି ବିକ୍ରି କରି ଏକ ସ୍କୁଲ ବସରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଫ୍ଲୋରିଡାର ଏହି ଦମ୍ପତି ୧୪୦୦ ବର୍ଗଫୁଟ ଉପରେ ଥିବା ଘର ବିକି ଚାକିରି ଛାଡ଼ି ଏକ ଭିନ୍ନ ଜୀବନଶୈଳୀ ବଞ୍ଚିବାକୁ ଚାହୁଁଛନ୍ତି। ୩୨ ବର୍ଷର ଜ୍ୟାକ ଏବଂ ଜିଆନା ଭ୍ରମଣ କରିବାକୁ ବହୁତ ପସନ୍ଦ କରନ୍ତି। ୨୦୧୬ରେ ଦୁହେଁ ବିବାହ କରିଥିଲେ ଏବଂ ସେହି ବର୍ଷ ସେମାନଙ୍କର ଝିଅ ମଧ୍ୟ ଜନ୍ମ ହୋଇଥିଲେ। ଉଭୟ ସାରା ବିଶ୍ୱ ବୁଲିବା ସ୍ୱପ୍ନକୁ ପୂରଣ କରିବାକୁ ଚାହୁଁଥିଲେ। ଏହି କାରଣରୁ, ସେ କିଛି ଅଲଗା କରିବା ବିଷୟରେ ଚିନ୍ତା କରିଥିଲେ। ପରେ, ବିବାହର ୨ ବର୍ଷ ପରେ ସେ ସ୍ଥିର କଲେ ପାରମ୍ପରିକ ଜୀବନଶୈଳୀ ଛାଡିଦେବେ। ୨୦୧୮ ମସିହାରେ, ଏହି ଦମ୍ପତି ଏକ ଅନ୍ଲାଇନ ସମ୍ପ୍ରଦାୟ ବିଷୟରେ ଜାଣିବାକୁ ପାଇଥିଲେ। ଏହା ହେଉଛି ଏକ ସମ୍ପ୍ରଦାୟ, ଯେଉଁମାନେ ସେମାନଙ୍କର ଅଫିସ ଜୀବନ ଛାଡି କ୍ୟାମ୍ପ ଭ୍ୟାନରେ ରୁହନ୍ତି । ସେମାନେ ସମାନ କାମ କରନ୍ତି ଏବଂ ଯାତ୍ରା କରନ୍ତି। ଜ୍ୟାକ ଏବଂ ତାଙ୍କ ପତ୍ନୀ ସମ୍ପ୍ରଦାୟରେ ଯୋଗ ଦେବାକୁ ସେମାନଙ୍କ ଘର କାର୍ ବିକ୍ରି କରିଦେଲେ। ଏହି ଟଙ୍କାରେ ସେ ଦ୍ୱିତୀୟ ହାତ ମର୍ସିଡିଜ ବେଞ୍ଜ ସ୍ପ୍ରିଣ୍ଟର୍ ଭ୍ୟାନ କିଣି ଏହାକୁ ଏକ ଘର ଭାବେ ପରିଣତ କରିଥିଲେ। ଏ ବିଷୟରେ କଥାବାର୍ତ୍ତା କରି ଜ୍ୟାକ କହିଛନ୍ତି ଯେ ଚାରି ବଖରା ଘରରୁ ଏକ ଭ୍ୟାନରେ ରହିବା ପ୍ରଥମେ ଟିକେ ଚ୍ୟାଲେଞ୍ଜ ପରି ଲାଗୁଥିଲା। ହେଲେ ଏବେ ଅଭ୍ୟାସରେ ପରିଣତ ହୋଇଗଲାଣି।



ଜନ୍ମଦିନର ଶୁଭେଚ୍ଛା

ନୈବେଦ୍ୟା (ନିଶି)
ପ୍ରଭୁ ଗୋପାଳ ତୋତେ ସବୁ ଦିଗରୁ ରକ୍ଷା କରନ୍ତୁ।
—:ଶୁଭେଚ୍ଛା ସହ:—
ଜେଜେ, ଜେଜେମାଆ, ଅଜା, ଆଈ ।
ଧ-୧୯୫୫୯

# ମନେ ପଡ଼ନ୍ତି

**ସ୍ମୃତି ତର୍ପଣ**

✓ ଦୈତ୍ୟାରୀ ବେହେରା
ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଞ୍ଚନା ଏରିଆ, ଭୁବନେଶ୍ୱର
ଆବିର୍ଭାବ : ୩୧.୦୧.୧୯୨୦
ତିରୋଧାନ : ୧୩.୦୧.୧୯୯୫
ଆଜି ଆପଣଙ୍କ ପବିତ୍ର ୨୬ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
ଧ-୧୯୫୬୪

**ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତା ସୁଲୋଚନା ଦାସ
ସ୍ୱର୍ଗତ: ସ୍ୱାମୀ ରମେଶ ଚନ୍ଦ୍ର ଦାସ
(୧୯୪୯-୨୦୨୧) ଶନିବାର, ଚତୁର୍ଥୀ
ବ୍ୟାଙ୍କ କଲୋନୀ ୭ମ ଗଳି, ଲୋଚାପଡ଼ା ରୋଡ୍, ବ୍ରହ୍ମପୁର, ଗଞ୍ଜାମ
ବୋଉ, ତୋର ଅକାଳ ବିୟୋଗରେ ଆମେ ସବୁ ମ୍ରିୟମାଣ, ତୋର ସେହି ହସହସ ମୁହଁ, ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଏବେବି ଆମ ମନରେ। ବୋଉ, ତୁ ଯେଉଁଠି ଥାଆ ଭଲରେ ଥାଆ ଓ ତୁ ଶ୍ରୀଜଗନ୍ନାଥଙ୍କ ପାଖରେ ରହି ଆମକୁ ସଦା ଆଶୀର୍ବାଦ କରୁଥାଆ।
—:ଶୋକସନ୍ତପ୍ତ:—
ପୁଅ-ବୋହୂ, ଝିଅ-ଜ୍ୱାଇଁ, ଯାଆ-ଦିଅର, ନାତି-ନାତୁଣୀ, ଭଣଜା-ଭାଣିଜୀ ଓ ଆତ୍ମୀୟସ୍ୱଜନ ।
ଧ-୬୬୬୫୬

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ବେଣୁଧର ବାରିକ
ଗୁଡ଼ିଆନାଳୀ, ଢେଙ୍କାନାଳ
ଆବିର୍ଭାବ: ୨୨।୦୮।୧୯୩୮
ତିରୋଧାନ: ୨୫।୧୨।୨୦୧୯
ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମା' ଆଦ୍ୟାଶକ୍ତି ତଥା ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣା ଭିକ୍ଷା କରୁଅଛୁ।
—:ଶୋକସନ୍ତପ୍ତ:—
ପତ୍ନୀ, ସାନଭାଇ ଓ ବୋହୂ, ଚାରି ଝିଅ ଓ ଜ୍ୱାଇଁ, ଭଣଜା ଓ ଭଣଜା ବୋହୂ, ପୁତ୍ର ଓ ପୁତ୍ରବଧୂ, ନାତି ଓ ନାତୁଣୀ ଏବଂ ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୭୦୩୦୮

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଢଳିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଚିନ୍ତା ବଢ଼ାଇଲା ଆହତ ସମସ୍ୟା


ସିଡ୍‌ନୀ,୧୨।୧(ପି.ଟି.)

ଖେଳାଳିଙ୍କ ଆହତ ସମସ୍ୟା ଭାରତୀୟ କ୍ରିକେଟ ଦଳର ସମସ୍ୟା ବଢ଼ାଇବାରେ ଲାଗିଛି। ମଙ୍ଗଳବାର ଭାରତକୁ ଆଉଏକ ଜବରଦସ୍ତ ଝଟ୍‌କା ଲାଗିଛି। ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଆବ୍‌ଡୋମିନାଲ ଷ୍ଟ୍ରେନ୍ ଅର୍ଥାତ ପେଟ୍‌ରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ବ୍ରିସ୍‌ବେନ୍‌ରେ ହେବାକୁ ଥିବା ଚତୁର୍ଥ ଟେଷ୍ଟରୁ ବାଦ୍ ପଡିଛନ୍ତି। ଫଳରେ ଭାରତର ଇଞ୍ଜୁରି ତାଲିକା ବଢିବାରେ ଲାଗିଛି। ପୁଣି ହନୁମା ବିହାରୀଙ୍କ ବଦଳ ଖେଳାଳି ବିବେଚିତ ହେଉଥିବା ମୟଙ୍କ ଅଗ୍ରୱାଲ ନେଟ୍ସରେ ଅଭ୍ୟାସ କରୁଥିବା ବେଳେ ଆହତ ହୋଇଛନ୍ତି। ହାତରେ ସେ ଆଘାତ ପାଇଛନ୍ତି। ତାଙ୍କ ହାତ ଭାଙ୍ଗିଥିବା ଆଶଙ୍କା କରାଯାଉଛି। ତେଣୁ ବ୍ରିସ୍‌ବେନ୍‌ରେ ଭାରତ ଏକ ଫିଟ୍ ଦଳ ଖେଳାଇବାକୁ ନେଇ ଆଶଙ୍କା ବଢ଼ିଛି।

- ବ୍ରିସ୍‌ବେନ୍ ଟେଷ୍ଟରୁ ବୁମ୍‌ରା ଆଉଟ୍
- ନେଟ୍ସରେ ମୟଙ୍କ ଆହତ
- ଅଶ୍ୱିନଙ୍କ ପିଠିର ନିମ୍ନଭାଗରେ ଯନ୍ତ୍ରଣା

ଅନ୍ତିମ ଟେଷ୍ଟର ଶେଷ ୩ ଘଣ୍ଟାରେ ସଂଘର୍ଷ କରି ମ୍ୟାଚ୍ ଡ୍ର ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରବିଚନ୍ଦ୍ରନ ଅଶ୍ୱିନ ବ୍ୟାକ୍ ସ୍ପାଜମ୍ବର ଶିକାର ହୋଇଛନ୍ତି। ପିଠିର ନିମ୍ନ ଭାଗରେ ସେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ବୋଲିଂ ବିଭାଗର ନେତୃତ୍ୱ ନେଉଥିବା ବୁମ୍‌ରା ସିଡ୍‌ନୀରେ ତୃତୀୟ ଟେଷ୍ଟ ଖେଳିବା ଅବସରରେ ଆହତ ହୋଇଥିଲେ। ଫଳରେ ଭାରତର ସମସ୍ୟା ଦ୍ୱିଗୁଣିତ ହୋଇଛି। ବୁମ୍‌ରା ଆହତ ହୋଇଥିବା ସ୍କାନ ରିପୋର୍ଟରୁ ଜଣାଯାଇଛି। ଆଗକୁ ଇଂଲଣ୍ଡ ବିପକ୍ଷ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିବାରୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ବୁମ୍‌ରାଙ୍କୁ ନେଇ କୌଣସି ରିସ୍କ ଉଠାଇବାକୁ ଚାହୁଁନାହାନ୍ତି। ତେଣୁ ତାଙ୍କୁ ବ୍ରିସ୍‌ବେନ୍ ଟେଷ୍ଟରୁ ବାଦ୍ ଦିଆଯାଇଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ସ୍ଥାନ ହାସଲ କରବାକୁ ହେଲେ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜ ଭାରତ ପାଇଁ ଶେଷ ସୁଯୋଗ। ତେଣୁ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବ ବୋଲି ବୋର୍ଡ ସ୍ପଷ୍ଟ କରିଛି। ବୁମ୍‌ରାଙ୍କ ଅନୁପସ୍ଥିତିରେ ୨ଟି ଟେଷ୍ଟ ଖେଳିଥିବା ମହମ୍ମଦ ସିରାଜଙ୍କ ନେତୃତ୍ୱରେ ନବଦୀପ ସଇନି, ଶାର୍ଦ୍ଦୁଳ ଠାକୁର ଓ ଟି. ନଟରାଜନଙ୍କ ଉପରେ ଭାରତୀୟ ବୋଲିଂ ନିର୍ଭର କରିବ। ୧୫ ତାରିଖରୁ ଚତୁର୍ଥ ଟେଷ୍ଟ ଆରମ୍ଭ ହେବ।

ବ୍ୟାଟିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଫର୍ମରେ ନ ଥିବା ଦୁଇ ଓପନର ପୃଥ୍ୱୀ ଶ' ଓ ମୟଙ୍କ ଅଗ୍ରୱାଲ ଉପଲବ୍ଧ ଅଛନ୍ତି। ମୟଙ୍କଙ୍କର ହାତରେ ଯଦି ଫ୍ରାକ୍‌ଚର ହୋଇ ନ ଥିବ ତେବେ ପୃଥ୍ୱୀ ୩ ନମ୍ବରରେ ବ୍ୟାଟିଂ କରିବେ। ଏହାପରେ ଚେତେଶ୍ୱର ପୂଜାରା, ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ପରେ ମୟଙ୍କ ୬ ନମ୍ବରରେ ବ୍ୟାଟିଂ କରିବେ। ଭାରତ ୪ ବୋଲର ଓ ଉଇକେଟକିପର ଭାବେ ରିଷଭ ପନ୍ତଙ୍କୁ ଖେଳାଇପାରେ। ଯଦି ଭାରତ ୫ ବୋଲରଙ୍କୁ ଖେଳାଏ ତେବେ ସିରାଜ, ସଇନି, ଶାର୍ଦ୍ଦୁଳଙ୍କ ସହିତ ନଟରାଜନ ପଦାର୍ପଣ କରିବାର ସୁଯୋଗ ପାଇବେ।


ରବିଚନ୍ଦ୍ରନ ଅଶ୍ୱିନ


ଯଶପ୍ରୀତ୍ ବୁମ୍‌ରା

## ଈଶାନ୍ତ ଶର୍ମା

ବରିଷ୍ଠ ଦ୍ରୁତ ବୋଲର ଈଶାନ୍ତ ଶର୍ମା ସେପ୍ଟେମ୍ବରରେ ମାତ୍ର ଗୋଟିଏ ଆଇପିଏଲ୍ ମ୍ୟାଚ୍ ଖେଳିବା ଅବସରରେ ଲେଫ୍ଟ ସାଇଡ୍ ଷ୍ଟ୍ରେନ୍‌ର ଶିକାର ହୋଇଥିଲେ। ଫଳରେ ତାଙ୍କୁ ଚଳିତ ଅଷ୍ଟ୍ରେଲିଆ ସିରିଜ୍‌ରୁ ବାଦ୍ ଦିଆଯାଇଥିଲା। ସିରିଜ ପୂର୍ବରୁ ସେ ଫିଟ୍ ଥିଲେ ମଧ୍ୟ ଅଧିକ ଓଭର ବୋଲିଂ କରିବାର ଆବଶ୍ୟକତା ଥିଲା। ଏବେ ସେ ଦିଲ୍ଲୀ ତରଫରୁ ସୟଦ ମୁସ୍ତାକ ଅଲି ଟ୍ରଫି ଖେଳୁଛନ୍ତି ଓ ଆଗାମୀ ଇଂଲଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜ ପାଇଁ ଉପଲବ୍ଧ ହେବେ।

## ଭୁବନେଶ୍ୱର କୁମାର

ହ୍ୱାଇଟ୍ ବଲ୍ ସ୍ପେଶାଲିଷ୍ଟ ଓ ଟେଷ୍ଟ ଦଳର ରିଜର୍ଭ ପେସ ଭୁବନେଶ୍ୱର ଆଇପିଏଲ୍ ଖେଳିବା ବେଳେ ରାଇଟ୍ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିର ଶିକାର ହୋଇଥିଲେ। ରିହାବିଲିଟେଶନ ପ୍ରୋଗ୍ରାମ୍‌ରେ ଦୀର୍ଘ ସମୟଧରି ରହିଥିଲେ ମଧ୍ୟ ସେ ଚଳିତ ସିରିଜରୁ ବାଦ୍ ପଡିଥିଲେ। ଏବେ ସେ ଉତ୍ତର ପ୍ରଦେଶ ତରଫରୁ ମୁସ୍ତାକ ଅଲି ଟ୍ରଫି ଖେଳୁଛନ୍ତି ଓ ଇଂଲଣ୍ଡ ବିପକ୍ଷ ସିରିଜରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି।

## ବରୁଣ ଚକ୍ରବର୍ତ୍ତୀ

ଆଇପିଏଲ୍ ଆବିଷ୍କାର ତଥା କୋଲକାତା ନାଇଟ ରାଇଡର୍ସ (କେକେଆଇ) ସ୍ପିନର ବରୁଣ ଚକ୍ରବର୍ତ୍ତୀ ଭାରତୀୟ ଟି୨୦ ଦଳରେ ସାମିଲ ହୋଇଥିଲେ। ତେବେ ସେ ଗୁରୁତର ସୋଲ୍ଡର ଇଞ୍ଜୁରି ସହିତ ଖେଳୁଥିଲେ ବୋଲି ସେତେବେଳର ଚୟନ କମିଟି ଜାଣି ନ ଥିଲା। ଫଳରେ ସେ ପ୍ରଥମ ଅନ୍ତର୍ଜାତୀୟ ସିରିଜ ଖେଳିବାରୁ ବଞ୍ଚିତ ହୋଇଥିଲେ।

## ରୋହିତ ଶର୍ମା

ରୋହିତ ଆଇପିଏଲ୍ ଖେଳିବା ବେଳେ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିର ଶିକାର ହୋଇଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଯନ୍ତ୍ରଣା ସତ୍ତ୍ୱେ ଆଇପିଏଲ୍ ଫାଇନାଲ ଖେଳିଥିଲେ। ଏହାପରେ ତାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ହ୍ୱାଇଟ୍ ବଲ୍ ସିରିଜ୍‌ରୁ ବାଦ୍ ଦିଆଯାଇଥିଲା। ୧୪ ଦିନିଆ କ୍ୱାରାଣ୍ଟାଇନ୍ ନିୟମ ଯୋଗୁ ସେ ଫିଟ୍ ଥିଲେ ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ଦୁଇଟି ଟେଷ୍ଟ ଖେଳିପାରି ନ ଥିଲେ।

## ମହମ୍ମଦ ସାମି

ତାରକା ଦ୍ରୁତ ବୋଲର ଆଡିଲେଡ୍ ଟେଷ୍ଟରେ ପ୍ୟାଟ୍ କୁମିନ୍ସଙ୍କ ଶର୍ଟ ବଲ୍‌ରେ ଆହତ ହୋଇଥିଲେ। ତାଙ୍କ ହାତରେ ଆଘାତ ଲାଗିଥିଲା। ଫଳରେ ତାଙ୍କୁ ବାକି ୩ଟି ଟେଷ୍ଟରୁ ବାଦ ଦିଆଯାଇଥିଲା। ସେ ଆଗାମୀ ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇଟି ଟେଷ୍ଟ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

## ଉମେଶ ଯାଦବ

ସିନିୟର ଦ୍ରୁତ ବୋଲର ଉମେଶ ଯାଦବ କାଫ୍ ମସଲ ଇଞ୍ଜୁରିର ଶିକାର ହୋଇ ଚଳିତ ସିରିଜରୁ ବାଦ୍ ପଡିଥିଲେ। ତାଙ୍କୁ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)କୁ ପଠାଇ ଦିଆଯାଇଥିଲା। ସେ ଇଂଲଣ୍ଡ ବିପକ୍ଷ ସିରିଜରେ ପ୍ରତ୍ୟାବର୍ତ୍ତନ କରିପାରନ୍ତି।

## ଲୋକେଶ ରାହୁଲ

ହ୍ୱାଇଟ୍ ବଲ ସିରିଜରେ ଭଲ ପ୍ରଦର୍ଶନ କରିବା ପରେ ଲୋକେଶ ରାହୁଲ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ନେଟ୍ସରେ ବ୍ୟାଟିଂ କରୁଥିବା ବେଳେ ରିଷ୍ଟ ଇଞ୍ଜୁରିର ସମ୍ମୁଖୀନ ହୋଇଥିଲେ। ଫଳରେ ଭାରତକୁ ବଡ଼ ଝଟ୍‌କା ଲାଗିଥିଲା। ତାଙ୍କ ଅନୁପସ୍ଥିତି ଭାରତୀୟ ମିଡିଲ ଅର୍ଡରର ସନ୍ତୁଳନକୁ ବିଗାଡି ଦେଇଥିଲା।

## ରବୀନ୍ଦ୍ର ଜାଡେଜା

ତାରକା ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ତୃତୀୟ ଟେଷ୍ଟରେ ମିଚେଲ ଷ୍ଟାର୍କଙ୍କ ଶର୍ଟ ବଲ୍ ଖେଳିବା ବେଳେ ଆହତ ହୋଇଥିଲେ। ବଲ୍ ତାଙ୍କ ବାମ ବୁଢା ଆଙ୍ଗୁଠିରେ ବାଜିଥିଲା। ଏବେ ସେ କିଛିମାସ ଦଳରୁ ବାଦ୍ ପଡିବେ। ଫଳରେ ସେ ଇଂଲଣ୍ଡ ସିରିଜ୍‌ରୁ ବାଦ୍ ପଡିଛନ୍ତି।

## ରିଷଭ ପନ୍ତ

ସିଡ୍‌ନୀରେ ପ୍ୟାଟ୍ କୁମିନ୍ସଙ୍କ ଶଟ୍ ବଲ ଖେଳିବାକୁ ଯାଇ କହୁଣୀରେ ଆଘାତ ପାଇଥିଲେ ରିଷଭ ପନ୍ତ। ତେବେ ଏହା ଫ୍ରାକ୍‌ଚର ନ ଥିଲା। ପେନ୍ କିଲର ନେଇ ସେ ଖେଳ ଜାରି ରଖିଥିଲେ ଓ ସେ ବ୍ରିସ୍‌ବେନ୍‌ରେ ଚତୁର୍ଥ ଟେଷ୍ଟ ଖେଳିବେ।

## ହନୁମା ବିହାରୀ

ସିଡ୍‌ନୀ ଟେଷ୍ଟ ହିରୋ ହନୁମା ଗୁରୁତର ହାମଷ୍ଟ୍ରିଙ୍ଗ୍ (ଗ୍ରେଡ ୨)ର ଶିକାର ହୋଇଛନ୍ତି। ସେ ଏବେ ଚତୁର୍ଥ ଟେଷ୍ଟ ଓ ଇଂଲଣ୍ଡ ସିରିଜରୁ ବାଦ୍‌ପଡିଛନ୍ତି।

## ମୟଙ୍କ ଅଗ୍ରୱାଲ

ପ୍ରଥମ ଦୁଇଟି ଟେଷ୍ଟରେ ବିଫଳ ହେବା ପରେ ସଡ୍‌ନୀ ମୁକାବିଲାରୁ ବାଦ୍ ପଡିଥିଲେ। ବିହାରୀଙ୍କ ବଦଳରେ ଚତୁର୍ଥ ଟେଷ୍ଟ ଖେଳିବାର ସମ୍ଭାବନା ରହିଛି। ଯଦି ଫିଟ୍ ହୁଅନ୍ତି ତେବେ ବ୍ରିସ୍‌ବେନ୍‌ରେ ଦଳରେ ସାମିଲ ହେବେ।

## ଯଶପ୍ରୀତମ ବୁମ୍‌ରା

ସଡ୍‌ନୀ ଟେଷ୍ଟର ତୃତୀୟ ଦିନରେ ବାଉଣ୍ଡାରିରେ ବଲ୍ ଧରିବାକୁ ଯାଇ ସେ ଆବ୍‌ଡୋମିନାଲ ଷ୍ଟ୍ରେନ୍‌ର ଶିକାର ହୋଇଛନ୍ତି। ସେ ଆଉ ବୋଲିଂ କରି ନ ଥିଲେ। ଏବେ ସେ ଚତୁର୍ଥ ଟେଷ୍ଟରୁ ବାଦ୍ ପଡିଛନ୍ତି।

## ରବିଚନ୍ଦ୍ରନ ଅଶ୍ୱିନ

ସିରିଜରେ ଏପର୍ଯ୍ୟନ୍ତ ସର୍ବାଧିକ ୧୩୪ ଓଭର ବୋଲିଂ କରିଥିବା ଅଶ୍ୱିନ ବ୍ୟାକ୍ ସ୍ପାଜମ୍ବର ଶିକାର ହୋଇଛନ୍ତି। ବ୍ରିସ୍‌ବେନରେ ସେ ଖେଳିବା ଆଶା କରାଯାଉଛି।


ରିଶଭ ପନ୍ତ


ହନୁମା ବିହାରୀ

# କ୍ଷମା ମାଗିଲେ ଅଷ୍ଟ୍ରେଲିଆ ଅଧିନାୟକ

ସିଡ୍‌ନୀ,୧୨।୧(ପି.ଟି.)

ତୃତୀୟ ଟେଷ୍ଟରେ ପଡିଆରେ ନିଜର ବିବାଦୀୟ ବ୍ୟବହାର ପାଇଁ ଅଷ୍ଟ୍ରେଲିଆ ଅଧିନାୟକ ତଥା ଉଇକେଟକିପର ଟିମ୍ ପେନ୍ କ୍ଷମା ମାଗିଛନ୍ତି। ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସେ ସ୍ଲେଜିଂ କରିଥିଲେ। ଏହାଠିକ୍ ନ ଥିଲା। ମୋର ନେତୃତ୍ୱ ଆଦୌ ଭଲ ନ ଥିଲା ବୋଲି ସେ କହିଛନ୍ତି। ନିଜର ଏହି ଆଚରଣ ପାଇଁ ସେ ମଙ୍ଗଳବାର ଔପଚାରିକ ଭାବେ କ୍ଷମା ମାଗିଛନ୍ତି।

ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ହନୁମା ବିହାରୀ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂରେ ପେନ୍ ବେଶ୍ ନିରାଶ ହୋଇଥିଲେ। ସେତେବେଳେ ଧୈର୍ଯ୍ୟ ହରାଇ ବିଚଳିତ ହେବା ସହ ରାଗି ଯାଇଥିଲି ବୋଲି ପେନ୍ ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ ସ୍ୱୀକାର କରିଛନ୍ତି। ସୋମବାର ଖେଳ ସରିବା ପରେ କିନ୍ତୁ ସେ ନିଜ ବ୍ୟବହାରକୁ ଠିକ୍ ବୋଲି ଦର୍ଶାଇଥିଲେ। କନ୍ତୁ ସେ ଏବେ ତାଙ୍କ ଭୁଲ୍ ବୁଝି ପାରିଛନ୍ତି ବୋଲି ପେନ୍ କହିଛନ୍ତି।

ଦୁର୍ବ୍ୟବହାର କରିବା ଦ୍ୱାରା ପେନ୍ ଦ୍ୱିତୀୟ ଇନିଂସରେ ୩ଟି କ୍ୟାଚ୍ ହାତଛଡ଼ା କରିଥିଲେ। ଅଶ୍ୱିନଙ୍କୁ ସ୍ଲେଜିଂ କରବା ପରେ ସେ ହନୁମା ବିହାରୀଙ୍କ ଏକ ସହଜ କ୍ୟାଚ୍ ଉଇକେଟ ପଛରେ ହାତଛଡ଼ା କରିଥିଲେ। ଦଳ ଆଶାନୁରୂପ ପ୍ରଦର୍ଶନ କରି ନ ପାରବା ଫଳରେ ମ୍ୟାଚରେ ପ୍ରବଳ ଚାପ କାରଣରୁ ଏପରି ହୋଇଥିଲା ବୋଲି ସେ ସ୍ୱୀକାର କରିଛନ୍ତି। ପୂର୍ବରୁ ସେ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସନ୍ତୋଷ ଜାହିର କରି ରବିବାର ମ୍ୟାଚ ପାଉଣାର ୧୫ ପ୍ରତିଶତ ଜରିମାନାର ସମ୍ମୁଖୀନ ହୋଇଥିଲେ। ଅମ୍ପାୟରଙ୍କୁ ଦୁର୍ବ୍ୟବହାର କରିଥିବାରୁ ସେ ମଧ୍ୟ କ୍ଷମା ମାଗିଛନ୍ତି।


ଅଶ୍ୱିନଙ୍କୁ ସ୍ଲେଜିଂ ଅବସରରେ ପେନ୍ (ବାମ)।

# ବ୍ରିସ୍‌ବେନରେ ମୌଳିକ ସୁବିଧାକୁ ନେଇ ବିସିସିଆଇର ହସ୍ତକ୍ଷେପ

ନୂଆଦିଲ୍ଲୀ, ୧୨।୧ (ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷରେ ଚତୁର୍ଥ ଓ ଫାଇନାଲ ଟେଷ୍ଟ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ବ୍ରିସ୍‌ବେନ୍‌ରେ ପହଞ୍ଚିଛି। ହୋଟେଲରେ ମୌଳିକ ସୁବିଧାର ଅଭାବ ଥିବା ଟିମ୍ ଇଣ୍ଡିଆ ଅଭିଯୋଗ କରିବା ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ବ୍ୟାପାରରେ ହସ୍ତକ୍ଷେପ କରିଛି। ଖବର ଅନୁସାରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ସମ୍ପାଦକ ଜୟ ଶାହା ଏବଂ ସିଇଓ ହେମାଙ୍ଗ ଅମିନ ସେମାନଙ୍କ କ୍ରିକେଟ ଅଷ୍ଟ୍ରେଲିଆ ପ୍ରତିପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଭାରତୀୟ ଦଳ ଯେପରି ଆରାମରେ ରହିପାରିବେ ସେ ଦିଗରେ ବିଶେଷ ଧ୍ୟାନ ଦିଆଯିବ ବୋଲି ସେମାନେ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଟିମ୍ ଇଣ୍ଡିଆ କହିବା ଅନୁସାରେ ସେମାନଙ୍କ ଲାଗି ରୁମ୍ ସର୍ଭିସ ଓ ହାଉସ୍ କିପିଂ ଫ୍ୟାସିଲିଟି ନାହିଁ। ସେମାନଙ୍କ ପାଇଁ ଜିମ୍ ନିହାତି ଅପରିହାର୍ଯ୍ୟ ହୋଇଥିବାବେଳେ ତାହା ଅନ୍ତର୍ଜାତୀୟ ମାନର ନୁହେଁ। ସୁଇମିଂପୁଲ୍ ବ୍ୟବହାର କରିବାକୁ ଦିଆଯାଉ ନାହିଁ। ହେଟେଲରେ ପ୍ରବେଶ ବେଳେ ଏଥିପାଇଁ ସେମାନଙ୍କୁ କିନ୍ତୁ ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା ନିଜ ନାମ ଗୋପନ ରଖିବା ସର୍ତ୍ତ ରଖି କହିଛନ୍ତି।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

ଭୁବନେଶ୍ୱର,୧୨।୧(ସ୍ପୋର୍ଟ୍ସ ବ୍ୟୁରୋ)

**ସୟଦ ମୁସ୍ତାକ ଅଲି ଟ୍ରଫି**

ସୟଦ୍ ମୁସ୍ତାକ ଅଲି ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ମାତ୍ର ୬ ରନରେ ହାଇଦ୍ରାବାଦ୍‌ଠାରୁ ପରାସ୍ତ ହୋଇଛି। ହାଇଦ୍ରାବାଦ୍ ୪ ପଏଣ୍ଟ ହାସଲ କରିଥିବା ବେଳେ ଓଡ଼ିଶା ହାତଖାଲିରହିଛି।

ଟସ୍ ଜିତି ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଜବାବରେ ଓଡ଼ିଶା ଗୋବିନ୍ଦ ପୋଦ୍ଦାରଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୪ ଉଇକେଟ ହରାଇ ୧୪୭ ରନରେ ସୀମିତ ରହିଥିଲା। ଓଡ଼ିଶା ତରଫରୁ ଅଙ୍କିତ୍‌କର ଜୟସ୍ୱାଲ ପଦାର୍ପଣ କରିଥିଲେ। ସେହିପରି ହାଇଦ୍ରାବାଦ ତରଫରୁ ଉଇକେଟକିପର ବ୍ୟାଟ୍ସମ୍ୟାନ ପ୍ରଜ୍ଞାନ ରେଡ୍ଡୀ ଓ ମିକିଲ ଜୟସ୍ୱାଲ ମଧ୍ୟ ପଦାର୍ପଣ କରିଥିଲେ।

୧୫୪ ରନର ଟାର୍ଗେଟ୍‌ର ପିଛା କରି ଓଡ଼ିଶା ଓପନର ଆଦିତ୍ୟ ରାଉତ୍‌ଙ୍କୁ ଶୀଘ୍ର ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ତୃତୀୟ ଉଇକେଟରେ ପୋଦ୍ଦାର ଓ ଶୁଭ୍ରାଂଶୁ ୪୦ ବଲରୁ ୫୫ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ତେବେ ପୋଦ୍ଦାର ୫୦ ରନ କରି ଆଉଟ୍ ହୋଇଥିଲେ। ରାଜେଶ ଧୂପର ୩୦, ଶୁଭ୍ରାଂଶୁ ୪୩ ରନ କରି ଅପରାଜିତ ରହିଥିଲେ। ପଞ୍ଚମ ଉଇକେଟରେ ରାଜେଶ ଧୂପର ଓ ଶୁଭ୍ରାଂଶୁ ୫୨ ରନ ସଂଗ୍ରହ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

ହାଇଦ୍ରାବାଦ ୨୦ ଓଭରରେ ୧୫୩/୮ (ତିଲକ ବର୍ମା- ୪୪, ତନ୍ମୟ ଅଗ୍ରୱାଲ- ୩୪, ସୂର୍ଯ୍ୟକାନ୍ତ ପ୍ରଧାନ- ୩/୩୪, ଅଙ୍କିତ ଯାଦବ- ୨/୨୩, ରାଜେଶ ମହାନ୍ତି- ୧/୩୬, ପପ୍ପୁ ରାଏ- ୧/୨୨)। ଓଡ଼ିଶା ୨୦ ଓଭରରେ ୧୪୭/୪ (ଗୋବିନ୍ଦ ପୋଦ୍ଦାର- ୫୦, ଶୁଭ୍ରାଂଶୁ ସେନାପତି- ୪୩*, ରାଜେଶ ଧୂପର- ୩୦*, ଚମା ମିଳିନ୍ଦ- ୨/୨୪, ରବି ତେଜା- ୨/୪୦)।

# ଅବିଶ୍ୱସନୀୟ ଟେଷ୍ଟ

ଆଡାମ ଗିଲକ୍ରିଷ୍ଟ

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ସୋମବାର ଶେଷ ହୋଇଛି ଏକ ଅବିଶ୍ୱସନୀୟ ଟେଷ୍ଟ ମ୍ୟାଚ। ରେକର୍ଡରେ ପ୍ରଦର୍ଶିତ ହେବ ଡ୍ର' ମ୍ୟାଚ। ହେଲେ ନିଜ ଦଳକୁ ପରାଜୟରୁ ବଞ୍ଚାଇବା ଲାଗି ଆଘାତପ୍ରାପ୍ତ ଯୁବ ଖେଳାଳି ହନୁମା ବିହାରୀ ଯେପରି ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କୌଶଳର ଏକ ନମୁନା ଦେଖାଇଲେ ତାହା ସ୍ମରଣୀୟ ହୋଇ ରହିବ। କମ୍ ରନ ସ୍କୋର କରିଥିଲେ ହେଁ ତାଙ୍କ ଖେଳ ପ୍ରଶଂସନୀୟ। ଭବିଷ୍ୟତରେ ହୁଏତ ତାଙ୍କଠାରୁ ବଡ଼ ସ୍କୋର ଦେଖିବାକୁ ମିଳିପାରେ। ସୋମବାର ସନ୍ଧ୍ୟାରେ ଶେନ୍ ୱର୍ନ ଟୁଇଟ୍ କରି ଲେଖିଥିଲେ ' ଦି ଗ୍ରେଟ୍ ଏସ୍କେପ୍' ଜଣେ ପ୍ରଶଂସକ ଉତ୍ତର ଦେଇଥିଲେ 'ଫ୍ରମ୍ ହୁମ୍ ?' ଚତୁରତାର ସହ ଲେଖା ଯାଇଥିବା ଏହି ଧାଡ଼ିକୁ ନେଇ ମୋତେ ହସ ଲାଗିଥିଲା।

ଅନ୍ତିମ ଦିବସରେ ଏଭଳି ଏକ ମୁହୂର୍ତ୍ତ ଥିଲା, ଯେତେବେଳେ ଭାରତୀୟଙ୍କ ବିଜୟ ସମ୍ଭାବନା ଦେଖାଦେଇଥିଲା। ପ୍ରଥମ ଇନିଂସରେ ଇଞ୍ଜୁରି ସତ୍ତ୍ୱେ ବ୍ୟାଟିଂ ଅର୍ଡରରେ ରିଷଭ ପନ୍ତଙ୍କ ପଦୋନ୍ନତିକୁ ନେଇ ଅଷ୍ଟ୍ରେଲୀୟମାନେ ଚକିତ ହୋଇପଡ଼ିଥିଲେ। ଏହାର ଯଥାର୍ଥ ପ୍ରମାଣ କରିବାକୁ ଯାଇ ସେ ଭଲ ଖେଳିଲେ ମଧ୍ୟ। ଏହି ଯୁବ ଖେଳାଳିଙ୍କ ଆକ୍ରମଣାତ୍ମକ ଖେଳ ଦେଖି ବିପକ୍ଷ ଦଳ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ପନ୍ତ ଯେତେବେଳେ ଭଲ ଖେଳନ୍ତି ତାହା ଆକର୍ଷଣୀୟ ହୋଇଥାଏ। ଇନିଂସକୁ ଗଢ଼ିତୋଳିବାରେ ଏହା ବିଶେଷ ସହାୟକ ହୋଇଥାଏ। ସିଡ୍‌ନୀ ଟେଷ୍ଟରେ ମଧ୍ୟ ତାହା ହେଲା। ଦୁର୍ଭାଗ୍ୟଜନକ ଭାବେ ସେ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ସେ ଯଦି ଆଉକିଛି ଓଭର କ୍ରିଜ୍‌ରେ ଥାଆନ୍ତେ ତେବେ ହୁଏତ ମ୍ୟାଚର ଫଳାଫଳରେ ଫରକ ଆସିଯାଇଥାନ୍ତା।

ଅଷ୍ଟ୍ରେଲିଆ ଦୃଷ୍ଟିକୋଣରୁ ଦେଖିଲେ ଅନ୍ତିମ ଦିବସରେ ମାତ୍ର ୩ଟି ଉଇକେଟ ହାସଲ କରିବା ଦଳ ପାଇଁ ନୈରାଶ୍ୟଜନକ ଥିଲା। ବୋଲିଂ ବେଳେ ବଲ୍ ନୀଚା ରହୁଥିବାରୁ ଅନ୍ତିମ ଦିବସରେ ବ୍ୟାଟିଂ ସହଜ ନ ଥିଲା। ଏ ଭଳି ପରିସ୍ଥିତିରେ ପୂଜାରା ଓ ପନ୍ତଙ୍କ ବ୍ୟାଟିଂ ସ୍କିଲ୍ ଓ ଟେକ୍‌ନିକ୍‌କୁ କେହି ପ୍ରଶଂସା ନ କରି ରହିପାରିବ ନାହିଁ। ଅଷ୍ଟ୍ରେଲିଆ ପାଇଁ ଶୁଭ ସୂଚନା ହେଲା ଏହି ଟେଷ୍ଟ ମ୍ୟାଚରେ ଦଳର ବ୍ୟାଟିଂରେ ଉନ୍ନତି ପରିଲକ୍ଷିତ ହୋଇଛି। ଭାରତୀୟ କ୍ରିକେଟ ଦଳର ଉତ୍ତମ ଭାବମୂର୍ତ୍ତି ରହିଛି। ସେମାନଙ୍କ ଖେଳାଳିମାନେ ଅଷ୍ଟ୍ରେଲିଆରେ ଖୁବ୍ ଲୋକପ୍ରିୟ। କିଛି ଦର୍ଶକଙ୍କ ସେମାନଙ୍କ ପ୍ରତି ଜାତିଆଣ ଟିପ୍ପଣୀ ବାସ୍ତବିକ୍ ନିନ୍ଦନୀୟ। ଏହା ଟିମ୍ ଇଣ୍ଡିଆର ପ୍ରଶଂସକଙ୍କୁ ଖୁବ୍ ବାଧିଥିବ।

ମୋ ମତରେ ହାଇ-କ୍ୱାଲିଟି କ୍ରିକେଟ ଯୋଗୁ ଏସବୁ ଦେଖିବାକୁ ମିଳିଛି। ୪ ମ୍ୟାଚବିଶିଷ୍ଟ ସିରିଜ ଏପର୍ଯ୍ୟନ୍ତ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିନାହିଁ। ଆମକୁ ବ୍ରିସ୍‌ବେନ୍‌ରେ ଖେଳାଯିବାକୁଥିବା ଅନ୍ତିମ ଲଢ଼େଇର ଫଳାଫଳକୁ ଅପେକ୍ଷା କରିବାକୁ ପଡ଼ିବ। -(ଗେମ୍‌ପ୍ଲାନ)




# ଦ୍ୱିତୀୟ ସ୍ଥାନ ହରାଇଲେ କୋହଲି

ଦୁବାଇ, ୧୨।୧ (ପି.ଟି.): ମଙ୍ଗଳବାର ପ୍ରକାଶିତ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ବ୍ୟାଟ୍ସମ୍ୟାନ ତାଲିକାରେ ଦ୍ୱିତୀୟ ସ୍ଥାନ ହରାଇଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ମାତ୍ର ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ୨ଟି ସ୍ଥାନ ଉପରକୁ ଉଠି ୮ରେ ପହଞ୍ଚିଛନ୍ତି। ପ୍ରଥମ ସନ୍ତାନର ପିତା ହୋଇଥିବା କୋହଲି ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ପରେ ସିରିଜରୁ ଓହରି ଯାଇଥିଲେ। ବର୍ତ୍ତମାନ ର୍ୟାଙ୍କିଙ୍ଗ୍‌ରେ ତାଙ୍କ ପଏଣ୍ଟ ୮୭୦ ରହିଛି। ସ୍ମିଥ ୯୦୦ ପଏଣ୍ଟ ସହିତ ଦ୍ୱିତୀୟକୁ ଉଠିଥିବାବେଳେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ୯୧୯ ପଏଣ୍ଟ ସହିତ ଶୀର୍ଷରେ ଅପରିବର୍ତ୍ତିତ ରହିଛନ୍ତି। ସ୍ମିଥ ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ଯଥାକ୍ରମେ ୧୩୧ ଓ ୮୧ ରନ କରି ଫାଇଦା ପାଇଛନ୍ତି।

# ଓଡ଼ିଶା ଏଫ୍‌ସି-ଚେନ୍ନାଇନ୍ ରିଭର୍ସ ମୁକାବିଲା

ବୋମ୍ବାଲିମ୍, ୧୨।୧

ଚଳିତ ଇଣ୍ଡିଆନ ସୁପରଲିଗ୍‌ରେ ବୁଧବାର ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ରିଭର୍ସ ମୁକାବିଲା ହେବ। ଦୁଇ ଦଳ ଗତ ରବିବାର ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ପରସ୍ପରକୁ ଭେଟିଥିଲେ। ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଥିଲା। ଉଭୟ ଦଳ ଅନେକ ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲେ। ତେଣୁ ଏଥର ବିଜୟ ଉପରେ ଦୁଇ ଦଳର ନଜର ରହିବ। ଓଡ଼ିଶା ଏଫ୍‌ସି ସମ୍ପ୍ରତି ପଏଣ୍ଟ ଟେବୁଲର ନିମ୍ନରେ ପଡ଼ି ରହିଛି। ଦଳ ୧୦ ମ୍ୟାଚ ଖେଳିସାରିଥିଲେ ହେଁ ମାତ୍ର ୧ ବିଜୟ ହାସଲ କରିଛି। ୩ ମ୍ୟାଚ ଡ୍ର ରଖିଥିବାବେଳେ ୬ଟିରେ ପରାଜିତ ହୋଇଛି। ତେଣୁ ଦଳପାଇଁ ଆଗାମୀ ମ୍ୟାଚ ଅତି ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। ସେହିପରି ଚେନ୍ନାଇନ୍ ୧୦ ମ୍ୟାଚରୁ ମାତ୍ର ୨ଟିରେ ବିଜୟୀ ହେବା ସମ୍ଭବ ହୋଇଛି। ଦଳ ୫ ମ୍ୟାଚ ଡ୍ର ରଖିଥିବାବେଳେ ୩ଟିରେ ପରାଜିତ ହୋଇଛି। ଓଡ଼ିଶା ୬ ପଏଣ୍ଟ ପାଇଥିବାବେଳେ ଚେନ୍ନାଇନ୍ ୧୧ ପଏଣ୍ଟରେ ରହିଛି। ତେଣୁ ଆଗାମୀ ମ୍ୟାଚ ଉଭୟ ଦଳପାଇଁ ଟେବୁଲରେ ଉପରକୁ ଉଠିବାପାଇଁ ସୁଯୋଗ ଆଣିବ। ଯେଉଁ ଦଳ ଏହାର ସଦୁପଯୋଗ କରିବ ସେ ଫାଇଦାରେ ରହିବ। ୩ ଦିନତଳେ ଉଭୟ ଦଳ ପରସ୍ପରକୁ ଭେଟିଥିଲେ। ତେଣୁ ପ୍ରତିପକ୍ଷର ଦୋଷ ଦୁର୍ବଳତା ଉଭୟଙ୍କୁ ଜଣା। ଆଗାମୀ ମ୍ୟାଚରେ ଓଡ଼ିଶା ଦଳ ସକାରାତ୍ମକ ମନୋଭାବ ନେଇ ଖେଳିବ। ତେବେ ଉଭୟ ଦଳପାଇଁ ମ୍ୟାଚ କଷ୍ଟସାଧ୍ୟ ହେବ ବୋଲି କୋଚ୍ ଷ୍ଟୁଆର୍ଟ ବକ୍ସଟର ପ୍ରକାଶ କରିଛନ୍ତି। ଡବଲ ହେଡର ମ୍ୟାଚରେ କୌଶଳରେ ପରିବର୍ତ୍ତନ ସମ୍ଭାବନା ଥାଏ। ଆମେ ସତେଜ ଖେଳାଳିଙ୍କୁ ନେଇ ଖେଳିବୁ। ଆହତ ସମସ୍ୟା ପ୍ରତି ଧ୍ୟାନ ଦିଆଯିବ। ଜ୍ୟାକବ ଟ୍ରାଟ ସସ୍‌ପେଣ୍ଡ ଥିବାରୁ ଚୂଡ଼ାନ୍ତ ଦଳକୁ ନେଇ ବିଳମ୍ବରେ ନିଷ୍ପତ୍ତି ନିଆଯିବ ବୋଲି ବକ୍ସଟର କହିଛନ୍ତି। ମଙ୍ଗଳବାର ନର୍ଥଇଷ୍ଟ ୟୁନାଇଟେଡ୍ ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲ୍‌ରେ ଡ୍ର' ରହିଛି।


ଟ୍ରେନିଂ ଅବସରରେ କୋଚ୍ ଷ୍ଟୁଆର୍ଟ ବକ୍ସଟର (ଡାହାଣ)।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2005/14844 Postal Regd. No. BN/42/18-20. ବ୍ରହ୍ମପୁର, ବୁଧବାର, ଜାନୁୟାରୀ ୧୩/୨୦୨୧ Berhampur, Wednesday, January 13/ 2021




# ଫାଇନାଲରେ ଓଡ଼ିଶା ପାନ୍ଥର୍ସ

**ଭୁବନେଶ୍ୱର, ୧୨।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଟାଇଗର୍ସକୁ ୫ ଉଇକେଟରେ ହରାଇ ଓଡ଼ିଶା ପାନ୍ଥର୍ସ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଟାଇଗର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୧୭ ରନ କରିଥିବାବେଳେ ପାନ୍ଥର୍ସ

## ଓଡ଼ିଶା ଟି୨୦ ଲିଗ୍

୧୯.୫ ଓଭରରେ ୫ ଉଇକେଟ ହରାଇ ୧୨୧ ରନ ସଂଗ୍ରହ କରି ନେଇଥିଲା।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ପାନ୍ଥର୍ସ। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ବୋଲରମାନେ ବ୍ୟାଟିଂ ବିପର୍ଯ୍ୟୟ ଘଟାଇ ଟାଇଗର୍ସକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଟାଇଗର୍ସ ପକ୍ଷରୁ ଅଧିନାୟକ ଦେବାଶିଷ ସାମନ୍ତରାୟ ସର୍ବାଧିକ ୩୧ ଓ ଉଇକେଟ କିପର ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୨୯ ରନ କରିଥିଲେ। ବିପକ୍ଷ ଦଳର ଜୟନ୍ତ ବେହେରା ୩ଟି, ଶୁଭମ୍ ନାୟକ ୨ଟି ଏବଂ ଆଲୋକ ସାହୁ ଗୋଟିଏ ଉଇକେଟ ନେଇଥିଲେ। ୧୧୮ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ପାନ୍ଥର୍ସ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ି ୨୨ ରନ ମଧ୍ୟରେ ୩ଟି ଉଇକେଟ ହରାଇଥିଲେ ହେଁ ୫ ନମ୍ବର ବ୍ୟାଟ୍ସମ୍ୟାନ ଅଭିଷେକ ଯାଦବଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ବିଜୟ ହାସଲ କରିଥିଲା।



ଦଳକୁ ଜିତାଇବା ପରେ ଓଡ଼ିଶା ପାନ୍ଥର୍ସ ବ୍ୟାଟ୍ସମ୍ୟାନ୍ ପଡ଼ିଆ ଛାଡୁଛନ୍ତି।

# ରାଜ୍ୟସ୍ତରୀୟ ଫୁଟ୍‌ବଲ: ବୈଶିଙ୍ଗା ଚାମ୍ପିୟନ

**ବୈଶିଙ୍ଗା,୧୨।୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ ନଡ଼ପୁରଠାରେ ରାଜ୍ୟସ୍ତରୀୟ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶା, ବେଙ୍ଗଲ ଓ ଝାଡ଼ଖଣ୍ଡ ରାଜ୍ୟର ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଝଙ୍କାର ଫୁଟବଲ କ୍ଲବକୁ ହରାଇ ବୈଶିଙ୍ଗା ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ, ମୁଖ୍ୟବକ୍ତା ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ ବେତନଟୀ ବ୍ଲକ ଅଧ୍ୟକ୍ଷ କାଳୀଚରଣ ସୋରେନ, ୩୬ନଂ. ଜୋନ ଜିଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା, ନଡ଼ପୁର ସରପଞ୍ଚ ବାସନ୍ତୀ ମାଝି ଓ ପଞ୍ଚାୟତ ସମିତି ସଭ୍ୟ ଜୟନ୍ତ କୁମାର ସିଂ ଯୋଗଦେଇ ଚାମ୍ପିୟନ ଦଳକୁ ୩୦ ହଜାର ଓ ରନର୍ସଅପ୍ ଦଳକୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଆସୋସିଏଶନ ସଭାପତି ଭାସ୍କର ସିଂ ଓ ସମ୍ପାଦକ ଅନିଲ ସିଂ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଅଶୋକ ବେହେରା, ହରିମୋହନ ବେହେରା, ସଚ୍ଚୀନ୍ଦ୍ର ମହାନ୍ତି, କୁନୁ ରଣା, ଶାନ୍ତନୁ ଗିରି, ହରିହର ମହାକୁଡ଼, ଅସି ଗିରି, ଜୟନ୍ତ କୁମାର ସାହୁ, ଶ୍ରୀଧର ସାହୁ,ମନୋଜ ସାହୁ , ଦୀପକ ଗିରି, ପ୍ରଦୀପ କୁମାର ଦାସ, କାହ୍ନୁଚରଣ ପାତ୍ର, ବିମଳ କରଣ, ସୁକୁଲ ଟୁଡୁ, ସୁନାରାମ ସୋରେନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଅଙ୍କିତା ଫାଇନାଲ ରାଉଣ୍ଡରେ

**ମେଲବୋର୍ନ, ୧୨।୧ (ପି.ଟି.):** ଭାରତର ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ମହିଳା ଖେଳାଳି ଅଙ୍କିତା ରାଇନା ଅଷ୍ଟ୍ରେଲିଆନ ଓପନ୍ କ୍ୱାଲିଫାୟର୍ସ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଏକ ୩ ସେଟ୍‌ବିଶିଷ୍ଟ ମ୍ୟାଚରେ ସେ ବିଶ୍ୱର ୧୧୮ ର୍‍ୟାଙ୍କିଂପ୍ରାପ୍ତ କାଟାରିନା ଜାଭାଟ୍‌ସ୍କାଙ୍କୁ ହରାଇ ଦେଇଛନ୍ତି। କିନ୍ତୁ ପୁରୁଷ ସିଙ୍ଗଲ୍ସରେ ରାମକୁମାର ରମାନାଥନ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାଲିଫାୟର୍ସ ଦୁବାଇରେ ଖେଳାଯାଉଛି। ୧୮୦ତମ ର୍‍ୟାଙ୍କିଂପ୍ରାପ୍ତ ଅଙ୍କିତା ୟୁକ୍ରେନର ଜାଭାଟ୍‌ସ୍କାଙ୍କ ବିପକ୍ଷ ମ୍ୟାଚକୁ ୬-୨, ୨-୬ ଓ ୬-୩ରେ ଜିତିନେଇଥିଲେ। ଅଙ୍କିତା କହିଛନ୍ତି, ଦୀର୍ଘ ୨ଘଣ୍ଟା ୨୦ ମିନିଟ ଧରି ଅନୁଷ୍ଠିତ ଏହି ମ୍ୟାଚ ବିଜୟ ପାଇଁ ସେ ଗର୍ବ ଅନୁଭବ କରିଛନ୍ତି।

# ଖେଲୋ ଇଣ୍ଡିଆ ଶୁଟିଂ ଚୟନ କମିଟିରେ ଗୌରୀ, ଆଶିଷ



ଗୌରୀ ମହାନ୍ତି



ଆଶିଷ ନାୟକ

**ଭୁବନେଶ୍ୱର, ୧୨।୧(କ୍ରୀଡ଼ା ପ୍ରତିନିଧି):** କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ଓଡ଼ିଶାର ଗୌରୀ ମହାନ୍ତି ଓ ଆଶିଷ ନାୟକ। ଏ ଦୁହେଁ ଖେଲୋ ଇଣ୍ଡିଆର ପୂର୍ବାଞ୍ଚଳ ଚୟନ କମିଟିରେ ରହି ଶୁଟିଂ ବିଭାଗରେ ପ୍ରତିଭା ଚୟନ କରିବେ। ଖେଲୋ ଇଣ୍ଡିଆ ପ୍ରତିଭା ଅନ୍ୱେଷଣ ହାଇ ପରଫର୍ମାନ୍ସ ଡାଇରେକ୍ଟର ଡ. ଏସ. ଏସ. ରାୟ ଏହା ସ୍ପଷ୍ଟ କରିଛନ୍ତି। ଏହି ଚୟନ କମିଟିରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼, ଆଣ୍ଡାମାନ ଓ ନିକୋବର ଏବଂ ଝାଡ଼ଖଣ୍ଡର ସଦସ୍ୟ ସ୍ଥାନ ପାଇଛନ୍ତି। ଏମାନେ ପୂର୍ବାଞ୍ଚଳ ପାଇଁ ଶୁଟିଂ ପ୍ରତିଭା ଚୟନ କରିବେ। ଡ. ଗୌରୀ ମହାନ୍ତି ଓ ଆଶିଷ ନାୟକ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ଓଡ଼ିଶାର ଶ୍ରେଷ୍ଠ ଶୁଟର ଆଖ୍ୟା ଅର୍ଜନ କରିଛନ୍ତି। ଦୁହିଁଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ରାଇଫଲ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।



For Institutional and Bulk Sales please write to bhubaneshwar@heromotocorp.com
**ଅଥରାଇଜ୍‌ଡ ଡିଲର: ବ୍ରହ୍ମପୁର:** ଲକ୍ଷ୍ମୀ ହୀରୋ - 7799766350. **ଜୟପୁର:** ସୁପ୍ରିମ ହୀରୋ - 7799766340. **ଫୁଲବାଣୀ:** ନାରାୟଣୀ ହୀରୋ - 7799766373. **ରାୟଗଡ଼ା:** ଅଜୀତ ହୀରୋ - 7799766358. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ଆସିକା:** ଅଶୋକ ମୋଟର୍ସ - 8895667200. **ପାରଳାଖେମୁଣ୍ଡି:** ପ୍ରୀତମ ଏଣ୍ଟରପ୍ରାଇଜ - 9437438068. **ମାଲକାନଗିରି:** କନିଷ୍କ ଅଟୋମୋବାଇଲ୍ସ - 9437181980. **ନବରଙ୍ଗପୁର:** ଅରୁଣ ସେଲ୍ସ ଆଣ୍ଡ ସର୍ଭିସ - 9437174795. **ସିମିଳିଗୁଡ଼ା:** କେ.ପି.ଏଣ୍ଟରପ୍ରାଇଜ - 9437070065. **ଦେବଗଡ଼ :** ଜିନ୍ଦଲ ମୋଟର୍ସ - 8327793865. **ଭଞ୍ଜନଗର:** ରେବତି ମୋଟର୍ସ - 7737015509.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ